RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA


PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-111 • FRIDAY • 17 OCTOBER 2025 • PAGE-12 • ₹ 6.00 | BHUBANESWAR | ବର୍ଷ-୪୩ • ସଂଖ୍ୟା-୧୧୧ • ଶୁକ୍ରବାର • ୧୭ ଅକ୍ଟୋବର ୨୦୨୫ • ପୃଷ୍ଠା-୧୨ • ଟ.୬.୦୦




‘ନୋ ଏଣ୍ଟ୍ରି ୨’ ଛାଡ଼ିଲେ ବରୁଣ

▶ପୃଷ୍ଠା ୧୧ ଦେଖନ୍ତୁ...



# ମହଙ୍ଗା ଭତ୍ତା ୩ % ବଢ଼ିଲା

**ପିଛିଲା ଭାବେ ଜୁଲାଇ ମାସରୁ ଲାଗୁ**

■ **ଭୁବନେଶ୍ୱର, ୧୬।୧୦ (ସମିସ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୀପାବଳି ପୂର୍ବରୁ ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତାରେ ତିନି ପ୍ରତିଶତ ବୃଦ୍ଧି ଘୋଷଣା କରିଛନ୍ତି। ଏହା ଫଳରେ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୫୫ ପ୍ରତିଶତରୁ ୫୮ ପ୍ରତିଶତକୁ ବୃଦ୍ଧି ପାଇଛି। ଏହା ଜୁଲାଇ ପହିଲା ୨୦୨୫ରୁ ପିଛିଲା ଭାବରେ ଲାଗୁ ହେବ। ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ଚଳିତ ଅକ୍ଟୋବର ମାସ ଦରମାରେ ନଗଦ ଆକାରରେ ମିଳିବ। ଏହା ସହିତ ପେନ୍‌ସନଭୋଗୀମାନଙ୍କ ଟିଆଇରେ ମଧ୍ୟ ତିନି ପ୍ରତିଶତ ବୃଦ୍ଧି କରାଯାଇଛି। ସେମାନେ ମଧ୍ୟ ଅନୁରୂପ ଭାବେ ଅକ୍ଟୋବର ମାସ ପେନ୍‌ସନରେ ଏହି ବର୍ଦ୍ଧିତ ଟିଆଇ ପାଇବେ। ଏହାଦ୍ୱାରା ପ୍ରାୟ ସାଢେ ଆଠ ଲକ୍ଷ ସରକାରୀ କର୍ମଚାରୀ ଓ ପେନ୍‌ସନଭୋଗୀ ଉପକୃତ ହେବେ।

## ଜନସମ୍ପର୍କ ପଦଯାତ୍ରାରେ ନବୀନ

# ଶେଷ ପର୍ଯ୍ୟନ୍ତ ଓଡ଼ିଶା ମା’ର ସେବା ଜାରି ରଖିବି



**ବିଜୁ ଜନତା ଦଳ ଓଡ଼ିଶାବାସୀଙ୍କ ଦଳ**

**ଶଙ୍ଖ ହୁଳହୁଳିରେ ସ୍ୱାଗତ କଲେ ମହିଳା**

**ନବୀନ ଜିନ୍ଦାବାଦ ସ୍ଲୋଗାନରେ କମ୍ପିଲା ଅଞ୍ଚଳ**

■ **ଭୁବନେଶ୍ୱର, ୧୬।୧୦ (ସମିସ):** ବିଜୁ ଜନତା ଦଳ ଆପଣମାନଙ୍କର ଦଳ। ସମଗ୍ର ଓଡ଼ିଶାବାସୀଙ୍କ ଦଳ। ମୁଁ ସବୁବେଳେ ଆପଣଙ୍କ ସହ ରହିଛି ଆଉ ରହିଥିବି। ଶେଷ ପର୍ଯ୍ୟନ୍ତ ଓଡ଼ିଶା ମା’ର ସେବା ଜାରି ରଖିବି ବୋଲି କହିଛନ୍ତି ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ନିଜର ୭୯ତମ ଜନ୍ମଦିନ ତଥା ବିଜେଡି ପକ୍ଷରୁ ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀର ଗଙ୍ଗନଗର ବିଜୁ ଆଦର୍ଶ କଲୋନୀରେ ଆୟୋଜିତ ଜନସମ୍ପର୍କ ପଦଯାତ୍ରା।।ରେ ଯୋଗଦେଇ ଦଳୀୟ କର୍ମୀଙ୍କୁ ସାଧାରଣ ଲୋକଙ୍କ ସହ ଯୋଡ଼ିହୋଇ ରହିବାକୁ ସେ ପରାମର୍ଶ ଦେଇଛନ୍ତି। ସେବା ହିଁ ବିଜୁ ଜନତା ଦଳର ମୂଳମନ୍ତ୍ର, ମୂଳ ଆଦର୍ଶ। ତେଣୁ ଏହାକୁ ବ୍ରତ ବାବେ ଗ୍ରହଣ କରି ସାଧାରଣ ଜନତାଙ୍କ ସେବା ଜାରି ରଖିବାକୁ ସେ କର୍ମୀମାନଙ୍କୁ ପରାମର୍ଶ ଦେଇଛନ୍ତି।

ଗୁରୁବାର ପୂର୍ବାହ୍ନରେ ସ୍ଥାନୀୟ ଗଙ୍ଗନଗର ବିଜୁ ଆଦର୍ଶ କଲୋନୀରେ ଆୟୋଜିତ ଜନସମ୍ପର୍କ ପଦଯାତ୍ରାରେ ନବୀନ କର୍ମୀମାନଙ୍କ ଗହଣରେ କିଛି ବାଟ ପଦଯାତ୍ରା କରିଥିଲେ। ନବୀନଙ୍କୁ ପାଖରେ ପାଇ ଦଳୀୟ ନେତା ଓ କର୍ମୀମାନେ ବେଶ୍ ଉତ୍ସାହିତ ହୋଇ ପଡୁଥିବା ବେଳେ ନିଜ ପ୍ରିୟ ନେତାଙ୍କୁ ଦେଖିବା ପାଇଁ ସାଧାରଣ ଲୋକେ ମଧ୍ୟ ଅସମ୍ଭବ ଭିଡ଼ ଜମାଇଥିଲେ। ମହିଳାମାନଙ୍କ ହୁଳହୁଳି, ଶଙ୍ଖ ବାଦନ ସ୍ୱର ସହ ▶ପୃଷ୍ଠା-୭

## ଶିଶୁ ଗ୍ରାମରେ ପାଳିଲେ ଜନ୍ମଦିନ



**ପିଲାଙ୍କୁ ବାଣ୍ଟିଲେ କେକ୍ ଓ ଚକୋଲେଟ**

**ଫୋନ୍ କରି ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ**

**ଶୁଭକାମନା କଲେ ଧର୍ମେନ୍ଦ୍ର, ଜୁଏଲ୍, ଶିବରାଜ ଓ ବହୁ ବିଶିଷ୍ଟ ବ୍ୟକ୍ତି**

■ **ଭୁବନେଶ୍ୱର, ୧୬।୧୦ (ସମିସ):** ନିଜର ୭୯ତମ ଜନ୍ମଦିନକୁ ଛୋଟଛୋଟ ପିଲାମାନଙ୍କ ଗହଣରେ ନିଆରା ଢଙ୍ଗରେ ପାଳନ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ନିରାଡମ୍ବର ଜୀବନଶୈଳୀରେ ବିଶ୍ୱାସ ରଖୁଥିବା ନବୀନ ଛୋଟଛୋଟ ପିଲାଙ୍କ ଗହଣରେ ଜନ୍ମଦିନ ପାଳନ କରିବାକୁ ପସନ୍ଦ କରିବା ସହ ସେମାନଙ୍କ ଗହଣରେ ▶ପୃଷ୍ଠା-୭

# ବିଦାୟ ନେଲା ମୌସୁମୀ

**୨୪ରେ ଲଘୁଚାପ, ଓଡ଼ିଶାରେ ଆଂଶିକ ପ୍ରଭାବ**

■ **ଭୁବନେଶ୍ୱର, ୧୬।୧୦ (ସମିସ):** ସାରା ରାଜ୍ୟରୁ ବିଦାୟ ନେଇଛି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ। ଗତ ୧୩ ତାରିଖରେ ମୌସୁମୀ ଉତ୍ତର ଓଡ଼ିଶାରୁ ଅପସାରଣ ଆରମ୍ଭ ହୋଇଥିଲା। ୩ ଦିନ ମଧ୍ୟରେ ଏହା ଓଡ଼ିଶା ସମେତ ସାରା ଦେଶରୁ ବିଦାୟ ନେଇଛି। ମୌସୁମୀ ବିଦାୟ ପରେ ପରେ ରାଜ୍ୟରେ ତାପମାତ୍ରା ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି। ଏବେ ରାତିରେ କାକର ମାତ୍ରା ବୃଦ୍ଧି ପାଇଥିବା ବେଳେ କିଛି ମାତ୍ରାରେ ଥଣ୍ଡା ମଧ୍ୟ ବଢ଼ିଛି।

ଅନ୍ୟପଟେ ଆସନ୍ତା ୨୪ ତାରିଖ ବେଳକୁ ବଙ୍ଗୋପ ସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ପ୍ରାଥମିକ ଆକଳନ ଅନୁଯାୟୀ, ଏହା ଅଧିକ ଘନୀଭୂତ ହୋଇପାରେ। ମାତ୍ର କେତେ ଘନୀଭୂତ ହେବ ତାହା ସ୍ପଷ୍ଟ ହୋଇନାହିଁ। ସମ୍ଭବତଃ ଏହା ଆନ୍ଧ୍ର କିମ୍ବା ତାମିଲନାଡୁ ଉପରେ ସିଧାସଳଖ ପ୍ରଭାବ ପକାଇପାରେ। ଯଦି ଏହା ଆନ୍ଧ୍ର ଉପକୂଳ ମୁହାଁ ହୁଏ, ତେବେ ଓଡ଼ିଶାର ଦକ୍ଷିଣ ଭାଗ ଓ ଏହାର ସଂଲଗ୍ନ କିଛି ଜିଲ୍ଲା ସମେତ ପ୍ରାୟ ଜଗତସିଂହପୁର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ବିଶେଷକରି ଉପକୂଳବର୍ତ୍ତୀ କିଛି ଜିଲ୍ଲାରେ ବର୍ଷା ହେବା ସହ ବାକି କିଛି କିଛି ସ୍ଥାନରେ ମେଘୁଆ ପାଗ ସୃଷ୍ଟି ହୋଇପାରେ ବୋଲି ସୂଚନା ମିଳିଛି।




# ମହିଳା ସଶକ୍ତୀକରଣର ଧ୍ୱଜାଧର ନବୀନ

## ଗତ ୧୦ ଉପନିର୍ବାଚନରେ ୭ ମହିଳା ପ୍ରାର୍ଥୀ

ଭୁବନେଶ୍ୱର,୧୬।୧୦(ସମିସ): ନୂଆପଡ଼ା ଉପନିର୍ବାଚନ ପାଇଁ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ନିଜର ପ୍ରାର୍ଥୀ ଘୋଷଣା କରିସାରିଛନ୍ତି। ଗତ ନିର୍ବାଚନରେ ତୃତୀୟ ସ୍ଥାନରେ ରହିଥିବା ବିଜେପି ଏଥର ନିଜର ପ୍ରାର୍ଥୀ ପରିବର୍ତ୍ତନ କରି ଜୟ ଢୋଲକିଆଙ୍କୁ ପ୍ରାର୍ଥୀ କରିଥିବା ବେଳେ କଂଗ୍ରେସ ନିଜର ପ୍ରତାରିତ ପୁରୁଣା ନେତାଙ୍କୁ ଘାସିରାମଙ୍କୁ ଏଥର ହାତ ଚିହ୍ନରେ ଲଢ଼ିବାକୁ ସୁଯୋଗ ଦେଇଛି। ଏସବୁ ଭିତରେ ଗତ ନିର୍ବାଚନରେ ଏହି ଆସନକୁ ନିଜ ଦଖଲରେ ରଖିଥିବା ବିଜେଡି ନିଜର ପ୍ରାର୍ଥୀ ଘୋଷଣା ସହ ପୁଣି ଥରେ ରାଜ୍ୟର ରାଜନୈତିକ ସମୀକ୍ଷକମାନଙ୍କୁ ଚକ୍‌ମା ଦେଇଛି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଏହି ଆସନ ପାଇଁ ଦଳର ମହିଳା ବ୍ରିଗେଡ୍ ମୁଖ୍ୟ ତଥା ରାଜ୍ୟ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ନାମ ଘୋଷଣା କରିଛନ୍ତି। ଏହା ସହିତ ମହିଳା ସଶକ୍ତୀକରଣ କ୍ଷେତ୍ରରେ ଜାତୀୟସ୍ତରରେ ନବୀନଙ୍କ ଛବି ଆହୁରି ବଳିଷ୍ଠ ହୋଇଛି। ୨୦୧୮ ମସିହା ଠାରୁ ଓଡ଼ିଶାରେ ଅନୁଷ୍ଠିତ ୧୦ଟି ଉପନିର୍ବାଚନରେ ବିଜେଡି ୭ ଜଣ ମହିଳାଙ୍କୁ ଟିକଟ ଦେଇଛି।

ଏହି ଧାରା ଏବେ ମଧ୍ୟ ଜାରି ରହିଛି। ପ୍ରଥମ ଥର ପାଇଁ ୨୦୧୮ ମସିହା ବିଜେପୁର ଉପ ନିର୍ବାଚନରେ ସେ ସ୍ୱର୍ଗତ ସୁବଳ ସାହୁଙ୍କ ପତ୍ନୀ ରୀତା ସାହୁଙ୍କୁ ଦଳୀୟ ଟିକଟ ପ୍ରଦାନ କରିଥିଲେ ଓ ସେହି ଆସନରେ ସେ ବିଜୟୀ ହୋଇଥିଲେ। ପୂନର୍ବାର

### ଧାମନଗରକୁ ଛାଡ଼ି ସବୁଠି ବିଜେଡି ବିଜୟୀ

୨୦୧୯ରେ ନବୀନ ବିଜେପୁର ଆସନରେ ଲଢ଼ି ପରବର୍ତ୍ତୀ ସମୟରେ ଏହାକୁ ଛାଡ଼ିଥିଲେ ଓ ପୁଣି ଥରେ ରୀତା ସାହୁ ଏଠାରୁ ଉପନିର୍ବାଚନରେ ପ୍ରାର୍ଥୀ ହୋଇଥିଲେ। ବ୍ରଜରାଜ ନଗରରେ କିଶୋର ମହାନ୍ତିଙ୍କ ପରଲୋକ ପରେ ଅଳକା ମହାନ୍ତି ଓ ପଦମପୁର ଉପନିର୍ବାଚନରେ ବର୍ଷା ସିଂ ବରିହାଙ୍କୁ ନବୀନ ପ୍ରାର୍ଥୀ କରିଥିଲେ। ଅନୁରୂପ ଭାବରେ ୨୦୨୩ରେ ଝାରସୁଗୁଡ଼ା ଉପନିର୍ବାଚନରେ ଦୀପାଳି ଦାସ ବିଜେଡି ଟିକଟରେ ବିଜୟୀ ହୋଇଥିଲେ। ଏହା ପୂର୍ବରୁ ୨୦୨୨ ଧାମନଗର ଉପନିର୍ବାଚନରେ ମଧ୍ୟ ଅବନ୍ତୀ ଦାସଙ୍କୁ ଦଳୀୟ ଟିକଟ ମିଳିଥିଲେ ହେଁ ସେ ପରାଜିତ ହୋଇଥିଲେ। ଏବେ ଗୁରୁତ୍ୱପୂର୍ଣ୍ଣ ନୂଆପଡ଼ା ଉପନିର୍ବାଚନରେ ନବୀନ ନିଜ ଦଳର ଟାଣୁଆ ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ପ୍ରାର୍ଥୀ ଘୋଷଣା କରି ଅନ୍ୟ ରାଜନୈତିକ ଦଳ ଓ ରାଜନୈତିକ ସମୀକ୍ଷକଙ୍କୁ ଚକିତ କରି ଦେଇଛନ୍ତି।

ଗତ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ସଂସଦରେ ମହିଳା ସଂରକ୍ଷଣ ବିଲ୍ ପାସ୍ ହୋଇଛି। ଏହା ଆଇନରେ ପରିଣତ ହେବା ଦ୍ୱାରା ଲୋକସଭା ଓ ରାଜ୍ୟ ବିଧାନସଭାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ଆସନ ସଂରକ୍ଷଣ ରହିବ। ମାତ୍ର ଏହା ପୂର୍ବରୁ ନବୀନ ପଟ୍ଟନାୟକ ଓ ବିଜେଡି ଏ ସମ୍ପର୍କିତ ଦାବି ବହୁ ଆଗରୁ କରି ଆସୁଥିଲେ। ବିଜେଡି ଏକମାତ୍ର ଆଞ୍ଚଳିକ ଦଳ ଭାବେ ଏହି ଦାବି ନେଇ ୨୨ଟି ଦଳ ପାଖକୁ ସମର୍ଥନ ପାଇଁ ଯାଇଥିଲା। ଏହା ୨୦୧୯ ସାଧାରଣ ନିର୍ବାଚନରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ଆସନ ସଂରକ୍ଷିତ ରହିଥିବା ବେଳେ ଗତ ବିଧାନସଭା ନିର୍ବାଚନରେ ଦଳ ୩୪ ଜଣ ମହିଳାଙ୍କ ପ୍ରାର୍ଥୀ କରିଥିଲା। ସେହିପରି ମହିଳାଙ୍କୁ ସଶକ୍ତ କରିବା ପାଇଁ ବିଜେଡି ଅନ୍ୟପଦକ୍ଷେପ ମଧ୍ୟ ଜାତୀୟ ସ୍ତରରେ ପ୍ରଶଂସିତ ହୋଇଛି। ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ ୫୦ ପ୍ରତିଶତ ମହିଳାଙ୍କୁ ଟିକେଟ୍ ଦେଇ ବିଜେଡି ନୂଆ ରେକର୍ଡ କରିଛି। ଯାହାର ପ୍ରଭାବ ସ୍ୱରୂପ ରାଜ୍ୟର ୩୦ଟି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପଦ ମଧ୍ୟରୁ ୨୧ ଜଣ ମହିଳାଙ୍କୁ ବିଜେଡି ଅଧ୍ୟକ୍ଷ ପଦରେ ବସାଇବାକୁ ସକ୍ଷମ ହୋଇପାରିଛି। ସେହିପରି ରାଜ୍ୟର ୩ଟି ନିର୍ବାଚିତ ମହାନଗର ନିଗମ ବିଜେଡି ହାତେଇଥିବାବେଳେ ଦୁଇଟି ସ୍ଥାନରେ ଦୁଇଜଣ ମହିଳା ମେୟର ହୋଇଥିଲେ। ଏଭଳି ମହିଳାକେନ୍ଦ୍ରିକ ନିଷ୍ପତ୍ତି ପାଇଁ ଦଳ ମତ ନିର୍ବିଶେଷରେ ନବୀନଙ୍କୁ ରାଷ୍ଟ୍ରୀୟ ସ୍ତରରେ ବହୁ ବଡ଼ ବଡ଼ ମହିଳା ନେତ୍ରୀମାନେ ପ୍ରଶଂସା କରିଛନ୍ତି। ପୁଣି ଏକ ଉପନିର୍ବାଚନରେ ନବୀନ ମହିଳାଙ୍କ ହାତରେ ମଙ୍ଗ ଧରାଇଥିବାରୁ ଅନେକ ଏହାକୁ ଏକ ମାଷ୍ଟର ଷ୍ଟ୍ରୋକ୍ ବୋଲି ଆଖ୍ୟା ଦେଇଛନ୍ତି।

# ହାଇଦ୍ରାବାଦରେ ଓଡ଼ିଶା ଶିକ୍ଷୟିତ୍ରୀଙ୍କୁ ଦୁଷ୍କର୍ମ ପରେ ହତ୍ୟା

ଭୁବନେଶ୍ୱର, ୧୬।୧୦(ସମିସ): ପଶ୍ଚିମବଙ୍ଗରେ ଓଡ଼ିଶାର ଜଣେ ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣା ମନରୁ ନଯାଉଣୁ ହାଇଦ୍ରାବାଦରେ ଆଉ ଏକ ଚାଞ୍ଚଲ୍ୟକର ଘଟଣା ଘଟିଛି। ଓଡ଼ିଶାର ଜଣେ ମହିଳାଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ନେଇ ଅଭିଯୋଗ ହୋଇଛି। ହାଇଦ୍ରାବାଦର ପେଟବଶିରାବାଦର କୋମପାଲି ଅଞ୍ଚଳରେ ଏଭଳି ଜଘନ୍ୟ ଘଟଣା ଘଟିଛି।

ଅଭିଯୋଗ ଅନୁଯାୟୀ, ଭରତପୁର ଅଞ୍ଚଳରେ ରହୁଥିବା ଯୁବତୀଜଣଙ୍କ ଖୋର୍ଦ୍ଧା ବାଣପୁର ଥାନା ଅଞ୍ଚଳରେ ବିବାହ କରିଥିବା ବେଳେ ତାଙ୍କର ୪ବର୍ଷର ପୁଅଟିଏ ମଧ୍ୟ ରହିଛି। ସ୍ୱାମୀ ପେଟବଶିରାବାଦର କୋମପାଲି ଅଞ୍ଚଳରେ ନିର୍ମାଣ କାମ କରୁଥିବା ଏକ କମ୍ପାନୀରେ ଇଲେକ୍ଟ୍ରୋନିକ ରକ୍ଷଣାବେକ୍ଷଣ ବିଭାଗରେ କାମ କରୁଥିଲେ। ୬ମାସ ପୂର୍ବେ ପତ୍ନୀ ଓ ପୁଅ ମଧ୍ୟ ସେଠାକୁ ଯାଇଥିଲେ। ପତ୍ନୀ କମ୍ପାନୀରେ କାମ କରୁଥିବା ଶ୍ରମିକଙ୍କ ପିଲାମାନଙ୍କୁ ପଢ଼ାଇବା ସହ କମ୍ପାନୀ ପରିସରରେ ଥିବା କ୍ୱାର୍ଟର୍‌ରେ ସ୍ୱାମୀ ଓ ପୁଅ ସହ ରହୁଥିଲେ। ନିକଟରେ ସ୍ୱାମୀଙ୍କର ଦୁବାଇର ଏକ କମ୍ପାନୀରେ ଚାକିରି ସ୍ଥିର ହୋଇଯାଇଥିଲା। ହେଲେ ପାସ୍‌ପୋର୍ଟରେ ତ୍ରୁଟି ଥିବାରୁ ଦୁବାଇ ଯିବାରେ ଅସୁବିଧା ହୋଇଥିଲା। ପାସପୋର୍ଟରେ ନାମ ସଂଶୋଧନ କରିବା ପାଇଁ ସ୍ୱାମୀ ତାଙ୍କ ପୁଅକୁ ନେଇ ଗତ ଶନିବାର ହାଇଦ୍ରାବାଦରୁ ବାହାରି ରବିବାର ଦିନ ଭୁବନେଶ୍ୱରରେ ପହଞ୍ଚିଥିଲେ। ହେଲେ ଗତକାଲି ରାତିରେ କମ୍ପାନୀ କର୍ମଚାରୀ ତାଙ୍କୁ ଫୋନ କରି ପତ୍ନୀ ଅସୁସ୍ଥ ଥିବା ଜଣାଇଥିଲେ। ସ୍ୱାମୀ ଅନ୍ୟ କୌଣସି ଉପାୟ ନପାଇ ଗୁରୁବାର ସକାଳୁ ଭୁବନେଶ୍ୱରରୁ ବିମାନ ଯୋଗେ ହାଇଦ୍ରାବାଦ ଯାଇଥିଲେ। ସେଠାରେ ପହଞ୍ଚିବା ବେଳକୁ ପତ୍ନୀ ମୃତ୍ୟୁବରଣ କରିଥିବା ଜାଣିବାକୁ ପାଇଥିଲେ।

କମ୍ପାନୀର କର୍ମଚାରୀଙ୍କୁ ପଚରାଉଚରା କରିବା ପରେ ସାଙ୍ଘାତିକ କଥା ଜାଣିବାକୁ ପାଇଥିଲେ। ବୁଧବାର ରାତିରେ ପତ୍ନୀ ଗାଧୋଇବାକୁ ଯାଇଥିବା ବେଳେ କମ୍ପାନୀର ଇନ୍‌ଚାର୍ଜ ଘର ଭିତରେ ପଶି ଖଟ ତଳେ ଲୁଚି ରହିଥିଲା। ମହିଳାଜଣଙ୍କ ରୁମ୍‌କୁ ଆସିବା ପରେ ତାଙ୍କୁ ଜୋରଜବରଦସ୍ତି ଦୁଷ୍କର୍ମ କରିଥିଲା। ପରେ ତାଙ୍କୁ ହତ୍ୟା କରିଥିଲା। ଚିତ୍କାର ଶୁଣି ଅନ୍ୟ କର୍ମଚାରୀମାନେ ଏକାଠି ହୋଇ ରୁମ୍ ନିକଟକୁ ଧାଇଁ ଆସି ସଂପୃକ୍ତ ବ୍ୟକ୍ତିକୁ ଘରୁ ବାହାର କରିଥିଲେ। ମହିଳାଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏଭଳି ଚାଞ୍ଚଲ୍ୟ କର କଥା ଜାଣିବା ପରେ ମହିଳାଙ୍କ ମା' ଯୁଗ୍ମ ଶ୍ରମ କମିସନର ଓ ଭରତପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

### ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା

# ସୁଟର୍, ବ୍ୟବସାୟୀ ଓ ଅପରାଧୀଙ୍କୁ ମୁହାଁମୁହିଁ ଜେରା

ବ୍ରହ୍ମପୁର, ୧୬।୧୦ (ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାର ମୁଖ୍ୟ କାର୍ପଟଦାର ନିକଟରେ ପହଞ୍ଚିବାକୁ ଜୋରସୋର୍ ଉଦ୍ୟମ କରୁଛି ପୁଲିସ। ଏହି ଘଟଣାରେ ପୁଲିସ କିଛି ଅପରାଧୀ ଓ ସହଯୋଗୀଙ୍କୁ ମୁହାଁମୁହିଁ ଜେରା କରୁଥିବା ଜଣାପଡ଼ିଛି। ପୁଲିସ ପଞ୍ଝାରେ ଥିବା ସାର୍ପସୁଟର୍ ସମେତ ପୀତବାସଙ୍କ ସମ୍ପର୍କରେ ଘଟଣା ଦିନ ଦିନତମାମ ରେକି କରିବାରେ ନିୟୋଜିତ ଯୁବକ, କିଛି ବ୍ୟବସାୟୀ ଓ ପୁରୁଣା ଅପରାଧୀଙ୍କୁ ଗୋଳନ୍ଥରା ଥାନାରେ ଜେରା କରାଯାଉଥିବା ଜଣାପଡ଼ିଛି। ରାଜ୍ୟ ବାହାରୁ ପୁଲିସ ଉଠାଇ ଆଣିଥିବା ସାର୍ପସୁଟର୍ ସହ କିଭଳି ଯୋଗସୂତ୍ର ସ୍ଥାପନ ହୋଇଥିଲା, ସେନେଇ ପୁଲିସ ଖୋଳତାଡ଼ କରୁଛି।



ସେପଟେ ଗୁଳିକାଣ୍ଡର ୧୧ ଦିନ ପରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ମୁହଁ ଖୋଲିଛନ୍ତି। ଏହି ହତ୍ୟା ମାମଲାରେ କିଛି ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହୋଇଥିବା ସେ ସ୍ପଷ୍ଟ କରିଛନ୍ତି। ଖୁବ୍‌ଶୀଘ୍ର ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚିତ ହେବ ବୋଲି ଡିଜି କହିଛନ୍ତି। ଡିଜିଙ୍କ ଏହି ବୟାନରୁ ପୁଲିସକୁ ଏକ ବଡ଼ ସୁରାକ ମିଳିଥିବା କୁହାଯାଉଛି।

ହତ୍ୟାକାଣ୍ଡ ପଛର ମାଷ୍ଟରମାଇଣ୍ଡ ଏବଂ ଷଡ଼ଯନ୍ତ୍ରର ରହସ୍ୟ ଭେଦ କରିବାକୁ ଦିନରାତି ଏକ କରିଦେଇଛି ପୁଲିସ। ସନ୍ଦେହରେ ଅଟକ ଥିବା କିଛି ବ୍ୟକ୍ତି ଓ ବ୍ୟବସାୟୀଙ୍କ ଜରିଆରେ ମାଷ୍ଟରମାଇଣ୍ଡର ନିକଟତର ହେବାକୁ ଚେଷ୍ଟା ଜାରି ରଖିଛି। ପୁଲିସ ବିହାର, ଦିଲ୍ଲୀ, କୋଲକତା, ପୁରୀ, କଟକ, ପାରାଦ୍ୱୀପ ଏବଂ ଗଞ୍ଜାମର ବିଭିନ୍ନ ସ୍ଥାନରେ ଚଢ଼ଉ କରି ଅନେକ ତଥ୍ୟ ହାସଲ ସହିତ କିଛି ଅପରାଧୀଙ୍କୁ ଉଠାଇ ଆଣିଛି। ଜେରା ପରେ କେତେଜଣଙ୍କୁ ସର୍ତ୍ତମୂଳକ ଭାବେ ଛଡ଼ାଯାଇଥିବା ଜଣାପଡ଼ିଛି।

**■ ବାଲାଜୀର ହୋଇପାରେ ପଲିଗ୍ରାଫ୍ ଟେଷ୍ଟ**
**■ ଖୁବ୍‌ଶୀଘ୍ର ହତ୍ୟାକାଣ୍ଡର ଖୁଲାସା ହେବ : ଡିଜି**

ପୀତବାସଙ୍କ ହତ୍ୟା ଘଟଣାରେ ବିହାରୀ ସାର୍ପସୁଟରଙ୍କୁ ନିୟୋଜିତ କରାଯାଇଥିବା ବେଳେ ସେମାନଙ୍କୁ ପୁଲିସ ରାଜ୍ୟ ବାହାରୁ ଧରିବାରେ ସଫଳ ହୋଇଥିବା ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ମିଳିଛି। ହତ୍ୟାକାଣ୍ଡକୁ ନେଇ କିଛି ବ୍ୟବସାୟୀ, ଦୁର୍ଦ୍ଦାନ୍ତ ଅପରାଧୀଙ୍କ ସମେତ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଉପରେ ମଧ୍ୟ ପୁଲିସ ନଜର ରଖିଛି। ସେପଟେ ହତ୍ୟାକାଣ୍ଡ ପରେ ଭିନ୍ନଭିନ୍ନ ବୟାନ ଦେଇ ଚର୍ଚ୍ଚାର ପରିସରକୁ ଆସିଥିବା ମୃତ ପୀତବାସଙ୍କ ନିକଟତମ ସହଯୋଗୀ ବାଲାଜୀ ରେଡ୍ଡୀଙ୍କୁ ପୁଲିସ ବାରମ୍ବାର ଜେରା କରିସାରିଛି। ତେବେ ବାଲାଜୀଙ୍କ କଥାରେ କେତେ ସତ୍ୟତା ଅଛି, ତାହା ଜାଣିବାକୁ ତାଙ୍କର ପଲିଗ୍ରାଫ୍ ଟେଷ୍ଟ କରିବାକୁ ପୁଲିସ ଯୋଜନା କରିଛି। ଏଥିପାଇଁ ସେ ବାଲାଜୀଙ୍କୁ ଭୁବନେଶ୍ୱର ରସୁଲଗଡ଼ସ୍ଥିତ ରାଜ୍ୟ ଫୋରେନ୍‌ସିକ ଟେଷ୍ଟିଂ ଲ୍ୟାବ୍‌କୁ ନେଇଥିବା ସୂଚନା ମିଳିଛି।

### ■ ରାଜପଥରେ ବାଣ ବିସ୍ଫୋରଣ ଘଟଣା

# ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଲେ ବାପା

ଭୁବନେଶ୍ୱର, ୧୬।୧୦ (ସମିସ): ଆଚାର୍ଯ୍ୟବିହାର ଓଭରବ୍ରିଜ୍‌ରେ ବାଣ ବିସ୍ଫୋରଣରେ ଗୁରୁତର ହୋଇଥିବା ସ୍କୁଟି ଚାଳକ ଆଜି ପ୍ରାଣ ହରାଇଛନ୍ତି। ମୃତକ ହେଉଛନ୍ତି, ବଡ଼ଗଡ଼ ଥାନା ଅନ୍ତର୍ଗତ ଟଙ୍କପାଣି ରୋଡ୍‌ର ପର୍ଶୁରାମ ଲେଙ୍କା।

ଗତକାଲି ପର୍ଶୁରାମ ଓ ତାଙ୍କ ଝିଅ ସ୍ନେହା ବାଘମାରୀ ଅଞ୍ଚଳରୁ ବାଣ ଆଣି ସ୍କୁଟି ଯୋଗେ ଘରକୁ ଫେରୁଥିଲେ। ପର୍ଶୁରାମ ଭାରସାମ୍ୟ ହରାଇ ଆଚାର୍ଯ୍ୟ ବିହାର ଓଭରବ୍ରିଜ୍ ଉପରେ ଏକ କାର୍‌କୁ ଧକ୍କା ଦେଇଥିଲେ। ଫଳରେ ଉଭୟ ବାପ-ଝିଅ ଗାଡ଼ିରୁ ଛିଟିକି ପଡ଼ିଥିଲେ। ଦୁର୍ଘଟଣା ଯୋଗୁଁ ବାଣଗୁଡ଼ିକ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ଓ ଦୁର୍ଘଟଣାରେ ପର୍ଶୁରାମ ଓ ସ୍ନେହା ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ପରିବାରଲୋକେ ଉଭୟଙ୍କୁ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଥିବା ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଇଥିଲେ। ଆଜି ସକାଳେ ପର୍ଶୁରାମ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି। ପରିବାରଲୋକଙ୍କ ଅଭିଯୋଗ ଆଧାରରେ ବଡ଼ଗଡ଼ ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସେପଟେ ଚିକିତ୍ସାଧୀନ ସ୍ନେହାଙ୍କ ଅବସ୍ଥା ମଧ୍ୟ ସଙ୍କଟାପନ୍ନ ରହିଛି।

# ପ୍ରଚଣ୍ଡ ଶବ୍ଦରେ ଥରିଲା ବାଲେଶ୍ୱର

ବାଲେଶ୍ୱର,୧୬।୧୦(ସମିସ): ଗୁରୁବାର ଅପରାହ୍ଣ ପ୍ରାୟ ସାଢ଼େ ୩ଟାରେ ଏକ ପ୍ରଚଣ୍ଡ ଶବ୍ଦରେ ବାଲେଶ୍ୱର ସହର ଥରି ଉଠିଥିଲା। ଏହା ଏତେ ଭୟଙ୍କର ଓ ଭୀଷଣ ଥିଲା ଯେ ଲୋକେ ଭୟରେ ଘର ବାହାରକୁ ଚାଲି ଆସିଥିଲେ।। ହେଲେ କେଉଁ କାରଣରୁ ଓ କେଉଁଠାରୁ ଏହି ଶବ୍ଦ ଆସିଲା, ତାହାର ସଠିକ୍ କାରଣ ଜଣାପଡ଼ି ନଥିବା ବେଳେ ଜେଟ୍‌ର ଶବ୍ଦ କିମ୍ବା ଚାନ୍ଦିପୁରରେ କିଛି ପରୀକ୍ଷଣ ସମୟର ଶବ୍ଦ ବୋଲି ଚର୍ଚ୍ଚା ହେଉଛି। ସେହିପରି, ଭଦ୍ରକ ଏବଂ ମୟୂରଭଞ୍ଜରେ ମଧ୍ୟ ଏପରି ପ୍ରଚଣ୍ଡ ଶବ୍ଦ ଶୁଣିବାକୁ ମିଳିଥିଲା।

### 'ବାଲୁକା କଳାରେ ଦୀପାବଳି କାହାଣୀ'

# ବିଦେଶରେ ପ୍ରଶଂସା ସାଉଁଟିଲେ ଓଡ଼ିଆ ବାଲୁକା ଶିଳ୍ପୀ



ଭୁବନେଶ୍ୱର,୧୬।୧୦(ସମିସ): ଦୀପାବଳି ଅବସରରେ ୟୁକେର ଚେଷ୍ଟରଫିଲ୍ଡରେ ଆୟୋଜିତ ଦୀପାବଳି ଉତ୍ସବରେ ଲାଇଭ୍ ସ୍ୟାଣ୍ଡ ଆନିମେସନ ଶୋ' ପ୍ରଦର୍ଶନ କରି ଓଡ଼ିଶାର ଆନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁଦାମ ପ୍ରଧାନ ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଏସିଆନ୍ ଆସୋସିଏସନ୍ ଅଫ୍ ଚେଷ୍ଟରଫିଲ୍ଡ ଦ୍ୱାରା ୱାଇଣ୍ଟି ହ୍ୱିଲ୍ ଥିଏଟରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ 'ଦ ଷ୍ଟୋରୀ ଅଫ୍ ଦିପାବଳୀ' ଶୀର୍ଷକ ଉପରେ ୧୫ ମିନିଟ୍ ସ୍ୟାଣ୍ଡ ଆନିମେସନ୍ ପ୍ରଦର୍ଶନ କରିଥିଲେ। ଅନ୍ଧକାର ଉପରେ ଆଲୋକର ଏବଂ ଅସତ୍ୟ ଉପରେ ସତ୍ୟର ବିଜୟକୁ କିଭଳି ପ୍ରତିନିଧିତ୍ୱ କରେ ତାହାକୁ ସେ ଏହି ବାଲୁକା କଳା ମାଧ୍ୟମରେ ଦର୍ଶାଇଥିଲେ। ସେହିପରି ଭଗବାନ ଶ୍ରୀରାମ ରାବଣକୁ ବଧ କରି ଅଯୋଧ୍ୟାକୁ ଫେରିବା ସମୟରେ ଲୋକମାନେ ଦୀପ ଜଳାଇ କିଭଳି ସ୍ୱାଗତ କରିଥିଲେ, ସେହି ଦୃଶ୍ୟକୁ ମଧ୍ୟ ସ୍ମରଣ କରିଥିଲେ। ଏହାସହ ୧୫ ଧରି ବାୟୁ ପ୍ରଦୂଷଣ ଓ ପ୍ଲାଷ୍ଟିକମୁକ୍ତ ପରିବେଶ ଜାଗୃତି ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଚେଷ୍ଟରଫିଲ୍ଡ ବରୋ କାଉନ୍‌ସିଲ ମେୟର ବ୍ୟାରି ଡାଇକ୍, ଚେଷ୍ଟରଫିଲ୍ଡ ସଂସଦ ସଦସ୍ୟ ଟୋବି ପର୍କିନ୍ସ, ଡର୍ବିସାୟର କାଉନସିଲର ଲୁଇସ୍ ହ୍ୱାଇଟବ୍ରେଡ୍ ପ୍ରମୁଖ ଏହି ଲାଇଭ୍ ଶୋ'କୁ ଉପଭୋଗ କରିଥିଲେ।

# ବିଜେପିର ୪୦ ଜଣିଆ ତାରକା ପ୍ରଚାରକ

## ୨ ମୁଖ୍ୟମନ୍ତ୍ରୀ, ୩ କେନ୍ଦ୍ରମନ୍ତ୍ରୀ କରିବେ ପ୍ରଚାର

ଭୁବନେଶ୍ୱର, ୧୬।୧୦ (ସମିସ): ନୂଆପଡ଼ା ଉପନିର୍ବାଚନ ପ୍ରରିପେକ୍ଷୀରେ ବିଜେଡି ପକ୍ଷରୁ ୪୦ଜଣିଆ ତାରକା ପ୍ରଚାରକ ତାଲିକା ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏହି ତାରକା ପ୍ରଚାରକମାନେ ପ୍ରଚାରର ମଙ୍ଗ ଧରି କାର୍ଯ୍ୟକର୍ତ୍ତାଙ୍କୁ ଉତ୍ସାହିତ କରିବା ସହ ଭୋଟର୍‌ଙ୍କୁ ଆକୃଷ୍ଟ କରିବେ ବୋଲି ରାଜ୍ୟ ବିଜେପି ମୁଖପାତ୍ର ସତ୍ୟବ୍ରତ ପଣ୍ଡା କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ ଓ ଜୁଏଲ ଓରାମ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଏ, କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ, ରାଷ୍ଟ୍ରୀୟ ଉପସଭାପତି ତଥା ସାଂସଦ ବୈଜୟନ୍ତ ପଣ୍ଡା, ରାଜ୍ୟ ପ୍ରଭାରୀ ବିଜୟ ପାଲସିଂ ତୋମାର, ରାଜ୍ୟ ସହପ୍ରଭାରୀ ଲତା ଉସେଣ୍ଡୀ ପ୍ରମୁଖ ରହିଛନ୍ତି।

# ନିଜ ଟିମ୍ ଗଢ଼ିଲେ ମନମୋହନ

## ୧୦ ଉପସଭାପତି, ୪ ସାଧାରଣ ସମ୍ପାଦକ ଓ ୧୦ ସମ୍ପାଦକ

ଭୁବନେଶ୍ୱର,୧୬।୧୦(ସମିସ): ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ଅନୁମୋଦନକ୍ରମେ ଗୁରୁବାର ଦଳ ପକ୍ଷରୁ ରାଜ୍ୟ ପଦାଧିକାରୀଙ୍କ ନାମ ଘୋଷଣା କରାଯାଇଛି। ଏହି ଟିମରେ ୧୦ ଜଣ ଉପସଭାପତି, ୪ ଜଣ ସାଧାରଣ ସମ୍ପାଦକ, ୧୦ ଜଣ ସମ୍ପାଦକଙ୍କ ସହ ଜଣେ ଲେଖାଏଁ କୋଷାଧ୍ୟକ୍ଷ ଓ ଯୁଗ୍ମ ସମ୍ପାଦକ ସ୍ଥାନ ପାଇଛନ୍ତି। ଉପସଭାପତି ଭାବେ ଡ. ଯତୀନ ମହାନ୍ତି, ଅଶୋକ ମିଶ୍ର, କୁସୁମ ଟେଟେ, ରମେଶ ସାହୁ, କେ. ନାରାୟଣ ରାଓ, ଶିବାଜୀ ମହାନ୍ତି, ସୁଦର୍ଶନ ଗୋଏଲ, ବିଷ୍ଣୁ ଦାଶ, ଭବେନ୍ଦ୍ର ପଣ୍ଡା ଓ ସିପ୍ରା ବାଜପାୟୀ ସ୍ଥାନ ପାଇଛନ୍ତି। ସାଧାରଣ ସଂପାଦକ ଭାବେ ବିରଞ୍ଚି ତ୍ରିପାଠୀ, ଶାରଦା ଶତପଥୀ, ସୀମାଞ୍ଚଳ ଖଟେଇ ଓ ପୂର୍ଣ୍ଣିମା ପ୍ରିୟଦର୍ଶିନୀ ନାୟକଙ୍କୁ ଦାୟିତ୍ୱ ମିଳିଛି। ସଂପାଦକ ଭାବେ ପିଙ୍କି ପ୍ରଧାନ, ରମେଶ ହାଁସଦା, ମମତା ସିଂହ, ପୃଥ୍ୱୀରାଜ ମହାପାତ୍ର, ସ୍ମିତା ପ୍ରଧାନ, ସରୋଜ କର, କାଳିନ୍ଦୀ ସାମଲ, ସ୍ମୃତି ପଟ୍ଟନାୟକ, ପ୍ରୀତି ପ୍ରତିଭା ଭୋଳ ଓ ଭଗବାନ ମହାନ୍ତିଙ୍କୁ ଦାୟିତ୍ୱ ଦେଇଛନ୍ତି ମନମୋହନ। ସେହିପରି କୋଷାଧ୍ୟକ୍ଷ ଭାବେ ଅଜୟ ଅଗ୍ରୱାଲ ଓ ଯୁଗ୍ମ କୋଷାଧ୍ୟକ୍ଷ ଭାବେ ଦିବାକର ହରିଚନ୍ଦନ ଦାୟିତ୍ୱ ସମ୍ଭାଳିବାକୁ ଯାଉଛନ୍ତି।

# ଡିସେମ୍ବର ୧୩ରୁ କୋଣାର୍କ ଇକୋ ରିଟ୍ରିଟ୍

ପୁରୀ, ୧୬।୧୦ (ସମିସ): ଡିସେମ୍ବର ୧୩ରୁ କୋଣାର୍କ ମେରାଇନ୍ ଡ୍ରାଇଭ୍‌ଠାରେ ଇକୋ-ରିଟ୍ରିଟ୍ ଆରମ୍ଭ ହେବ। ସମସ୍ତ ବିଭାଗ ସେମାନଙ୍କ ଉପରେ ନ୍ୟସ୍ତ ଦାୟିତ୍ୱକୁ ତ୍ୱରାନ୍ୱିତ କରି ଡିସେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ଭିତ୍ତିଭୂମି ପ୍ରସ୍ତୁତ ପାଇଁ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏ ସଂପର୍କରେ ଏକ ପ୍ରସ୍ତୁତି ବୈଠକ ବୁଧବାର ସର୍କିଟ୍ ହାଉସ୍‌ଠାରେ ଜିଲ୍ଲାପାଳ ଶ୍ରୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

### ରାଜ୍ୟ ପୁଲିସ ବୃତ୍ତିଗତ ପ୍ରତିଯୋଗିତା ଉଦ୍‌ଘାଟିତ

# ଦୋଷୀ ସାବ୍ୟସ୍ତ ହାରରେ ଉନ୍ନତି ଆଣିବାକୁ ଡିଜିପିଙ୍କ ଗୁରୁତ୍ୱ

କଟକ, ୧୬।୧୦ (ସମିସ): ସାମ୍ପ୍ରଦାୟିକ ସଦ୍‌ଭାବନା ବଜାୟ ରଖିବା, ହିଂସାକୁ ରୋକିବା ଏବଂ ମହିଳା ଓ ଶିଶୁଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପୁଲିସ ସର୍ବୋଚ୍ଚ ପ୍ରାଥମିକତା। ଏଥିସହ ନାଗରିକମାନେ ଯେପରି ଭୟ ଏବଂ ବିପଦରୁ ମୁକ୍ତ ରହିପାରିବେ, ତାହା ସୁନିଶ୍ଚିତ କରିବା ପାଇଁ ପୁଲିସ ପ୍ରତିଶ୍ରୁତିବଦ୍ଧ ବୋଲି ଡିଜିପି ଯୋଗେଶ ବାହାଦୂର ଖୁରାନିଆ କହିଛନ୍ତି। କଟକସ୍ଥିତ ରିଜର୍ଭ ପୁଲିସ ପଡ଼ିଆ ପରିସରରେ ୭୦ତମ ବୃତ୍ତିଗତ ପ୍ରତିଯୋଗିତାକୁ ଆଜି ପୂର୍ବାହ୍ନରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ଉଦ୍‌ଘାଟନ କରି ଏହା କହିଛନ୍ତି। ବୈଜ୍ଞାନିକ ଏବଂ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ କରି ଦୋଷୀ ସାବ୍ୟସ୍ତ ହାରରେ ଉନ୍ନତି ସଂକ୍ରାନ୍ତରେ ଡିଜିପି ଗୁରୁତ୍ୱାରୋପ କରିଛନ୍ତି। କ୍ରାଇମବ୍ରାଞ୍ଚ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଶ୍ରୀ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଡିଆଇଜି, କ୍ରାଇମବ୍ରାଞ୍ଚ, ବି. ଗଙ୍ଗାଧର ଧନ୍ୟବାଦ ଦେଇଥିଲେ। ଏହି ବୃତ୍ତିଗତ ପ୍ରତିଯୋଗିତାରେ ରାଜ୍ୟର ୩୪ଟି ପୁଲିସ ଜିଲ୍ଲାରୁ ୨୮୨ ଜଣ ପ୍ରତିଯୋଗୀ, ୪୩ ଶ୍ୱାନ, ୪୩ ଜଣ ହ୍ୟାଣ୍ଡେଲର୍ ଅଂଶଗ୍ରହଣ କରିଛନ୍ତି। ୪୨ଜଣ ଇନ୍ସପେକ୍ଟର, ୩୪ଜଣ ଏସ.ଆଇ, ୫୯ ଜଣ ଏ.ଏସ.ଆଇ, ୧୬ ଜଣ ହାବିଲଦାର, ୧୩୧ଜଣ କନଷ୍ଟେବଲ ଏବଂ ୪୩ ଟି ପୁଲିସ ଶ୍ୱାନ (K-୯) ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି।



### ସରକାରୀ ଜମିକୁ ନେଇ ଦୁଇ ଗାଁ ହାତାହାତି

# ହନୁମାନ ବାଟିକା ରଣକ୍ଷେତ୍ର

ସାନଖେମୁଣ୍ଡି, ୧୬।୧୦ (ସମିସ): ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ତହସିଲ, ପାଟପୁର ଥାନା ଅନ୍ତର୍ଗତ ଡେଙ୍ଗାଓସ୍ତା ଛକ ନିକଟରେ ଥିବା ଏକ ସରକାରୀ ଜମିକୁ ନେଇ ଗୁରୁବାର ଦୁଇ ଗାଁ ହାତାହାତି ହୋଇଛନ୍ତି। ସାନଖେମୁଣ୍ଡି ତହସିଲ କାର୍ଯ୍ୟାଳୟ ଘେରାଉଠାରୁ ଆରମ୍ଭ କରି ଟାୟାର ଜାଳି ରାଜପଥ ଅବରୋଧ, ଢେଲାପଥର ମାଡ଼ ଭଳି ହିଂସା ଘଟିଛି। ଏପରିକି, ଗୋଟିଏପକ୍ଷର ଢେଲା, ପଥର ମାଡ଼ରେ ଉକ୍ତ ଜାଗାରେ ନିର୍ମାଣ ହୋଇଥିବା ହନୁମାନ ବାଟିକାର ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ୫ଜଣ ଆହତ ହୋଇଛନ୍ତି। ପରିସ୍ଥିତି ନିୟନ୍ତ୍ରଣ ପାଇଁ ଉକ୍ତ ସ୍ଥାନରେ ବିଏନ୍‌ଏସ୍‌ଏସ୍ ଧାରା ୧୬୩ ଲାଗୁ କରାଯିବା ସହ ୪ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯାଇଛି।

ସୂଚନାନୁଯାୟୀ, ଦୀର୍ଘ ବର୍ଷ ହେଲା ଡେଙ୍ଗାଓସ୍ତା ଛକ ନିକଟରେ ଏକ ସରକାରୀ ଜାଗାରେ ରତ୍ନମଣିପୁର ଗ୍ରାମବାସୀ ଏକ ହନୁମାନ ବାଟିକା ନିର୍ମାଣ କରିବା ପାଇଁ ଯୋଜନା କରିଥିଲେ। ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ପରଠାରୁ ଉଭୟ ରତ୍ନମଣିପୁର ଓ ସିଙ୍ଗିପୁର ଗ୍ରାମ ମଧ୍ୟରେ ତିକ୍ତତା ଆରମ୍ଭ ହୋଇଥିଲା। କଥା ତହସିଲ, ଥାନା ଓ ଜିଲ୍ଲା ପ୍ରଶାସନ ପାଖକୁ ବାରମ୍ବାର ଯାଇଥିଲେ ହେଁ ସମାଧାନର ରାସ୍ତା ବାହାରି ପାରିନଥିଲା। ଏହାକୁ ନେଇ ଆଜି ସାନଖେମୁଣ୍ଡି ତହସିଲ କାର୍ଯ୍ୟାଳୟକୁ ସିଙ୍ଗିପୁର ଗ୍ରାମବାସୀ ଘେରାଉ କରିଥିଲେ। ଉକ୍ତ ସ୍ଥାନରେ ନିର୍ମାଣ ହୋଇଥିବା ହନୁମାନ ବାଟିକା ଭାଙ୍ଗିବା ସହ ସେହି ସ୍ଥାନରେ ପରିବା ମାର୍କେଟ୍, ସାଇକେଲ ଷ୍ଟାଣ୍ଡ, ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯିବା ନେଇ ଦାବି କରିଥିଲେ। ତହସିଲଦାର ରାମଚନ୍ଦ୍ର ପଟ୍ଟନାୟକ ଉପ-ଜିଲ୍ଲାପାଳଙ୍କ ଆଦେଶ ମିଳିବା ପରେ ପାଚେରି ଭାଙ୍ଗିବା ନେଇ କହିଥିଲେ ମଧ୍ୟ ଲୋକମାନେ ରାଜି ହୋଇନଥିଲେ। ଫଳରେ ସାନଖେମୁଣ୍ଡି ତହସିଲଦାର ଉକ୍ତ ପାଚେରି ଭାଙ୍ଗିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ପୁଲିସ ଟିମ୍ ପହଞ୍ଚି ପାଚେରି ଭାଙ୍ଗିବା ଲାଗି ଉଦ୍ୟମ କରିବାରୁ ରତ୍ନମଣିପୁର ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ଟାୟାର ଜାଳି ରାଜପଥ ଅବରୋଧ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ଶହଶହ ଗାଡ଼ି ଅଟକି ରହିଥିଲା। କିଛି ସମୟ ପରେ ଉଭୟ ଗ୍ରାମବାସୀ ଇଟା, ପଥର ଫିଙ୍ଗିବା ସହ ଆକ୍ରମଣ କରିଥିଲେ। ସିଙ୍ଗିପୁର ଗ୍ରାମବାସୀ ଏହି ହନୁମାନ ବାଟିକାର ପାଚେରି, ଲାଇଟ୍, ଗଛ ଓ ସିସିଟିଭିକୁ ଭାଙ୍ଗି ଦେଇଥିଲେ।



**■ ଟେକାପଥର ମାଡ଼ରେ ବ୍ୟାପକ କ୍ଷତି, ୫ ଆହତ**
**■ ଧାରା ୧୬୩ ଜାରି, ୪ ପ୍ଲାଟୁନ୍ ଫୋର୍ସ ମୁତୟନ**

# କୃଷି ବିଦ୍ୟାନିଧି ଛାତ୍ରବୃତ୍ତି ପାଇଁ ଆବେଦନ ଆରମ୍ଭ

ଭୁବନେଶ୍ୱର,୧୬।୧୦(ସମିସ): ଚଳିତ ଶିକ୍ଷାବର୍ଷ ପାଇଁ 'କୃଷି ବିଦ୍ୟାନିଧି ଯୋଜନା'ରେ ଛାତ୍ରବୃତ୍ତି ପାଇଁ ଆବେଦନ ଆରମ୍ଭ ହୋଇଛି। ସିଏମ୍-କିଷାନ୍ ସହାୟତା ରାଶି ପାଉଥିବା କୃଷକ ପରିବାରର ପିଲାମାନେ ନଭେମ୍ବର ୩୦ ତାରିଖ ମଧ୍ୟରେ ଆବେଦନ କରିପାରିବେ। ଡିସେମ୍ବର ୧୫ ତାରିଖ ମଧ୍ୟରେ ଆବେଦନଗୁଡ଼ିକୁ ଶିକ୍ଷାନୁଷ୍ଠାନର ମୁଖ୍ୟ ବା ଅଧ୍ୟକ୍ଷ ଯାଞ୍ଚ କରିବେ। ସେହିପରି ଜାନୁଆରୀ ୧୫ ତାରିଖ ମଧ୍ୟରେ ଆବେଦନଗୁଡ଼ିକୁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ (ସିଡିଏଓ) ଯାଞ୍ଚ କରିବେ। ଏହାପରେ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ବୃତ୍ତିରାଶି ପ୍ରଦାନ କରାଯିବ ବୋଲି କୃଷି ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ 'କାଳିଆ' ଛାତ୍ରବୃତ୍ତିର ନାମ ପରିବର୍ତ୍ତନ କରାଯାଇ କୃଷି ବିଦ୍ୟାନିଧି ଯୋଜନା କରାଯାଇଛି। କୃଷକ ପରିବାରର ପିଲାଙ୍କୁ ବୈଷୟିକ ଶିକ୍ଷା ପାଇଁ ଏହି ଛାତ୍ରବୃତ୍ତି ପ୍ରଦାନ କରାଯିବ।

# ରାଜ୍ୟ ପରୀକ୍ଷଣ ପ୍ରୟୋଗଶାଳାର ଘରୋଇକରଣ ପ୍ରସ୍ତାବକୁ ବିରୋଧ

କଟକ, ୧୬।୧୦ (ସମିସ): ରାଜ୍ୟ ପରୀକ୍ଷଣ ପ୍ରୟୋଗଶାଳାର ପ୍ରସ୍ତାବିତ ଘରୋଇକରଣକୁ ମଧ୍ୟମ କ୍ଷୁଦ୍ର ଓ ଅଣୁ ଶିଳ୍ପସଂସ୍ଥା (ଏମ୍‌ଏସ୍‌ଏମ୍‌ଇ) ସଂଘଗୁଡ଼ିକ ପକ୍ଷରୁ ବିରୋଧ କରାଯାଇଛି। ଏ ସମ୍ପର୍କରେ ଆଲୋଚନା କରିବା ପାଇଁ ଆଜି ଏମ୍‌ଏସ୍‌ଏମଇ ଆସୋସିଏସନ୍‌ଗୁଡ଼ିକର ମିଳିତ କାର୍ଯ୍ୟ କମିଟି କର୍ମକର୍ତ୍ତା ଓ ଉଦ୍ୟୋଗୀମାନଙ୍କୁ ନେଇ ଏକ ପ୍ରତିନିଧିଦଳ ଏମ୍‌ଏସ୍‌ଏମ୍‌ଇ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ତାଙ୍କ ବାସଭବନରେ ଭେଟିଛନ୍ତି। ଘରୋଇକରଣ ନକରି ପ୍ରତ୍ୟକ୍ଷ ସରକାରୀ ତତ୍ତ୍ୱାବଧାନରେ ରାଜ୍ୟ ସରକାରୀ ପରୀକ୍ଷଣ ପ୍ରୟୋଗଶାଳା କାର୍ଯ୍ୟ ଜାରି ରଖିବା ପାଇଁ ସେମାନେ ଅନୁରୋଧ କରିଥିଲେ। ସୂକ୍ଷ୍ମ ଏବଂ କ୍ଷୁଦ୍ର ଉଦ୍ୟୋଗ ପାଇଁ ଗୁଣବତ୍ତା ନିଶ୍ଚିତତା, ସ୍ୱଚ୍ଛତା ଏବଂ ସୁଗମତା ଉପରେ ଘରୋଇକରଣର ସମ୍ଭାବ୍ୟ ପ୍ରତିକୂଳ ପ୍ରଭାବ ବିଷୟରେ ସେମାନେ ଆଶଙ୍କା ପ୍ରକାଶ କରିଥିଲେ। ଏହି ବିଷୟକୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିକୁ ଆଣିବେ ଏବଂ ଉଦ୍ୟୋଗୀମାନଙ୍କ ଦ୍ୱାରା ଉଠାଯାଇଥିବା ଚିନ୍ତାକୁ ଦୃଷ୍ଟିରେ ରଖି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିବେ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ମିଳିତ କାର୍ଯ୍ୟକାରୀ କମିଟିରେ ସମରଜିତ ମହାନ୍ତି, ଅବନୀ କୁମାର କାନୁନଗୋ, ମିହିର କୁମାର କାନୁନଗୋ, ସୁବ୍ରତ ଗରାବାଡୁ ଏବଂ ଅଭିଳାଷ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

**ଏମଏସଏମଇ ମନ୍ତ୍ରୀଙ୍କୁ ଭେଟିଲେ ଶିଳ୍ପଦ୍ୟୋଗୀ**





ଭୁବନେଶ୍ୱର 'ଏସ୍‌ଓଏସ୍ ଭିଲେଜ'ରେ ଗୁରୁବାର ଶିଶୁମାନଙ୍କ ସହ ନିଜର ୭୯ତମ ଜନ୍ମଦିନ ପାଳନ କରୁଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ

## ଚାକିରି ବେପାର: 'ମୋଷ୍ଟ ୱାଣ୍ଟେଡ୍' ମୁନ୍ନା ଦଶପଲ୍ଲାରୁ ଗିରଫ

ଭୁବନେଶ୍ୱର,୧୬।୧୦(ସମିସ): ପୁଲିସ ଏସ୍‌ଆଇ କେଳେଙ୍କାରୀ ମାମଲାରେ ଦୁଇ ସହଯୋଗୀ ଶ୍ରୀକାନ୍ତ ମହାରଣା ଓ ସୁକାନ୍ତ ମହାରଣା ସହ ଖସିଯିବାକୁ ଉଦ୍ୟମ କରିଥିବା ଅନ୍ୟତମ ଦଲାଲ 'ମୋଷ୍ଟ ୱାଣ୍ଟେଡ୍' ମୁନ୍ନା ମହାନ୍ତିକୁ ଶେଷରେ ଦଶପଲ୍ଲାରୁ କ୍ରାଇମ୍‌ବ୍ରାଞ୍ଚ ଗିରଫ କରିଛି। ମୁନ୍ନା ସହିତ ଶ୍ରୀକାନ୍ତ ଓ ସୁକାନ୍ତଙ୍କୁ ମଧ୍ୟ କ୍ରାଇମବ୍ରାଞ୍ଚ ଗିରଫ କରିଥିବା ଜଣାପଡ଼ିଛି। ଆସନ୍ତାକାଲି ୩ ଅଭିଯୁକ୍ତଙ୍କୁ ବ୍ରହ୍ମପୁର କୋର୍ଟରେ ହାଜର କରାଯିବ। ସେମାନଙ୍କ ନିକଟରୁ ଅଧିକ ତଥ୍ୟ ହାସଲ କରିବା ପାଇଁ କ୍ରାଇମବ୍ରାଞ୍ଚ ଅଦାଲତରେ ରିମାଣ୍ଡ ଆବେଦନ କରିବ ବୋଲି କ୍ରାଇମ୍‌ବ୍ରାଞ୍ଚ ସୂତ୍ରରୁ ଜଣାପଡ଼ିଛି।



ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ ମାମଲା ପଦାକୁ ଆସିବା ପରେ ମୁନା ଫେରାର ହୋଇଯାଇଥିଲା ଏବଂ ଦୁଇ ସହଯୋଗୀ ଶ୍ରୀକାନ୍ତ ଏବଂ ସୁକାନ୍ତଙ୍କ ସହାୟତାରେ ଦଶପଲ୍ଲାରେ ଥିବା ଏକ ଫାର୍ମ ହାଉସ୍‌ରେ ଆତ୍ମଗୋପନ କରିଥିଲା। ଏହି ହାଉସ୍ ଜଙ୍ଗଲ ମଝିରେ ଥିବା ଏଠାକୁ ସାଧାରଣ ଲୋକ ଯାଉ ନ ଥିଲେ। ବିନା ଭୟରେ ମୁନା ଏବଂ ତାର ସହଯୋଗୀମାନେ ସେଠାରେ ରହୁଥିଲେ। କ୍ରାଇମ୍‌ବ୍ରାଞ୍ଚ ଅଭିଯୁକ୍ତଙ୍କ ସମ୍ପର୍କୀୟଙ୍କ ମୋବାଇଲ୍ ଟ୍ରାକ୍ କରିବା ପରେ ଏ ସମ୍ପର୍କରେ ସୂଚନା ପାଇ ଫାର୍ମ ହାଉସରେ ଚଢ଼ଉ ପାଇଁ ବାହାରିଥିଲା। ମାତ୍ର କ୍ରାଇମବ୍ରାଞ୍ଚ ଚଢ଼ଉ ସମ୍ପର୍କରେ ଆଗୁଆ ସୂଚନା ପାଇ ଦୁଇ ସହଯୋଗୀଙ୍କ ସହ ମୁନ୍ନା ସେଠାରୁ ଚମ୍ପଟ ମାରିଥିଲା। ତେବେ ଶେଷରେ ଦଶପଲ୍ଲାର ଏକ ଗାଁ ଭିତରୁ କ୍ରାଇମ୍‌ବ୍ରାଞ୍ଚ ତିନିଜଣଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା।

ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଶଙ୍କର ପୃଷ୍ଟି ଓ ମୁନ୍ନା ମହାନ୍ତିଙ୍କ ସହ ଅନେକ ବ୍ୟକ୍ତିଙ୍କ ସମ୍ପର୍କ ରହିଛି । ମାତ୍ର ଏହା ମଧ୍ୟରୁ ରେଡ୍ଡି ନାମକ ଜଣେ ବ୍ୟକ୍ତି ସବୁଠୁ ବଳଶାଳୀ ବୋଲି କୁହାଯାଉଛି। ଓଡ଼ିଶାରେ ଚାକିରି ବିକ୍ରି ଘଟଣା ପଛରେ ରେଡ୍ଡିକୁ ମାଷ୍ଟର ମାଇଣ୍ଡ ବୋଲି କୁହାଯାଉଛି। ଅନେକ ପୁଲିସ ଅଧିକାରୀ, ରାଜନୈତିକ ନେତାଙ୍କ ସହ ରେଡ୍ଡିର ସୁସମ୍ପର୍କ ରହିଛି ବୋଲି ମଧ୍ୟ ସୂଚନା ମିଳିଛି। ତେବେ ଏହି ରେଡ୍ଡି

■ ଦଶପଲ୍ଲା ଫାର୍ମ ହାଉସରେ ଲୁଚିଥିଲେ ୩ ଅଭିଯୁକ୍ତ
■ ଆଜି ବ୍ରହ୍ମପୁର କୋର୍ଟରେ ହାଜର କରାଯିବ
■ ବିଗ୍ ବସ୍ ରେଡ୍ଡି ପର୍ଯ୍ୟନ୍ତ ପାଉନି କ୍ରାଇମବ୍ରାଞ୍ଚ ହାତ

କିଏ ସେ ସମ୍ପର୍କରେ କ୍ରାଇମବ୍ରାଞ୍ଚ ଖୋଳତାଡ଼ ଆରମ୍ଭ କରିଛି। ତେବେ ଏହି ରେଡ୍ଡି ବାସ୍ତବରେ କିଙ୍ଗପିନ୍ ନା ତାକୁ ମୁଖା ଭାବରେ ରଖି ଆଉ କେହି ଏହି ଚାକିରି ବେପାର ଚଳାଉଥିଲା ତାହା ଏଯାଏ ସ୍ପଷ୍ଟ ହୋଇନାହିଁ।

ଅନ୍ୟପକ୍ଷରେ ପୁଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା ଦୁର୍ନୀତି ମାମଲାର ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସୂଚନା ଦେଇଛନ୍ତି ପୁଲିସ ଡିଜି ଯୋଗେଶ ବାହାଦୂର ଖୁରାନିଆ। ସେ କହିଛନ୍ତି ଯେ ପୂର୍ବରୁ ପରୀକ୍ଷା ତ୍ରୁଟିଶୂନ୍ୟ ଏବଂ ଦୁର୍ନୀତି ମୁକ୍ତ କରିବା ପାଇଁ ଆମେ ବ୍ୟବସ୍ଥା କରିଥିଲୁ। ଏଥିପାଇଁ ଜିଲ୍ଲା ଏସ୍‌ପି ଓ ପୁଲିସ ଅଧିକାରୀମାନଙ୍କୁ ସତର୍କ କରାଯାଇଥିଲା। ଖୁବ୍‌ଶୀଘ୍ର ଅନ୍ୟ ସମସ୍ତ ଅଭିଯୁକ୍ତ ଧରାପଡ଼ିବେ ବୋଲି ପୁଲିସ ଡିଜି କହିଛନ୍ତି।

ପୁଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀ ମାମଲାରେ ୧୧୯ ଗିରଫ ଘଟଣାରେ ଜେଏମଏଫସି ଗ୍ରାମାଞ୍ଚଳ କୋର୍ଟରେ ପୂର୍ବରୁ ଜାମିନ ନାମଞ୍ଜୁର ହୋଇଥିଲା। ଏହାକୁ ଚ୍ୟାଲେଞ୍ଜ କରି ଜିଲ୍ଲା ଦୌରା ଜଜ୍ କୋର୍ଟରେ ୧୧୩ ଜଣ ଆବେଦନ କରିଛନ୍ତି। ପରବର୍ତ୍ତୀ ଶୁଣାଣି ଆସନ୍ତା ୨୩ ତାରିଖକୁ ଧାର୍ଯ୍ୟ ହୋଇଥିବା ପିପି ବିଶ୍ୱଜିତ ବରାଳ କହିଛନ୍ତି।

ପୁଲିସ ଏସ୍‌ଆଇ ପରୀକ୍ଷା ଟେଣ୍ଡର ଜରିଆରେ ପିଏସ୍‌ୟୁ ଆଇଟିଆଇ ଲିମିଟେଡ୍ ସଂସ୍ଥାକୁ ଦିଆଯାଇଥିଲା। ଏହି ସଂସ୍ଥା ଭୁବନେଶ୍ୱରର ସିଲିକନ୍ ଟେକ୍ନୋଲାବ୍‌କୁ ଓ ସିଲିକନ୍ ପକ୍ଷରୁ ଏହି କାମ ପଞ୍ଚସଫ୍ଟକୁ ଦିଆଯାଇଥିଲା। ପଞ୍ଚସଫ୍ଟକୁ ପରୀକ୍ଷା ପରିଚାଳନା ଲାଗି ୩୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ପଞ୍ଚସଫ୍ଟ ଟେକ୍ନୋଲୋଜି ଲିମିଟେଡ୍‌ର ନିର୍ଦ୍ଦେଶକ ଭାବେ ଶଙ୍କର ପୃଷ୍ଟି କାର୍ଯ୍ୟ କରୁଥିଲା। ଯେଉଁଠାରେ ଯାବତୀୟ କେଳେଙ୍କାରୀ ହୋଇଥିବା ଜଣାପଡ଼ିଛି। ବଡ଼ କଥା ହେଲା କ୍ରାଇମ୍‌ବ୍ରାଞ୍ଚ ଶଙ୍କର ପୃଷ୍ଟିର ରଘୁନାଥପୁର ଏବଂ ଅନ୍ୟ ଅଫିସରେ ଚଢଉ କରିଥିଲେ ମଧ୍ୟ ସତ୍ୟନଗରରେ ଥିବା ଶଙ୍କରର ଅଫିସ୍‌କୁ ଚଢଉ ନ କରିବାକୁ ନେଇ ସନ୍ଦେହ ବଢ଼ିଛି। କଣ ପାଇଁ ସେଠାରେ କ୍ରାଇମ୍‌ବ୍ରାଞ୍ଚ ଚଢଉ କଲାନାହିଁ ବୋଲି ପ୍ରଶ୍ନ ଉଠିଛି ।

## ଚାକିରି ବିକ୍ରି ତଦନ୍ତ ବାଟବଣା

## 'ବଡ଼ ଅଧିକାରୀଙ୍କୁ ସୁରକ୍ଷା ଦେଉଛି କ୍ରାଇମ୍‌ବ୍ରାଞ୍ଚ'

ଭୁବନେଶ୍ୱର, ୧୬ ।୧୦(ସମିସ): ପୁଲିସ୍ ଏସ୍‌ଆଇ ଚାକିରି ବିକ୍ରି ଘଟଣାରେ ବହୁ ବଡ଼ବଡ଼ ଅଧିକାରୀ ସାମିଲ୍ ଅଛନ୍ତି। ତଦନ୍ତ ହେଲେ ସେମାନେ ମଧ୍ୟ କାଠ ଗଡ଼ାକୁ ଟାଣିହେବାର ଆଶଙ୍କା ଥିବାରୁ ତଦନ୍ତକୁ ଜାଣିଶୁଣି କ୍ରାଇମ୍‌ବ୍ରାଞ୍ଚ ବାଟବଣା କରୁଛି। ଘଟଣାକୁ ୧୭ଦିନ ବିତିଥିଲେ ମଧ୍ୟ ପ୍ରକୃତ ମାଷ୍ଟରମାଇଣ୍ଡକୁ ଧରିବା ତ ଦୂର କଥା, ନାମ ମଧ୍ୟ ପ୍ରକାଶ କରିବାରେ ବିଫଳ ହୋଇଛି। ପଞ୍ଚସଫ୍ଟର ନିର୍ଦ୍ଦେଶକ ଶଙ୍କର ପୃଷ୍ଟି



ଓ ମୁନା ମହାନ୍ତିକୁ ଗଣମାଧ୍ୟମରେ ମାଷ୍ଟରମାଇଣ୍ଡ ସଜାଇ ପ୍ରକୃତ ମାଷ୍ଟରମାଇଣ୍ଡକୁ କ୍ରାଇମ୍‌ବ୍ରାଞ୍ଚ ହିଁ ସୁରକ୍ଷା ଦେଉଛି। ପରୀକ୍ଷାର୍ଥୀଙ୍କୁ ପ୍ରଶ୍ନପତ୍ର ଯୋଗାଇବା ପାଇଁ ଶଙ୍କର ଓ ମୁନାକୁ ଦାୟିତ୍ୱ ଦେଇଥିବା ବ୍ୟକ୍ତି କିଏ ବୋଲି ପ୍ରଶ୍ନ କରିବା ସହ ତାଙ୍କ ନାମ ପ୍ରକାଶ କରିବାକୁ ଷ୍ଟୁଡେଣ୍ଟ ଏଗେନଷ୍ଟ କରପସନ୍‌ର ଆବାହକ ବିଭୂତି ଭୂଷଣ ମହାପାତ୍ର ଦାବି କରିଛନ୍ତି। ବଡ଼ବଡ଼ିଆଙ୍କୁ ସୁରକ୍ଷା ଦେବାକୁ ଯାଇ ଲକ୍ଷଲକ୍ଷ ଆଶାୟୀଙ୍କ କ୍ୟାରିଅର୍ ସହ କ୍ରାଇମ୍‌ବ୍ରାଞ୍ଚ ଖେଳୁଥିବାରୁ ହାଇକୋର୍ଟରେ କାର୍ଯ୍ୟରତ ବିଚାରପତିଙ୍କ ତତ୍ତ୍ୱାବଧାନରେ ବା ସିବିଆଇକୁ ତଦନ୍ତଭାର ଦେବାକୁ ଦୋହରାଇଛନ୍ତି।

ସେ କହିଛନ୍ତି ଯେ କ୍ରାଇମ୍‌ବ୍ରାଞ୍ଚର ତଦନ୍ତ ଦିନକୁ ଦିନ ସନ୍ଦେହ ଘେରକୁ ଆସୁଛି। ଯେଉଁ ସ୍ଥାନରେ କ୍ରାଇମ୍‌ବ୍ରାଞ୍ଚ ରେଡ୍ କରୁଥିଲା, ଠିକ୍ ତା ପୂର୍ବରୁ ସମସ୍ତ କାଗଜପତ୍ର ନେଇ ଦଲାଲ୍‌ମାନେ ସେଠାରୁ ପଳାଇ ଯାଉଥିଲେ। ପ୍ରଥମେ ସେମାନଙ୍କୁ ଖସିବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ଦେବା ପରେ, ଲୋକଦେଖାଣିଆ ଭାବେ ଲୁକ୍‌ଆଉଟ୍ ସର୍କୁଲାର୍ ଜାରି କରିବା କେବଳ ତଦନ୍ତକୁ ବାଟବଣା କରିବା ପାଇଁ ଉଦ୍ଦିଷ୍ଟ ବୋଲି ସେ ଅଭିଯୋଗ କରିଛନ୍ତି। ଶଙ୍କର ଓ ମୁନା ସମେତ ପଞ୍ଚସଫ୍ଟର ଆଉ ଜଣେ ନିର୍ଦ୍ଦେଶକ ତଥା ଶଙ୍କରର ପତ୍ନୀ ଦୀପ୍ତିମୟୀ ସାହୁ, ଶ୍ରୀକାନ୍ତ ମହାରଣା ଓ

### ଶଙ୍କର ଓ ମୁନା ପାଖରେ ଅସାଧୁ ଅଧିକାରୀଙ୍କ ଗୁମର

ସୁକାନ୍ତ ମହାରଣା ଆଗୁଆ ଜାମିନ୍ ପାଇଁ ଗତ ୮ ତାରିଖରୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେଣି। ହାଇକୋର୍ଟରୁ ଜାମିନ୍ ପାଇବା ମଧ୍ୟରେ ସେମାନଙ୍କୁ ଗିରଫ ନ କରିବା ପାଇଁ ମଧ୍ୟ ଯୋଜନା ହୋଇଛି। କାରଣ ଶଙ୍କର ଧରାପଡ଼ିଲେ, ବଡ ଅଧିକାରୀ ଧରାପଡିଯିବାର ଭୟ ସରକାରଙ୍କୁ ଘାରିଥିବା ଶ୍ରୀ ମହାପାତ୍ର ଅଭିଯୋଗ କରିଛନ୍ତି।

ଏହି କେଳେଙ୍କାରୀରେ ସମ୍ପୃକ୍ତ ବ୍ୟକ୍ତି ପାତାଳରେ ଲୁଚିଥିଲେ ମଧ୍ୟ ସେମାନଙ୍କୁ କାଢ଼ି ଆଣିବୁ ବୋଲି ସରକାର କହୁଛନ୍ତି। ଏପରିକି ପୁଲିସ୍ ଡିଜି ମଧ୍ୟ ପ୍ରଥମ ଥର ପାଇଁ ମୁହଁ ଖୋଲି ସମସ୍ତଙ୍କୁ ଧରାଯିବ ବୋଲି କହିଛନ୍ତି। ହେଲେ କେବେ ଧରିବେ ଓ କିଏ ସେ ପ୍ରକୃତ ମାଷ୍ଟମାଇଣ୍ଡ ସେନେଇ ପଦୁଟିଏ ମଧ୍ୟ କହୁ ନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

## ଭିଜିଲାନ୍ସ କୋର୍ଟକୁ ଗଲା ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ ମାମଲା

ବ୍ରହ୍ମପୁର,୧୬।୧୦(ସମିସ): ପୁଲିସ ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ ମାମଲା ଏବେ ଭିଜିଲାନ୍ସ କୋର୍ଟକୁ ଯାଇଛି। ଆଜି ବ୍ରହ୍ମପୁର ଜିଲ୍ଲା ଦୌରାଜଜ୍ କୋର୍ଟରୁ ଭିଜିଲାନ୍ସ କୋର୍ଟକୁ ମାମଲା ସ୍ଥାନାନ୍ତର ହୋଇଛି। ଗିରଫ ୧୧୯ ଅଭିଯୁକ୍ତଙ୍କ ମଧ୍ୟରୁ ୧୧୩ଜଣ ଏ ଭିତରେ ଜାମିନ ଆବେଦନ କରିଥିଲେ। ଆଜି ଏହାର ଶୁଣାଣି ଥିଲା। ଜିଲ୍ଲା

■ ୨୩ରେ ୧୩ ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି
■ କେସ୍ ଡାଏରି ଦାଖଲ କରିବାକୁ କ୍ରାଇମବ୍ରାଞ୍ଚକୁ କୋର୍ଟଙ୍କ ନିର୍ଦ୍ଦେଶ

ଦୌରାଜଜ୍ ଏହାକୁ ଭିଜିଲାନ୍ସ କୋର୍ଟକୁ ସ୍ଥାନାନ୍ତର କରିବା ପରେ ସେଠାରେ ଶୁଣାଣି ହୋଇଥିଲା। ତେବେ କ୍ରାଇମବ୍ରାଞ୍ଚ ମାମଲାର କେସ୍ ଡାଏରି ଓ ଅନ୍ୟ ଦସ୍ତାବିଜ୍ ଦାଖଲ କରିନଥିବାରୁ ଶୁଣାଣି ହୋଇପାରିନଥିଲା। ଆସନ୍ତା ୨୩ତାରିଖକୁ ମାମଲାର ପରବର୍ତ୍ତୀ ତାରିଖ ଧାର୍ଯ୍ୟ କରାଯାଇଛି। ଉକ୍ତ ଦିନ ମାମଲାର ଶୁଣାଣି ହେବ। ତେଣୁ, ୨୩ ତାରିଖ ସୁଦ୍ଧା ମାମଲାର କେସ୍ ଡାଏରି ଓ ଅନ୍ୟ ପ୍ରମାଣପତ୍ର ଦାଖଲ କରିବାକୁ କ୍ରାଇମବ୍ରାଞ୍ଚକୁ କୋର୍ଟଙ୍କ ନିର୍ଦ୍ଦେଶ ହୋଇଛି। ୧୧୪ପରୀକ୍ଷାର୍ଥୀଙ୍କ ସମେତ ୩ଜଣ ଦଲାଲଙ୍କୁ ବ୍ରହ୍ମପୁର ଗୋଳନ୍ଥରା ପୁଲିସ ଗିରଫ କରିଥିବା ବେଳେ କ୍ରାଇମବ୍ରାଞ୍ଚ ପକ୍ଷରୁ ଆଉ ୨ଜଣ ଦଲାଲ ଅରବିନ୍ଦ ଦାସ ଓ ବିଶ୍ୱରଞ୍ଜନ ବେହେରାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ଏହି ମାମଲାରେ ଏଯାବତ୍ ୧୧୯ଜଣ ଗିରଫ ହୋଇ ବ୍ରହ୍ମପୁର ଜେଲରେ ବିଚାର ବିଭାଗୀୟ ହାଜତରେ ଅଛନ୍ତି।

## ୭୧୧ ହିନ୍ଦୀ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ରଦ୍ଦ କଲେ ହାଇକୋର୍ଟ

କଟକ, ୧୬।୧୦ (ସମିସ): ନିଯୁକ୍ତି ପ୍ରକ୍ରିୟାରେ ମୂଳ ନିଯୁକ୍ତି ବିଜ୍ଞପ୍ତିର ସର୍ତ୍ତାବଳୀ ଉଲ୍ଲଂଘନ ହୋଇଥିବା ନେଇ ୭୧୧ଟି ହିନ୍ଦୀ ଶିକ୍ଷକ ପଦବି ପୂରଣ ପାଇଁ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିସନ (ଓଏସ୍‌ଏସ୍‌ସି) ପକ୍ଷରୁ ଅନୁଷ୍ଠିତ ହୋଇଥିବା ନିଯୁକ୍ତି ପ୍ରକ୍ରିୟାକୁ ଆଜି ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ମୂଳ ନିଯୁକ୍ତି ବିଜ୍ଞପ୍ତି ଅନୁସାରେ ଉପରୋକ୍ତ ହିନ୍ଦୀ ଶିକ୍ଷକ ପଦ ପାଇଁ ପ୍ରିଲିମିନାରୀ ପରୀକ୍ଷା କରିବା

### ପ୍ରିଲିମିନାରୀ ପରୀକ୍ଷା କରିବାକୁ ଓଏସଏସସିକୁ ନିର୍ଦ୍ଦେଶ

ପାଇଁ ଓଏସ୍‌ଏସ୍‌ସିକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଫିରୋଜ କୁମାର ମହାପାତ୍ର, ରାକେଶ କୁମାର ବାରିକ ଓ ଅନ୍ୟମାନଙ୍କ ତରଫରୁ ଦାୟର୍ ଆବେଦନଗୁଡ଼ିକର ଏକତ୍ର ଶୁଣାଣି କରି ଉପରୋକ୍ତ ପ୍ରକ୍ରିୟା ତିନି ମାସ ଭିତରେ ସଂପୂର୍ଣ୍ଣ କରିବା ପାଇଁ ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଫଳରେ ସମସ୍ତ ପ୍ରାର୍ଥୀ ପ୍ରଥମେ ପ୍ରିଲିମିନାରି ପରୀକ୍ଷାରେ ଅଂଶଗ୍ରହଣ କରିବେ ଓ ପ୍ରିଲିମିନାରି ପ୍ରରୀକ୍ଷାରେ ଯେଉଁ ପ୍ରାର୍ଥୀ ଯୋଗ୍ୟତା ଅର୍ଜନ କରିବେ, ସେମାନେ ପରବର୍ତ୍ତୀ ଲିଖିତ ପରୀକ୍ଷା ଦେବେ। ଏଥିସହ ମୂଳ ନିଯୁକ୍ତି ବିଜ୍ଞପ୍ତି ଅନୁସାରେ ପରୀକ୍ଷାରେ ଦ୍ୱିଭାଷୀ (ହିନ୍ଦୀ ଓ ଇଂରାଜୀ) ସୁବିଧା ପ୍ରାର୍ଥୀଙ୍କୁ କମିସନ ପ୍ରଦାନ କରିବେ ବୋଲି ହାଇକୋର୍ଟ କହିଛନ୍ତି।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ସରକାରୀ ମାଧ୍ୟମିକ ସ୍କୁଲରେ ହିନ୍ଦୀ ସହ ଅନ୍ୟ ବିଭାଗରେ ୭୧୧ ହିନ୍ଦୀ ଶିକ୍ଷକ ନିଯୁକ୍ତି ପାଇଁ ଷ୍ଟାଫ୍ ସିଲେକ୍ସନ କମିସନ ପକ୍ଷରୁ ୨୦୨୪, ଅକ୍ଟୋବର ୨୨ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଯଦି ପୂରଣ ହେବାକୁ ଥିବା ପଦ ସଂଖ୍ୟାର ୫ଗୁଣ ବା ତା'ଠାରୁ ଅଧିକ ପ୍ରାର୍ଥୀଙ୍କ ସଂଖ୍ୟା ହୁଏ, ତେବେ ପ୍ରଥମେ ପ୍ରିଲିମିନାରି ପରୀକ୍ଷା କରାଯିବ ବୋଲି ନିଯୁକ୍ତି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଥିଲା।

ପ୍ରିଲିମିନାରି ପରୀକ୍ଷାର ଫଳ ଆଧାରରେ ପ୍ରସ୍ତୁତ ସଂକ୍ଷିପ୍ତ ତାଲିକାରେ ସ୍ଥାନ ପାଇଥିବା ପ୍ରାର୍ଥୀ ଲିଖିତ ପରୀକ୍ଷା ଦେବେ ବୋଲି ଏଥିରେ ଉଲ୍ଲେଖ କରାଯାଇଥିଲା। ଏଥିସହ ପରୀକ୍ଷାରେ ଉଭୟ ଇଂରାଜୀ ଓ ହିନ୍ଦୀରେ ପ୍ରଶ୍ନ ପଡ଼ିବ ବୋଲି ମଧ୍ୟ କୁହାଯାଇଥିଲା। ପୂରଣ ହେବାକୁ ଥିବା ପଦ ସଂଖ୍ୟାଠାରୁ ୫ଗୁଣରୁ ଅଧିକ ପ୍ରାର୍ଥୀ ଥିବା ବେଳେ ପ୍ରିଲିମିନାରି ପରୀକ୍ଷା ନକରି ସିଧାସଳଖ ଲିଖିତ ପରୀକ୍ଷା କରାଯାଇଥିଲା। ସେହିଭଳି ଦ୍ୱିଭାଷୀ ସୁବିଧା ପ୍ରଦାନ କରାନଯାଇ କେବଳ ହିନ୍ଦୀ ଭାଷାରେ ପ୍ରଶ୍ନ ପଡ଼ିଥିଲା। ମୂଳ ନିଯୁକ୍ତି ବିଜ୍ଞପ୍ତିର ଉଲ୍ଲଂଘନ କରି ହୋଇଥିବା ନିଯୁକ୍ତି ପ୍ରକ୍ରିୟା ତ୍ରୁଟିପୂର୍ଣ୍ଣ ବୋଲି ହାଇକୋର୍ଟ ମତ ଦେବା ସହ ଉପରୋକ୍ତ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ବିଶ୍ୱବିହାରୀ ମହାନ୍ତି ଓ ଜ୍ଞାନରଂଜନ ସେଠୀ ମାମଲା ପରିଚାଳନା କରୁଥିଲେ।

## ଏସ୍‌ସିବିରେ ଶବ ଅଦଳବଦଳ

ସାଲେପୁର, ୧୬।୧୦ (ସମିସ): ଗାଁ ଦାଣ୍ଡରେ କାନ୍ଦବୋବାଳି ପଡ଼ିଥିଲା। ସ୍ୱର୍ଣ୍ଣଲତାଙ୍କ ଶବ ଅଣାଯାଉଛି ଖବର ପାଇ ବନ୍ଧୁ, ପରିଜନ ଏକାଠି ହୋଇଥିଲେ। ମଶାଣିକୁ ମୃତଦେହ ବୋହି ନେବା ପାଇଁ କୋକେଇ ବନ୍ଧା ସରିଥିଲା। କିଛି ସମୟ ପରେ ଘର ମୁହଁରେ ଲାଗିଥିଲା ଶବବାହକ ଗାଡ଼ି। ପରିବାର, ଆତ୍ମୀୟସ୍ୱଜନ କାନ୍ଦକାନ୍ଦ ହୋଇ କଳା ପଲିଥିନ୍‌ରେ ଘୋଡ଼ା ଯାଇଥିବା ଶବକୁ ଅଗଣାକୁ ଟେକି ନେଇଥିଲେ। ହେଲେ ପଲିଥିନ୍ ଖୋଲିବା ବେଳକୁ ଜଣାପଡ଼ିଥିଲା ଏହା ସ୍ୱର୍ଣ୍ଣଲତାଙ୍କ ମୃତଦେହ ନୁହେଁ। ଏହା ସମସ୍ତଙ୍କୁ ଅବାକ୍ କରିଦେଇଥିଲା। ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିବା ସ୍ୱର୍ଣ୍ଣଲତାଙ୍କ ଶବ ବଦଳରେ ଅନ୍ୟ କାହାର ଶବ ଦିଆଯାଇଛି ବୋଲି ଅଭିଯୋଗ କରି ପରିବାରଲୋକେ ଏସ୍‌ସିବି କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ପରେ ଘଟଣା ବାବଦରେ ସ୍ପଷ୍ଟ ଚିତ୍ର ମିଳିଥିଲା। ଏସ୍‌ସିବି ଶବ ବ୍ୟବଚ୍ଛେଦ ଗୃହରେ ମୃତଦେହ ଅଦଳବଦଳ ହୋଇଛି ବୋଲି ଜଣାପଡ଼ିଥିଲା। ସାଲେପୁରରେ ଘଟିଥିବା ଏହି ଘଟଣା ଆଜି ଚର୍ଚ୍ଚାର ବିଷୟ ହୋଇଛି।

ସାଲେପୁର ବ୍ଲକ୍ ଅନ୍ତର୍ଗତ ଲୁଣାହାର ଗ୍ରାମର ସ୍ୱର୍ଗତ ନରେନ୍ଦ୍ର କୁମାର ସାହୁଙ୍କ ପତ୍ନୀ ସ୍ୱର୍ଣ୍ଣଲତା ସାହୁ(୬୨) ଗତକାଲି ରାତିରେ ହଠାତ୍ ହୃଦ୍‌ଘାତର ଶିକାର ହୋଇ ଗୁରୁତର ହୋଇଥିଲେ।

ତାଙ୍କୁ ସଙ୍ଗେସଙ୍ଗେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ଏସ୍‌ସିବି ମେଡିକାଲକୁ ପଠାଇଥିଲେ।

ବଡ଼ ମେଡ଼ିକାଲରେ ଚିକିତ୍ସାଧୀନ ଅବସ୍ଥାରେ ସ୍ୱର୍ଣ୍ଣଲତାଙ୍କର ମୃତ୍ୟୁ ଘଟିଥିଲା। ଆଜି ସକାଳେ ଡାକ୍ତରଙ୍କ ନିର୍ଦ୍ଦେଶକ୍ରମେ ମୃତ ସ୍ୱର୍ଣ୍ଣଲତାଙ୍କ ଶବ ବ୍ୟବଚ୍ଛେଦ

■ ଶେଷକୃତ୍ୟ ପୂର୍ବରୁ ଜଣାପଡ଼ିଲା
■ କେନ୍ଦୁଝରର ମହିଳାଙ୍କ ଶବ ସାଲେପୁର ନିଆଯାଇଥିଲା

କରାଯାଇଥିଲା। ବ୍ୟବଚ୍ଛେଦ ପରେ ଏକ ଜରିରେ ଶବକୁ ପ୍ୟାକ୍ କରି ତାଙ୍କ ପୁଅ କୈଳାସ ସାହୁଙ୍କୁ ହସ୍ତାନ୍ତର କରାଯାଇଥିଲା। କୈଳାସ ମା'ଙ୍କର ଶବ ଧରି ଘରେ ପହଞ୍ଚି ଶେଷକୃତ୍ୟ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରି ଚୂଡ଼ାନ୍ତ ସମୟ ବେଳକୁ ଜରି ପ୍ୟାକିଂ ଖୋଲି ଦେଖିଲା ବେଳକୁ ସେଥିରେ ସ୍ୱର୍ଣ୍ଣଲତାଙ୍କ ଶବ ବଦଳରେ ଅନ୍ୟ ଜଣେ ମହିଳାଙ୍କ ଶବ ଥିଲା। ଏ ସଂପର୍କରେ ସେ ସଙ୍ଗେସଙ୍ଗେ କଟକ ବଡ଼ ମେଡ଼ିକାଲ ସହ ଯୋଗାଯୋଗ କରିବାରୁ ଶବଟି ଭୁଲ୍‌ରେ ବଦଳ ହୋଇଯାଇଥିବା ମେଡ଼ିକାଲ ପକ୍ଷରୁ ସୂଚନା ଦିଆଯାଇଥିଲା। ପରେ କୈଳାସ ଓ ଗ୍ରାମବାସୀମାନେ ପୁନର୍ବାର ଶବଟିକୁ ପ୍ୟାକ୍ କରି କଟକ ବଡ଼ ମେଡ଼ିକାଲକୁ ନେଇଥିଲେ। ଉକ୍ତ ଶବଟି କେନ୍ଦୁଝର ଅଞ୍ଚଳର ଜଣେ




ମହିଳାଙ୍କର ବୋଲି ଜଣାଯାଇଛି। ଅଜଣା ଶବଟିକୁ ମେଡ଼ିକାଲ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କଲା ପରେ କୈଳାସଙ୍କୁ ତାଙ୍କ ମା'ଙ୍କ ଶବ ଫେରସ୍ତ କରିଥିଲେ। ଏସ୍‌ସିବି କର୍ତ୍ତୃପକ୍ଷଙ୍କ ଖାମଖିଆଲି ନୀତି ଯୋଗୁଁ ଏଭଳି ଶବ ବଦଳ ଘଟଣା ଘଟିଥିବା ସାଧାରଣରେ ଆଲୋଚନା ହେଉଛି। ପ୍ରକାଶଯୋଗ୍ୟ, ମୃତ ସ୍ୱର୍ଣ୍ଣଲତା ଲୁଣାହାର ପ୍ରାଥମିକ ବିଦ୍ୟାଳୟରେ ପାଚିକା ଭାବେ କାର୍ଯ୍ୟ କରୁଥିଲେ।

## ବିଜେଡିକୁ ଫେରିଲେ ନୂଆପଡ଼ାର ବରିଷ୍ଠ ଆଦିବାସୀ ନେତା

ଭୁବନେଶ୍ୱର,୧୬।୧୦(ସମିସ): ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଉପସଭାପତି ପ୍ରତାପ ଜେନା ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ସଭାପତି ତଥା ନୂଆପଡ଼ା ଜିଲ୍ଲା ପରିଷଦ

■ ଭାନୁ ପ୍ରତାପ ସିଂହ ମାଝୀଙ୍କ ପ୍ରତ୍ୟାବର୍ତ୍ତନ, ବିଜେଡିର ଶକ୍ତି ବୃଦ୍ଧି
■ ନୂଆପଡ଼ାରେ ବିଜେଡିର ବିଜୟ ସୁନିଶ୍ଚିତ: ଭାନୁପ୍ରତାପ

ସଦସ୍ୟ ଭାନୁପ୍ରତାପ ସିଂହ ମାଝୀଙ୍କର ବହିଷ୍କାର ପ୍ରତ୍ୟାହାର କରିଛନ୍ତି। ବହିଷ୍କାର ପ୍ରତ୍ୟାହାର ପରେ ଶଙ୍ଖ ଭବନଠାରେ ଶ୍ରୀ ମାଝୀଙ୍କୁ ଦଳ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଛି। ଦଳର ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ଉପସଭାପତି ପ୍ରତାପ ଜେନା, ଉପସଭାପତି ଅତନୁ ସବ୍ୟସାଚୀ ନାୟକ ଓ ରାଜ୍ୟସଭା ସାଂସଦ ତଥା ସାଧାରଣ ସମ୍ପାଦକ ନିରଞ୍ଜନ ବିଶି ଶ୍ରୀ ମାଝୀଙ୍କୁ ପୁଷ୍ପଗୁଚ୍ଛ



ଓ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଛନ୍ତି।

ଉଲ୍ଲେଖ୍ୟଯୋଗ୍ୟ, ନୂଆପଡ଼ା ଜିଲ୍ଲା ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଘାସିରାମ ମାଝୀଙ୍କ ପୁତୁରା ହେଉଛନ୍ତି ଭାନୁପ୍ରତାପ ସିଂହ ମାଝୀ। ଶ୍ରୀ ମାଝୀ ତିନି ତିନିଥର ଜିଲ୍ଲା ପରିଷଦ ସଭ୍ୟ ନିର୍ବାଚିତ ହୋଇଥିଲା ବେଳେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ସଭାପତି ଅଛନ୍ତି।

ଏହି ଅବସରରେ ଶ୍ରୀ ମାଝୀ ତାଙ୍କ ବକ୍ତବ୍ୟରେ କହିଛନ୍ତି ଯେ ବିଜୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ଏବଂ ନବୀନ ବାବୁଙ୍କ ନେତୃତ୍ୱରେ ମୁଁ ଦୀର୍ଘ ଦିନ ଧରି ପ୍ରଥମେ ଜନତା ଦଳ ଏବଂ ପରେ ବିଜୁ ଜନତା ଦଳରେ କାର୍ଯ୍ୟ କରିଆସୁଛି। ଦଳରୁ ବହିଷ୍କୃତ ହୋଇଥିଲେ ମଧ୍ୟ କୌଣସି ଅନ୍ୟ ଦଳରେ ଯୋଗ ଦେଇନାହିଁ। ବିଜେଡିର ନୀତି ଆଦର୍ଶରେ ବିଶ୍ୱାସ ରଖି ରାଜନୀତି କରିଆସୁଛି। ଆଜି ବହିଷ୍କାର ଆଦେଶ ପ୍ରତ୍ୟାହୃତ ହେବା ପରେ ମୁଁ ନିଜ ଘରୁ ଫେରି ଆନନ୍ଦିତ। ନୂଆପଡ଼ା ଉପନିର୍ବାଚନରେ ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆଙ୍କ ବିପୁଳ ବିଜୟ ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବୁ। ନବୀନ ବାବୁଙ୍କ କାର୍ଯ୍ୟକାଳ ସମୟରେ ନୂଆପଡ଼ାରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ହୋଇଛି। ନୂଆପଡ଼ାବାସୀ ବିଜେଡି ସହିତ ଅଛନ୍ତି ଏବଂ ଆଗାମୀ ଉପନିର୍ବାଚନରେ ଦଳର ବିଜୟ ସୁନିଶ୍ଚିତ।

## ବିଜେଡିର ୫୨ ନେତାଙ୍କୁ ନୂଆପଡ଼ା ପ୍ରଚାର ମଙ୍ଗ

ଭୁବନେଶ୍ୱର,୧୬।୧୦(ସମିସ): ନୂଆପଡ଼ା ଉପନିର୍ବାଚନରେ ପ୍ରଚାର କାର୍ଯ୍ୟକ୍ରମକୁ ସଂଗଠିତ, ଯୋଜନାବଦ୍ଧ ତଥା ସଫଳ ଭାବେ ତୁଲାଇବା ପାଇଁ ବିଜେଡି ସଭାପତି ନବୀନ ପଟ୍ଟନାୟକ ଏକ ବଡ଼ ଟିମ୍ ଘୋଷଣା କରିଛନ୍ତି। ନୂଆପଡ଼ା ଓ କୋମନା ବ୍ଲକରେ ପ୍ରଚାର କାର୍ଯ୍ୟକ୍ରମ ତଦାରଖ

■ ନୂଆପଡ଼ା ଓ କୋମନାରେ ୩୬ ନେତାଙ୍କୁ ଦାୟିତ୍ୱ
■ ଖରିଆର ରୋଡ ଓ ନୂଆପଡ଼ା ଏନଏସି ପାଇଁ ୧୬

ପାଇଁ ମୋଟ ୩୬ ଜଣ ନେତାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ଖରିଆର୍ ରୋଡ ଏନଏସି ଓ ନୂଆପଡ଼ା ଏନଏସି ପାଇଁ ୮ ଜଣ ଲେଖାଏଁ ୧୬ ଜଣ ନେତାଙ୍କୁ ନବୀନ ଦାୟିତ୍ୱ ପ୍ରଦାନ କରିଛନ୍ତି।

ନୂଆପଡ଼ା ବ୍ଲକ ପାଇଁ ବରିଷ୍ଠ ନେତା ନିରଞ୍ଜନ ପୂଜାରୀ, ସଞ୍ଜୟ ଦାସବର୍ମା, ଡ. ଅରୁଣ କୁମାର ସାହୁ, ପ୍ରତାପ ଜେନା, କ୍ୟାପ୍ଟେନ ଦିବ୍ୟଶଙ୍କର ମିଶ୍ର, ପ୍ରୀତିରଞ୍ଜନ ଘଡ଼ାଇ, ଧ୍ରୁବଚରଣ ସାହୁ, ମନୋହର ରାନ୍ଧାରୀ, ପ୍ରଦୀପ ଦିଶାରୀ, ବ୍ରଜକିଶୋର ପ୍ରଧାନ, ରମେଶ ଚନ୍ଦ୍ର ବେହେରା, ସାରଦା ପ୍ରସନ୍ନ ଜେନା, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସୁଦର୍ଶନ ହରିପାଲ, ପ୍ରସାନ୍ତ କୁମାର ବେହେରା, ଦେବୀରଞ୍ଜନ ତ୍ରିପାଠୀ ଓ ନିହାର ରଞ୍ଜନ ବେହେରାଙ୍କୁ ଦାୟିତ୍ୱ ମିଳିଛି। ନୂଆପଡ଼ା ଏନଏସି ପାଇଁ ଅତନୁ ସବ୍ୟସାଚୀ ନାୟକ, ସାରଦା ପ୍ରସାଦ ନାୟକ, ଦେବେଶ ଆଚାର୍ଯ୍ୟ, ମନୋରମା ମହାନ୍ତି, ଦୀପାଳି ଦାସ, ଆୟୁବ ଖାନ୍, ରୀତା ସାହୁ, ସ୍ୱରୂପ ଦାସଙ୍କୁ ନବୀନ ପ୍ରଚାର ଦାୟିତ୍ୱ ପ୍ରଦାନ କରିଛନ୍ତି। ସେହିପରି କୋମନା ବ୍ଲକରେ ପ୍ରଣବ ପ୍ରକାଶ ଦାସ, ପ୍ରତାପ ଦେବ, ଅଧିରାଜ ପାଣିଗ୍ରାହୀ, ପୁଷ୍ପେନ୍ଦ୍ର ସିଂହଦେଓ, ଯୋଗେଶ ସିଂ, ରବି ନନ୍ଦ, ପ୍ରଦୀପ ମାଝୀ, ନଳିନୀକାନ୍ତ ପ୍ରଧାନ, ବ୍ୟୋମକେଶ ରାୟ, ସୁଶାନ୍ତ କୁମାର ରାଉତ, ସୁଭାଶିଷ ଖୁଣ୍ଟିଆ, ଜଗନ୍ନାଥ ସାରକା, ସରୋଜ ମେହେର, ବିଶ୍ୱରଞ୍ଜନ ମଲ୍ଲିକ, ଅବିନାଶ ସାମଲ, ଇଶ୍ୱର ପାଣିଗ୍ରାହୀ, ରୋହିତ୍ ଯୋଶେଫ ତିର୍କୀ ଓ ଉମାକାନ୍ତ ସାମନ୍ତରାୟ ପ୍ରଚାର ମଙ୍ଗ ସମ୍ଭାଳିବେ। ସେହିପରି ଖରିଆର୍ ରୋଡ ଏନଏସି ପାଇଁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିକ୍ରମ ପଣ୍ଡା, କଳିକେଶ ନାରାୟଣ ସିଂହଦେଓ, ପ୍ରଦ୍ୟୁମ୍ନ ତ୍ରିପାଠୀ, ସୌଭିକ୍ ବିଶ୍ୱାଳ, ଗୌତମବୁଦ୍ଧ ଦାସ, ପ୍ରଶାନ୍ତ ମୁଦୁଲି, ରୁଦ୍ରପ୍ରତାପ ମହାରଥୀ ପ୍ରଚାର କାର୍ଯ୍ୟ ତୁଲାଇବେ ବୋଲି ଦଳୀୟ କାର୍ଯ୍ୟାଳୟରୁ ନିର୍ଦ୍ଦେଶନାମା ଜାରି କରାଯାଇଛି।



ଭୁବନେଶ୍ୱର ସିଟି

# ଦୀପାବଳି ରାତିରେ ଜଗିବେ ୨୨ ପ୍ଲାଟୁନ ପୁଲିସ

ଭୁବନେଶ୍ୱର, ୧୬।୧୦(ସମିସ): ଆଲୋକର ପର୍ବ ଦୀପାବଳିକୁ ସହରବାସୀ ଶାନ୍ତିଶୃଙ୍ଖଳାରେ ପାଳନ କରିବା ପାଇଁ ପୁଲିସ କଡ଼ା ପଦେକ୍ଷପ ଗ୍ରହଣ କରିଛି। ଦୀପାବଳି ଦିନ ରାତିରେ ରାଜଧାନୀରେ ୨୨ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହେବ। ସେମାନେ ବିଭିନ୍ନ ଛକ ଏବଂ ବଜାର ଘାଟରେ ଜଗିବେ। ଆହୁରି ମଧ୍ୟ ଅମାନିଆ ଉତ୍ପାତ କଲେ ସେମାନଙ୍କୁ ଏହି ଫୋର୍ସ ସାବାଡ଼ କରିବେ। ବିଶେଷ କରି ମଦୁଆ ଏବଂ ଅମାନିଆ ଉତ୍ପାତ କରିବାର ସମ୍ଭାବନା ରହିଛି। ଏପରିକି ସେମାନେ ମଦ ପିଇ ଦୀପାବଳି ରାତିରେ ମହିଳା ଏବଂ ଯୁବତୀଙ୍କୁ ଅସଦାଚରଣ କରନ୍ତି। ତେଣୁ ପୁଲିସ ଏହି ମଦୁଆଙ୍କୁ ସାବାଡ଼ କରିବା ପାଇଁ ଏକ ସ୍ପେଶାଲ ଟିମ୍ ଗଠନ କରାଯାଇଛି। କେଉଁଠି ଅଘଟଣ ଘଟିଲେ ତୁରନ୍ତ ସେଠାରେ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣ କରିବ। ମଦୁଆମାନେ ମଦ ପିଇ ଗଣ୍ଡଗୋଳ କଲେ ତୁରନ୍ତ ଏହି ଟିମ୍ ପହଞ୍ଚି ସେମାନଙ୍କୁ କାବୁ କରି ଥାନାକୁ ଆଣିବେ। ଆହୁରି ମଧ୍ୟ ମହିଳାଙ୍କୁ ସୁରକ୍ଷା ଦେବାକୁ ମଧ୍ୟ ଟିମ୍‌କୁ କୁହାଯାଇଛି। ସ୍ପେଶାଲ ଟିମ୍‌ରେ ଥିବା ସଦସ୍ୟମାନେ ଗଳି କନ୍ଦି ଏବଂ ବଜାର ଘାଟ ବୁଲିବେ। ସେଠାରେ ଯଦି ମହିଳାଙ୍କୁ ଅଶ୍ଳୀଳ ଇଙ୍ଗୀତ ଏବଂ ଅସଦାଚରଣ କରନ୍ତି, ତୁରନ୍ତ ସେମାନଙ୍କୁ ବାନ୍ଧିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନେକ ଅମାନିଆ ଦୀପାବଳୀ ଦିନ ରାଗ ସୁଝାନ୍ତି। ସେମାନେ ଜାଣିଶୁଣି ବମ୍ ଅନ୍ୟ ଘର ଉପରକୁ ପକାନ୍ତି। ଫଳରେ ଅଗ୍ନିକାଣ୍ଡ ଏବଂ ଅନ୍ୟାନ ଦୁର୍ଘଟଣା ଘଟିଥାଏ। ତେଣୁ ଏଭଳି କେହି କଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଭଳି କେହି କରୁଥିଲେ ତୁରନ୍ତ ୧୧୨କୁ ଫୋନ୍ କରି ଜଣାଇବାକୁ ପରାମର୍ଶ ଦିଆଯାଇଛି। ସେହିପରି ସବୁ ଥାନା ଅଧିକାରୀଙ୍କୁ ଆଲର୍ଟ ରହିବାକୁ କୁହାଯାଇଛି। ଦୀପାବଳି ରାତିରେ କିଛି ଅଘଟଣ ଘଟିବା ନେଇ ଖବର ମିଳେ ତୁରନ୍ତ ସେଠାରେ ପହଞ୍ଚିବାକୁ କୁହାଯାଇଛି। ପହଞ୍ଚିବା ପରେ ଆହତଙ୍କୁ ମେଡ଼ିକାଲ ନେବାକୁ କୁହାଯାଇଛି। ସେହିପରି ଚୋରି ରୋକିବାକୁ ପାଟ୍ରୋଲିଂ ଜୋରଦାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

**ଅମାନିଆ, ମଦୁଆଙ୍କ ଉପରେ ରହିବ ଫୋକସ୍**

**ଅଘଟଣ ରୋକିବାକୁ ସ୍ପେଶାଲ ଟିମ ଗଠନ**

**ଅଗ୍ନିଶମ, ଡାକ୍ତର ସଜାଗ ରହିବାକୁ ପରାମର୍ଶ**

**ଗଳିକନ୍ଦିରେ ପଇଁତରା ମାରିବ ହର୍ ଟିମ୍**


ଦୁଇ ଘଣ୍ଟା ବାଣ ଫୁଟାଇବାକୁ ଅନୁମତି ଦିଆଯାଇଛି। ତେଣୁ ଯଦି କେହି ବ୍ୟକ୍ତି ନିୟମ ନମାନି ବାଣ ଫୁଟାନ୍ତି ତେବେ ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସବୁ ଥାନାକୁ କୁହାଯାଇଛି। ଦିପାବଳୀ ଦିନ ଏକାଧିକ ଦୁର୍ଘଟଣା ଘଟିବାର ସମ୍ଭାବନା ରହିଛି। ଗାଡ଼ି ଦୁର୍ଘଟଣା ଠାରୁ ଆରମ୍ଭ କରି ବାଣ ପଡ଼ି ପେଡ଼ିଯିବା ଭଳି ଘଟଣା ପୂର୍ବ ଦିନମାନଙ୍କରେ ଦେଖିବାକୁ ମିଳିଛି। ତେଣୁ କାହାର ଜୀବନ ହାନୀ ନହେବ ତାହାର ବ୍ୟବସ୍ଥା ପୁଲିସ କହିଛି। ଆମ୍ବୁଲାନ୍ସ ସଜାଗ କରି ରହିବା ସହ ଡାକ୍ତରମାନଙ୍କୁ ଆଲର୍ଟରେ ରହିବାକୁ ପୁଲିସ ପରାମର୍ଶ ଦେଇଛି। ଯେପରି ଦୁର୍ଘଟଣା ହେଲେ ଲୋକଙ୍କୁ ତୁରନ୍ତ ଚିକିତ୍ସା କରାଯାଇ ପାରିବ ସେନେଇ ଡିସିପି କହିଛନ୍ତି।

ସେହିପରି ଅଗ୍ନିଶମ ବିଭାଗ ମଧ୍ୟ ଅଘଟଣର ମୁକାବିଲା କରିବା ପାଇଁ ପ୍ରସ୍ତୁତ ରହିଛି। ସେଣ୍ଟ୍ରୋଲ ରେଞ୍ଜ, ଉତ୍ତରାଞ୍ଚଳରେଞ୍ଜ ଏବଂ ଦକ୍ଷିଣାଞ୍ଚଳ ରେଞ୍ଜ ଭାବେ ସକ୍ରିୟ ରହିବେ ଅଗ୍ନିଶମ ବିଭାଗ। ଟ୍ୱିନ୍ ସିଟିରେ ୭ଟି ଫାୟାର ଷ୍ଟେସନ କରିବ ଅଗ୍ନିଶମ ବିଭାଗ।

## ବିମାନବନ୍ଦରରୁ ହତ୍ୟା ଅଭିଯୁକ୍ତକୁ ଉଠାଇନେଲା ଚେନ୍ନାଇ ପୁଲିସ

ଭୁବନେଶ୍ୱର, ୧୬।୧୦(ସମିସ): ଦୀର୍ଘଦିନ ଧରି ଫେରାର ଥିବା ଜଣେ ହତ୍ୟାକାରୀକୁ ଭୁବନେଶ୍ୱର ବିମାନ ବନ୍ଦରରୁ ଚେନ୍ନାଇ ପୁଲିସ ଗିରଫ କରିଛି। ସେ ବାଙ୍କକରୁ ବିମାନ ଯୋଗେ ଭୁବନେଶ୍ୱର ଆସୁଥିଲା। ହେଲେ ଖବର ପାଇ ଚେନ୍ନାଇ ପୁଲିସ ଆଗରୁ ଭୁବନେଶ୍ୱର ବିମାନ ବନ୍ଦରରେ ଛକି ରହିଥିଲେ। ହତ୍ୟାକାରୀ ବିମାନ ବନ୍ଦରରୁ ଓହ୍ଲାଇବା ପରେ ମାଡ଼ ବସିଥିଲା ପୁଲିସ। ସ୍ଥାନୀୟ ଥାନାକୁ ନେଇ ପଚରାଉଚରା ପରେ ଚେନ୍ନାଇ ନେଇଯାଇଥିଲା ପୁଲିସ। ଏହି ହତ୍ୟାକାରୀ ବିରୋଧରେ ଲୁକ୍‌ଆଉଟ୍ ଜାରି କରାଯାଇଛି। ଚେନ୍ନାଇ ପୁଲିସ ଚିଠି ଆଧାରରେ ବ୍ୟୁରୋ ଅଫ୍ ଇମିଗ୍ରେସନକୁ ଲୁକ୍‌ଆଉଟ୍ ଜାରି କରିଥିଲେ।




## ବିଜେଡି ପକ୍ଷରୁ ଅସୀମ ବସୁଙ୍କ ଜୟନ୍ତୀ




ଭୁବନେଶ୍ୱର, ୧୬।୧୦(ସମିସ): ରବୀନ୍ଦ୍ର ମଣ୍ଡପଠାରେ ଅବସ୍ଥିତ କବି, ଚିତ୍ରକର, ଅଭିନେତା ତଥା କଳା ନିର୍ଦ୍ଦେଶକ ଅସୀମ ବସୁଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ଏହି ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତିଙ୍କ ସଂଯୋଜନାରେ ଏହା ଅନୁଷ୍ଠିତ ହୋଇଥିଲା। ସର୍ବ ପ୍ରଥମେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା ପ୍ରାରମ୍ଭରେ ଅସୀମ ବସୁ ଉପରେ ସ୍ୱରଚିତ କବିତା ଆବୃତ୍ତି କରିଥିଲେ ଶିକ୍ଷାବିତ୍ କାମଦେବ ମହାପାତ୍ର। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ଗିରିଜା ଶଙ୍କର ମହାପାତ୍ର, ନରସିଂହ ବେହେରା ପ୍ରାଧ୍ୟାପକ ରଙ୍ଗାଧର ସାହୁ, ମେଘନାଦ ମହାରଣା, ବିଜୟ ସାହୁ, ମାନସ ବେହେରା, ସୁଜ୍ଞାନ ଓଝା, ଶୁଭଙ୍କର ସାହୁ, ପ୍ରଶାନ୍ତ ସ୍ୱାଇଁ ପ୍ରମୁଖ ଯୋଗଦାନ କରି ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଶେଷରେ ଅମିତ୍ ପାତାଳ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

**ପଥରରେ ଛେଚି ହତ୍ୟା ମାମଲା**

## ରେଳବାଇ ପଡ଼ିଆ ହତ୍ୟାକାଣ୍ଡ ପଛରେ ସମାନ ବ୍ୟକ୍ତି!


ଭୁବନେଶ୍ୱର, ୧୬।୧୦(ସମିସ): ଚନ୍ଦ୍ରଶେଖରପୁର ଥାନା ଚୂନକୋଳି ବସ୍ତିରେ ଘଟିଥିବା ହତ୍ୟାକାଣ୍ଡର ସୁରାକ ପାଇଛି ପୁଲିସ। ପୁଲିସ ମୃତ ବ୍ୟକ୍ତିଙ୍କ ପରିଚୟ ପାଇ ନ ଥିବା ବେଳେ ହତ୍ୟାକାରୀ ସାଇକୋ କିଲର ସମ୍ପର୍କରେ ସୂଚନା ପାଇଛି। ପୁଲିସ ଏହି ସୂଚନା ଆଧାରରେ ସାଇକୋ କିଲରକୁ ଖୋଜିଛି। ହତ୍ୟା ସମୟରେ ଜଣେ ତୃତୀୟ ଲିଙ୍ଗୀ ବ୍ୟକ୍ତି ଦେଖିଥିବା ଚର୍ଚ୍ଚା ହେଉଛି। ଏହି ତୃତୀୟ ଲିଙ୍ଗୀ ବ୍ୟକ୍ତିଙ୍କୁ ପୁଲିସ ପଚରାଉଚରା କରିବା ପରେ ଅନେକ ତଥ୍ୟ ମିଳିଛି। ଯେଉଁ ସ୍ଥାନରେ ହତ୍ୟା ହୁଏ ସେଠାରେ ରାତିରେ ତୃତୀୟ ଲିଙ୍ଗୀମାନେ ଛିଡ଼ା ହୁଅନ୍ତି। ସେମାନେ ରାତି ୭ରୁ ୧୨ ପର୍ଯ୍ୟନ୍ତି ଛିଡ଼ା ହୋଇଥାନ୍ତି। ଏହି ହତ୍ୟାକାଣ୍ଡ ମଧ୍ୟ ୧୦ରୁ ୧୧ଟା ଭିତରେ ହୋଇଛି। ତେଣୁ ଜଣେ ତୃତୀୟ ଲିଙ୍ଗୀ ବ୍ୟକ୍ତି ସାଇକୋ କିଲରକୁ ଦେଖିବାକୁ କୁହାଯାଉଛି। ପୁଲିସ ଏହି ସାଇକୋ କିଲରକୁ ଧରିବାକୁ ଉଦ୍ୟମ କରୁଛି। ହତ୍ୟା ପରେ ଏହି ସାଇକୋ କିଲର ଗ୍ରାମକୁ ପଳାଇ ଯାଉଛି। ବଡ଼ କଥା ହେଲା ଏହି ସାଇକୋ କିଲର ମଞ୍ଚେଶ୍ୱର ରେଲୱେ ପଡ଼ିଆ ଶୌଚାଳୟ ପଛରେ ହୋଇଥିବା ହତ୍ୟା ପଛରେ ଏହି ସାଇକୋ କିଲରର ହାତ ଥିବା ସନ୍ଦେହ କରାଯାଉଛି। କାରଣ ସମାନ ଢଙ୍ଗରେ ସେ ମୁଣ୍ଡକୁ ଛେଚି ହତ୍ୟା କରୁଛି। ରେଲୱେ ପଡ଼ିଆରୁ ଠାବ ହୋଇଥିବା ମୃତ ବ୍ୟକ୍ତିର ଏହିଭଳି ମୁଣ୍ଡକୁ ପିଟି ହତ୍ୟା କରାଯାଇଥିଲା।

**■ ହତ୍ୟାକାରୀଙ୍କ ବିଷୟରେ ସୁରାକ ପାଇଛି ପୁଲିସ**

ତେଣୁ ଏହି ଦୁଇଟି ହତ୍ୟା ପଛରେ ଏହି ସାଇକୋ କିଲରର ହାତ ରହିଥିବା କୁହାଯାଉଛି। ପୁଲିସ ଉଭୟମାମଲାକୁ ଗୁରୁତର ସହ ନେଇ ତଦନ୍ତ କରୁଛି। ରେଲୱେ ପଡ଼ିଆରେ ହୋଇଥିବା ହତ୍ୟା ସ୍ଥାନରେ ମଧ୍ୟ ଏହି ତୃତୀୟ ଲିଙ୍ଗୀ ରାତିରେ ଛିଡ଼ା ହୁଅନ୍ତି। ତେଣୁ ଏହା ପଛରେ ଏକ ରହସ୍ୟ ରହିଛି। କାରଣ ଯେଉଁ ସ୍ଥାନରେ ତୃତୀୟ ଲିଙ୍ଗୀ ରାତିରେ ଛିଡ଼ା ହେଉଛନ୍ତି ସେଠାରେ ହତ୍ୟା ହେଉଛି। ତେଣୁ ପୁଲିସ ପାଇଁ ଏହି ସାଇକୋ କିଲରକୁ ଧରିବା ଏକ ପ୍ରକାର ଚ୍ୟାଲେଞ୍ଜ ହୋଇଯାଇଛି। ଆହୁରି ମଧ୍ୟ ହତ୍ୟାକାରୀ ସାଇକୋ କିଲର ସହର ଭିତରକୁ ଆସୁନି। ଏହାର ଆଖିପାଖରେ ଅନ୍ଧାରୁଆ ସ୍ଥାନରେ ବୁଲି ହତ୍ୟା କରୁଛି। ପୁଲିସ ଏବେ ସନ୍ଦେହ କରୁଛି ଏହି ସାଇକୋ କିଲର ପୂର୍ବରୁ ମଧ୍ୟ ଅନେକ ମାମଲା କରିଛି। କିନ୍ତୁ ତାହା ପୁଲିସ ନଜରକୁ ଆସିନାହିଁ। ବର୍ଷେ ତଳେ ବାରଙ୍ଗ ଷ୍ଟେସନରୁ ଏକ ମୃତଦେହ ଜବତ ହୋଇଥିଲା। ଉକ୍ତ ବ୍ୟକ୍ତିର ମୁଣ୍ଡକୁ ଛେଚି ହତ୍ୟା କରାଯାଇଥିଲା। ତେଣୁ ଏହି ମାମଲା ପଛରେ ଉକ୍ତ ସାଇକୋ କିଲରର ହାତ ରହିଥିବା ସନ୍ଦେହ କରାଯାଉଛି। ପୁଲିସ ସବୁ ଦିନକୁ ନେଇ ଏବେ ଖୋଳତାଡ଼ କରୁଛି। ୩ ଦିନ ତଳେ ଯୁବକଙ୍କ ମୁହଁ ଏବଂ ମୁଣ୍ଡ ଛେଚା ହୋଇଥିବା ବେଳେ ଉଲଗ୍ନ ଅବସ୍ଥାରେ ମୃତଦେହ ଚୁନକୋଳି ବସ୍ତିରେ ପଡ଼ିଥିଲା। ମୃତଦେହ ନିକଟରେ କିଛି ଟଙ୍କା ଏବଂ ପଥର ପଡ଼ିଥିଲା। ଯାହାକୁ ଫୋରେନ୍‌ସିକ୍ ଟିମ୍ ପରୀକ୍ଷା ପାଇଁ ନେଇଛି। ସ୍ଥାନୀୟ ଲୋକ ଏବଂ ଠିକାଦାର ମୃତଦେହକୁ ଚିହ୍ନଟ କରିଥିଲେ ମଧ୍ୟ କେହି ଚିହ୍ନି ପାରିନଥିଲେ।

## ଅସୀମ ଦା’ଙ୍କୁ ଉତ୍ସର୍ଗ ଚା ଖଟି

ଭୁବନେଶ୍ୱର, ୧୬।୧୦(ସମିସ): ରବୀନ୍ଦ୍ର ମଣ୍ଡପ ସମ୍ମୁଖ ଚା ଖଟିକୁ ଆସନ୍ତି ନାଟ୍ୟକାର, ଅଭିନେତା, ସାହିତ୍ୟକ ଓ ଆହୁରି ଅନେକ। ଏକଦା ଏଇ ଖଟିକୁ ନିୟମିତ ଆସୁଥିଲେ ଦିବଂଗତ ଚିତ୍ରଶିଳ୍ପୀ ଅସୀମ ବସୁ। ଏଇ ଖଟିକୁ ସେ ନିତି ଆସୁଥିଲେ, ବସୁଥିଲେ, ଚା’ ପିଉଥିଲେ, ନାଟକ, ସାହିତ୍ୟ ଓ କଳା ସମ୍ପର୍କରେ ଆଲୋଚନା ତଥା ଖଟି କରୁଥିଲେ। ଅସୀମ ବସୁଙ୍କ ତିରୋଧାନ ପରେ ଖଟିକୁ ଆସୁଥିବା ନିୟମିତ ଖଟିଆଳମାନେ ଖଟିକୁ ଅସୀମ ଦା’ଙ୍କୁ ଉତ୍ସର୍ଗ କରିଛନ୍ତି। ଅସୀମ ଦାଙ୍କ ୯୩ତମ ଜୟନ୍ତୀ ଅବସରରେ ଅସୀମ ବସୁ ଫାଉଣ୍ଡେସନ ଆୟୋଜିତ ଏକ ଅନୌପଚାରିକ ଉତ୍ସବରେ ଖଟିର ନୂଆ ନାମକରଣ କରିଛନ୍ତି ‘ଅସୀମ ଦା’ ଚା ଖଟି’। ଏଇ ଖଟିରେ ବିଶିଷ୍ଟ ଚିତ୍ରଶିଳ୍ପୀ ରାମହରି ଜେନାଙ୍କ ଦ୍ୱାରା ଅଙ୍କିତ ଅସୀମ ଦାଙ୍କ ଚିତ୍ରକୁ ବହୁ ପରିଚିତ ଅସୀମ ପ୍ରେମୀମାନେ ଉପସ୍ଥିତ ରହି ଉନ୍ମୋଚନ କରିଥିଲେ। ଅସୀମ ବସୁ ଫାଉଣ୍ଡେସନ ସଭାପତି ରାମହରି ଜେନା ଓ ସମ୍ପାଦକ ପବିତ୍ର ମୋହନ କରଙ୍କ ଉପସ୍ଥିତିରେ ଅତିଥିମାନେ ଚିତ୍ର ଉନ୍ମୋଚନ କରିଥିଲେ। ବିଶିଷ୍ଟ କବି କେଦାର ମିଶ୍ର, ସାମ୍ବାଦିକ ଦିଲ୍ଲୀପ ବିଶୋଇ, କପିଳାସ ଭୂୟାଁ, ଅସିତ ମହାନ୍ତି, ଭାସ୍ୱତୀ ବସୁ, ଅତସୀ ବସୁ, ଅମର ଜେନା ବାଞ୍ଛାନିଧି ପଟ୍ଟନାୟକ ଆଦି ବହୁ ଅସୀମ ପ୍ରେମୀ ଉପସ୍ଥିତ ରହିଥିଲେ।







## କେଦାରନାଥ ମହାପାତ୍ର ବାର୍ଷିକ ପୁରସ୍କାର ଘୋଷଣା

ଭୁବନେଶ୍ୱର, ୧୬।୧୦(ସମିସ): କେଦାରନାଥ ମହାପାତ୍ରଙ୍କ ଜୟନ୍ତୀ ଅବସରରେ ପୁରସ୍କାର ଘୋଷଣା କରାଯାଇଛି। ଆସନ୍ତା ୨୨ରେ ହେବାକୁ ଥିବା ଉତ୍ସବରେ ଡ଼. କରୁଣାକର ବିଶୋଇଙ୍କୁ ‘କୃଷ୍ଣଚନ୍ଦ୍ର ମିଶ୍ର ସଂସ୍କୃତି ସମ୍ମାନ’, ଡ଼ ବାସୁଦେବ ପ୍ରଧାନଙ୍କୁ ‘ବୈଦ୍ୟ ବାସୁଦେବ ସ୍ମୃତି ସମ୍ମାନ’, କାଳନ୍ଦୀ ଚରଣ ଭଞ୍ଜଙ୍କୁ ’ ମହାପାତ୍ର ଯତୀନ୍ଦ୍ର କୁମାର ଉପନ୍ୟାସ ସମ୍ମାନ’, ପଦ୍ମଶ୍ରୀ ଦମୟନ୍ତି ବେଶ୍ରାଙ୍କୁ ‘ମଣି ଦୀପା ପଟ୍ଟନାୟକ ଭାଷା ସମ୍ମାନ’, ସରୋଜ ମିଶ୍ରଙ୍କୁ ‘ରବୀନ୍ଦ୍ର ନାଥ ସ୍ମୃତି ନାଟକ ସମ୍ମାନ’, ପ୍ର. କୃଷ୍ଣଚନ୍ଦ୍ର ପ୍ରଧାନଙ୍କୁ ‘ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ ଗବେଷଣା ସମ୍ମାନ’, ଇତିଶ୍ରୀ ମହାନ୍ତିଙ୍କୁ ‘ଗୁରୁଦେବ ପ୍ରସାଦ ନୃତ୍ୟ ସ୍ମୃତି ସମ୍ମାନ’, ରାଧାକୃଷ୍ଣ ମହାପାତ୍ରଙ୍କୁ ‘ଲୋକନାଥ ଶତପଥୀ କଳା ସମ୍ମାନ’, ଡ଼. ତ୍ରିନାଥ ପଟ୍ଟନାୟକ ଏବଂ ଉମାକାନ୍ତ ମହାପାତ୍ରଙ୍କୁ ‘ଶତଭିକ୍ଷା ଅନୁବାଦ ସମ୍ମାନ’, ସ୍ନେହଲତା ଦାସ ଲେଙ୍କା ଏବଂ ମିନତୀ ପାଣିଙ୍କୁ ‘ସ୍ମୃତି ଯୁବ କଥାଶିଳ୍ପୀ ସମ୍ମାନ’, ମିନତୀ ମିଶ୍ରଙ୍କୁ ‘ନାରୀକବି ସମ୍ମାନ’, ଡ଼. ଭରତ ଚନ୍ଦ୍ର ନାଥଙ୍କୁ ’ ଗୀତା ଜୟନ୍ତୀ ସମ୍ମାନ’ ପ୍ରଦାନ କରାଯିବ। ଅନୁଷ୍ଠାନର ସଭାପତି ରଘୁନାଥ ମିଶ୍ର, ସମ୍ପାଦକ ଡ଼. ରମେଶ ଚନ୍ଦ୍ର ପାଣି, ଯୁଗ୍ମ ସମ୍ପାଦକ ଡ଼. ଦେବାଶିଷ ମହାପାତ୍ର, ଡ଼. ଅରୁଣ ନାୟକ ଓ ତନୟା ଦାସ ଗୋସ୍ୱାମୀ ସୂଚନା ଦେଇଛନ୍ତି।


## ରାଜଧାନୀରେ ଅପରାଧୀଙ୍କ ଦାଦାଗିରି


**● ଗନ ପଏଣ୍ଟରେ ଲୁଟି ନେଲେ ଟଙ୍କା ଓ ଗହଣା**

ଭୁବନେଶ୍ୱର, ୧୬।୧୦(ସମିସ): ନୂଆପଲ୍ଲୀ ଏନ୍ ୪ରେ କଳାକନା ବୁଲାଇଲେ ଦୁର୍ବୃତ୍ତ। ବନ୍ଧୁକ ଦେଖାଇ ଲୁଟି ନେଇଛନ୍ତି ଟଙ୍କା ଓ ଗହଣା। ସନ୍ଧ୍ୟା ସମୟରେ ଘରେ ପଶି ମୁଣ୍ଡରେ ବନ୍ଧୁକ ଲଗାଇ ବାଲୁଙ୍କେଶ୍ୱର ପଟ୍ଟନାୟକଙ୍କ ଘରୁ ଗହଣା ଓ ୧୦ଲକ୍ଷ ଟଙ୍କା ଲୁଟି ନେଇଥିବା ଜଣାପଡ଼ିଛି। କେବଳ ସେତିକି ନୁହେଁ ପାଖରେ ଥିବା ଅନ୍ୟ ଜଣଙ୍କ ଘରୁ ମଧ୍ୟ ଟଙ୍କା, ଗହଣା ନେଇ ଛୁ’ ମାରିଛନ୍ତି ଲୁଟେରା। ଏନେଇ ନୟାପଲ୍ଲୀ ଥାନାରେ ବାଲୁଙ୍କେଶ୍ୱର ପଟ୍ଟନାୟକଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରିଛି। ଘଟଣା ସ୍ଥଳରେ ସିସିଟିଭି ଫୁଟେଜ ଯାଞ୍ଚ କରି ତଦନ୍ତ ଚଳାଇଛି। ଫୁଟେଜରେ ରାଜ୍ୟ ବାହାରର କିଛି ଅପରାଧୀ ସାମିଲ ଥିବା ସନ୍ଦେହ କରୁଛି ପୁଲିସ। ସହରର ବିଭିନ୍ନ ସ୍ଥାନରେ ସିସିଟିଭି ଓ ଅପରାଧୀଙ୍କ କ୍ରାଇମ୍ ହିଷ୍ଟ୍ରିକୁ ନେଇ ଯାଞ୍ଚ ଚାଲିଛି।

## ହାତୀ ଦାନ୍ତ ଡିଲ୍; ଦୁଇଜଣଙ୍କୁ ମାଡ଼ି ବସିଲା ଏସ୍‌ଟିଏଫ

ଭୁବନେଶ୍ୱର, ୧୬।୧୦(ସମିସ):ଅନୁଗୁଳ ଆଠମଲ୍ଲିକ ବନଖଣ୍ଡ ଅଞ୍ଚଳରୁ ହାତୀ ଦାନ୍ତ ଡିଲ ବେଳେ ୨ ଜଣଙ୍କୁ ମାଡିବସିଲା କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ ଟିମ୍। ସେମାନଙ୍କ ନିକଟରୁ ୨ଟି ହାତୀଦାନ୍ତ ଜବତ କରାଯାଇଛି। ଅଭିଯୁକ୍ତଙ୍କୁ ଭୁବନେଶ୍ୱର ଆଣି ପଚରାଉଚରା କରୁଛି ଏସ୍‌ଟିଏଫ। ଦୁଇ ଜଣ ବ୍ୟକ୍ତି ହାତୀଦାନ୍ତ ରଖିଥିବା ନେଇ ଏସ୍‌ଟିଏଫ ଖବର ପାଇଥିଲା। ୨ଶିକାରୀଙ୍କୁ ଧରିବାକୁ ଯୋଜନା କରିଥିଲେ ଏସ୍‌ଟିଏଫ ଅଧିକାରୀ। ଜଣେ ପୁଲିସ ଅଧିକାରୀ ଗ୍ରାହକ ସାଜି ସେମାନଙ୍କ ନିକଟକୁ ଯାଇଥିଲେ। ଦୁଇ ଜଣ ଏକ ଜରୀ ବ୍ୟାଗ୍‌ରେ ହାତୀ ଦାନ୍ତ ଆଣି ଦେଖାଇବା ସମୟରେ ମାଡ଼ି ବସିଥିଲା ଏସ୍‌ଟିଏଫ।




## ଟ୍ରକ୍ ଚାଳକକୁ ଆକ୍ରମଣ କରି ଲୁଟ୍ ଉଦ୍ୟମ; ଜଣେ ଗିରଫ



ଭୁବନେଶ୍ୱର, ୧୬।୧୦ (ସମିସ): ଟ୍ରକ୍ ଚାଳକକୁ ଆକ୍ରମଣ କରି ଲୁଟ୍ ଉଦ୍ୟମ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଚନ୍ଦକା ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ହରିଡ଼ାମଡ଼ାର ବିକାଶ ବେହେରା (୨୭)।

ପୁଲିସ ସୂଚନା ଅନୁସାରେ, ଗତ କାଲି ଦିନ ପ୍ରାୟ ୨ ଟା ସମୟରେ ଏକ ଟ୍ରକ୍ ଛତାବର ସ୍ଥିତ ୟୁନିକ ପ୍ୟାକେଜିଂ କମ୍ପାନୀକୁ ଆସୁଥିଲା। ବିକାଶ ଉକ୍ତ ଟ୍ରକକୁ ରାସ୍ତାରେ ଜୋରଜବରଦସ୍ତ ଅଟକାଇବା ସହ ଡ୍ରାଇଭର ମନୋଜ ରାୟଙ୍କୁ ଆକ୍ରମଣ କରିଥିଲା। ଏଥିସହିତ ତାଙ୍କ ନିକଟରୁ ଟଙ୍କା ଓ ମୋବାଇଲ୍ ଫୋନ୍ ଲୁଟି ନେବା ଲାଗି ଉଦ୍ୟମ କରିଥିଲା। ସେହି ସମୟରେ କମ୍ପାନୀର ମ୍ୟାନେଜର ସୂର୍ଯ୍ୟକାନ୍ତ ବେହେରା ଓ ସ୍ଥାନୀୟ ଲୋକମାନେ ତାକୁ ଅଟକ ରଖିବା ସହ ପିସିଆର ଜିମା ଦେଇଥିଲେ। ସୂର୍ଯ୍ୟକାନ୍ତଙ୍କ ଅଭିଯୋଗ ଆଧାରରେ ଚନ୍ଦକା ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା। ବିକାଶ ନିୟମିତ ଭାବେ ମଦ୍ୟପାନ କରି ସ୍ଥାନୀୟ ଅଞ୍ଚଳ ଦେଇ ଯାଉଥିବା ଲୋକଙ୍କ ଠାରୁ ଜୋରଜବରଦସ୍ତ ଟଙ୍କା ଆଦାୟ କରିବା, ମୋବାଇଲ୍ ଲୁଟ କରିବା ଓ ମହିଳା ମାନଙ୍କ ପ୍ରତି ଅଶୋଭନୀୟ ଆଚରଣ କରିବା ଭଳି ଅପରାଧରେ ଜଡ଼ିତ ଥିବା ତଦନ୍ତ ବେଳେ ଜଣାପଡ଼ିଛି। ବିକାଶ ନାମରେ ପୂର୍ବରୁ ମଧ୍ୟ ଚନ୍ଦକା ଥାନାରେ ୨ଟି ମାମଲା ରହିଥିବା ପୁଲିସ କହିଛି।



# ଦିଲ୍ଲୀକୁ ବଳିଗଲା ଭୁବନେଶ୍ୱର ଭିଡ଼

ଭୁବନେଶ୍ୱର, ୧୬।୧୦(ସମିସ): କୁଆଡ଼େ କିଛି ନାହିଁ। ହଠାତ୍ ରାଜଧାନୀ ସହରର ପ୍ରମୁଖ ରାସ୍ତାରେ ଭିଡ଼ ଏତେମାତ୍ରାରେ ବଢ଼ି ଯାଉଛି ଯେ, ଶହେ ମିଟର ଯିବା ପାଇଁ ଘଣ୍ଟାଏ ସମୟ ଲାଗୁଛି। ବିଶେଷକରି ପୂଜା ପର୍ବାଣୀ ସମୟରେ ଏବଂ ସରକାରୀ କାର୍ଯ୍ୟଦିବସ ସମୟରେ ରାଜଧାନୀ ରାସ୍ତାଘାଟ ଜାମ୍ ହୋଇଯାଉଛି। ଶହେ,

- ଘଣ୍ଟା ଘଣ୍ଟା ରାସ୍ତା ଉପରେ ଅଟକି ରହିଛି ଗାଡ଼ିମୋଟର
- ଜାତୀୟ ରାଜପଥ ଏବଂ କଟକ-ପୁରୀ ରାସ୍ତାରେ ଅସମ୍ଭାଳ ଭିଡ଼



ଦୁଇଶହ ମିଟର ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ମାଳମାଳ ଗାଡ଼ି ମୋଟର ଠିଆ ହୋଇ ରହୁଛି। ସେହିଭଳି ୧୬ ନମ୍ବର ଜାତୀୟ ରାଜପଥର ବରମୁଣ୍ଡାରୁ ରସୁଲଗଡ଼ ମଧ୍ୟରେ ଅଧିକାଂଶ ସମୟରେ କିଲୋମିଟର, ଦୁଇ କିଲୋମିଟର ପର୍ଯ୍ୟନ୍ତ ଗାଡ଼ି ମୋଟର ଜମି ରହିବା ଦ୍ୱାରା ଯାତାୟାତ ସାଂଘାତିକ ଭାବେ ବାଧାପ୍ରାପ୍ତ ହେଉଛି। କଟକରୁ ଖୋର୍ଦ୍ଧା ଯାଉଥିବା ଗାଡ଼ିମୋଟରଗୁଡ଼ିକ ଘଣ୍ଟାଘଣ୍ଟା ଧରି ଅଟକି ରହିବା ସହ ଯାତ୍ରୀମାନେ ସମସ୍ୟା ଭୋଗୁଛନ୍ତି।

ଗୁରୁବାର ଭୁବନେଶ୍ୱର କଟକ-ପୁରୀ ରୋଡ଼୍‌ରେ ସେହିଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଅଚାନକ କଳ୍ପନା ଛକରୁ ବମିଖାଲ ଫାଏଓଭର ବ୍ରିଜ୍ ପର୍ଯ୍ୟନ୍ତ ହଜାର ହଜାର ଯାନବାହାନ ଅଟକି ରହିଥିଲା। ଲୋକେ ଯାତାୟତ କରିବା ସମ୍ଭବ ହୋଇ ନ ଥିଲା। ପରିସ୍ଥିତି ଏଭଳି ହୋଇଥିଲା ଯେ, ସରକାରୀ କର୍ମଚାରୀମାନେ ଘଣ୍ଟାଏ ଧରି ରାସ୍ତାରେ ଅଟକି ରହିଥିଲେ। ଏମିତି କି ଏହି ଅଞ୍ଚଳର ଲୋକେ ଜରୁରୀ କାମ ପାଇଁ ଘରୁ ବାହାରି ପାରି ନ ଥିଲେ। ଏତେ ଭିଡ଼ ମଧ୍ୟରେ ଆମ୍ବୁଲାନ୍ସଠାରୁ ଆରମ୍ଭ କରି ବିଭିନ୍ନ ଜରୁରିକାଳୀନ ସେବା ପ୍ରଦାନ କରୁଥିବା ଯାନବାହାନ ମଧ୍ୟ ଅଟକି ରହିଥିଲା। ଦୋକାନବଜାରରେ କାରବାର ମଧ୍ୟ ଗୁରୁତର ଭାବେ ହ୍ରାସ ପାଇଥିଲା। ଏହାକୁ ନେଇ ସ୍ଥାନୀୟ ଲୋକଙ୍କଠାରୁ ଆରମ୍ଭ କରି ଦୋକାନୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଦୁର୍ବଳ ଟ୍ରାଫିକ୍ ବ୍ୟବସ୍ଥା ପାଇଁ ଏଭଳି ପରିସ୍ଥିତି ବାରମ୍ବାର ସୃଷ୍ଟି ହେଉଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସବୁଠାରୁ ବଡ଼କଥା ହେଉଛି ଯାନବାହାନଗୁଡ଼ିକୁ ରାସ୍ତା ଉପରେ ରଖିଦେଇ ଲୋକେ ଚାଲି ଯାଉଥିବାରୁ ରାସ୍ତା ସଙ୍କୁଚିତ ହେଉଛି ଏବଂ ଯାତାୟତ ସମସ୍ୟା ସୃଷ୍ଟି ହେଉଛି। ଅନେକ କ୍ଷେତ୍ରରେ ଅମାନିଆ ଗାଡ଼ି ଚାଳକମାନେ ଭୁଲ ଦିଗରେ ଗାଡ଼ି ନେଉଥିବାରୁ ଦୁର୍ଘଟଣା ଘଟୁଛି ଏବଂ ଘଣ୍ଟାଘଣ୍ଟା ଧରି ରାସ୍ତା ଜାମ ହେଉଛି ବୋଲି ଅଭିଯୋଗ ହେଉଛି।

● ଠଙ୍କକତା କରି ଅଢ଼େଇ ଲକ୍ଷ ହଡ଼ପ

## ଝାରସୁଗୁଡ଼ାରୁ ଧରାପଡ଼ିଲା ଷ୍ଟୋର୍ ମ୍ୟାନେଜର୍

ଭୁବନେଶ୍ୱର, ୧୬।୧୦(ସମିସ): ଠଙ୍କକତା କରି ଅଢ଼େଇ ଲକ୍ଷ ଟଙ୍କା ହଡ଼ପ କରିଥିବା ଅଭିଯୋଗରେ ଷ୍ଟୋର ମ୍ୟାନେଜରଙ୍କୁ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ପୁରୀ ଜିଲ୍ଲା ବଳଙ୍ଗା ଥାନା ବ୍ରାହ୍ମଣଖଣ୍ଡି ଗାଁର ମଙ୍ଗଳ କୁମାର ମୁଦୁଲି (୩୦)। ପୁଲିସ ସୂଚନାନୁସାରେ, ପୂର୍ବରୁ ମଙ୍ଗଳର ଡମଣା ଛକରେ ଏକ ଲୁଗା ଦୋକାନ ଥିଲା। ଅନ୍‌ଲାଇନ ଗେମ ଖେଳିବାରୁ ତାଙ୍କର ବ୍ୟବସାୟରେ କ୍ଷତି ହୋଇଥିଲା। ମଙ୍ଗଳ ଗତବର୍ଷ ଡିସେମ୍ବର ମାସ ୧ ତାରିଖ ଦିନ ଡିଏନ୍ ରିଗାଲିଆ ମଲରେ ଥିବା ବିବା ଗାର୍ମେଣ୍ଟସରେ ଷ୍ଟୋର ମ୍ୟାନେଜର ଭାବେ ଯୋଗ ଦେଇଥିଲା। ବେପାର ବାବଦ ନଗଦ ଟଙ୍କାକୁ ଜମା କରିବା ବଦଳରେ ନିଜ ପାଖରେ ରଖୁଥିଲା। ସେହି ମାସ ୧୮ ତାରିଖ ଦିନ ସୋରୁମ ମାଲିକ କ୍ରିଷ୍ଣା ଅଗ୍ରୱାଲ ଆକାଉଣ୍ଟ ଓ ଷ୍ଟକ ଯାଞ୍ଚ କରିଥିଲେ। ମଙ୍ଗଳ ଷ୍ଟକ୍ ଠକେଇ କରି ମୋଟ ୨ ଲକ୍ଷ ୫୫ ହଜାର ଟଙ୍କା ହଡ଼ପ କରିଥିବା ଜଣାପଡ଼ିଥିଲା। ଏନେଇ ପଚାରିବାରୁ, ସେ ଏହି ଟଙ୍କା ଠକି ନେଇଥିବା ସ୍ୱୀକାର କରିବା ସହ ଡିସେମ୍ବର ୨୪ ରୁ ୨୮ ତାରିଖ ମଧ୍ୟରେ ଫେରାଇଦେବ ବୋଲି ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ଧାର୍ଯ୍ୟ ସମୟ ମଧ୍ୟରେ ଟଙ୍କା ଫେରସ୍ତ ଦେଇ ନଥିଲା। କ୍ରିଷ୍ଣା ଏନେଇ ତମାଣ୍ଡୋ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଥିଲା। ବୁଧବାର ଝାରସୁଗୁଡ଼ାର ବିଜୁ ନଗର ଅଞ୍ଚଳରେ ଚଢ଼ଉ କରି ମଙ୍ଗଳକୁ ଗିରଫ କରିଥିଲା।

## ନାବାଳିକା ଛାତ୍ରୀଙ୍କୁ ନେଇ ଫେରାର ଶିକ୍ଷକ ଗିରଫ



ଧଉଳି, ୧୬।୧୦(ସମିସ): ଧଉଳି ଥାନା ଅଞ୍ଚଳରେ ଜଣେ ନାବାଳିକା ଛାତ୍ରୀଙ୍କୁ ନେଇ ଫେରାର ଥିବା ଟିଉସନ ଶିକ୍ଷକଙ୍କୁ ଗୁରୁବାର ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିସହ ଉଦ୍ଧାର ଛାତ୍ରୀଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଗିରଫ ଶିକ୍ଷକ ହେଲେ କେନ୍ଦୁଝର ଘସିପୁରା ଅଞ୍ଚଳର ରାଜୀବ ଲୋଚନ ସେଠୀ। ଖବରନେବାରେ ଜଣାପଡ଼ିଛି ଏହି ଥାନା ଶିଶୁପାଳଗଡ଼ ଅଞ୍ଚଳରେ ରାଜୀବ ଜଣେ ନବମ ଶ୍ରେଣୀର ଛାତ୍ରୀଙ୍କ ଘରକୁ ପଢ଼ାଇବାକୁ ଆସନ୍ତି। ସେ ଉକ୍ତ ଛାତ୍ରୀଙ୍କୁ ୫ ବର୍ଷ ଧରି ପଢ଼ାଉଥିଲେ। ମାତ୍ର ଗତ ୧୪ ତାରିଖରେ ଘରେ କେହି ନଥିବାର ସୁଯୋଗ ପାଇ ଛାତ୍ରୀଙ୍କୁ ନେଇ ଫେରାର ହୋଇଥିଲେ ରାଜୀ। ଏନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ଘସିପୁରାରୁ ଟିଉସନ ଶିକ୍ଷକଙ୍କୁ ଗିରଫ କରିବା ସହ ଛାତ୍ରୀଙ୍କୁ ଉଦ୍ଧାର କରିଥିଲେ।

ଉଠାଦୋକାନ ଉଚ୍ଛେଦର ପ୍ରତିବାଦ

# ମେୟରଙ୍କ ବାସଭବନ ଘେରିଲେ ଉଠାଦୋକାନୀ




ଭୁବନେଶ୍ୱର, ୧୬।୧୦(ସମିସ): ଭୁବନେଶ୍ୱରର ଉଠା ଦୋକାନୀମାନେ ଗୁରୁବାର ମେୟରଙ୍କ ବାସ ଭବନ ଘେରାଉ କରିଛନ୍ତି। ବିଭିନ୍ନ ସ୍ଥାନରୁ ଉଠା ଦୋକାନୀଣାନଙ୍କୁ ଉଚ୍ଛେଦ କରିବା ପ୍ରତିବାଦରେ ଓଡ଼ିଶା ରାସ୍ତା ପାର୍ଶ୍ୱ ଉଠା ଦୋକାନୀ ମହାସଂଘ ପକ୍ଷରୁ ଏହି ଆନ୍ଦୋଳନ କରାଯାଇଛି। କଳ୍ପନା ଛକରୁ ଏକ ବିରାଟ ଶୋଭାଯାତ୍ରା ବାହରି ମେୟରଙ୍କ ବାସ ଭବନ ଆଭିମୁଖେ ଯିବା ସମୟରେ ପୁଲିସ୍ ସହିତ ଧସ୍ତାଧସ୍ତି ହୋଇଛି। ମହାସଂଘର ଉପ

**ପୁଲିସ୍ ସହ ଉଠାଦୋକାନୀଙ୍କ ଧସ୍ତାଧସ୍ତି**

ସଭାପତି ନିରଞ୍ଜନ ପାଣ୍ଡେଙ୍କ ନେତୃତ୍ୱରେ ପ୍ରଦୀପ ସାହୁ, ହରିପଦ ଦାସ, ସୂର୍ଯ୍ୟମଣି ସାହୁ, ସସ୍ମିତା ସାହୁ, ମଞ୍ଜୁଳତା ସାହୁ ପ୍ରମୁଖ ବିଏମ୍‌ସି ଭେଣ୍ଡିଂଜୋନ ଡେପୁଟି କମିଶନର ଅଜୟ କୁମାର ମହାନ୍ତିଙ୍କ ସହିତ ଆଲୋଚନା କରିଥଲେ। ର୍ ଉଠାଦୋକାନ ଉଚ୍ଛେଦକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହିତ ନୂତନ ଟାଉନ୍ ରେଣ୍ଡିଂ ଜୋନ ଗଠନ, ୬୭ଟି ୱାର୍ଡ଼ରେ ଟାଉନ୍ ଲେଣ୍ଡିଂ କମିଟି ଗଠନ, ଫୁଟପାଥର ଏକ ତୃତୀୟାଂଶ ସ୍ଥାନକୁ ଉଠଦୋକାନୀଙ୍କ ପାଇଁ ସଂରକ୍ଷଣ, ପ୍ରବାସୀ ଭାରତୀୟ ବିଶ୍ୱ ହକି ଖେଳ ସମୟରେ ଉଚ୍ଛେଦ ଦୋକାନୀଙ୍କୁ ଥଇଥାନ, ଉଠାଦୋକାନୀଙ୍କୁ ଭେଣ୍ଡିଂ ସାର୍ଟିଫିକେଟ ଓ ଲାଇସେନ୍ସ ପ୍ରଦାନ, ଋଣ ପ୍ରଦାନ କରିବାକୁ ଦାବି କରିଛନ୍ତି। ସେହିପରି ଉଠାଦୋକାନୀଙ୍କ ଠାରୁ ୟୁଜର ଫି. ଟ୍ରେଡ, ଲାଇସେନ୍, ଗ୍ରାଉଣ୍ଡ ରେଣ୍ଟ ଆଦି ଆଦାୟ, ଉଚ୍ଛେଦ ସମୟରେ ମହାସଂଘର ସହାୟତା ନିଆଯାଉ ବୋଲି ଦାବି କରିଛନ୍ତି। ଏଥିସହିତ ଅନୁରୂପ ଭାବେ ମୋଟ ୧୯ ଦଫା ଦାବିପତ୍ରକୁ ଡ଼େପୁଟି କମିସନରଙ୍କୁ ପ୍ରଦାନ କରିଛନ୍ତି। ଯେଉଁମାନଙ୍କର ଦୋକାନ ଉଚ୍ଛେଦ କରାଯିବ ସେମାନଙ୍କୁ ଭେଣ୍ଡିଂ ଜୋନ ମାଧ୍ୟମରେ ଥଇଥାନ କରାଯିବା ସହ ପାଣି, ଶୈଚାଳୟ, ବିଜୁଳିର ବ୍ୟବସ୍ଥା କରାଯିବ ବୋଲି କମିସନର ପ୍ରତିଶ୍ରୁତି ଦେଇଛନ୍ତି।

## ଦୁର୍ଘଟଣାରେ ମାମୁ, ଭଣଜା ଗୁରୁତର

ଧଉଳି, ୧୬।୧୦(ସମିସ): ଉଉରା-ବାଲକାଟି ରାସ୍ତା ମଦ କାଉଣ୍ଟର ନିକଟରେ ଏକ ସଡକ ଦୁର୍ଘଟଣାରେ ମାମୁ ଭଣଜା ଗୁରୁତର ଆହତ ହୋଇଛନ୍ତି। ବାଲକାଟି ଅଞ୍ଚଳର ଯୁବ ସ୍ୱେଚ୍ଛାସେବୀ ଇଁ ପ୍ରଭାସ ବାରିକ ଘରକୁ ଫେରୁଥିବା ବେଳେ ଗୁରୁତର ଆହତଙ୍କୁ ସ୍ଥାନୀୟ ବାଲକାଟି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରଥମିକ ଚିକିତ୍ସା ପରେ ଉଭୟ ସୁସ୍ଥ ଥିବା ଜଣାପଡ଼ିଛି। ପ୍ରାପ୍ତ ସୂଚନା ଅନୁଯାୟୀ ପିପିଲି ପୋପରଙ୍ଗା ଅଞ୍ଚଳର ସମୀର ସ୍ୱାଇଁ ତାଙ୍କ ଭଣଜା ନିଆଳି ଅଞ୍ଚଳର ପୀୟୂଷ ପଟ୍ଟସାଣିଙ୍କୁ ଛାଡିବାକୁ ଯାଉଥିଲେ। ସନ୍ଧ୍ୟା ପ୍ରାୟ ୭ ଟାରେ ମଦ କାଉଣ୍ଟର ନିକଟରେ ଜଣେ ବାଇକ୍ ଚାଳକ ହଠାତ ରାସ୍ତା ଉପରକୁ ଚାଲି ଆସିବାରୁ ମୁହାଁମୁହିଁ ଧକ୍କା ହୋଇଥିଲା।

# ଚୋରି ଅଭିଯୋଗରେ ୬ ଗିରଫ

ଭୁବନେଶ୍ୱର, ୧୬।୧୦ (ସମିସ): ଚୋରି କରିଥିବା ଅଭିଯୋଗରେ ୬ ଜଣଙ୍କୁ ଗିରଫ କରିଛି କମିସନରେଟ ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ସିଆରପି ମୁଣ୍ଡା ସାହିର ରାକେଶ ମୁଖୀ ଓରଫ୍ ପାଣ୍ଡୁ (୨୨), ଏସକେ ଅବଦୁଲ ୱାହାବ ଓରଫ୍ ବାସା (୩୧), ବୈଦେଶ୍ୱର ଥାନା ମଧୁପଲ୍ଲୀର ପ୍ରହଲ୍ଲାଦ ବେହେରା (୧୯), ବେଗୁନିଆ ଥାନା କେନ୍ଦୁପଲ୍ଲୀର ବ୍ରଜବନ୍ଧୁ ସେନାପତି ଓରଫ୍ ଅନିଲ (୨୯), ପ୍ରଦୀପ ଜେନା (୨୫) ଓ ପଣ୍ଡାକୁଦିଆ ବସ୍ତିର ରବୀନ୍ଦ୍ର ରାଉତ ଓରଫ୍ ରବି (୫୪)।

ପୁଲିସ ସୂଚନା ମୁତାବକ, ବାଲକାଟି ଅଞ୍ଚଳରେ ନିରଞ୍ଜନ ମହାରଣା ଗତ କାଲି ସନ୍ଧ୍ୟାରେ ସିଆରପି ମୁଣ୍ଡା ସାହିରେ ଥିବ ସମ୍ପର୍କୀୟଙ୍କ ଘରକୁ ଆସିଥିଲେ। ଅଟୋଟିକୁ ସର୍ଭିସ ରାସ୍ତାରେ ରଖି ସମ୍ପର୍କୀୟଙ୍କ ଘରକୁ ଯାଇଥିବା ବେଳେ ପାଣ୍ଡୁ ଓ ବାସା ଅଟୋରୁ ବ୍ୟାଟେରି ଚୋରିକରି ନେଇଥିଲେ। ଅଭିଯୋଗ ପାଇବା ପରେ ନୂଆପଲ୍ଲୀ ଥାନା ପୁଲିସ ଇସ୍କନ ବସ୍ତିରୁ ପାଣ୍ଡୁ ଓ ବାସାକୁ କାବୁ କରିବା ସହ ବ୍ୟାଟେରି ଜବତ କରିଥିଲେ।

ଏସ୍‌ଆର୍ ଇଞ୍ଜିନିୟର୍ସର ସୁପର ଭାଇଜର ରଶ୍ମିରଞ୍ଜନ ରାଉତ କୋଳଥିଆ ସ୍ଥିତ ଶ୍ରୀରାମ ଏନକ୍‌ଲେଭରେ ଏକ ଜେନେରେଟର ରଖିଥିଲେ। ଗତମାସ ୩୦ ତାରିଖ ମଧ୍ୟାହ୍ନରେ ପ୍ରହଲ୍ଲାଦ, ବ୍ରଜବନ୍ଧୁ ଓ ପ୍ରଦୀପ ମିଶି ଜେନେରେଟରକୁ ଚୋରିକରି ଅଟୋ ଯୋଗେ ନେଇ ଯାଇଥିଲେ। ଏନେଇ ଅଭିଯୋଗ ହେବାପରେ ଭରତପୁର ଥାନା ପୁଲିସ ୩ ଜଣଙ୍କୁ ଗିରଫ କରିବା ସହ ଜେନେରେଟର ଓ ଅଟୋ ଜବତ କରିଥିଲା।

ପଣ୍ଡାକୁଦିଆ ବସ୍ତିରେ ଥିବା ଏକ ନିର୍ମାଣଧୀନ ପ୍ରକଳ୍ପରୁ ରବୀନ୍ଦ୍ର ଲୁହା ଛଡ ଓ ୧୨, ୦୦୦ ଟଙ୍କା ଚୋରି କରି ନେଇଥିଲା। ସୁପର ଭାଇଜର ଆର୍ତ୍ତତ୍ରାଣ ପେଣ୍ଠୋଇ ଏନେଇ ଅଭିଯୋଗ କରିବା ପରେ ଭରତପୁର ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା। ଆଜି ରବୀନ୍ଦ୍ରକୁ ଗିରଫ କରିବା ସହ ୩୦ଟି ଲୁହାଛଡ଼ ଓ ପ୍ଲାଏ ଜବତ କରିଥିଲା।

'ମୃତ୍ତିକା-୨୦୨୫'ର ଚତୁର୍ଥ ଦିନ

# ଆକର୍ଷଣରେ ଶଙ୍ଖ, ହାତୀ ଓ କଳସୀ ଦୀପ

ଭୁବନେଶ୍ୱର, ୧୬।୧୦(ସମିସ): ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ହେଉଥିବା 'ଟେରାକୋଟା ପ୍ରଦର୍ଶନୀ 'ମୃତ୍ତିକା-୨୦୨୫' ଚତୁର୍ଥ ଦିନରେ ପହଞ୍ଚିଛି। ପ୍ରଦର୍ଶନୀରେ ରଙ୍ଗବେରଙ୍ଗର ଆକର୍ଷଣୀୟ ଦୀପରେ ନିଜ ଘର କିମ୍ବା ଅଫିସ୍‌କୁ ସଜାଇବାକୁ ମନ ପସନ୍ଦର ଦୀପ କିଣୁଛନ୍ତି ଗ୍ରାହକ। ପ୍ରଦର୍ଶନୀରେ ହ୍ୟାଙ୍ଗିଙ୍ଗ୍ ଦୀପ, ଲଣ୍ଠନ ଦୀପ, ଷ୍ଟୋନ୍ ଦୀପ, ଜିଙ୍କ୍, କୁନ୍ଦନ୍ ଦୀପ ଆଦି ବିକ୍ରି ହେଉଛି। ସେହିପରି ଶଙ୍ଖ, ହାତୀ ଓ କଳସୀ ଦୀପଗୁଡ଼ିକ ମଧ୍ୟ ବେଶ୍ ଆକର୍ଷଣୀୟ ହୋଇଛି। ଦୀପ ଗୁଡ଼ିକର ଦାମ୍ ୫ଟଙ୍କାରୁ ଆରମ୍ଭ ହୋଇ ୨ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ଷ୍ଟୋନ୍ ଦୀପଗୁଡ଼ିକର ଦାମ୍ ଗୋଟାକ ୨୦ ଟଙ୍କାରୁ ଆରମ୍ଭ ହୋଇ ୫୦ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିପରି ବ୍ରାଇଡାଲ ଦୀପରେ ମହିଳାମାନେ ନବବଧୂ ସମୟରେ ମୁଣ୍ଡରେ ଓଢ଼ଣୀ ଦେଇ ଦୀପ ଧରିଥିବା ଭଳି ମାଟିରେ ନିର୍ମିତ ଏହି କନିଆ ବା ବ୍ରାଇଡ୍ ଦୀପ ମଧ୍ୟ ବେଶ୍ ଆକର୍ଷଣୀୟ ହୋଇଛି। ଏହାର ଆକୃତି ହିସାବରେ ଦାମ୍ ଗୋଟାକ ୧୫୦ଟଙ୍କାରୁ ଆରମ୍ଭ ହୋଇ ଯୋଡ଼ା ୨୦୦ରୁ୨୫୦ ଟଙ୍କା ରହିଛି। ସେହିପରି ଦୀପ ସାଙ୍ଗକୁ ଘରୋଇ ଉପକରଣ ଯଥା: ମାଟିର ଫୁଲକୁଣ୍ଡ ଠାରୁ ଆରମ୍ଭ କରି ଫୁଲଦାନୀ, ମାଟି ଘୋଡ଼ା, ହାତୀ, ରାଜସ୍ଥାନୀ ବ୍ୟାଣ୍ଡ, ଭିନ୍ନ ଭିନ୍ନ ପ୍ରଜାତିର ଗଛ, ଟେବୁଲ ଲ୍ୟାମ୍ପ, ଧୂପଦାନୀ, କପ୍, ପ୍ଲେଟ୍, ଗ୍ଲାସ୍, ମଗ୍, ମାସ୍କ, ଫ୍ଲୋଟିଙ୍ଗ୍ ପଟ୍, ଝୁଲା କଳସ, ଝୁଲା ଦୀପ, ଝୁଣା ଦାନୀ, ବିଭିନ୍ନ ଦୋବଦେବୀଙ୍କ ସୁନ୍ଦର ସୁନ୍ଦର ମୂର୍ତ୍ତି ଭଳି ଅନେକ ଘରକରଣା ସାମଗ୍ରୀ କିଣିବାକୁ ସମସ୍ତଙ୍କ ମଧ୍ୟରେ ବେଶ୍ ଉତ୍କଣ୍ଠା ଦେଖିବାକୁ ମିଳିଛି।

## ବୁଲିଲେ, ସାମଗ୍ରୀ କିଣିଲେ ରାଜ୍ୟପାଳ



ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଗୁରୁବାର ସନ୍ଧ୍ୟାରେ ନିଜର ପତ୍ନୀ ତଥା ପ୍ରଥମ ମହିଳା ଡ଼. ଜୟଶ୍ରୀ କମ୍ଭମପାଟିଙ୍କ ସହ ଇଡକୋ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ଆଦିବାସୀ ମହୋତ୍ସବ ଏବଂ ମୃତ୍ତିକା - ଟେରାକୋଟା ପ୍ରଦର୍ଶନୀ ପରିଦର୍ଶନ କରିଛନ୍ତି। ପରିଦର୍ଶନ ସମୟରେ ରାଜ୍ୟପାଳ ବିଭିନ୍ନ ଷ୍ଟଲ୍ ମାଲିକମାନଙ୍କ ସହିତ ଆଲୋଚନା କରିଥିଲେ। ଏହି ଅବସରରେ ରାଜ୍ୟପାଳ ସ୍ଥାନୀୟ କୁମ୍ଭକାରମାନଙ୍କ ଦ୍ୱାରା ତିଆରି ମାଟି ଦୀପ ଜଳାଇ ପରିବେଶ ଅନୁକୂଳ ଏବଂ ପାରମ୍ପରିକ ଉପାୟରେ ଦୀପାବଳି ପାଳନ କରିବାକୁ ଜନସାଧାରଣଙ୍କୁ ଆହ୍ୱାନ ଜଣାଇଛନ୍ତି। ରାଜ୍ୟପାଳ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଦୀପାବଳି ଶୁଭେଚ୍ଛା ଜଣାଇ ଏକ ଆନନ୍ଦଦାୟକ ଏବଂ ସମୃଦ୍ଧ ପର୍ବ କାମନା କରିଛନ୍ତି।


Format C-7

(for political parties to publish in the newspaper, social media platforms & website of the party)

Information regarding individuals with pending criminal cases, who have been selected as candidates, along with the reasons for such selection, as also as to why other individuals without criminal antecedents could not be selected as candidates

(As per the Commission's directions issued in pursuance of the order dated 13.02.2020 of the Hon'ble Supreme Court in contempt petition © no. 2192 of 2018 in W.P.(C) No. 536/2011)

Name of the Political Party: BIJU JANATA DAL
Name of the Election: BYE- ELECTION TO THE STATE LEGISLATIVE ASSEMBLY OF ODISHA -2025
Name of the State: ODISHA

(1) Name of the Constituency - 71-NUAPADA AC

Name of the Candidate – SMT. SNEHANGINI CHHURIA

| Sl. No. | | | |
|---|---|---|---|
| 1. | Criminal Antecedents | | |
| | a. | Nature of the Offence | i. Non-Bailable ii. Non-Bailable<br>iii. Non-Bailable iv. Non-Bailable |
| | b. | Case No. | i. Bargarh Town PS Case No-36/25<br>ii. Bargarh Town PS Case No-37/25<br>iii. Bargarh Town PS Case No-38/25<br>iv. Bargarh Rural PS Case No-11/25 |
| | c. | Name of the Court | All cases are pending in SDJM Bargarh, District Bargarh |
| | d. | Whether charges have been framed or not (Yes/No) | i. No ii. No<br>iii. No iv. No |
| | e. | Date of Conviction, if any | Not Applicable |
| | f. | Details of punishment undergone, if any | Not Applicable |
| | g. | Any other information required to be given | All cases posted for appearance |
| 2. | The reasons for the selection of the candidate. Selection shall be with reference to the qualifications, achievements and merit of the candidates and not mere "winnability" at the polls (Not more than 100 words) | | The candidate is a dynamic SC women leader, having huge public contact and popularity in this state of Odisha and she has worked hard in bringing social upliftment, particularly for the women, poor and downtrodden and still have zeal and eagerness to bring perceptible changes in the living standard of the people. She is highly qualified with Post Graduate and BED degrees to her credit. |
| 3. | Reasons as to why other individuals without criminal antecedents could not be selected as candidates (not more than 100 words) | | In consideration of the above merits, her selection as a candidate to the **71-NUAPADA Assembly Constituency** is more justified than other individuals without criminal antecedents. |

(2) Name of the Constituency - 71-NUAPADA AC

Name of the Candidate – SMT. SNEHANGINI CHHURIA

.................................................................................................................. and so on

* In the case of election to Council of States or States or election to Legislative Council by MLAs, mention the election concerned in place of name of Constituency.

Sd/-
DEBIPRASAD MISHRA
SENIOR VICE-PRESIDENT,
BIJU JANATA DAL, ODISHA

ସକାଳ
THE SAKALA

# ସମ୍ପାଦକୀୟ



ଗରିବ ଲୋକମାନଙ୍କର ସବୁଠାରୁ ବଡ଼ ସମସ୍ୟା ହେଉଛି ସେମାନଙ୍କଠାରେ ଉଚ୍ଚାକାଂକ୍ଷାର ଅଭାବ।

-ଆଦାମ୍ ସ୍ମିଥ୍

## ବିକାଶର ଗତି ଅଭିବୃଦ୍ଧି

ବିଶ୍ୱର ଅର୍ଥନୈତିକ ଅଭିବୃଦ୍ଧିର ନିରନ୍ତର ବିକାଶ ସଂପର୍କରେ ସୁଚିନ୍ତିତ ମତ ଉପସ୍ଥାପନ କରିଥିବାରୁ ନୋବେଲ ପୁରସ୍କାର ପାଇଥିବା ତିନିଜଣ ଅର୍ଥଶାସ୍ତ୍ରୀଙ୍କ ସଂପର୍କରେ ସ୍ୱତନ୍ତ୍ର ଉଲ୍ଲେଖ ବା ଆଲୋଚନା ଦାବି କରେ। ସେମାନେ ହେଲେ ଜୋଏଲ୍ ମୋକିର, ପିଟର ହାୱିଟ୍ ଓ ବ୍ରିଟେନର ଫିଲିପ୍ ଆଘିଅାନ୍। ସେମାନଙ୍କୁ ଡିସେମ୍ବର ୧୦ ରେ ଅର୍ଥନୀତିରେ ନୋବେଲ ପୁରସ୍କାର ପ୍ରଦାନ କରାଯିବ। ମୋକିର ଦୁଇଶହ ବର୍ଷର ଇତିହାସ ଉତ୍ସକୁ ଗବେଷଣାର ଆଧାର କରି ନିରନ୍ତର ଅଭିବୃଦ୍ଧି କିଭଳି ଏକ ସ୍ୱାଭାବିକ ପ୍ରକ୍ରିୟା ଏବଂ ପରିବେଶ ଓ ପରିସ୍ଥିତି ଏଥିସକାଶେ ସୁଯୋଗ ସୃଷ୍ଟି କରିଆସିଛି ତାହା ଦର୍ଶାଇଛନ୍ତି। ଶିଳ୍ପ ବିପ୍ଲବ ପୂର୍ବରୁ ପ୍ରଚଳିତ ପ୍ରଥା ଓ ବିଧି ବ୍ୟବସ୍ଥାରେ ବିଶ୍ୱାସୀ ଜନସମୁଦାୟ ଏହି ପରିବର୍ତ୍ତନକୁ ଗ୍ରହଣ କରିପାରିନଥିଲେ। ତତ୍‌କାଳୀନ ବ୍ୟବସ୍ଥାରେ ନୂଆ ପ୍ରଯୁକ୍ତି ବିଦ୍ୟା ଓ ଆବିଷ୍କାରର ପ୍ରୟୋଗ ଓ ସଠିକ୍ ବ୍ୟବହାରରେ ସମସ୍ୟା ସୃଷ୍ଟି କରିଥିଲା। ତେଣୁ ମୁକ୍ତ ଚିନ୍ତନ ମାଧ୍ୟମରେ ସାମାଜିକ ବ୍ୟବସ୍ଥାକୁ ନୂଆ ବିଚାର ଓ ପରିବର୍ତ୍ତନକୁ ଗ୍ରହଣ କରିବା ଅତ୍ୟନ୍ତ ଜରୁରୀ। ଅନ୍ୟପକ୍ଷରେ ଫିଲିପ ଓ ପିଟର ନିରନ୍ତର ଅଭିବୃଦ୍ଧି ଓ ବିକାଶର ପୃଷ୍ଠଭାଗରେ ଥିବା ପଦ୍ଧତି ଓ ପ୍ରୟୋଗ ଉପରେ ଅନୁଶୀଳନ କରିଛନ୍ତି। ଦେଖିବାକୁ ଗଲେ ନୋବେଲ ପୁରସ୍କାର ପାଇଥିବା ଏହି ତିନି ଅର୍ଥଶାସ୍ତ୍ରୀ ଉପସ୍ଥାପନ କରିଥିବା ତଥ୍ୟ ପରସ୍ପରର ପରିପୂରକ ଏବଂ ଦ୍ରୁତ ଅଭିବୃଦ୍ଧି ହାସଲରେ ସହାୟକ। ୧୯୯୧ ରେ ସେମାନଙ୍କ ଦ୍ୱାରା ପ୍ରକାଶିତ ନିବନ୍ଧରେ ଯେଉଁ ଗାଣିତିକ ସୂତ୍ରର ବିକାଶ କରିଛନ୍ତି ତାହା 'କ୍ରିଏଟିଭ୍ ଡେଷ୍ଟ୍ରକସନ୍' ଉପରେ ଆଧାରିତ।

ଏକଥା ସତ ଯେ ନୂଆ ଉତ୍ପାଦ ଏବଂ ଉଦ୍ଭାବିତ ପ୍ରଯୁକ୍ତି ବିଦ୍ୟା ଆଧାରିତ ଉତ୍ପାଦନ ଯେତେବେଳେ ବଜାରକୁ ଆସେ ତାହାର ଗ୍ରହଣୀୟତା ପୁରୁଣା ବ୍ୟବସ୍ଥାକୁ ବଦଳାଇବା ସକାଶେ ବାଧ୍ୟବାଧକତା ସୃଷ୍ଟି କରିଥାଏ। ଏହି ପ୍ରକ୍ରିୟା ନିରନ୍ତର ପ୍ରୟୋଗ ଓ ପ୍ରସାର ଲାଭ କରିଆସିଛି। ତାହାର ପ୍ରଭାବରେ ବିଶ୍ୱବାସୀଙ୍କ ଜୀବନର ଗୁଣବତ୍ତା, ସ୍ୱାସ୍ଥ୍ୟ ଓ ଜୀବନଧାରଣର ମାନରେ ପରିବର୍ତ୍ତନ ଆଣିଛି। ଆଲୋଚନା ପ୍ରସଙ୍ଗରେ ଟ୍ରମ୍ପଙ୍କ ନୀତି ଓ କାର୍ଯ୍ୟଧାରା ବ୍ୟବସ୍ଥାରେ କିଭଳି ଅସନ୍ତୁଳନ ସୃଷ୍ଟି କରିଛି ତାହାର ଉଲ୍ଲେଖ ମଧ୍ୟ ରହିଛି। ବିଶେଷକରି ତାଙ୍କ ଟାରିଫ ନୀତି ଫଳରେ ବିଶ୍ୱ ଅର୍ଥନୀତି ଗତିଶୀଳତା ହରାଇଛି। ବିଶ୍ୱ ଉପଭୋକ୍ତାଙ୍କ ନିକଟରେ ନୂଆ ଉତ୍ପାଦ ପହଞ୍ଚିବାରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। ଶିକ୍ଷା ଓ ଗବେଷଣା ବ୍ୟାହତ ହେଲା ଭଳି ଟ୍ରମ୍ପଙ୍କ କେତେକ ନିର୍ଦ୍ଦେଶ ଏକ୍ଷେତ୍ରରେ ଆମେରିକାର ପ୍ରାଧାନ୍ୟକୁ କ୍ଷୁର୍ଣ୍ଣ କରିବ ବୋଲି ଦର୍ଶାଯାଇଛି। ସେମାନେ ଯୁକ୍ତିଛଳରେ କହିଛନ୍ତି ଯେ ଗବେଷଣା ପ୍ରସୂତ ଜ୍ଞାନକୌଶଳ ଉପଯୋଗ କରିବାକୁ ଅନ୍ୟମାନଙ୍କୁ ଛାଡ଼ି ଦିଆଯାଉ। ନିଜ ଦେଶରେ ତାହାର ଉତ୍ପାଦନ ପାଇଁ ୟୁନିଟ ପ୍ରତିଷ୍ଠା କରିବାର କୌଣସି ଯଥାର୍ଥତା ନାହିଁ। ଆମେରିକାର ବିଚାରଗତ ପରିବର୍ତ୍ତନକୁ ସେମାନେ ନାପସନ୍ଦ କରିଛନ୍ତି।

ପ୍ରଚଳିତ ବିଶ୍ୱର ଆବଶ୍ୟକତା ଅନୁଯାୟୀ ଅର୍ଥନୈତିକ ଅଭିବୃଦ୍ଧି ଏବଂ ବିକାଶର ନୂତନ ନକ୍ସା ପ୍ରସ୍ତୁତ କରିବାରେ ନୋବଲ ପୁରସ୍କାର ବିଜେତା ଏହି ତିନି ଅର୍ଥଶାସ୍ତ୍ରୀଙ୍କ ଗବେଷଣାମୂଳକ ତଥ୍ୟ ଓ ଅନୁଧ୍ୟାନ ନିଶ୍ଚୟ ସହାୟକ ହେବ। ଆମେରିକା ଓ ଚୀନର ଅଗ୍ରଗତି ପଛରେ ଥିବା ପଦ୍ଧତି ଓ ବିଚାରଗତ ନିଷ୍ପତ୍ତିକୁ ୟୁରୋପୀୟ ରାଷ୍ଟ୍ର ଅନୁଶୀଳନ ନ କଲେ ସେମାନେ ଅନ୍ୟମାନଙ୍କ ପଶ୍ଚାତଧାବନ କରିବାର ବାଧ୍ୟବାଧକତା ସୃଷ୍ଟି ହେବ। ସେମାନଙ୍କ ଗବେଷଣା ଓ ଅନୁଶୀଳନ ହେଉଛି ସଂଗୃହୀତ ଐତିହାସିକ ପୃଷ୍ଠଭୂମି। ତେଣୁ ବିଜେତାମାନଙ୍କ ପୁରସ୍କାର ବାବଦରେ ମିଳିବାକୁ ଥିବା ୧୦୨ ନିୟୁତ ଡଲାରର ଅର୍ଦ୍ଧେକ ରାଶି ମୋକିର ଓ ଅବଶିଷ୍ଟ ଅର୍ଥ ଦୁଇଜଣ ଅର୍ଥଶାସ୍ତ୍ରୀ ପାଇବେ। ●

## ଅଶାନ୍ତ ସହର ଓ ଜନପଦ

ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି କ୍ରମେ ଚିନ୍ତା ଓ ଉଦ୍‌ବେଗର କାରଣ ହୋଇପଡ଼ିଲାଣି। ଲଗାମବିହୀନ ଆପରାଧିକ ତତ୍ତ୍ୱ ଗୋଟିକ ପରେ ଗୋଟିଏ ହିଂସାକାଣ୍ଡ ଭିଆଇ ପୁଲିସର ପାରିବାର ପଣିଆକୁ ଖୋଲା ଆହ୍ୱାନ ଦେଇଛନ୍ତି। ବିଶେଷକରି ରାଜଧାନୀ ଭୁବନେଶ୍ୱରରେ ନିୟମିତ ବ୍ୟବଧାନରେ ପରିଲକ୍ଷିତ ଅପରାଧ ପାଇଁ କ୍ଷମତା କେନ୍ଦ୍ର କଠୋର ସମାଲୋଚନାର ସମ୍ମୁଖୀନ ହୋଇଛି। ରାଜଧାନୀ ରାଜ୍ୟର ପ୍ରତିଛବି। କ୍ଷମତାରେ ଯିଏ ଥାଉନା କାହିଁକି ସେ ନିଶ୍ଚୟ ପରିସ୍ଥିତି ପ୍ରତି ସଜାଗ ଓ ସତର୍କ ରହିବାକୁ ପଡ଼ିବ। ଏକ୍ଷେତ୍ରରେ ସୁଦକ୍ଷ ଓ ସମର୍ଥ ଅଧିକାରୀଙ୍କ ନିପୁଣତା ଉପରେ କ୍ଷମତା ନିର୍ଭରଶୀଳ ରହିବା ସ୍ୱାଭାବିକ। ଯେତେବେଳେ ରାଜନୈତିକ ବାଛବିଚାର ଏକ୍ଷେତ୍ରରେ ପରିଲକ୍ଷିତ ହୁଏ ସେତେବେଳେ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ିବା ଥୟ। ସଂପ୍ରତି ଯେଉଁ ପରିସ୍ଥିତି ଉପୁଜିଛି ସେଥିରେ ଶାସନଗତ ଅପରିପକ୍ୱତା ଓ ଅନଭିଜ୍ଞତା ବାରି ହୋଇପଡୁଛି। ନିଜ ଲୋକ ଓ ପାଖଲୋକ ବିଚାରରେ ଅବସ୍ଥାପିତ ଅଧିକାରୀ ପୋଷା ଯାଇଥିବା ସୁରକ୍ଷା ବଳୟରେ ଥିବା ଅପରାଧୀଙ୍କ ପ୍ରତି କୋହଳ ମନୋଭାବ ପୋଷଣ କରିବାରେ କିଛି ଅସ୍ୱାଭାବିକତା ନାହିଁ। ରାଜଧାନୀରେ ଅପରାଧତତ୍ତ୍ୱଙ୍କ କାର୍ଯ୍ୟକଳାପରୁ ଏହା ଅନ୍ତତଃ ପ୍ରମାଣିତ ହୋଇଛି।

ଗତ ସୋମବାର ପରିଲକ୍ଷିତ ଆପରାଧିକ କାର୍ଯ୍ୟକଳାପରୁ ଅସାମାଜିକଙ୍କ ନିଡରୁଆପଣ ବାରି ହୋଇପଡୁଛି। ଭୁବନେଶ୍ୱରର ସହରତଳି ଅଞ୍ଚଳ ସଂପ୍ରତି ଅପରାଧତତ୍ତ୍ୱଙ୍କ ଆଡ୍ଡାସ୍ଥଳୀରେ ପରିଣତ ହୋଇଛି। ସେମାନେ କ୍ରମାଗତ ଭାବେ ନିର୍ବାଧରେ ଅପରାଧ ଭିଆଇ ଚାଲିଛନ୍ତି। କଥା କଥାକେ ସେମାନେ ବନ୍ଧୁକ ଉଠାଉଛନ୍ତି। ବେଆଇନ ମାରଣାସ୍ତ୍ର ଚାଲାଣରେ ସଂପୃକ୍ତ ବିହାରୀ ଅପରାଧୀଙ୍କ ଉପରେ କଟକଣା ପ୍ରୟୋଗ କରାଯାଇପାରୁ ନଥିବାରୁ ଛୋଟକାଟର ଅପରାଧୀଙ୍କ ହାତରେ ମଧ୍ୟ ବନ୍ଧୁକ ରହିଛି। ଖଣ୍ଡଗିରି ଥାନା ଅନ୍ତର୍ଗତ ସରକନ୍ତରା ଗାଁ ଦାଣ୍ଡରେ ଏମଏସ୍‌ରେ କାର୍ଯ୍ୟରତ ସୁଧାଂଶୁ ଖଣ୍ଟିଆଙ୍କୁ ଅଫିସ ଯିବା ବାଟରେ ଅପରାଧୀ ୫ ରାଉଣ୍ଡ ଗୁଳି ଚଳାଇ ହତ୍ୟା କଲେ। ସକାଳ ୮ ଟାର ଘଟଣା, ଜନଗହଳି ରାସ୍ତାରେ କେତେ ନିଡରୁଆ ହେଲେ ଏପ୍ରକାର ଅପରାଧ ଜଣେ ଭିଆଇ ପାରିବ! ଏହା ନିଶ୍ଚୟ ଚିନ୍ତାଜନକ। ଏହାର ପୃଷ୍ଠଭାଗରେ ପାରିବାରିକ ଜମି ବିବାଦ ଥିଲେ ମଧ୍ୟ ଦିବାଲୋକରେ ଗୁଳିମାଡ଼ କିଛି ଛୋଟ ଘଟଣା ନୁହେଁ। ସେହିଭଳି ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଚୂନକୋଳି ବସ୍ତିରେ କିଛି ଦୁର୍ବୃତ୍ତ ପଥରରେ ଛେଚି ଜଣେ ଯୁବକଙ୍କୁ ହତ୍ୟା କରିଛନ୍ତି। ଠିକ୍ ସପ୍ତାହକ ପୂର୍ବରୁ ଇନ୍‌ଫୋସିଟି ଥାନା ଅଞ୍ଚଳରେ ଥିବା ଏକ ଆଶ୍ରମରେ ମଧ୍ୟ ଗୁଳିକାଣ୍ଡ ଘଟିଥିଲା। ଅନ୍ୟ ଏକ ସମ୍ବେଦନଶୀଳ ଘଟଣା ହେଲା, ଟ୍ରେନରେ ରାଜଧାନୀକୁ ଆସିଥିବା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଦ୍ୱିତୀଚନ୍ଦ୍ର ସାହୁ ଷ୍ଟେସନ୍ ବାହାରେ ଅଟୋକୁ ଅପେକ୍ଷା କରିଥିବା ବେଳେ କିଛି ଦୁର୍ବୃତ୍ତ ତାଙ୍କ ମୁଣ୍ଡକୁ ଲୁହାରଡରେ ପିଟି ମୋବାଇଲ ଛଡ଼ାଇ ନେଇଛନ୍ତି। ଇଏ ହେଲା ଠିକେ ଠିକେ କିଛି ଦିନର ରାଜଧାନୀ ଅପରାଧତତ୍ତ୍ୱଙ୍କ କାରନାମା।

ବ୍ରହ୍ମପୁରରେ ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ଘଟଣା ହେଉ କି ଚୌଦ୍ୱାର ଜେଲର ସୁରକ୍ଷାବଳୟରୁ ୨ ଜଣ ବିହାର ଅପରାଧୀ ଚମ୍ପଟ ମାରିବା ଭଳି ଖବର ସହ ରାଜ୍ୟରେ ପୁଲିସ ଏସଆଇ ନିଯୁକ୍ତି ପଛରେ ବିପୁଳ ଆର୍ଥିକ କାରବାରକୁ ସଂଯୋଗ କରିଦେଲେ ମନେ ହେବ ସବୁକିଛି ଠିକ୍ ଠାକ୍ ଚାଲିନି। ଚୌଦ୍ୱାର କାରାଗାର ସଂପର୍କରେ ଜେଲ ଡିଆଇଜିଙ୍କ ରିପୋର୍ଟକୁ ଅନୁଶୀଳନ କଲେ ଅସୁରକ୍ଷିତ ବାତାବରଣ ନେଇ ସରକାରଙ୍କ ଅସହାୟତା ବାରି ହୋଇ ପଡ଼ିବ। ଏହା ଶାସନଗତ ଅକ୍ଷମତା ଓ ଅପାରଗତାର ନିଦର୍ଶନ କୁହାଯାଇ ପାରେ। ●

# ଭାରତ-ମଙ୍ଗୋଲିଆ ସମ୍ପର୍କ: ସହଯୋଗର ନୂତନ ଦିଗ

**ଡକ୍ଟର ସୁଶାନ୍ତ କୁମାର ପରିଡ଼ା**

ଭୌଗୋଳିକ ଦୃଷ୍ଟିକୋଣରୁ ଭାରତ ଓ ମଙ୍ଗୋଲିଆ ଅନେକ ମାଇଲ ଦୂରରେ ଅବସ୍ଥିତ। ତେଣୁ ମନେ ହୁଏ ଯେ ସେମାନଙ୍କ ମଧ୍ୟରେ ମାନସିକ କିମ୍ବା ସାଂସ୍କୃତିକ ସଂଯୋଗ କମ୍ ଥିବ। କିନ୍ତୁ ଇତିହାସ ଅନ୍ୟ କିଛି କହେ। ଏହି ଦୁଇ ଦେଶର ସମ୍ପର୍କର ଭିତ୍ତି ରହିଛି ଧର୍ମ ଓ ଦର୍ଶନରେ, ବିଶେଷକରି ବୌଦ୍ଧଧର୍ମରେ। ଏହି ଆଧ୍ୟାତ୍ମିକ ଯୋଗ ଏବେ ଆସି ୭୦ ବର୍ଷର ରାଜନୈତିକ ଯାତ୍ରାରେ ରଣନୈତିକ ସହଯୋଗର ଆକାର ନେଇଛି। ଚଳିତ ମାସ ଅକ୍ଟୋବର ୧୩ ରୁ ୧୬ ପର୍ଯ୍ୟନ୍ତ ମଙ୍ଗୋଲିଆର ରାଷ୍ଟ୍ରପତି ଉଖନା ଖୁରେଲସୁଖଙ୍କ ଭାରତ ଭ୍ରମଣ ଏହି ଦୀର୍ଘସମ୍ପର୍କରେ ଏକ ନୂଆ ଅଧ୍ୟାୟ ଲେଖିଛି। ଏହି ସମୟରେ ଦୁଇ ଦେଶ ମଧ୍ୟରେ ବିଭିନ୍ନ ରାଜିନାମା ସ୍ୱାକ୍ଷର ହୋଇଛି, ଯାହା ଶିକ୍ଷା, ଶକ୍ତି, ଡିଜିଟାଲ ପ୍ରଯୁକ୍ତି, ସଂସ୍କୃତି, ଖଣିଜ ଓ ସୁରକ୍ଷା ସହଯୋଗରେ ନୂତନ ପଥ ଖୋଲିଛି। ଏଥିରୁ ଜଣାଯାଉଛି ଯେ ସମ୍ପର୍କ କେବଳ ଆଧ୍ୟାତ୍ମିକ ନୁହେଁ, ଏହା ଏବେ ବହୁବିଧ ଦ୍ୱିପାକ୍ଷିକ ସହଯୋଗର ନୂଆ ଅଧ୍ୟାୟ ଗଢ଼ିବାକୁ ଯାଉଛି।

ଭାରତ-ମଙ୍ଗୋଲିଆକୁ ବାନ୍ଧି ରଖିଥିବା ଆତ୍ମିକ ସେତୁ ହେଉଛି ବୌଦ୍ଧ ଧର୍ମ। ଭାରତରୁ ଉତ୍ପତ୍ତି ବୌଦ୍ଧ ଧର୍ମ ମଙ୍ଗୋଲିଆର ଆତ୍ମାର ଅଂଶ। ଆଜି ମଧ୍ୟ ମଙ୍ଗୋଲିଆର ଅଧିକାଂଶ ଜନତା ବୌଦ୍ଧ ଧର୍ମାନୁସାରୀ ଏବଂ ଭାରତର ବୌଦ୍ଧ ପବିତ୍ର ସ୍ଥଳୀମାନଙ୍କୁ ନିଜ ସଂସ୍କୃତିର ଅଂଶ ଭାବେ ସମ୍ମାନ କରନ୍ତି। ଗୌତମ ବୁଦ୍ଧଙ୍କ ଦୁଇ ଶିଷ୍ୟ ସାରିପୁତ୍ତ ଓ ମୌଦ ଗଲାୟାନଙ୍କ ପବିତ୍ର ଅସ୍ଥି ଅବଶେଷ ୨୦୨୬ରେ ମଙ୍ଗୋଲିଆକୁ ପଠାଯିବାର ଯୋଜନା ରହିଛି। ଏହି ପଦକ୍ଷେପ ଭାରତର ବୈଦେଶିକ ନୀତିକୁ ଆହୁରି ସୁଦୃଢ଼ କରୁଛି।

ମଙ୍ଗୋଲିଆ ଚୀନ୍ ଓ ରୁଷିଆ ମଧ୍ୟରେ ଅବସ୍ଥିତ ଏକ ଭୂ-ଆବଦ୍ଧ ଦେଶ। ଏହାର ଭୌଗୋଳିକ ସ୍ଥିତି ଏକ




ସୁଯୋଗ ଓ ଆହ୍ୱାନ ସୃଷ୍ଟି କରେ। ଚୀନ୍ ମଙ୍ଗୋଲିଆର ସର୍ବାଧିକ ବ୍ୟବସାୟିକ ସାଥୀ ହେଲେ ମଧ୍ୟ ମଙ୍ଗୋଲିଆର ବିଦେଶ ନୀତି - 'ଥାର୍ଡ ନେଇବର'(ତୃତୀୟ ପଡ଼ୋଶୀ) ମାଧ୍ୟମରେ ଭାରତ, ଜାପାନ ଓ ଆମେରିକା ଭଳି ଦେଶମାନଙ୍କ ସହ ସମତୁଳିତ ସମ୍ପର୍କ ଗଢ଼ିବାକୁ ଚାହୁଁଛି। ଭାରତ ପାଇଁ ମଙ୍ଗୋଲିଆ ଉତ୍ତର-ଏସିଆର ପ୍ରବେଶ ଦ୍ୱାର, ଯେଉଁଠି ରାଜନୈତିକ ସଂଲଗ୍ନତା ଓ ରଣନୀତିକ ସମତୁଳନ ଏକାଧାରରେ ଚାଲିଛି। ଭାରତର 'ଆକ୍ଟ ଇଷ୍ଟ ପଲିସି' ଓ 'କନେକ୍ଟ ସେଣ୍ଟ୍ରାଲ୍ ଏସିଆ' ନୀତି ମଙ୍ଗୋଲିଆର ବୈଦେଶିକ ନୀତି ସହ ସାମଞ୍ଜସ୍ୟ ରଖେ। ଏହି ଭାବେ ଦୁଇଦେଶ ମିଳିତ ଭାବରେ ଏକ ଶାନ୍ତିପୂର୍ଣ୍ଣ ଓ ବହୁଧ୍ରୁବୀୟ ଏସିଆ ଗଢ଼ିବା ଦିଗରେ ବ୍ରତୀ ଅଛନ୍ତି। ଉତ୍ତର-ଏସିଆରେ ନିଜ ଉପସ୍ଥିତି ଜାହିର କରିବା ଏବଂ ଚୀନ୍‌କୈନ୍ଦ୍ରିକ ରାଜନୈତିକ ଆଧିପତ୍ୟକୁ ଶାନ୍ତିପୂର୍ଣ୍ଣ ଭାବେ ପ୍ରତିହତ କରିବା ଦିଗରେ ଭାରତ ପାଇଁ ଏହା ଏକ ସୁଯୋଗ।

ଭାରତ-ମଙ୍ଗୋଲିଆ ସମ୍ପର୍କର ସବୁଠାରୁ ପ୍ରତୀକାତ୍ମକ ଅଭିନବ ପ୍ରକଳ୍ପ ହେଉଛି ଡର୍ନୋଗୋଭି ତୈଳ ବିଶୋଧନାଗାର, ଯାହା ଭାରତର ୧.୭ ବିଲିୟନ୍ ଡଲାର ଲାଇନ୍ ଅଫ୍ କ୍ରେଡିଟ୍‌ରେ ନିର୍ମାଣ ହେଉଛି। ଏହି ପ୍ରକଳ୍ପ ୨୦୨୮ ରେ ସମାପ୍ତ ହେଲେ, ମଙ୍ଗୋଲିଆ ପାଇଁ ଏହା ଉର୍ଜା ସ୍ୱାଧୀନତାର ପ୍ରଥମ ପଦକ୍ଷେପ ହେବ। ଚୀନ୍ ଓ ରୁଷିଆ ଉପରେ ନିର୍ଭରଶୀଳତାରୁ ମୁକ୍ତ ହୋଇ ଅର୍ଥନୈତିକ ସ୍ୱତନ୍ତ୍ରତା ମିଳିବ। ଏହାସହିତ, ଦୁଇ ଦେଶ ଡିଜିଟାଲ ଟେକ୍ନୋଲୋଜି, ଶିକ୍ଷା, ଖଣିଜ ସମ୍ପଦ ଓ ପୁନର୍ନବୀକରଣ ଶକ୍ତି କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ତ୍ୱରାନ୍ୱିତ କରିଛନ୍ତି। ଭାରତୀୟ ଆଇଟି କମ୍ପାନୀ ଓ ଶିକ୍ଷା ସଂସ୍ଥାଗୁଡ଼ିକ ମଙ୍ଗୋଲିଆରେ ନିଜ ଉପସ୍ଥିତି ବୃଦ୍ଧି କରୁଛନ୍ତି, ଯାହା 'ଡିଜିଟାଲ ଡିପ୍ଲୋମେସି'ର ନୂତନ ଆକାର।

୨୦୦୪ ଠାରୁ ଚାଲୁଥିବା 'ନୋମାଡିକ୍ ଏଲିଫ୍ୟାଣ୍ଟ'ଯୁକ୍ତ ସେନା ଅଭ୍ୟାସ ଭାରତ-ମଙ୍ଗୋଲିଆ ରକ୍ଷା ସମ୍ପର୍କର ଭିତ୍ତିସ୍ତମ୍ଭ। ୨୦୨୫ର ସଂସ୍କରଣରେ ସାଇବର ସୁରକ୍ଷା ଓ ସୀମା ବଳ ପ୍ରଶିକ୍ଷଣକୁ ଯୋଡ଼ାଯାଇଛି। ଭାରତ ମଙ୍ଗୋଲିଆନ ନାଗରିକଙ୍କ ପାଇଁ ନିଃଶୁଳ୍କ ଭିସା ଆରମ୍ଭ କରିଛି, ଯାହା ଆଧ୍ୟାତ୍ମିକ ପର୍ଯ୍ୟଟନ, ଶିକ୍ଷା ଓ ଲୋକସଂଯୋଗକୁ ବଢ଼ାଇବ। ଲଦାଖ ସ୍ୱୟଂଶାସିତ ପରିଷଦ ଓ ମଙ୍ଗୋଲିଆର ଆରଖାଙ୍ଗାଇ ପ୍ରାନ୍ତ ମଧ୍ୟରେ ହୋଇଥିବା ବୌଦ୍ଧ ସାଂସ୍କୃତିକ ସହଯୋଗ ଦୁଇ ଦେଶର ଆଧ୍ୟାତ୍ମିକ ଓ ସାମାଜିକ ସମ୍ପର୍କକୁ ଆହୁରି ନିବିଡ଼ କରୁଛି। ଏହା ଏକ ଜନକୈନ୍ଦ୍ରିକ କୂଟନୀତି, ଯେଉଁଠି ମାନବିକ ସମ୍ପର୍କ ବୈଦେଶିକ ରଣନୀତିକୁ ଶକ୍ତି ଦେଉଛି।

ଆଞ୍ଚଳିକ ପରିପ୍ରେକ୍ଷାପଟରେ ଭାରତ-ମଙ୍ଗୋଲିଆ ସମ୍ପର୍କ ଅଧିକ ଗୁରୁତ୍ୱ ବହନ କରେ। ଚୀନ୍ ଯେପରି ଏସିଆରେ ନିଜ ପ୍ରଭାବକ୍ଷେତ୍ର ବିସ୍ତାର କରୁଛି ଏବଂ ରୁଷିଆ ଏକ ପୁରୁଣା ସାମ୍ରାଜ୍ୟ ଭାବେ ନିଜ ସ୍ଥାନ ରକ୍ଷା କରୁଛି, ସେହି ଦୃଷ୍ଟିରୁ ଭାରତ-ମଙ୍ଗୋଲିଆ ସମ୍ପର୍କ ଏକ ଶାନ୍ତି ଆଧାରିତ ରଣନୈତିକ ବିକଳ୍ପ ଭାବେ ଆତ୍ମପ୍ରକାଶ କରିଛି। ଭାରତ ଏକ ବିଶ୍ୱାସଯୋଗ୍ୟ ଗଣତାନ୍ତ୍ରିକ ସହଯୋଗୀ ଭାବେ ଉତ୍ତର-ଏସିଆରେ ନୂତନ ନେତୃତ୍ୱ ନେଉଛି, ଯେଉଁଠି ମଙ୍ଗୋଲିଆ ସହ ଆଧ୍ୟାତ୍ମିକ ସଂଯୋଗ ରଣନୀତିକ ସମ୍ପର୍କକୁ ଗଭୀର କରୁଛି। କିପରି ଧର୍ମ, ଦର୍ଶନ ଓ ରାଜନୀତି ଏକସଙ୍ଗରେ ଚାଲିପାରେ, ଭାରତ-ମଙ୍ଗୋଲିଆ ସମ୍ପର୍କ ତାହାର ଏକ ଉତ୍ତମ ଉଦାହରଣ। ଏହି ସମ୍ପର୍କ ଭାରତର ବସୁଧୈବ କୁଟୁମ୍ବକମ୍ ଦୃଷ୍ଟିକୋଣର ପ୍ରତୀକ, ଯେଉଁଠି ଆଧ୍ୟାତ୍ମିକ ମୂଲ୍ୟ ଓ ରଣନୀତିକ ବାସ୍ତବତା ଏକ ସାଧାରଣ ସୂତ୍ରରେ ଗଢ଼ିଉଠିଛି। ୭୦ ବର୍ଷର ଏହି ସମ୍ପର୍କ ଭାରତ ଓ ମଙ୍ଗୋଲିଆ ପାଇଁ କେବଳ ଇତିହାସ ନୁହେଁ, ଭବିଷ୍ୟତ ସଂକଳ୍ପର ଭିତ୍ତି।

ମଙ୍ଗୋଲିଆ-ଭାରତ ସମ୍ପର୍କର ନୂତନ ପରିଚୟ କେବଳ ରାଜନୈତିକ କିମ୍ବା ଆର୍ଥିକ ସଂଯୋଗରେ ସୀମିତ ନୁହେଁ। ଏହା ଭୌଗୋଳିକ ସମତୁଳନ, ଆଧ୍ୟାତ୍ମିକ ଶକ୍ତି, ଉର୍ଜା ଓ ଅର୍ଥନୀତିକ ସହଯୋଗ, ସୁରକ୍ଷା ଓ ସାଂସ୍କୃତିକ ସଂଯୋଗର ସମ୍ମିଳିତ ରୂପ। ମଙ୍ଗୋଲିଆ ଛୋଟ ଦେଶ ହେଲେ ମଧ୍ୟ ତାଙ୍କର ସ୍ଥାନ, ସାମରିକ ଶକ୍ତି ଓ ସାଂସ୍କୃତିକ ପରମ୍ପରା ଭାରତ ପାଇଁ ମହତ୍ତ୍ୱପୂର୍ଣ୍ଣ। ଏହି ସଂଯୋଗର ନୂତନ ଅଧ୍ୟାୟ ଏକ ପ୍ରତୀକ ଯେ ଛୋଟ ଦେଶ ମଧ୍ୟ ଜ୍ଞାନ, ସଂସ୍କୃତି, ଧର୍ମ ଓ ରଣନୀତିକ ସମର୍ଥନ ମାଧ୍ୟମରେ ବିଶ୍ୱରେ ମହତ୍ତ୍ୱ ରଖିପାରିବ। ଏହି ସମ୍ପର୍କ ଦୃଢ଼ ରହିଲେ, ଏକ ଛୋଟ ଦେଶ ମଧ୍ୟ ମହାଶକ୍ତି ସହିତ ସମାନ ଭାବରେ ଆଲୋଚିତ ହୋଇପାରିବ। ●

(ବିଭାଗୀୟ ମୁଖ୍ୟ, ଲୋକନାଥ ମହାବିଦ୍ୟାଳୟ)
ପାଟକୁରା(କେନ୍ଦ୍ରାପଡ଼ା),
ମୋ: ୯୪୩୭୨୧୦୪୫୮

# ଗଣତନ୍ତ୍ର ଓ ଗଣଚେତନା

**ଡ ଚନ୍ଦ୍ରକଳା ନାୟକ**

ଦୁଇଶହ ବର୍ଷ ତଳେ ସଂଗଠିତ ଫରାସୀ ବିପ୍ଳବର ମୂଳ ଲକ୍ଷ୍ୟ ଥିଲା ସ୍ୱାଧୀନତା, ସମାନତା ଓ ଭ୍ରାତୃତ୍ୱ ପ୍ରତିଷ୍ଠା। ସାରା ପୃଥିବୀରେ ରାଜତନ୍ତ୍ର ବିରୋଧରେ ନୂଆ ପଥ ଯୋଗାଇ ଦେଇଥିଲା ଏଇ ତିନୋଟି ଶବ୍ଦ। ଶାସନତନ୍ତ୍ରରେ ପରିବର୍ତ୍ତନ ହେଲା। ରାଜତନ୍ତ୍ର ଶାସନରୁ ମୁକ୍ତ ହୋଇ ଗଣତନ୍ତ୍ର ପ୍ରତିଷ୍ଠା ହେଲା। ଗଣତନ୍ତ୍ର ଶାସନରେ ଶାସନ ଓ ଶାସିତ ଏକ ଓ ଅଭିନ୍ନ। ସାମାଜିକ ନ୍ୟାୟ, ଅର୍ଥନୈତିକ ସମତା, ବ୍ୟକ୍ତିଗତ ଅଧିକାର ଓ ବ୍ୟକ୍ତିଗତ ସ୍ୱାଧୀନତା ଲାଭ କରିବା ସଙ୍ଗେ ସଙ୍ଗେ ସମଷ୍ଟିଗତ ପ୍ରଗତି ହିଁ ଏ ଶାସନର ମୂଳ ଲକ୍ଷ୍ୟ।

ଲୋକପ୍ରତିନିଧି ମନୋନୟନ ଗଣତନ୍ତ୍ରର ମେରୁଦଣ୍ଡ। ଯେଉଁ ଦେଶର ଲୋକ ଶାସନ ସମ୍ବନ୍ଧୀୟ ଜ୍ଞାନରେ ସୁଶିକ୍ଷିତ, ନିଜ ନାଗରିକ ଅଧିକାର ଓ ପ୍ରତିନିଧି ବାଛିବାର ଗୁରୁତ୍ୱ ସମ୍ବନ୍ଧରେ ସଚେତନ, ସେ ଦେଶମାନଙ୍କରେ ଗଣତନ୍ତ୍ର ସେତେ ସୁଦୃଢ଼। ଦୋଷଗୁଣ, କାର୍ଯ୍ୟକଳାପ, ଚିନ୍ତାଧାରା, ମାନସିକ ଦୃଷ୍ଟିକୋଣ, ସାଧୁତା, ସଚ୍ଚୋଟପଣିଆ ଓ ଦକ୍ଷତା ସମ୍ବନ୍ଧରେ ବ୍ୟକ୍ତିଗତ ଭାବରେ ଜ୍ଞାନ ସଂଗ୍ରହ କରି ଉପଯୁକ୍ତ ପ୍ରତିନିଧି ବାଛିବା ପ୍ରତ୍ୟେକ ଭୋଟରଙ୍କ କର୍ତ୍ତବ୍ୟ। ଆମ ଦେଶର ଅଭିଜ୍ଞତାରୁ ମନେ ହୁଏ, ଏହା ଆଲୋଚନା କରିବା କେବଳ ତାତ୍ତ୍ୱିକ ଓ ପୋଥିଗତ। ଛୁଆଁ ଅଛୁଆଁର ପୀଠସ୍ଥଳୀ ଭାରତ ସାମାଜିକ ନ୍ୟାୟ ପ୍ରତିଷ୍ଠାରେ ବହୁପଛରେ। ପୁଞ୍ଜିପତିର ବିଶାଳ ପ୍ରାସାଦ ଓ ଭିକାରିର ପତ୍ରକୁଡ଼ିଆ ମଧ୍ୟରେ ଅର୍ଥନୈତିକ ସମତାର ଆଶା କେବଳ କଳ୍ପନା ବିଳାସ। କୁସଂସ୍କାରପୂର୍ଣ୍ଣ ସାଧାରଣ ଶିକ୍ଷା ବିହୀନ ସମାଜରେ ବ୍ୟକ୍ତିଗତ ଅଧିକାର 'ଆକାଶ କୁସୁମ ଚିଲିକା ମାଛ' ପରି ସ୍ୱପ୍ନିଳ।




ଯେଉଁ ଦେଶର ନାଗରିକ ନିଜ ଅଧିକାର ଓ କର୍ତ୍ତବ୍ୟ ଜ୍ଞାନ ସମ୍ବନ୍ଧରେ ଅଜ୍ଞ, ସେ ଦେଶମାନଙ୍କରେ ଗୁଣ ଅପେକ୍ଷା ଅପପ୍ରଚାର ବିଶେଷ କାମ କରେ। ବହୁବିଧ ଅସମାନତା ତଥା ଉପେକ୍ଷାକୁ ସାମୂହିକ ଜୀବନରେ ମୁଖ୍ୟ ମୀମାଂସକ ରୂପେ ଯୋଡ଼ି ରଖିଥିବା ସ୍ୱାର୍ଥୀପକ୍ଷଟି ସର୍ବଦା କ୍ଷମତା ଦଖଲ କରି ଆପଣାର ବିଶେଷ ସ୍ୱାର୍ଥ ସାଧନରେ ବ୍ୟବହାର କରିଆସିଛନ୍ତି। ପୃଥିବୀରେ ଶାସନସ୍ତରୀୟ ଗଢ଼ଣଗୁଡ଼ିକ ରାଜତନ୍ତ୍ରରୁ ଗଣତନ୍ତ୍ର ଚେହେରାକୁ ବଦଳି ଯାଇଥିଲେ ମଧ୍ୟ ପୁରୁଣା ସ୍ୱାର୍ଥୀମାନେ ପୂର୍ବପରି ସକ୍ରିୟ ହୋଇ ରହୁଛନ୍ତି। ଦେଶର ଅଶିକ୍ଷା, ଦାରିଦ୍ର୍ୟ, ରୋଗ ପ୍ରପୀଡ଼ିତ ବ୍ୟବସ୍ଥା କୋଟି କୋଟି ମନୁଷ୍ୟଙ୍କ ଭାଗ୍ୟକୁ କାମୁଡ଼ି ଧରିଛି।

ଭାରତର ଗଣତନ୍ତ୍ରର ପ୍ରଥମ କାଳରେ ବିପ୍ଳବୀମାନଙ୍କର ଯେଉଁ ଆଭିମୁଖ୍ୟ ଥିଲା, ପରବର୍ତ୍ତୀ ସମୟରେ ବଦଳିଗଲା। ସମଗ୍ର ଭାରତ ଭୂଖଣ୍ଡରୁ ଶୋଷଣ ଓ ଯାବତୀୟ ଆନୁସଙ୍ଗିକ ଅସମାନତାକୁ ଦୂର କରିବାର ସେହି ପ୍ରଥମ ଲକ୍ଷ୍ୟଟି ଧୀରେ ଧୀରେ ଗୌଣ ହୋଇଗଲା। ଗଣତନ୍ତ୍ର ଶାସନର ସଫଳ ପ୍ରତିଫଳନ ମରୀଚିକା ପରି ହାତଛଡ଼ା ହେଲା। କେବଳ କ୍ଷମତା ଲୋଭରେ ଜନପ୍ରତିନିଧି ହେବାର ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହେଲା। ବାଜା ବଜାଇ, ନାଚ ଗୀତ କରି, ସଭା ସମିତିରେ ଛାତି ପିଟି ବାହୁସ୍ଫୋଟ ମାରି, ମିଛ ପ୍ରତିଶ୍ରୁତି ଛାଡ଼ି, ଧନ ଆଶ୍ରୟ ନେଇ, ଲୋକଙ୍କୁ ଭୟ ଦେଖାଇ, ଅପପ୍ରଚାର ବଳରେ କଳାକୁ ଧଳା ଓ ଧଳାକୁ କଳା କରିବାକୁ ଚେଷ୍ଟା ଆରମ୍ଭ ହୋଇଗଲା।

ସାଧାରଣ ଜନତା ଯେତେବେଳେ ଭଲ ମନ୍ଦ ଚିହ୍ନିବାର ଯୋଗ୍ୟତା ହରାଇ ବସନ୍ତି, ସେଠାରେ ଅପପ୍ରଚାରର ହିଁ ଜୟ ହୁଏ। ଆଜି ଆମ ଦେଶରେ ଅନେକ ଲୋକ ଅଛନ୍ତି, ଯେଉଁମାନେ ସଜ ମାଛରେ ବି ପୋକ ପକାଇପାରିବେ। ତା' ସାଙ୍ଗକୁ ପ୍ରଚାରପତ୍ର, କାନ୍ଥବାଡ଼ ଲେଖା, ଆଧୁନିକ ସଙ୍ଗୀତ, ସିନେମା, ରେଡିଓ, ସଭାସମିତି, ଶୋଭାଯାତ୍ରା ଓ ଡିଜିଟାଲ ମାଧ୍ୟମରେ ଅନେକ ନୂତନ ଆଧୁନିକ ଢଙ୍ଗରେ ଏହି ପ୍ରଚାର ଅସ୍ତ୍ର ସାଧାରଣ ଆଖିକୁ ଚମକାଇ ଦେଉଛି। ଯେଉଁଠାରେ ଶିକ୍ଷିତ ଭୋଟର ଉଦାସୀନ, ସେହିଠାରେ ଅନେକ କ୍ଷେତ୍ରରେ କେବଳ ଅପପ୍ରଚାର ଦ୍ୱାରା ଜନପ୍ରତିନିଧିମାନଙ୍କ ଜୟ ହୋଇଥାଏ। ଏହିପରି ଅସତ ଉପାୟରେ, ଅପପ୍ରଚାର ଶକ୍ତି ବଳରେ ଜିଣିଥିବା ଗୁଣହୀନ ଓ ନୀତିହୀନ କେତେକ ଜନପ୍ରତିନିଧି ନିଜ ହାତରେ କ୍ଷମତା ପାଇ ଦେଶର ଗରୀବ ଜନତାଙ୍କ ମଧ୍ୟରେ ସୀମିତ ସୁବିଧା ବାଣ୍ଟିବା ମାଙ୍କଡ଼ ଓ ଦୁଇ ବିରାଡ଼ିଙ୍କ ମଧ୍ୟରେ ପିଠା ବାଣ୍ଟିବା ନ୍ୟାୟରେ ଚାଲିଛି। ତରାଜୁର ଦୁଇପଟ ଖାଲି ହେବା ପରେ ବିଚରା ଜନତା ଜନାର୍ଦ୍ଦନ ଜଳକା ରହିବା ହିଁ ସାର ହେଉଛି। ଆଜିକାଲିର ଜନପ୍ରତିନିଧି ଠିକ 'ବାଉଁଶରାଣୀ'ର ଖେଳ ପରି ଦିଗ ପରିବର୍ତ୍ତନ ବି କରୁଛନ୍ତି। ଥରେ ଏହି ଖେଳ ଭାଙ୍ଗିଗଲେ ପୁଣି ନୂଆ ଅଭିନୟ ଆରମ୍ଭ ହେଉଛି, ଠିକ ପୂର୍ବପରି ଢଙ୍ଗରେ। ଫରକ ଏତିକି, ସେଇ ଜନତା, ସେଇ ନେତା, ସେଇ ଖେଳ, ସେଇ ଭ୍ରଷ୍ଟାଚାର। ବ୍ୟବଧାନ କେବଳ ସମୟ। ଯେଉଁ ଲୋକପ୍ରତିନିଧି କିଛି ଅର୍ଥ, ଉପହାର, ଭୋଜିଭାତ ଦ୍ୱାରା ଜନତାଙ୍କ ମୁଣ୍ଡ କିଣିଥାଏ ସେହି ପ୍ରତିନିଧି କିପରି ସଚ୍ଚୋଟପଣିଆକୁ ଆପଣେଇ ପାରିବ ଗଣତନ୍ତ୍ର ବା ଏଥିପାଇଁ ଦୋଷୀ କାହିଁକି ହେବ?

ଗଣତନ୍ତ୍ର ଶ୍ରେଷ୍ଠ ଶାସନ, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ। କଥାରେ ଅଛି, ଯିଏ ଯେଉଁ ଶାସନ ପାଇଁ ଉପଯୁକ୍ତ, ସେ ତାହା ହିଁ ପାଏ। ଆଜି ପ୍ରତ୍ୟେକ ଜନସାଧାରଣ ସେମାନଙ୍କ ଅବସ୍ଥା ପାଇଁ ନିଜେ ହିଁ ଦାୟୀ। ଆତ୍ମସମୀକ୍ଷା ନକରି ଗଣତନ୍ତ୍ରକୁ ଦୋଷ ଦେବା ଆଦୌ ଗ୍ରହଣୀୟ ନୁହେଁ। ଅର୍ଥ, ଖାଦ୍ୟ, ପଦପଦବୀ ଲାଳସାରେ ଆଜି ସାଧାରଣ ଜନତା ନିଜେ ନିଜ ବିବେକକୁ ବନ୍ଧା ପକାଇବା ହିଁ ଗଣତନ୍ତ୍ର ପାଇଁ ସଙ୍କଟ ସୃଷ୍ଟି କରୁଛି। ଗଣଶିକ୍ଷା ଓ ଗଣଚେତନାକୁ ଜାଗ୍ରତ ନକରି ପାରିବା ଆମମାନଙ୍କର ପ୍ରଥମ ଦୁର୍ବଳତା। ●

(ଅଧ୍ୟାପିକା, ମହାପୁରୁଷ ହାଡ଼ିଦାସ ମହାବିଦ୍ୟାଳୟ)
ଛତିଆ, ମୋ: ୯୪୩୭୯୫୭୬୧୭

# ପୁତନା ମନ୍ଦିର

## ବିଚିତ୍ର ବିଶ୍ୱାସ

**ଓଜସ୍ୱିନୀ**

ପୌରାଣିକ କଥା ଅନୁସାରେ ପୁତନା ପୂର୍ବଜନ୍ମରେ ଦାନବୀର ରାଜା ବଳିଙ୍କ ପୁତ୍ରୀ ରତ୍ନମାଳା ଭାବେ ଜନ୍ମ ନେଇଥିଲେ। ବଳି ବଧ ପାଇଁ ଶ୍ରୀବିଷ୍ଣୁ ଗ୍ରହଣ କରିଥିବା ବାମନ ଅବତାର ଦର୍ଶନ କରି ତାଙ୍କୁ ପୁତ୍ର ଭାବେ ପ୍ରାପ୍ତ କରିବା ପାଇଁ ରତ୍ନମାଳା ବରଦାନ ମାଗିଥିଲେ। ରତ୍ନମାଳାଙ୍କ ବାତ୍ସଲ୍ୟ ଭକ୍ତିରେ ସନ୍ତୁଷ୍ଟ ହୋଇ ଶ୍ରୀବିଷ୍ଣୁ ବରଦାନ ଦେଇଥିଲେ ଯେ, ଦ୍ୱାପର ଯୁଗରେ ସେ ବାଳକୃଷ୍ଣଙ୍କ ମାତା ହେବାର ସୌଭାଗ୍ୟ ଲାଭ କରିବେ। ତେଣୁ ପୁତନା କିଛିକ୍ଷଣ ପାଇଁ ବାଳକୃଷ୍ଣଙ୍କୁ ମାତା ଭାବେ ସ୍ତନ୍ୟପାନ କରାଇବାର ସୁଯୋଗ ଲାଭ କରିଥିଲେ।

ଦ୍ୱାପର ଯୁଗରେ ବାଳକୃଷ୍ଣଙ୍କୁ ବଧ କରିବା କଂସ ପୁତନା ନାମ୍ନୀ ରାକ୍ଷସୀକୁ ଗୋପପୁର ପଠାଇଥିଲା। ପୁତନା ରୂପସୀର ଛଦ୍ମବେଶ ଧାରଣ କରି ଆସିଥିଲା। ଶ୍ରୀକୃଷ୍ଣଙ୍କୁ ମର୍ତ୍ତ୍ୟମଣ୍ଡଳରେ ଦର୍ଶନ କରିବା ସହିତ ବାଳକୃଷ୍ଣଙ୍କୁ ସ୍ତନ୍ୟପାନ କରିବାକୁ ସୁଯୋଗ ଦେବାକୁ ସେ ମାତା ଯଶୋଦାଙ୍କୁ ଅନୁରୋଧ କଲେ। ମାତା ଯଶୋଦା ବାଳକୃଷ୍ଣଙ୍କୁ ପୁତନାଙ୍କ କୋଳକୁ ଦେଇଥିଲେ। ପୁତନା ତାଙ୍କ ସ୍ତନରେ ଥିବା କାଳକୂଟ ବିଷ ଦ୍ୱାରା ବାଳକୃଷ୍ଣଙ୍କ ବଧ କରିବେ ବୋଲି ଯୋଜନା କରିଥିଲେ। କିନ୍ତୁ ବାଳକୃଷ୍ଣ କ୍ଷୀର ସହ ପୁତନାଙ୍କ ପ୍ରାଣ ହରଣ କରି ନେଲେ। ଏହାପରେ ରାକ୍ଷସୀ ପୁତନା ଚିତ୍କାର କରି ନିଜ ବିକଟାଳ ରୂପ ଧାରଣ କରି ମୃତ୍ୟୁବରଣ କଲେ। ଗୋପପୁରବାସୀ ଏହା ଦେଖିବା ପରେ ଭୟଭୀତ ହେବା ସହିତ ବାଳକୃଷ୍ଣଙ୍କୁ ପୁତନାଙ୍କ ଛାତି ଉପରୁ ଉଠାଇ ଆଣିଲେ ଏବଂ ପୁତନାଙ୍କ ଦାହ ସଂସ୍କାର କରିଥିଲେ। ଶ୍ରୀକୃଷ୍ଣଙ୍କ ସ୍ପର୍ଶ ପାଇଥିବାରୁ ସଂସ୍କାର ସମୟରେ ପୁତନାଙ୍କ ଶରୀରରୁ ଚନ୍ଦନର ସୁଗନ୍ଧ ବାହାରିଥିଲା। ତେଣୁ ପୁତନାଙ୍କୁ ଗୋପବାସୀ ଦେବୀତୁଲ୍ୟ ବିଚାର କରିଥିଲେ। ଯେଉଁ ସ୍ଥାନରେ ପୁତନା ମୋକ୍ଷ ଲାଭ କରିଥିଲେ, ସେହି ସ୍ଥାନରେ ପୁତନାଙ୍କ ମନ୍ଦିର ନିର୍ମାଣ କରାଯାଇଛି। ଏହି ମନ୍ଦିରରେ ବର୍ତ୍ତମାନ ସମୟରେ ମଧ୍ୟ ବିଧିବିଧାନର ସହିତ ପୂଜାର୍ଚ୍ଚନା କରାଯାଏ। ବିଶେଷ ଭାବେ ସନ୍ତାନମାନଙ୍କର ମଙ୍ଗଳକାମନା କରି ସେଠାରେ ପୁତନାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିଥା'ନ୍ତି।

ଉତ୍ତରପ୍ରଦେଶର ମଥୁରା(ଗୋପପୁର) ଅନ୍ତର୍ଗତ ମହାବନ୍ ଅଞ୍ଚଳରେ ପୁତନା ମନ୍ଦିର ଅଛି। ଏଠାରେ ରାକ୍ଷସୀ ରୂପରେ ପୁତନାଙ୍କର ଏକ ବିଶାଳ ଶୟନମୁଦ୍ରାର ପ୍ରତିମା ରହିଛି, ଯାହାର ଛାତି ଉପରେ ବାଳକୃଷ୍ଣ ସ୍ତନ୍ୟପାନ କରୁଥିବା ଦେଖାଯାଏ। ସେଠାରେ ପୁତନାଙ୍କୁ ମା' ରୂପରେ ପୂଜା କରାଯାଉଛି। ଯମୁନା ତଟବର୍ତ୍ତୀ ଏହି ମନ୍ଦିର 'ପୁତନା ଉଦ୍ଧାର ସ୍ଥଳ' ଭାବେ ମଧ୍ୟ ପରିଚିତ। ପଶ୍ଚିମବଙ୍ଗ ଅଞ୍ଚଳରେ ଅନ୍ୟ ଏକ ପୁତନା ମନ୍ଦିର ରହିଥିଲେ ମଧ୍ୟ ମଥୁରାର ପୁତନା ମନ୍ଦିରକୁ ମୁଖ୍ୟ ମନ୍ଦିରର ମାନ୍ୟତା ମିଳିଛି। ପଶ୍ଚିମବଙ୍ଗର ହୁଗୁଳିଠାରେ ଥିବା ପୁତନା ମନ୍ଦିରକୁ 'ରାକ୍ଷସୀବାଡ଼ି' କୁହାଯାଏ। ଏଠାରେ ରାଧାକୃଷ୍ଣଙ୍କ ସହିତ ପୁତନାଙ୍କର ମୂର୍ତ୍ତି ପୂଜା ପାଇଥା'ନ୍ତି। ଅଧିକାରୀ ପରିବାରର ବହୁ ପୁରୁଣା ଘରେ ସ୍ଥିତ ଏହି ମନ୍ଦିରରେ କ୍ରମାଗତ ଚାରିପିଢ଼ି ଧରି ପୂଜା କରି ଆସୁଛନ୍ତି। ଏହି ମନ୍ଦିରରେ ମଧ୍ୟ ସନ୍ତାନମାନଙ୍କ କଲ୍ୟାଣାର୍ଥେ ପୂଜାର୍ଚ୍ଚନା କରାଯାଏ।

ଏତଦ୍‌ବ୍ୟତୀତ ଭାରତୀୟ ଚିକିତ୍ସା ପଦ୍ଧତି ଅନ୍ତର୍ଗତ କେତେକ ଗ୍ରନ୍ଥ ଓ ସୁଶ୍ରୁତ ସଂହିତାରେ ପୁତନାଙ୍କୁ କଳାବର୍ଣ୍ଣଯୁକ୍ତ, ବଡ଼ ଓ ଖୋଲା ପାଟି, ଆଗକୁ ବାହାରିଥିବା ଆସୁରିକ ଦାନ୍ତଯୁକ୍ତ, ଖୋଲା କେଶ, ମଇଳା ବସ୍ତ୍ର ପରିଧାନଯୁକ୍ତ, ଦେହରୁ ଦୁର୍ଗନ୍ଧ ବାହାରୁଥିବା ଏବଂ ଭଙ୍ଗାଘରେ ରହୁଥିବା ଶିଶୁରୋଗ ସୃଷ୍ଟିକାରୀ ଦୁଷ୍ଟ ମାତୃକାଗଣ ଓ ଗ୍ରାହିଣୀ ଭାବେ ବର୍ଣ୍ଣନା କରାଯାଇଛି। ତେଣୁ ପୁତନାଙ୍କ ଉଦ୍ଦେଶ୍ୟରେ ଗୋବର, ମାଛ, ଚାଉଳରେ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ, ପେଡ଼ା ହୋଇଥିବା ତେଲ ଓ ମଦିରା ଅର୍ପଣ କରି ଶିଶୁରୋଗ ମୁକ୍ତ କରିବା ପାଇଁ ଅନେକ ସ୍ତୁତି, ଶ୍ଳୋକ ଓ ପୂଜପଦ୍ଧତି ରହିଛି। ଆୟୁର୍ବେଦର ଏକ ଶାଖା 'କୁମାର ତନ୍ତ୍ର' ଅନୁସାରେ ଶିଶୁଙ୍କୁ ଦୁଗ୍ଧ ସମ୍ବନ୍ଧୀୟ ରୋଗର ଚିକିତ୍ସା ନିମନ୍ତେ ପୁତନାଙ୍କ ଉଦ୍ଦେଶ୍ୟରେ ସ୍ତୁତିପାଠ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। 'କୁମାରତନ୍ତ୍ର'ରେ ଉଲ୍ଲେଖ ଅଛି ଯେ, ଶିଶୁକୁ ଜନ୍ମର ତୃତୀୟ ଦିନ କିମ୍ବା ତୃତୀୟ ମାସ କିମ୍ବା ତୃତୀୟ ବର୍ଷ ଯାହା କିଛି ରୋଗ ହୁଏ, ତାହା କେବଳ ପୁତନା ଗ୍ରାହିଣୀ ପାଇଁ ହୋଇଥାଏ। ତେଣୁ ଆୟୁର୍ବେଦୀୟ ଅନୁଷ୍ଠାନ ଦ୍ୱାରା ପୁତନାଙ୍କ ପୂଜା କରି ଶିଶୁକୁ ରୋଗମୁକ୍ତ କରାଯାଏ। ●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପୁଲିସର ବେପରୁଆ ପାର୍କିଂ ନେଲା ୨ ଜୀବନ

ବାହାନଗା, ୧୬।୧୦ (ସମିସ): ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ପୁଲିସର ବେପରୁଆ କାର୍ଯ୍ୟ ପାଇଁ ଆଜି ୨ଟି ଜୀବନ ଅକାଳରେ ଝରିପଡ଼ିଥିବା ନେଇ ଅଭିଯୋଗ ହୋଇଛି। ଜାତୀୟ ରାଜପଥକୁ ଲାଗି ଥାନା ସମ୍ମୁଖରେ ପୁଲିସ ଜବତ ଗାଡ଼ି ପାର୍କିଂ କରୁଥିବାରୁ ଆଜି ଏପରି ଏକ ଅଘଟଣ ଘଟିଛି। ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଖବର ଲେଖା ହେବା ସୁଦ୍ଧା ମୃତାହତଙ୍କ ପରିଚୟ ମିଳିପାରିନାହିଁ। ସୂଚନାନୁଯାୟୀ, ଖନ୍ତାପଡ଼ା ଥାନା ପରିସରରେ ପର୍ଯ୍ୟାପ୍ତ ଜାଗା ନ ଥିବାରୁ ପୁଲିସ ବିଭିନ୍ନ ସମୟରେ ଜବତ କରୁଥିବା ଦୁର୍ଘଟଣାଗ୍ରସ୍ତ ଏବଂ ଚୋରା ଲଘୁ ଖଣିଜ ପଦାର୍ଥ ପରିବହନ ଗାଡ଼ିଗୁଡିକୁ ଥାନା ସମ୍ମୁଖ ୧୬ ନମ୍ବର ଜାତୀୟ ରାଜପଥରେ ଛିଡ଼ା କରୁଛି। ଏପରିସ୍ଥଳେ ଗତ ୧୪ତାରିଖରେ ୨ଟି ବାଲି ଡମ୍ପର୍ ଏବଂ ଗୋଟିଏ ଟ୍ରାକ୍ଟର୍‌କୁ ଜବତ କରି ଥାନା ସମ୍ମୁଖ ରାସ୍ତା ଉପରେ ରଖିଥିଲା। ପୁରୀ ବୁଲିବାକୁ ଆସିଥିବା ପୂର୍ବମେଦିନୀପୁର ଅଞ୍ଚଳର ୪ଜଣ ଆଜି ଦିନ ପ୍ରାୟ ୧୧ଟାରେ ପଶ୍ଚିମବଙ୍ଗ ଅଭିମୁଖେ ଫେରୁଥିବା ବେଳେ ଉକ୍ତ ଡମ୍ପର୍‌କୁ ସେମାନଙ୍କ କାର୍‌ଟି ପଛରୁ ଧକ୍କା ଦେଇଥିଲା। ଏଥିରେ କାର୍‌ରେ ଥିବା ୪ ଜଣ ଗୁରୁତର ହୋଇଥିଲେ। ଆମ୍ବୁଲାନ୍ସରେ ସମସ୍ତଙ୍କୁ ଫକୀରମୋହନ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଜଣେ ଯୁବକ ଏବଂ ଜଣେ ମହିଳାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ଜଣେ ପୁରୁଷ ଏବଂ ଅନ୍ୟ ଜଣେ ମହିଳାଙ୍କ ସ୍ୱାସ୍ଥ୍ୟବସ୍ଥା ସଂକଟାପନ୍ନ ରହିଛି।

## ମାଓନେତା ରୂପେଶଙ୍କ ସହ ୧୩୦ ନକ୍ସଲ କରିବେ ଆତ୍ମସମର୍ପଣ

ମାଲକାନଗିରି, ୧୬।୧୦(ସମିସ): ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଥିବା ମାଓ ସଙ୍ଗଠନକୁ ଆଉ ଏକ ଶକ୍ତ ଧକ୍କା ଲାଗିବାକୁ ଯାଉଛି। ମାଓନେତା ରୂପେଶଙ୍କ ସହ ୧୩୦ରୁ ଅଧିକ ଦୁର୍ଦ୍ଧର୍ଷ ମାଓବାଦୀ ଲାଲ୍‌ବାହିନୀ ଛାଡ଼ି ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହେବା ଲାଗି ଯୋଜନା କରିଛନ୍ତି। ଆସନ୍ତାକାଲି ମାଲକାନଗିରି ସୀମାନ୍ତ ଛତିଶଗଡ଼ର ଜଗଦଲପୁରଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ନିକଟରେ ଏହି ମାଓବାଦୀମାନେ ଆତ୍ମସମର୍ପଣ କରିବାର କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି। ଏମିତି ହେଲେ, ଏହା ନକ୍ସଲ ଇତିହାସରେ ଦେଶର ସବୁଠାରୁ ବଡ଼ ଆତ୍ମସମର୍ପଣ ହେବ ବୋଲି କୁହାଯାଉଛି। ଦଣ୍ଡକାରଣ୍ୟ ସ୍ପେଶାଲ ଜୋନାଲ କମିଟିର ମୁଖ୍ୟ ଏବଂ ମାଓ ସଂଗଠନର ମୁଖପାତ୍ର ରୂପେଶ ଓରଫ ସତୀଶଙ୍କ ସହ ବିଜାପୁର ଜିଲ୍ଲାର ଭୈରାମଗଡ଼ ଅଞ୍ଚଳରେ ତାଙ୍କର ୧୩୦ଜଣରୁ ଅଧିକ ନକ୍ସଲ ସାଥୀଙ୍କ ସହ ଜଗଦଲପୁରରେ ଆତ୍ମସମର୍ପଣ କରିବାକୁ ଯାଉଥିବା ଖବର ବର୍ତ୍ତମାନ ନକ୍ସଲଗଡ଼କୁ ଦୋହଲାଇ ଦେଇଛି। ଏହି ଦଳ ମାଡ୍ ଡିଭିଜନ ପାର କରି ଇନ୍ଦ୍ରାବତୀ ନଦୀ ପାର୍ ହେବା ପରେ ଆତ୍ମସମର୍ପଣ ସ୍ଥାନରେ ପହଞ୍ଚିବେ ବୋଲି ସୂଚନା ମିଳିଛି।

## ନାବାଳକ ସହ ଅନୈତିକ ସମ୍ପର୍କ ରଖି ସଂପର୍କୀୟା ମାଉସୀ ଗର୍ଭବତୀ

କୋରାପୁଟ, ୧୬।୧୦ (ସମିସ): ଜଣେ ନାବାଳକକୁ ଭୟଭୀତ କରାଇ ତା' ସହ ଜୋରଜବରଦସ୍ତ ଅନୈତିକ ସମ୍ପର୍କ ରଖି ଗର୍ଭବତୀ ହେବା ଏବଂ ପରେ ତାକୁ ବିବାହ କରିବାକୁ ଜଣେ ମହିଳା ଧମକ ଦେବା ଭଳି ଘଟଣା କୋରାପୁଟ ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। କୋରାପୁଟ ସଦର ଥାନା କୋଲାବନଗର ଅଞ୍ଚଳରେ ଏହି ଘଟଣା ଘଟିଛି। ନାବାଳକଙ୍କ ମା'ଙ୍କ ଅଭିଯୋଗକୁ ଆଧାର କରି ପୁଲିସ ନାବାଳକର ସଂପର୍କୀୟା ମାଉସୀ ବିରୋଧରେ ନମ୍ବର ୧୭୮/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାନୁଯାୟୀ, ୧୫ ବର୍ଷର ଉକ୍ତ ନାବାଳକ ଗତ କିଛି ଦିନ ହେବ ଅତ୍ୟନ୍ତ ଗମ୍ଭୀର ଓ ଚୁପଚାପ ରହୁଥିବା ଦେଖି ମା'ଙ୍କ ସନ୍ଦେହ ହୋଇଥିଲା। ଏ ସଂପର୍କରେ ସେ ପଚରାଉଚରା କରିବାରୁ ସଂପର୍କୀୟା ମାଉସୀର ଯୌନ ଶୋଷଣ ସଂପର୍କରେ ସେ କହିଥିଲା। ଗତ ୧୨ ତାରିଖ ସନ୍ଧ୍ୟାରେ ତା' ସମ୍ପର୍କୀୟ ମାଉସୀ କିପରି ତାକୁ ଭୟଭୀତ କରାଇ ଶାରୀରିକ ସଂପର୍କ ରଖିବାକୁ ବାଧ୍ୟ କରିଥିଲେ, ସେ ସଂପର୍କରେ କହିଥିଲା। ପୁଅଠାରୁ ଏ ସଂପର୍କରେ ଜାଣିବା ପରେ ମା'ଙ୍କ ପାଦ ତଳୁ ମାଟି ଖସି ଯାଇଥିଲା। ଏ ସଂପର୍କରେ ସେ ଉକ୍ତ ସଂପର୍କୀୟା ମାଉସୀଙ୍କୁ ପଚରାଉଚରା କରିବାରୁ ସେ ଓଲଟା ଧମକଚମକ ଦେଇଥିଲେ। 'ତୁମ ପୁଅ ଦ୍ୱାରା ମୁଁ ଗର୍ଭବତୀ ହୋଇଥିବାରୁ ତାକୁ ବିବାହ କରି ଏହି ଘରେ ରହିବି ବୋଲି' ଅଡ଼ି ବସିଥିଲେ। ପରେ ଏ ସଂପର୍କରେ ପୁଅର ମା' କୋରାପୁଟ ସଦର ଥାନାରେ ଅଭିଯୋଗ କରିଥିଲେ। ଅଭିଯୁକ୍ତ ସମ୍ପର୍କୀୟ ମାଉସୀକୁ ପୁଲିସ ଅଟକ ରଖି ତଦନ୍ତ କରୁଥିବା ଥାନା ଅଧିକାରୀ ରୁନୁ ମାଝୀ ସୂଚନା ଦେଇଛନ୍ତି।

## 'ଲଢ଼େଇ' ରିଲିଜ୍‌ରେ ସେନସର୍ ରୋକ୍

ଭୁବନେଶ୍ୱର, ୧୬।୧୦ (ସମିସ): ନବାଗତ ଅଭିନେତାଙ୍କୁ ନେଇ ପ୍ରସ୍ତୁତ ଓଡ଼ିଆ ସିନେମା 'ଲଢ଼େଇ'ର ରିଲିଜ୍‌କୁ ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେସନ୍ ଅଧୀନ ଓଡ଼ିଶା ସେନସର୍ ବୋର୍ଡ ସ୍ଥଗିତ କରିଛି। ଦୀପାବଳି ଉପଲକ୍ଷେ ଆସନ୍ତାକାଲି ଅର୍ଥାତ୍ ୧୭ତାରିଖରେ ରିଲିଜ୍ ହେବାକୁ ଥିବା ଏହି ସିନେମାରେ ମାତ୍ରାଧିକ ହିଂସାତ୍ମକ ଦୃଶ୍ୟ ଥିବା ଦର୍ଶାଇ ରାଜ୍ୟ ସେନସର୍ ବୋର୍ଡ ଏହାକୁ 'ଏ' ବର୍ଗର ସାର୍ଟିଫିକେଟ୍ ନ ଦେବା ସହ ଏହାର ସମୀକ୍ଷା ପାଇଁ ମୁମ୍ବାଇ ପଠାଇଛି। ଫଳରେ ସିନେମାର ରିଲିଜ୍ ସ୍ଥଗିତ ରହିଥିବା ସିନେମାର ପ୍ରଯୋଜକ, ନିର୍ଦ୍ଦେଶକ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସିନେମାର ମୁକ୍ତିଲାଭ ପାଇଁ ସମସ୍ତ ପ୍ରସ୍ତୁତି ସରିଥିବା ବେଳେ ସେନସର୍ ବୋର୍ଡର ଏହି ନିଷ୍ପତ୍ତି ଦର୍ଶକଙ୍କୁ ନିରାଶ କରିଛି ବୋଲି କହିଛନ୍ତି ପ୍ରଯୋଜକ ଦେବାଶିଷ ପଟ୍ଟନାୟକ।

- ସମୀକ୍ଷା ପାଇଁ ମୁମ୍ବାଇ ପଠାଗଲା
- ପକ୍ଷପାତ ଅଭିଯୋଗ ଆଣିଲେ ପ୍ରଯୋଜକ, ନିର୍ଦ୍ଦେଶକ

ସେ କହିଛନ୍ତି, ନିକଟ ଅତୀତରେ ମୁକ୍ତିଲାଭ କରିଥିବା 'ଆନିମଲ୍' ପରି ଅନେକ ହିନ୍ଦୀ ଏବଂ ଅନ୍ୟ ଭାଷାରେ ନିର୍ମିତ ଚଳଚ୍ଚିତ୍ରରେ ହିଂସାତ୍ମକ ଦୃଶ୍ୟ ରହିଛି। ଅତ୍ୟଧିକ ହିଂସା ଦୃଶ୍ୟ ଥିବା ସତ୍ତ୍ୱେ ହିନ୍ଦୀ, ତେଲୁଗୁ, କନ୍ନଡ଼ ଆଦି ଚଳଚ୍ଚିତ୍ର କେନ୍ଦ୍ର ସରକାରଙ୍କ ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେସନ୍‌ରୁ ଅନୁମତି ପାଇଛନ୍ତି। ଖାଲି ସେତିକି ନୁହେଁ, ଉକ୍ତ ଚଳଚ୍ଚିତ୍ରଗୁଡ଼ିକ ଆମ ରାଜ୍ୟର ଦର୍ଶକଙ୍କଠାରୁ କୋଟିକୋଟି ଟଙ୍କା ଆୟ ମଧ୍ୟ କରିଛନ୍ତି। ହେଲେ ସାମାନ୍ୟ ହିଂସା ଦୃଶ୍ୟ ପାଇଁ ଓଡ଼ିଆ ସିନେମା 'ଲଢ଼େଇ'କୁ 'ଏ' ବର୍ଗର ସାର୍ଟିଫିକେଟ୍ ନଦେଇ ସମୀକ୍ଷା ପାଇଁ ମୁମ୍ବାଇ ପଠାଇ ଦିଆଯିବା ପ୍ରଯୋଜକ, ନିର୍ଦ୍ଦେଶକ, ଅଭିନେତାଙ୍କୁ ଆଶ୍ଚର୍ଯ୍ୟ ଓ ନିରାଶ କରିଛି।

ନିର୍ଦ୍ଦେଶକ ଅଶୋକ ପତି ପ୍ରଶ୍ନ କରିଛନ୍ତି ଯେ ହିନ୍ଦୀ, କନ୍ନଡ଼, ତେଲୁଗୁ ସିନେମା ଅତ୍ୟଧିକ ହିଂସା ଦୃଶ୍ୟ ଥାଇ ମଧ୍ୟ କିପରି ଓଡ଼ିଶାରେ ସେହି ଜାତୀୟ ସଂସ୍ଥା ଦ୍ୱାରା ସ୍ୱୀକୃତି ପାଇ ପ୍ରଦର୍ଶିତ ହୋଇପାରୁଛି। ଏପରି ପକ୍ଷପାତିତା ଯୋଗୁଁ ଓଡ଼ିଆ ପ୍ରଯୋଜକଙ୍କ ମନୋବଳ ଭାଙ୍ଗିଯାଉଛି ବୋଲି ବିଶିଷ୍ଟ ପ୍ରଯୋଜକ ସଞ୍ଜୟ ନାୟକ କହିଛନ୍ତି। ବରିଷ୍ଠ ସାମ୍ବାଦିକ, ସିନେସମୀକ୍ଷକ ଏବଂ ଜାତୀୟ ମିଡିଆ ଫାଉଣ୍ଡେସନ୍ (ଏନଏମଏଫ୍)ର ରାଜ୍ୟ ମୁଖପାତ୍ର ଶ୍ୟାମାପ୍ରସାଦ ମିଶ୍ର କହିଛନ୍ତି, କେନ୍ଦ୍ର ସରକାରଙ୍କ ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେସନ୍ ସଂସ୍ଥା ଭାରତ ବର୍ଷରେ ସେନ୍ସର୍ ପାଇଁ ଗୋଟିଏ ନୀତି ଆଣିବା ଆବଶ୍ୟକ। କାରଣ ଭେଦଭାବ ଓଡ଼ିଆ ପ୍ରଯୋଜକଙ୍କୁ କ୍ଷତି ପହଞ୍ଚାଇବ।

## କମ୍ପାନୀ ଦେବାଳିଆ ହେଲେ ବି ନିର୍ଦ୍ଦେଶକ ଚେକ ବାଉନ୍ସର ଉତ୍ତରଦାୟିତ୍ୱରୁ ମୁକୁଳିପାରିବେ ନାହିଁ: ହାଇକୋର୍ଟ

କଟକ,୧୬।୧୦ (ସମିସ): କେବଳ କମ୍ପାନୀ ଦେବାଳିଆ ଘୋଷିତ ହୋଇଥିବା କାରଣରୁ ଏହାର ନିର୍ଦ୍ଦେଶକ ଚେକ୍ ଅମାନ୍ୟର ଦାୟିତ୍ୱରୁ ମୁକୁଳିପାରିବେ ନାହିଁ ବୋଲି କହିଛନ୍ତି ଓଡିଶା ହାଇକୋର୍ଟ। ଏନ୍‌ଆଇ ଆଇନର ଧାରା ୧୩୮ ଅନୁସାରେ ଏହା ସ୍ଥିରୀକୃତ ଅଟେ। ଏଣୁ ଏହି ଆଇନ ଅନୁସାରେ ଚେକ ଅନାଦର ଭଳି ଅପରାଧ ପାଇଁ କୌଣସି କମ୍ପାନୀର ନିର୍ଦ୍ଦେଶକମାନଙ୍କୁ ସେମାନଙ୍କର ଦାୟିତ୍ୱରୁ ମୁକ୍ତ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଏକ ଦେବାଳିଆ କମ୍ପାନୀର ନିର୍ଦ୍ଦେଶକଙ୍କ ଉତ୍ତରଦାୟିତ୍ୱ ନିର୍ଣ୍ଣୟ କରି ଜଷ୍ଟିସ ଚିତ୍ତରଞ୍ଜନ ଦାଶ ଏପରି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ମାମଲାରୁ ପ୍ରକାଶ, ଆବେଦନକାରୀଜଣଙ୍କ ଜେନିଥ୍ ମାଇନିଂ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ। ତାଙ୍କୁ ଜଣେ ବ୍ୟକ୍ତି ୧ କୋଟି ଟଙ୍କାର ଏକ ବନ୍ଧୁତ୍ୱପୂର୍ଣ୍ଣ ଋଣ ପ୍ରଦାନ କରିଥିଲେ। ଉକ୍ତ ରାଶି ଆବେଦନକାରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯାଇଥିଲା ଏବଂ ଏକ ବର୍ଷ ମଧ୍ୟରେ ଏହା ପରିଶୋଧ କରାଯିବ ବୋଲି ଉକ୍ତ କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ତେବେ କମ୍ପାନୀ ଋଣ ରାଶି ଫେରସ୍ତ କରିବାରେ ବିଫଳ ହେବା ପରେ ଅଭିଯୋଗକାରୀଜଣଙ୍କ ଆବେଦନକାରୀଙ୍କୁ ଫେରାଦ ହୋଇଥିଲେ। ପରେ କମ୍ପାନୀ ପକ୍ଷରୁ, ଅଭିଯୋଗକାରୀଙ୍କୁ ଗତ ୨୦୨୧ ଜୁନ୍ ୨୫ରେ ଆବେଦନକାରୀ ୧ କୋଟି ଟଙ୍କାର ଏକ ଚେକ୍ ପ୍ରଦାନ କରିଥିଲେ। ଅଭିଯୋଗକାରୀ ଦୁଇଥର ବ୍ୟାଙ୍କରେ ଉକ୍ତ ଚେକ୍ ଉପସ୍ଥାପନ କରିଥିଲେ ହେଁ ତାହାକୁ ଅଗ୍ରାହ୍ୟ କରାଯାଇଥିଲା।

## ପୋଖରୀରେ ବୁଡ଼ି ଦୁଇ ସାଙ୍ଗ ମୃତ

ରାଇରଙ୍ଗପୁର,୧୬।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ଚାଡ଼ରିପାହାଡ଼ୀ ଗ୍ରାମରେ ଆଜି ଏକ ଦୁଃଖଦ ଘଟଣା ଘଟିଛି। ପୋଖରୀରେ ବୁଡ଼ି ଦୁଇ ନାବାଳକଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, ଦାଶରଥି ହାଁସଦାଙ୍କ ୯ବର୍ଷର ପୁଅ ସାକିଲା ସିଂ ହାଁସଦା ଓ ମୁନିରାମ ମୁର୍ମୁଙ୍କ ୮ବର୍ଷର ପୁଅ ସୁବୋଧ ମୁର୍ମୁ। ଆଜି ସକାଳ ୯ଟାରେ ଦୁହେଁ ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ଏହି ଅଘଟଣ ଘଟିଥିଲା।

## ନିଯୁକ୍ତି ଆବେଦନ ପାଇଁ ଫି' ଦେବେ ପରୀକ୍ଷାର୍ଥୀ

ଭୁବନେଶ୍ୱର, ୧୫।୧୦ (ସମିସ): ନିଯୁକ୍ତି ପାଇଁ ଆବେଦନ କରୁଥିବା ଆଶାୟୀ ପ୍ରାର୍ଥୀଙ୍କୁ ଏଣିକି ଫି' ଦେବାକୁ ପଡ଼ିବ। ନିଯୁକ୍ତି ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥା ପକ୍ଷରୁ ଫି' ନିର୍ଦ୍ଧାରଣ କରାଯିବ। ତେବେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ବର୍ଗ ସହ ଦିବ୍ୟାଙ୍ଗ ପ୍ରାର୍ଥୀଙ୍କୁ କୌଣସି ଫି' ଦେବାକୁ ପଡ଼ିବ ନାହିଁ। ସେହିପରି ଫି' ଦେଇଥିବା ପ୍ରାର୍ଥୀ ପରୀକ୍ଷାରେ ଉପସ୍ଥିତ ରହିଲେ, ତାଙ୍କ ଫି' ଫେରସ୍ତ କରାଯିବ। ଏନେଇ ଏକ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି।

- ପ୍ରକାଶ ପାଇଲା ଗେଜେଟ୍ ବିଜ୍ଞପ୍ତି
- ପରୀକ୍ଷାରେ ଉପସ୍ଥିତ ରହିଲେ ଫି' ଫେରସ୍ତ

ନିଯୁକ୍ତି ପରୀକ୍ଷା ପାଇଁ ଆବେଦନ କରୁଥିବା ବହୁ ଆଶାୟୀ ପରୀକ୍ଷା ଦେଉନାହାନ୍ତି। ଏପରିକି, ଅଧାରୁ ଅଧିକ ପ୍ରାର୍ଥୀ ପରୀକ୍ଷାରେ ଅନୁପସ୍ଥିତ ରହୁଛନ୍ତି। ଏପରି ଖାମଖିଆଲ ମନୋଭାବ ରଖି ଆବେଦନ କରୁଥିବା ପ୍ରାର୍ଥୀଙ୍କ ପାଇଁ ନିଯୁକ୍ତି ପ୍ରକ୍ରିୟା ମନ୍ଥର ହେଉଛି। ପରୀକ୍ଷା ବ୍ୟବସ୍ଥା କରିବାକୁ ବ୍ୟାପକ ରାଜସ୍ୱ ଖର୍ଚ୍ଚ ହେଉଥିବା ବେଳେ ଏହା ସମୟସାପେକ୍ଷ ମଧ୍ୟ। ତେଣୁ ଆବେଦନ ସମୟରେ ଫି' ଲାଗୁ ହେଲେ ଏସବୁ ସମସ୍ୟାରେ ସୁଧାର ଆସିପାରିବ। ପରୀକ୍ଷା ଦେଉଥିବା ପ୍ରାର୍ଥୀଙ୍କୁ କୌଣସି ଆର୍ଥିକ ବୋଝ ରହିବ ନାହିଁ। ପରୀକ୍ଷାରେ ଉପସ୍ଥିତ ରହିଲେ ଶତପ୍ରତିଶତ ଫି' ଫେରସ୍ତ କରାଯିବ। ଆବେଦନ କରି ପରୀକ୍ଷା ଦେଉ ନଥିବା ପରୀକ୍ଷାର୍ଥୀଙ୍କୁ ଆବେଦନ ଫି' ଫେରସ୍ତ କରାଯିବ ନାହିଁ ବୋଲି କୁହାଯାଉଛି।

ଗେଜେଟ୍ ବିଜ୍ଞପ୍ତି ଅନୁଯାୟୀ, ପରବର୍ତ୍ତୀ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ କରିବାକୁ ସମସ୍ତ ବିଭାଗ ଓ ଜିଲ୍ଲାପାଳମାନଙ୍କୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଅବଗତ କରାଯାଇଛି।

## ନୂଆପଡ଼ାରେ ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟ ଅନ୍ତଃସାରଶୂନ୍ୟ: ବିଜେଡି

ଭୁବନେଶ୍ୱର,୧୬।୧୦(ସମିସ): ଗୁରୁବାର ନୂଆପଡାରେ ଏକ ସାଧାରଣ ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ନୂଆପଡା ଡବଲ ଇଞ୍ଜିନର ବିକାଶ ଦେଖିବ ବୋଲି ଦେଇଥିବା ମନ୍ତବ୍ୟକୁ କଡ଼ା ସମାଲୋଚନା କରିଛି ବିଜେଡି। ମୁଖ୍ୟମନ୍ତ୍ରୀଙ୍କ ହତାଶ ଭାବ ତାଙ୍କ ଭାଷଣରେ ପରିଲକ୍ଷିତ ହୋଇଛି; ଚିରାଚରିତ ଢଙ୍ଗରେ ସେ କେବଳଗୁଡ଼ିଏ ଗପ ଶୁଣାଇଛନ୍ତି, ଯାହାକୁ କେବେ ବି ନୂଆପଡାବାସୀ ଗ୍ରହଣ କରିବେ ନାହିଁ ବୋଲି କହିଛି ବିଜେଡି।

ବିଜେଡି ମୁଖପାତ୍ର ଲେନିନ ମହାନ୍ତି କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ବିଜେପି ପ୍ରାର୍ଥୀ ଆଜି ମନୋନୟନପତ୍ର ଦାଖଲ କରିବେ ବୋଲି କୁହାଯାଇଥିଲା; କିନ୍ତୁ ତାହା ହୋଇ ପାରିଲା ନାହିଁ। ବିଜେପିରେ ପ୍ରାର୍ଥୀଙ୍କୁ ନେଇ ସୃଷ୍ଟି ହୋଇଥିବା ଅନ୍ତର୍ଦ୍ୱନ୍ଦ୍ୱ ଏବେବି ସମାଧାନ ହୋଇ ପାରିନାହିଁ। ସମ୍ଭବତଃ ସେହି କାରଣରୁ ମୁଖ୍ୟମନ୍ତ୍ରୀଙ୍କ ହତାଶଭାବ ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀ ଆଜି ଦେଇଥିବା ବକ୍ତବ୍ୟ ଅନ୍ତଃସାରଶୂନ୍ୟ ଥିଲା। କେବଳ ବିଜେପିର ବିଜୟ ନିଶ୍ଚିତ ବୋଲି ଦାବି କରିବା ଛଡା ତାଙ୍କ ବକ୍ତବ୍ୟରେ ଆଉ କିଛି ନ ଥିଲା। ପ୍ରବାଦ ପୁରୁଷ ବିଜୁ ବାବୁ ମୁଖ୍ୟମନ୍ତ୍ରୀ ଥିବା ସମୟରେ ନୂଆପଡ଼ା ଜିଲ୍ଲା ଜନ୍ମ ନେଇଥିଲା। ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ନୂଆପଡାର ବିକାଶ ତ୍ୱରାନ୍ୱିତ ହୋଇଥିଲା। ପୂର୍ବରୁ ନୂଆପଡା ଜିଲ୍ଲା ଏକ ମରୁଡି ପ୍ରପୀଡ଼ିତ ଜିଲ୍ଲା ଭାବେ ପରିଚିତ ଥିଲା ବେଳେ ନବୀନ ପଟ୍ଟନାୟକଙ୍କ ସମୟରେ ଅପର-ଜଙ୍କ୍ ଏବଂ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପରେ ନୂଆପଡା ସବୁଜିମାର ରୂପ ନେଇଥିଲା। ସେହିପରି ଗମନାଗମନ କ୍ଷେତ୍ରରେ, ବିଜୁ ଏକ୍ସପ୍ରେସ ୱେ ନିର୍ମାଣ ହେବା ପରେ ଐତିହାସିକ ପ୍ରଗତି ହାସଲ ହୋଇଛି। ଜିଲ୍ଲାର ସମସ୍ତ ସ୍କୁଲ ଓ ହସ୍ପିଟାଲର ରୂପାନ୍ତିକରଣ ହୋଇ ଶିକ୍ଷା ସ୍ୱାସ୍ଥ୍ୟ କ୍ଷେତ୍ରରେ ବିକାଶ ହୋଇଛି। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ନୂଆପଡାରେ 'ଝିଅ ପାଇଁ ଗଛ ଟିଏ' କାର୍ଯ୍ୟକ୍ରମ ହାତକୁ ନେଇ ମହିଳା ସଶକ୍ତୀକରଣକୁ ସେ ଅଞ୍ଚଳରେ ଦୃଢ କରିଥିଲେ। ନୂଆପଡାବାସୀ ବିଜୁ ଜନତା ଦଳ ସହିତ ଅଛନ୍ତି। ଉପନିର୍ବାଚନରେ ନୂଆପଡାବାସୀ ବିଜେଡି ସପକ୍ଷରେ ମତଦାନ କରିବେ ବୋଲି ଡ. ମହାନ୍ତି ଦୃଢ଼ୋକ୍ତି କରିଛନ୍ତି।

- ଗତ ୧୬ ମାସରେ ଡବଲ ଇଞ୍ଜିନ ସରକାର ଫେଲ୍ ମାରିଛି
- ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟରେ ହତାଶାଭାବ ସ୍ପଷ୍ଟ ପରିଲକ୍ଷିତ ହୋଇଛି
- ହୋଇ ପାରିଲାନି ବିଜେପି ପ୍ରାର୍ଥୀଙ୍କ ମନୋନୟନପତ୍ର ଦାଖଲ

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶେଷ ପର୍ଯ୍ୟନ୍ତ...

ନବୀନ ପଟ୍ଟନାୟକ ଜିନ୍ଦାବାଦ ନାରାରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିଲା। ନବୀନ ମଧ୍ୟ ସେମାନଙ୍କୁ ନିରାଶ କରି ନ ଥିଲେ। ଚିରାଚରିତ ଭାବେ ମୁହଁରେ ସ୍ମିତହାସ୍ୟ ସହ ହାତ ହଲାଇ ସେମାନଙ୍କର ଅଭିବାଦନ ଗ୍ରହଣ କରିଥିଲେ ନବୀନ। ଆୟୋଜିତ ସଭାରେ ନବୀନ ଉପସ୍ଥିତ ଜନତା ଓ କର୍ମୀଙ୍କୁ ଜନ୍ମଦିନର ଶୁଭେଚ୍ଛା ପାଇଁ ଧନ୍ୟବାଦ ଜଣାଇଥିଲେ। ଏହା ସହ ଉପସ୍ଥିତ ଛୋଟଛୋଟ ପିଲାଙ୍କୁ ଚକୋଲେଟ୍ ଦେଇଥିଲେ। ଭୁବନେଶ୍ୱର ବିଜେଡି ସଭାପତି ଅଶୋକ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଜେଡିର ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ସାଂସଦ ଦେବାଶିଷ ସାମନ୍ତରାୟ, ସାଂସଦ ସୁଲତା ଦେଓ, ବିଧାୟିକା ପ୍ରମିଳା ମଲ୍ଲିକ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ ରାଉତ, ବିଧାୟକ ବିଭୂତି ବଳବନ୍ତରାୟ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ବିଜେଡି ଭୁବନେଶ୍ୱର ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟ ଓ ବିଜେଡିର କର୍ପୋରେଟରମାନେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଆସନ୍ତା ନଭେମ୍ବର ୯ ତାରିଖ ପର୍ଯ୍ୟନ୍ତ ଚାଲିବ।

### ଶିଶୁ ଗ୍ରାମରେ...

କେକ୍ କାଟିଥିଲେ। ପିଲାମାନେ ମଧ୍ୟ ନିଜ ପ୍ରିୟ ମଣିଷ, ଜୀବନର ଆଦର୍ଶଙ୍କୁ ପାଖରେ ପାଇ ଅଭିଭୂତ ହୋଇଥିଲେ। ପିଲାଙ୍କ ସହ ଜନ୍ମଦିନ ପାଳନ କରି ମୁଁ ବହୁତ ଖୁସି ବୋଲି ନବୀନ କହିବା ସହ ସେମାନଙ୍କୁ ଭଲ ପାଠ ପଢ଼ିବା ସହ ଜୀବନରେ ଭଲ ମଣିଷ ହେବାକୁ ଆଶୀର୍ବାଦ ପ୍ରଦାନ କରିଛନ୍ତି। ଏସଓଏସ ଶିଶୁ ଗ୍ରାମରେ ନବୀନ ଏବଂ ଛୋଟ ପିଲାମାନଙ୍କର ଏହି ଯୁଗଳବନ୍ଦୀ ଆଜି ରାଜ୍ୟବ୍ୟାପୀ ଚର୍ଚ୍ଚା ଏବଂ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି।

ଭୁବନେଶ୍ୱର ଏସଓଏସ ଶିଶୁ ଗ୍ରାମରେ ନବୀନ ପହଞ୍ଚିବା ମାତ୍ରେ ପିଲାମାନେ ନବୀନଙ୍କୁ ଘେରି ଯାଇଥିଲେ। ନବୀନଙ୍କ ଜନ୍ମଦିନ ପାଇଁ ସେମାନେ ପ୍ରସ୍ତୁତ କରିଥିବା ଫଟୋଚିତ୍ର, କାର୍ଡ ଏବଂ ବିଭିନ୍ନ ହାତଲେଖା ଶୁଭେଚ୍ଛା ବାର୍ତ୍ତା ନବୀନଙ୍କୁ ପ୍ରଦାନ କରିଥିଲେ। ନବୀନ ମଧ୍ୟ ସେମାନଙ୍କୁ ଚକୋଲେଟ ସହ ଉପହାର ପ୍ରଦାନ କରିଥିଲେ। ସେମାନଙ୍କ ଦ୍ୱାରା ପ୍ରସ୍ତୁତ କେକକୁ ନବୀନ କାଟିବା ସହ ନିଜର ୭୯ତମ ଜନ୍ମଦିନ ପାଳନ କରିଥିଲେ ନବୀନ। ପିଲାମାନଙ୍କୁ ଆଶୀର୍ବାଦ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଆଜି ପିଲାମାନଙ୍କ ଗହଣ ।।ରେ ଜନ୍ମ ଦିନ ପାଳନ କରି ସେ ବହୁତ ଖୁସି। ତାଙ୍କ ଜନ୍ମ ଦିନରେ ସାମିଲ ହୋଇ ଥିବାରୁ ଶ୍ରୀ ପଟ୍ଟନାୟକ ପିଲାମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ନବୀନଙ୍କ ଗସ୍ତ ନେଇ ଏସଓଏସର ନିର୍ଦ୍ଦେଶକ ଅବିନାଶ ହୋତା କହିଛନ୍ତି ଯେ ନବୀନ ସାର୍‌ଙ୍କ ଗସ୍ତ ସୂଚନା ପାଇବା ପରେ ପିଲାମାନେ ଅତ୍ୟନ୍ତ ଉତ୍ସାହିତ ହୋଇ ପଡ଼ିଥିଲେ। ନିଜ ପ୍ରିୟ ମଣିଷଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇବାକୁ ସେମାନେ ସ୍ୱତପ୍ରବୃତ୍ତ ଭାବେ ନିଜକୁ ପ୍ରସ୍ତୁତ କରିଥିଲେ। ସାର୍‌ଙ୍କ ଆଶୀର୍ବାଦ ସବୁବେଳେ ପିଲାମାନଙ୍କ ଉପରେ ଏମିତି ରହିଥାଉ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଜନ୍ମଦିନର ଶୁଭେଚ୍ଛା ସୁଅ ଛୁଟିଛି। ନବୀନ ୭୯ ତମ ଜନ୍ମ ଦିନରେ ରାଜ୍ୟପାଳଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ଓ ଏକାଧିକ କେନ୍ଦ୍ରମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ନବୀନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସକାଳେ ଫୋନ୍ ଯୋଗେ ନବୀନଙ୍କ ସହ କଥା ହୋଇ ତାଙ୍କୁ ଜନ୍ମ ଦିନର ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ନବୀନଙ୍କ ଦୀର୍ଘ ନିରାମୟ ଜୀବନ ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଜ ଏକ୍ସରେ ନବୀନଙ୍କୁ ଜନ୍ମ ଦିନ ଶୁଭେଚ୍ଛା ଜଣାଇଛନ୍ତି। ସେ ନବୀନଙ୍କୁ ଜନ୍ମଦିନର ଶୁଭକାମନା ଜଣାଇବା ସହିତ ମହାପ୍ରଭୁଙ୍କ ପାଖରେ ତାଙ୍କର ଉତ୍ତମ ସ୍ୱାସ୍ଥ୍ୟ ସହ ଦୀର୍ଘ ଓ ନିରାମୟ ଜୀବନ କାମନା କରିଛନ୍ତି। ଏହାସହିତ କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂ ଚୌହାନ, ଜୁଏଲ୍ ଓରାମଙ୍କ ସମେତ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ, ପ୍ରଭାତୀ ପରିଡ଼ା, ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସମେତ ଅନ୍ୟ ବହୁ ବ୍ୟକ୍ତିବିଶେଷ ନବୀନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଇତିମଧ୍ୟରେ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ଅବସରରେ ଆଜି ସାରା ରାଜ୍ୟରେ ବିଜେଡି ପକ୍ଷରୁ ରକ୍ତଦାନ ଶିବିରମାନ ଆୟୋଜନ କରାଯାଇଥିଲା।


**ପୂର୍ବ ତଟ ରେଳପଥ**

**ଶୁଦ୍ଧିପତ୍ର ସଂ. - 02**

ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIBBS2025040 ତା. 12.09.2025 ରିଖ

ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିରେ ନିମ୍ନଲିଖିତ ସଂଶୋଧନ କରାଯାଇଛି, ଯାହାକୁ ଦୟାକରି ଧ୍ୟାନ ଦେବା ଆବଶ୍ୟକ।

**ବିଷୟ :** ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :-

| ପ୍ରକାଶିତ ଅନୁଯାୟୀ (ଶୁଦ୍ଧିପତ୍ର ସଂ. - 01) | ବର୍ତ୍ତମାନ ପଢ଼ାଯିବା ଆବଶ୍ୟକ |
|---|---|
| ତା.24.10.2025 ରିଖ 1200 ଘଟିକାରେ | ତା.04.11.2025ରିଖ 1200 ଘଟିକାରେ |

ବିସ୍ତୃତ ବିବରଣୀ ନିମନ୍ତେ ଦୟାକରି ୱେବସାଇଟ୍ : www.ireps.gov.in ଅବଲୋକନ କରନ୍ତୁ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-135/CI/25-26

**AFFIDAVIT**

By virtue of an Affidavit before Notary Public, Malkangiri, I, **Deepa Majhi**, aged about 20 years, W/o.: Binod Majhi,D/o.: Nepal Saha resident of Village: M.V.23, PO.: Mariwada, P.S: Korukanda, Dist: Malkangiri, Odisha-764045, declare by this Affidavit No.: 2069/2025, Dated: 16.10.2025 that I have changed my name from Deepa Saha to **Deepa Majhi**. Henceforth I shall be known as **Deepa Majhi** for all future purposes.

**AFFIDAVIT**

I, Kuntala Kumari Dash, W/o- Nrusinha Prasad Das, Resident of At/PO: Old LIC Building, Pujariput, Koraput, Koraput, Dist.: Koraput, Odisha, PIN-764020, declared by this Affidavit No:1215/2025 Dated: 16.10.2025. That now onwards I shall be known as **KUNTALA KUMARI DAS** for all future Purposes.

**AFFIDAVIT**

By virtue of an Affidavit before the Executive Magistrate, Bhadrak, Affidavit No-2721, dated 15.10.2025, I Krushna Chandar Das, Resident of Vill-Padhuan, P.S-Basudevpur, Dist-Bhadrak, Odisha - 756125 declare that I have Changed my name from Bablu Das to Krushna Chandar Das. Henceforth I shall be known as KRUSHNA CHANDAR DAS for all future purposes.

**KRUSHNA CHANDAR DAS**

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**

**AFFIDAVIT**

I, Parmashwari, W/o- Lalit Bhatter, At- Traffic Square, P.O. Baripada, Dist- Mayurbhanj (Odisha), declare by affidavit No-1096, dated 15/10/25, that now onwards I shall be known as **Parmashwari Bhatter** for all future purposes.

**NAME CHANGE**

**By virtue of an Affidavit sworn before Executive Magistrate, Bhubaneswar CF.NO. 52, on Dated 15.10.2025, I, UMARANI MOHAPATRA, W/o Balaram Mohapatra, permanent resident of At- Rasika, Po- Rajaloka, Ps- Jharpokharia, Dist- Mayurbhanj, Odisha, Pin- 757086 declare that I have changed my name from UMAMANI MOHAPATRA (Old Name) to UMARANI MOHAPATRA (New Name). Henceforth, I shall be known as UMARANI MOHAPATRA for all future purposes.**

**Sd- (UMARANI MOHAPATRA)**

**AFFIDAVIT**

By virtue of an affidavit no. 2625, dtd. 15.10.2025 before the Executive Magistrate, Phulbani, Dist.- Kandhamal, I, Amiya Kanhar, At-Pabingia, Po-Pabingia, Ps-Phiringia, District-Kandhamal, Odisha, Pin-762011 have changed my minor son's name from Ankiti Kanhar to Ankit Kanhar. Henceforth he will be known as **Ankit Kanhar** for all purposes.

**Sd/- Amiya Kanhar**

**AFFIDAVIT**

By virtue of an affidavit C.F.NO - 92, dated on 06.08.2025 in the court of the Executive Magistrate Bhubaneswar , Address Nayagarh Dist : Nayagarh. I Rajalaxmi Panda have changed my name from Laxmi Priya Panda to Rajalaxmi Panda . Hence Forth he will be known as Rajalaxmi Panda instead of Laxmi Priya Panda for all purposes.

**Sd/- Rajalaxmi Panda**

**SALE**

1 Number of TATA INTRA V-30 HD (SCV) / 2023, Registration No.- OD-01-AT-6551, Model- 2023, ENGINE NO – 15CR09HWXSA1170, CHASSIS NO - MAT535348PYH37249, For Details, contact- 9437560894, 94375 77758, SUNDARAM FINANCE LTD., First floor, Choudhury Complex , SAHADEVKHUNTA, BALASORE - 756001, PH. NO- 06782-266657

**AFFIDAVIT**

I, Abhisek Tripathy, S/o. Ashok Kumar Tripathy, resident of Plot No. 87/2322, Nigamananda Nagar, Bomikhal, P.S.- Sahid Nagar, Ward No.31 Bhubaneswar-751010, Dist - Khordha, Odisha declare by this Affidavit No. 52, dtd.13.10.2025, that now onwards I shall be known as **ABHISHEK TRIPATHY** for all future purposes.

**AFFIDAVIT**

I, Papuna Khan, S/o- Late Rasid Khan, resident of At- Gayabandha, Po- Damanabhumi, Ps- Jankia, Dist- Khordha, PIN- 752020, Odisha declared by this affidavit No. 566, dtd- 15/10/2025 that now onwards I shall be known as **PAPUN KHAN** for all future purposes.

**AFFIDAVIT**

By virtue of an affidavit Sl. No. 2626, dtd. 15.10.2025 in the court of the Executive Magistrate, Phulbani, Dist.- Kandhamal, I, Samanta Kanhar, At- Ladadi, Po- Jajespanga, Ps.- Phiringia, Dist.- Kandhamal - 762011 have changed my minor daughter's name from Lovely Kanhar to Pallabi Kanhar. Henceforth she will be known as Pallabi Kanhar for all purposes.

**Sd/- Samanta Kanhar**

**AFFIDAVIT**

I, Satyasikha Tripathy, W/o. Sri Abhishek Tripathy, resident of Plot No. 87/2322, Nigamananda Nagar, Bomikhal, P.S.- Sahid Nagar, Ward No.31, Bhubaneswar-751010, Dist - Khordha, Odisha declare by this Affidavit No. 53, dtd.13.10.2025, that now onwards I shall be known as **SATYASHIKHA TRIPATHY** for all future purposes.

**AFFIDAVIT**

I, Subhakant Swain, S/o- Ashok Kumar Swain, resident of Plot No- 367/3293, Flat no-B-202, 2nd Floor, Sishu Vihar, Infocity, Kalarahanga, Dist- Khurda PIN-751024, Odisha declared by this affidavit No-838, dtd- 15/10/2025 that now onwards I shall be known as **SUBHAKANTA SWAIN** for all future purposes

**AFFIDAVIT**

I, Badakulu Ada Patra, aged about 36 years, S/o- Badakulu Chandru Patra, resident of At- Sasanapalli, Po- Jagannathpur, Dist- Ganjam, Pin- 761003, Odisha declare by this affidavit No. 2102, dtd. 16/10/2025, that now onwards I shall be known as **B ADIADA PATRA** for all future purposes.

**AFFIDAVIT**

By virtue of an Affidavit before Notary Public, Malkangiri, I, **Ananda Barman**, aged about 42 years, S/o.: Basudeb Barman, resident of Village: M.V.28, PO.: Kamwada, P.S: Korukanda, Dist: Malkangiri, Odisha, declare by this Affidavit No.: 12456/2025, Dated: 16.10.2025 that I have changed my name from Anand Barman to **Ananda Barman**. Henceforth I shall be known as **Ananda Barman** for all future purposes.

**ବିଜ୍ଞପ୍ତି**

ରାଜ୍ୟ ସ୍ତରୀୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ (SEIAA) ଓଡ଼ିଶା, ଭୁବନେଶ୍ୱର, EC ପରିଚୟ ନମ୍ବର EC25C3801OR5555677N ତା. 14.10.2025 ଅନୁଯାୟୀ, ମେସର୍ସ ରୁଙ୍ଗଟା ମାଇନ୍ସ ଲିମିଟେଡ୍, ଓଡ଼ିଶାରେ କମଣ୍ଡ ଷ୍ଟିଲ୍ ପ୍ଲାଣ୍ଟ ଗ୍ରାମ: କୁଲା, ଜିଲ୍ଲା: ସୁନ୍ଦରଗଡ଼ରେ ଅବସ୍ଥିତ 38256.69 ବର୍ଗମିଟର (9.45 ଏକର) ପ୍ଲଟ୍ ଅଞ୍ଚଳ ଉପରେ G+3 ରୁଙ୍ଗଟା ଆବାସିକ କଲୋନୀ ନିର୍ମାଣ ପାଇଁ ପରିବେଶ ମଞ୍ଜୁରୀ ପ୍ରଦାନ କରିଅଛନ୍ତି । ଏହି ମଞ୍ଜୁରୀର ଏକ କିତା ନକଲ ଓଡ଼ିଶା ରାଜ୍ୟ ପ୍ରଦୂଷଣ ବୋର୍ଡ, ଭୁବନେଶ୍ୱର କାର୍ଯ୍ୟାଳୟରେ ଉପଲବ୍ଧ ଏବଂ ପରିବେଶ ପୋର୍ଟାଲ୍ (www.parivesh.nic.in) ୱେବସାଇଟ୍ ରେ ମଧ୍ୟ ଦେଖାଯାଇପାରିବ । ପରିବେଶ ମଞ୍ଜୁରୀ ପତ୍ରର ଏକ କିତା ନକଲ କମ୍ପାନୀର ୱେବସାଇଟ୍ ଅର୍ଥାତ୍ www.rungtamines.com ରେ ମଧ୍ୟ ଉପଲବ୍ଧ ।

muthoot MICROFIN A Muthoot Pappachan Group Company

**ମୁଥୁଟ୍ ମାଇକ୍ରୋଫିନ୍ ଲିମିଟେଡ୍**

ସି ଆଇ ଏନ:L65190MH1992PLC066228

ରେଜିଷ୍ଟର୍ଡ କାର୍ଯ୍ୟାଳୟ: ୧୩ ତମ ମହଲା, ପାରିନୀ କ୍ରେସେଣ୍ଡୋ, ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ, ବାନ୍ଦ୍ରା ପୂର୍ବ, ମୁମ୍ବାଇ, ମହାରାଷ୍ଟ୍ର - ୪୦୦୦୫୧

ପ୍ରଶାସନିକ କାର୍ଯ୍ୟାଳୟ: ୫ମ ମହଲା, ମୁଥୁଟ୍ ଟାୱାର, ଏମ୍.ଜି. ରୋଡ୍, କୋଚି, କେରଳ – ୬୮୨ ୦୩୫

ଟେଲିଫୋନ୍: +୯୧-୪୮୪-୪୨୭୭୫୦୦;ଫ୍ୟାକ୍ସ: +୯୧-୪୮୪-୨୩୫୧୪୯୪;ଇମେଲ: info@muthootmicrofin.com

**ଶାଖା ବନ୍ଦ ଏବଂ ମିଶ୍ରଣ ପାଇଁ ସାଧାରଣ ସୂଚନା - ରେଜି.**

ଏହା କମ୍ପାନୀର ଗ୍ରାହକ, ମୁଥୁଟ୍ ମାଇକ୍ରୋଫିନ୍ ଲିମିଟେଡ୍ (MML) ଏବଂ ସାଧାରଣ ଜନତାଙ୍କୁ ସୂଚିତ କରାଯାଉଛି ଯେ କାର୍ଯ୍ୟକ୍ଷମ ସୁବିଧା ଏବଂ ନିରନ୍ତର ଗ୍ରାହକ ସେବା ସୁନିଶ୍ଚିତ କରିବା ପାଇଁ, ଏହି ସୂଚନାର ତିନି (3) ମାସ ପରେ, ଓଡ଼ିଶା ରାଜ୍ୟ ମଧ୍ୟରେ ଏହାର ତିନୋଟି (3) ଶାଖାକୁ ବନ୍ଦ କରି ରାଜ୍ୟର ନିକଟବର୍ତ୍ତୀ ସ୍ଥାନଗୁଡ଼ିକରେ ଥିବା MMLର ବିଦ୍ୟମାନ ଶାଖା ସହିତ ମିଶ୍ରଣ କରାଯିବ ଏବଂ ଏହି ଶାଖାଗୁଡ଼ିକର ତାଲିକା ନିମ୍ନଲିଖିତ ଭାବରେ ଦିଆଯାଉଛି:

| ନଂ | ବନ୍ଦ ଶାଖା (ପୁରୁଣା ଠିକଣା) | ସ୍ଥାନାନ୍ତର ଶାଖା (ନୂତନ ଠିକଣା) |
|---|---|---|
| ୧ | [illegible] | [illegible] |
| ୨ | [illegible] | [illegible] |
| ୩ | [illegible] | [illegible] |

ବନ୍ଦ/ସ୍ଥାନାନ୍ତରର କାର୍ଯ୍ୟକାରୀ ତାରିଖ: 17/01/2026

ଉପରୋକ୍ତ ବନ୍ଦ ଶାଖାର ସମସ୍ତ ଗ୍ରାହକ ଆକାଉଣ୍ଟଗୁଡ଼ିକ ସ୍ୱୟଂଚାଳିତ ଭାବରେ ସମ୍ପୃକ୍ତ ସ୍ଥାନାନ୍ତର ଶାଖାକୁ ସ୍ଥାନାନ୍ତରିତ ହୋଇଯିବ, ଯାହା ପ୍ରତି ଗ୍ରାହକଙ୍କ ପକ୍ଷରୁ କୌଣସି ପଦକ୍ଷେପ ନେବାର ଆବଶ୍ୟକତା ନାହିଁ। ଅଧିକ ସହାୟତା ପାଇଁ, ଦୟାକରି ଆମର ସରକାରୀ ୱେବସାଇଟ୍ www.muthootmicrofin.com ପରିଦର୍ଶନ କରନ୍ତୁ କିମ୍ବା ଟୋଲ୍ ଫ୍ରି ନମ୍ବର ୧୮୦୦ ୧୦୨୭ ୬୩୩୧ ରେ ଡାଏଲ୍ କରନ୍ତୁ କିମ୍ବା info@muthootmicrofin.com ରେ ଆମକୁ ଇମେଲ୍ କରନ୍ତୁ କିମ୍ବା ଆପଣଙ୍କର ନିକଟସ୍ଥ ଏମଏମଏଲ ଶାଖା ପରିଦର୍ଶନ କରନ୍ତୁ।

ସ୍ଥାନ: ଓଡିଶା

ତାରିଖ: 17/10/2025

ମୁଥୁଟ୍ ମାଇକ୍ରୋଫିନ୍ ଲିମିଟେଡ୍ ପାଇଁ ଏସଡି/- ଥୋମାସ ମୁଥୁଟ୍ ନିର୍ଦ୍ଦେଶକ (ଡି ଆଇ ଏନ: [illegible])

**LOST**

I, **Rakesh Kumar Biswal,** aged about 36 years, S/o Maheswar Biswal, resident of At- Bhagabat Sandhan, Laxmisagar, Po- Budheswari Colony, Ps- Laxmisagar, Bhubaneswar, Dist: Khordha, PIN- 751006, Odisha declare that on dtd. 13/10/2025, while I was coming from Laxmi Sagar market area to my resident at 6.50 am, I have lost the Sale Deed bearing No. 4180, dtd- 06/04/2005 and ROR of the schedule of property under Mouza Godagopinathprasad, Bhubaneswar Sahar Unit No.37, bearing Khata No. 423/1216, Plot No. 1210/2031/2627 & Plot No. 1210/1988/2628, 1210/1990/2626, pervious owner name Rabindra Kumar Mishra from my custody along with other documents which was kept in my hand bag somewhere. Therefore, notice is hereby given to general public that, if anybody has got any right, title interest over the property on the missing document or on the above property they have to claim within 7 days from the date of publication and after that the documents will lose its legal force and we will not be responsible for any claim what-so-ever on the property after 5 days.

**Advocate: Debabrata Padhy**
**Mob: 9040778197**

**NAME CHANGE**

By virtue of an affidavit sworn before the Executive Magistrate, Astarang, CF. No. 2299, on dated 13/10/2025, I **JAYAKRUSHNA ROUT**, S/o Sarbeswar Rout, resident of Village At- Nanapur, Po- Jhadaling, Ps - Astarang, Dist- Puri, State- Odisha, declare that I have changed my name from **JAYAKRISHNA ROUT** (Old Name) to **JAYAKRUSHNA ROUT** (New Name). Henceforth, I shall be known as **JAYAKRUSHNA ROUT** for all future purposes.

(Sd- **JAYAKRUSHNA ROUT**)

**AFFIDAVIT**

By virtue of an affidavit sworn before the Executive Magistrate, Angul, dated:16.10.2025, I, **Smrutiranjan Jena,** S/o: Late Dillip Jena, Permanent/Current Address resident At: Badabahal, PO.: Kumurisingha, PS.: Angul Sadar, Dist.: Angul, Odisha-759129 declare that I have changed my name from **"Sruti Ranjan Jena"** to Smrutiranjan Jena. Henceforth I shall be know as **Smrutiranjan Jena** for all purposes.



# ଭୁବନେଶ୍ୱର ସିଟି

# ରାଜଧାନୀ ମେଳାରେ ଜଙ୍ଗଲୀ ଫଳ, ତେଲ ଓ ଚୂର୍ଣ୍ଣ



ଭୁବନେଶ୍ୱର, ୧୬।୧୦(ସମିସ): ଖାଦ୍ୟ ପଦାର୍ଥ ହେଉ କି ଆଧୁନିକ ଜୀବନଶୈଳୀ ସହରୀ ଲୋକେ ଦିନକୁ ଦିନ ଅତିଷ୍ଠ ହୋଇପଡୁଥିବାର ଦେଖିବାକୁ ମିଳୁଛି। ଏଭଳି କ୍ଷେତ୍ରରେ ହରିଡ଼ା, ବାହାଡ଼ା, ଅଁଳା ଭଳି ଜଙ୍ଗଲଜାତ ସାମଗ୍ରୀକୁ ଔଷଧ ଭାବେ ବ୍ୟବହାର କରିବାକୁ ଅନେକ ପ୍ରାଥମିକତା ଦେଉଛନ୍ତି।

ରାଜଧାନୀରେ ପ୍ରତି ମାସରେ କିଛି ନା କିଛି ଛୋଟ ବଡ଼ ମେଳା ମହୋତ୍ସବ ଅନୁଷ୍ଠିତ ହେଉଅଛି। ଏହି ମେଳା ମହୋତ୍ସବରେ ଜିଲ୍ଲା, ରାଜ୍ୟ ତଥା ଅନ୍ୟ ରାଜ୍ୟ ବାହାରୁ ଅନେକ ବେପାରୀ ଆସି ସେମାନଙ୍କ ପସରା ମେଲାଇ ବିକ୍ରି କରୁଛନ୍ତି। ଖାଦ୍ୟ ପଦାର୍ଥଠାରୁ ଆରମ୍ଭ କରି ପୋଷାକ, ଘରକରଣା ସାମଗ୍ରୀ, ହାତତିଆରି ସାମଗ୍ରୀ ଏବଂ ଜଙ୍ଗଲଜାତ ଦ୍ରବ୍ୟ ଆଦି ବିକ୍ରି ହେଉଛି।

ବର୍ତ୍ତମାନ ପଦର୍ଶନୀ ପଡ଼ିଆରେ ଚାଲିଥିବା ଜାତୀୟ ଆଦିବାସୀ ମହୋତ୍ସବରେ ବିଭିନ୍ନ ପ୍ରକାରର ଜନଜାତି ସାମଗ୍ରୀ ଦେଖିବାକୁ ମିଳୁଛି। ବିଶେଷକରି ଜଙ୍ଗଲଜାତ ଦ୍ରବ୍ୟ ରହିଛି। ଏହା ଭିତରେ ମହୁ, ଝୁଣା, ପାଲୁଆ, ତ୍ରିଫଳା, ଅଳାଁ, ଜାମୁକୋଳି, ମେଥି, ଗୁଡ଼ମାରୀ, ଭୁଇଁନିମ୍ବ, ବ୍ରାହ୍ମୀ, ଅର୍ଜୁନ ଛାଲି, ମୁଲତାନି ମାଟି, ରିଠା, ସିକାକାଇ, ଅଶ୍ୱଗନ୍ଧା, ସୁଣ୍ଠି, ଜୁଆଣି, ଗୋକୁଳ, ପନିର ଫଳ, ସୁନାମୁଖୀ ପତ୍ର ପରି ଆଦି ୪୬ ପ୍ରକାରର ଔଷଧୀୟ ସାମଗ୍ରୀ ରହିଥିବା ବେଳେ ଏହା ମଧ୍ୟରୁ ଅନେକ ଗୁଣ ମଧ ରହିଛି। ଠିକ୍ ଏହିପରି ମଧ ନିମ୍ବ ତେଲ, କରଞ୍ଜ ତେଲ, କୁସୁମ ତେଲ, ରାଶୀ ତେଲ, ଜଡ଼ା ତେଲ, ପିଙ୍ଗୁ ତେଲ, ଶିଶୁ ତେଲ, ଚୁଆ ତେଲ ଆଦି ରହିଛି। ଏହି ସବୁ ଔଷଧୀୟ ସାମଗ୍ରୀ ବର୍ତ୍ତମାନ ଲୋକଙ୍କର ଢ଼େର ଚାହିଦା ରହିଛି। ବିଶେଷକରି ଜାମୁକୋଳି ମଞ୍ଜି ଗୁଣ୍ଡ ମଧୁମେହ ଦୂର କରୁଥିବା ବେଳେ ଏହାର ୨ଗ୍ରାମ ପ୍ୟାକେଟ୍‌ର ଦର ୭୦ ଟଙ୍କା ରହିଛି। ଅର୍ଜୁନଛାଲି ଗୁଣ୍ଡ ହାର୍ଟ ଓ ରକ୍ତଚାପ ପାଇଁ ବ୍ୟବହାର କରାଯାଉଥିବା ବେଳେ ଏହାର ୧୦୦ ଗ୍ରାମ ପ୍ୟାକେଟ୍ ଦର ୫୦ ଟଙ୍କା ରହିଛି। ମେଥି ଚୂର୍ଣ୍ଣ ମଧୁମେହ ସହିତ ପେଟ ଥଣ୍ଡା ରଖେ ଏହା ୨ଶହ ଗ୍ରାମକୁ ୭୦ ଟଙ୍କା ରହିଛି। ଅଶ୍ୱଗନ୍ଧା ଚୂର୍ଣ୍ଣ ଶରୀରର ଶକ୍ତି ବୃଦ୍ଧି ହୋଇଥାଏ। ୧୦୦ ଗ୍ରାମକୁ ୮୦ ଟଙ୍କା ଦର ରହିଛି। ଏହିପରି ମଧ ବ୍ରାହ୍ମୀ, କଳା ତୁଳସୀ, ନିମ୍ବ ଗୁଣ୍ଡ ପରି ଅନେକ ଗୁଣ୍ଡ ରହିଛି। ଏହିପରି ମଧ କରଞ୍ଜ ତେଲ ଚର୍ମ ସମସ୍ୟା ଦୂର କରିବା, କୁସୁମ ତେଲ ପୋଡ଼ାଜଳା ଓ ନାଲି ବ୍ରଣରେ ବ୍ୟବହାର ହୋଇଥାଏ। ଶିଶୁ ତେଲ, ପିଙ୍ଗୁ ତେଲ, ଚୁଆ ତେଲ, ରାଶି ତେଲ, ନିମ୍ବ ତେଲରେ ଔଷଧୀୟ ଗୁଣ ରହିଥିବାରୁ ଏହାର ଢ଼େର ଚାହିଦା ରହିଛି। ବିଶେଷ କରି ବୟସ୍କ ଲୋକମାନେ ଏହି ତେଲ ଓ ଚୂର୍ଣ୍ଣକୁ ଅଧିକ କିଣାକିଣି କରିବା ପାଇଁ ପସନ୍ଦ କରୁଛନ୍ତି ବୋଲି ମୟୂରଭଞ୍ଜରୁ ଆସିଥିବା ବେପାରୀ ରବୀନ୍ଦ୍ର ଦାସ କହିଛନ୍ତି।

ଆହୁରି ମଧ କହିଛନ୍ତି ଆମେ ଏହି ସବୁକୁ ଜଙ୍ଗଲରୁ ଆଣି ବିକ୍ରି କରୁଥିବା ବେଳେ ଅନ୍ୟ ବେପାରୀମାନେ ସେସବୁ ଆଣି ଚୂର୍ଣ୍ଣ ହେଉ କି ତେଲରେ ଭେଜାଲ କରିଥାନ୍ତି। ଯେଉଁଥିପାଇଁ ମେଳା ମହୋତ୍ସବରେ ଲୋକମାନେ ଦର କମ୍ ରହିବା ସହିତ ଏହି ସବୁ କିଣିବାକୁ ଅଧିକ ପସନ୍ଦ କରନ୍ତି ବୋଲି ସେ କହିଛନ୍ତି।

## କ୍ଲଷ୍ଟର୍‌ସ୍ତରୀୟ ଶିଶୁମହୋତ୍ସବ ସୁରଭି

ବଡ଼ରଘୁନାଥପୁର, ୧୫।୧୦(ସମିସ): ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ ଗିରିଙ୍ଗାପୁଟ କ୍ଲଷ୍ଟର୍‌ସ୍ତରୀୟ ସୁରଭି ମହୋତ୍ସବ ଭଗବତୀପୁର ଆଶ୍ରମ ବିଦ୍ୟାଳୟ ଠାରେ ଉଦଯାପିତ ହୋଇଯାଇଛି। ଉକ୍ତ ଉତ୍ସବ ଗିରିଙ୍ଗାପୁଟ କ୍ଲଷ୍ଟର ସିଆରସିସି ସତ୍ୟେନ୍ଦୁ କୁମାର ଛୋଟରାୟଙ୍କ ସଂଯୋଜନାରେ ସମ୍ପନ୍ନ ହୋଇଥିଲା। ଭଗବତୀପୁର ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋରଞ୍ଜନ ରାଉତ ଉତ୍ସବର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ଅପରାହ୍ଣରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଶିକ୍ଷକ ମନୋଜ ମଲ୍ଲିକ, ପ୍ରେମ ସାଗର ହେମ୍ବ୍ରମ, ଅଜୟ ଜେନା, କମଲ ଲୋଚନ କିଷାନ, ରାଜେଶ କୁମାର ରାଉତରାୟ, ମିନାକ୍ଷୀ ପାଲ, ବିନୋଦିନୀ ସାହୁ, ରଶ୍ମିତା ବେହେରା, ପ୍ରତିଭା ସାମନ୍ତରାୟ, ଆକାଂକ୍ଷା ବେହେରା, ପୂଜାରାଣୀ ତୋଷ, ପ୍ରଭାସିନୀ ସ୍ୱାଇଁ, ସାଗରିକା ରଥ, ସୁପ୍ରିୟା ସାହୁ, ଦିପ୍ତିମଞ୍ଜରୀ ପ୍ରଧାନ ଓ ସୌଭାଗିନୀ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

## ପଦାସାହିରେ ଅଂଶଗ୍ରହଣ କଲେ ୧୨୫ ଛାତ୍ରଛାତ୍ରୀ

ନନ୍ଦନକାନନ, ୧୬।୧୦(ସମିସ): ପଦାସାହି ଆଞ୍ଚଳିକ ସାଧନ କେନ୍ଦ୍ର ଶିଶୁ ମହୋତ୍ସବ 'ସୁରଭି' ୨୦୨୫ ଗୁରୁବାର ଭୁବନେଶ୍ୱର ବ୍ଲକ ଦାଢା ପଞ୍ଚାୟତ ମରିଚିଆ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ସାଧନ କେନ୍ଦ୍ର ଅଧିନରେ ଥିବା ପଦାସାହି, କେନ୍ଦୁପାଟଣା, ଦାଢା, ନନ୍ଦନକାନନ, ରଘୁନାଥପୁର, ଦଧିବାମନ, ଝିଙ୍କରଡିହି, ମରିଚିଆ ସମେତ କେନ୍ଦୁପାଟଣା ଉତ୍କଳମଣି ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରୁ ପ୍ରାୟ ୧୨୫ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ପ୍ରଧାନଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ୱାର୍ଡସଭ୍ୟ ଦିଲ୍ଲୀପ ରାଉତ, ସମ୍ମାନୀତ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କିଶୋର ରାଉତ, ସିଆରସିସି ନିରଞ୍ଜନ ଦାସ, ବରିଷ୍ଠ ଶିକ୍ଷକ ସଂଗ୍ରାମ କେଶରୀ ପଟ୍ଟନାୟକ, ଧିରେନ କୁମାର ସାହୁ, ସଦାଶିବ ବରାଳ, ଧ୍ରୁଶାସନ ସାହୁ ଯୋଗ ଦେଇଥିଲେ। ଉତ୍ସବକୁ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ବେହେରା, ଚିନୁ ପଟ୍ଟନାୟକ, ଜ୍ୟୋସ୍ନାରାଣୀ ଦାଶ, ମୌସୁମୀ ରାୟ, ସୁମିତ୍ରା ସାହୁ ପରିଚାଳନା କରିଥିଲେ।

## ଭଗବାନପୁରରେ ୧୧ ବିଦ୍ୟାଳୟର ପ୍ରତିଯୋଗୀ



ଭୁବନେଶ୍ୱର/ଯାଁଳା, ୧୬।୧୦(ସମିସ): ଭଗବାନପୁର ସରକାରୀ ପ୍ରଥମିକ ବିଦ୍ୟାଳୟ ପରିସରରେ ଗୁରୁବାର କ୍ଲଷ୍ଟରସ୍ତରୀୟ ଶିଶୁ ସୁରଭି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଇଗିଣିଆ କ୍ଲଷ୍ଟର ଅଧୀନସ୍ଥ ୧୧ଟି ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀଙ୍କୁ ନେଇ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଇଗିଣିଆ କ୍ଲଷ୍ଟର ସାଧନର ସଂଯୋଜକ ପ୍ରସନ୍ନ କୁମାର ରାଉତ ଅଧ୍ୟକ୍ଷତା କରିଥିଲେ। କର୍ପୋରେଟର ରଶ୍ମି ରଞ୍ଜନ ପାଟଷାଣୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ସମାଜସେବୀ ରବୀନ୍ଦ୍ର ନାଥ ସାହୁ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ଟଙ୍କଧର ଚମ୍ପତି, ଭଗବାନପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରଣ ସେଠ୍ ମାଝି ଓ ଶିକ୍ଷାବିତ୍ ଗଗନ ବିହାରୀ ଦାଶ ଉପସ୍ଥିତ ରହିଥିଲେ। ଏହି ଶିଶୁ ସୁରଭି ମହୋତ୍ସବକୁ ବିଏମ୍‌ସିର ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ବ୍ରହ୍ମାନନ୍ଦ ରାଉତ ଉଦ୍‌ଘାଟିତ କରିଥିଲେ। ବିଭିନ୍ନ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀଙ୍କ ଦ୍ୱାରା ୯ଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଭଗବାନପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ବେହେରାଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା।

## ଗାଡ଼କଣରେ ପ୍ରତିଯୋଗିତା

ଭୁବନେଶ୍ୱର, ୧୬।୧୦(ସମିସ): ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ଗାଡ଼କଣ ବାପୁଜୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗାଡକଣ କ୍ଲଷ୍ଟର ବାପୁଜୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅନ୍ତର୍ଗତ ୧୦ଟି ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷିକାମାନେ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ୧୨ ନମ୍ବର ୱାର୍ଡର କର୍ପୋରେଟର ଜୟନ୍ତୀ ସାହୁ, ମୁଖ୍ୟବକ୍ତା ଭାବେ ରେଲୱେ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୌରାଙ୍ଗ ଚରଣ ମହାନ୍ତି, ସଭାପତି ରବିନାରାୟଣ ଦାସ, ରେଲୱେ କଲୋନୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମାତୁଲ କରିମ ପ୍ରମୁଖ ଯୋଗଦେଇ ମୂଲ୍ୟ ବୋଧ ଶିକ୍ଷା, ଜାତୀୟ ଶିକ୍ଷାନୀତି ଉପରେ ମତବ୍ୟକ୍ତ କରିଥିଲେ।

## ସତ୍ୟସାଇ ବାବାଙ୍କ ଜନ୍ମଶତବାର୍ଷିକୀ ପାଇଁ ରାଜ୍ୟପାଳଙ୍କୁ ନିମନ୍ତ୍ରଣ

ଭୁବନେଶ୍ୱର, ୧୬।୧୦(ସମିସ) : ଆସନ୍ତା ନଭେମ୍ବର ୨୩ ତାରିଖରେ ଆନ୍ଧ୍ରପ୍ରଦେଶର ପ୍ରଶାନ୍ତିନିଳୟମ୍‌ଠାରେ ଶ୍ରୀ ସତ୍ୟସାଇ ବାବାଙ୍କର ଜନ୍ମ ଶତବାର୍ଷିକୀ ସମାରୋହ ଭବ୍ୟ କାର୍ଯ୍ୟକ୍ରମ ସହିତ ପାଳିତ ହେବ। ଏଥିରେ ଯୋଗଦେବା ପାଇଁ ଶ୍ରୀ ସତ୍ୟସାଇ କେନ୍ଦ୍ରୀୟ ଟ୍ରଷ୍ଟ ପକ୍ଷରୁ ଓଡ଼ିଶାର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ନିମନ୍ତ୍ରଣ କରାଯାଇଛି। ଆଜି ଶ୍ରୀ ସତ୍ୟସାଇ ସେବା ସଂଗଠନର ପୂର୍ବାଞ୍ଚଳ ଜୋନ୍ ସଭାପତି ନାରାୟଣ ପ୍ରସାଦ ସର ଓ ରାଜ୍ୟ ସଭାପତି ଡାକ୍ତର ସତ୍ୟସ୍ୱରୂପ ପଟ୍ଟନାୟକଙ୍କ ସମେତ ଏକ ପ୍ରତିନିଧିମଣ୍ଡଳୀ ରାଜଭବନଠାରେ ରାଜ୍ୟପାଳଙ୍କୁ ସାକ୍ଷାତ୍ କରି ଏହି ନିମନ୍ତ୍ରଣ ଜଣାଇଥିଲେ। ଏହା ସହିତ ଆସନ୍ତାବର୍ଷ ଜାନୁୟାରୀ ୧୮ ତାରିଖରେ କଟକର ବାଲିଯାତ୍ରା ପଡ଼ିଆଠାରେ ଆୟୋଜିତ ହେବାକୁ ଯାଉଥିବା ଓଡ଼ିଶା ରାଜ୍ୟ ସଂଗଠନର ୫୦ତମ ରାଜ୍ୟ ସମ୍ମିଳନୀ ଓ ଭଗବାନଙ୍କ ଦିବ୍ୟ ପାଦୁକାଯାତ୍ରାର ଉଦ୍‌ଯାପନ ଉତ୍ସବରେ ମଧ୍ୟ ଯୋଗଦେବାପାଇଁ ରାଜ୍ୟପାଳଙ୍କୁ ନିମନ୍ତ୍ରଣ ଜଣାଇଥିଲେ। ସଂଗଠନ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ କରାଯାଉଥିବା ସେବା ଓ କଲ୍ୟାଣମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ମଧ୍ୟ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବର୍ଷୀୟାନ ସାଇଆଶ୍ରିତ ତଥା ଟ୍ରଷ୍ଟି ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ରାଜ୍ୟ ଟ୍ରଷ୍ଟ ଆବାହକ ଅକ୍ଷୟ କୁମାର ପାଣି, ଟ୍ରଷ୍ଟି ଦେବରାଜ ରାଉତ ଓ ଟ୍ରଷ୍ଟ ସଦସ୍ୟ ରଶ୍ମୀରଞ୍ଜନ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଭାରତରତ୍ନ ଡ. କଲାମଙ୍କ ୯୪ତମ ଜୟନ୍ତୀ

ଭୁବନେଶ୍ୱର, ୧୬।୧୦(ସମିସ): କଳିଙ୍ଗ ଏଜୁକେସନ ଏଣ୍ଡ ସୋସିଆଲ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ନୂଆଦିଲ୍ଲୀ ସ୍ଥିତ ପ୍ରେସ କ୍ଲବ ଅଫ ଇଣ୍ଡିଆ ସଭାଗୃହ ଠାରେ ପୂର୍ବତନ ରଷ୍ଟ୍ରପତି ଭାରତରତ୍ନ ଡଃ ଏପିଜେ ଅବଦୁଲ କାଲାମଙ୍କର ୯୪ତମ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଡ. କାଲାମଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ଏହି ସଭାରେ ପ୍ରାରମ୍ଭରେ ଏକ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରି ମେଜର ଜେନେରାଲ ପିକେ ସାଇଗଲ ଡ. କାଲାମଙ୍କୁ ଜଣେ ପ୍ରଚଣ୍ଡ ଦେଶ ଭକ୍ତ, ଅସାଧାରଣ ବୈଜ୍ଞାନିକ, ଭବିଷ୍ୟତଦ୍ରଷ୍ଟା ତଥା ମହାକାଶ ବିଜ୍ଞାନୀ ଭାବରେ ଅଭିହୀତ କରିବା ସାଙ୍ଗେସାଙ୍ଗେ ତାଙ୍କର ଆଦର୍ଶକୁ ଦେଶର ଭବିଷ୍ୟତ ଯୁବ ସମାଜ ନିଜ ଜୀବନରେ ପତ୍ରିଫଳିତ କରିବା ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ଏନ୍‌ସିଟିଇର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଡଃ ସନ୍ତୋଷ ପଣ୍ଡା କାଲାମଙ୍କର ଜୀବନୀ ତ୍ୟାଗ ସାଧନା ଓ ସିଦ୍ଧି ସମ୍ପର୍କରେ ଆଲୋଚନା କରିବା ବେଳେ କାଲାମ କିପରି ଦେଶର ଶିକ୍ଷକ ଓ ଛାତ୍ର ଉପରେ ତାଙ୍କର ଗଭୀର ଆସ୍ଥା ଓ ବିଶ୍ୱାସ ପ୍ରକଟ କରିଛନ୍ତି ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଲ୍ଲାହାବାଦ ବିଶ୍ୱବିଦ୍ୟାଳୟର କୂଳପତି ପ୍ରଫେସର ଡ. ପି କେ ସାହୁ, ଭାରତୀୟ ସାମ୍ବାଦିକ ସଂଘର ସାଧାରଣ ସମ୍ପାଦକ ବରିଷ୍ଠ ସାମ୍ବାଦିକ ଓ ସ୍ତମ୍ଭକାର ସୁଜ୍ଞାନ ଚୌଧୁରୀ, ବିଜେପିର ଜାତୀୟ ମୁଖପାତ୍ର ଡ. ରଣବିର କୁମାର ସିଂ, ସମାଜସେବୀ ସହଦେବ ଖଟୁଆ ପ୍ରମୁଖ ଯୋଗଦେଇ ଥିବାବେଳେ ଭାରତ ସରକାରଙ୍କର ଡ. ଆମ୍ବେଦକର ଫାଉଣ୍ଡେସନର ପୂର୍ବତନ ଅଧ୍ୟକ୍ଷ ଡ. ଦେବେନ୍ଦ୍ର ପି ମାଝୀ ଏହି ସଭାରେ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ଡ. କାଳି ଚରଣ ସିଂ ସ୍ୱାଗତ ଭାଷଣ ଦେଇଥିବା ବେଳେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପ୍ରଫେସର ଡ. ଅଜିତ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ପଟିଆ ଡିଗ୍ରୀ କଲେଜରେ ସ୍ୱାଗତ ଉତ୍ସବ

ନନ୍ଦନକାନନ, ୧୬।୧୦(ସମିସ): ପଟିଆ ରାଜା ମଧୁସୂଦନ ଦେବ ଡିଗ୍ରୀ ମହାବିଦ୍ୟାଳୟରେ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀ ମାନଙ୍କ ଉଦେଶ୍ୟରେ ବୁଧବାର ଓ ଗୁରୁବାର ଦୁଇଦିନ ଧରି ଏକ ସ୍ୱାଗତ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବର ବୁଧବାର ପ୍ରଥମ ଦିନରେ କଳା ବିଭାଗର ସ୍ନାତକ ଏବଂ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ ଉପସଚିବ ଅମିତ କୁମାର ନାୟକ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ପ୍ରେରଣାଦାୟୀ ଅଭିଭାଷଣ ପ୍ରଦାନ କରିଥିଲେ। କଳା ବିଭାଗର ୯ ଜଣ ବିଭାଗୀୟ ମୁଖ୍ୟ ନୂତନ ବିଦ୍ୟାର୍ଥୀଙ୍କ ପରିଚୟ ପ୍ରଦାନ କରିଥିଲେ। ଦ୍ୱିତୀୟଦିନ ଗୁରୁବାର ମୁଖ୍ୟ ଅତିଥି ଭାବେ କେପ ଜେମିନି ଆଇଟି କମ୍ପାନୀର ଅଧିକାରୀ ଇଂ ପ୍ରଣୟ ପ୍ରିୟଙ୍କାର ମିଶ୍ର, ମୁଖ୍ୟ ବକ୍ତା ଭାବେ ଶୈକ୍ଷିକ ପରାମର୍ଶଦାତା ଡ଼ଃ ଗିରିଶ ପ୍ରସାଦ ସ୍ୱାଇଁ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। ବିଜ୍ଞାନ ସ୍ରୋତର ୬ଟି ସ୍ନାତକ ବିଭାଗ ଓ ପ୍ରାଣୀ ବିଜ୍ଞାନ ସ୍ନାତକୋତ୍ତର ବିଭାଗର ବିଦ୍ୟାର୍ଥୀ ମାନଙ୍କ ପରିଚୟ ବିଭାଗୀୟ ମୁଖ୍ୟମାନେ ପ୍ରଦାନ କରିଥିଲେ। ଉଭୟଦିନ ମହା ବିଦ୍ୟାଳୟର ଅଧକ୍ଷ ଡ଼ଃ ପ୍ରଶାନ୍ତ ରାଉତ ମହାବିଦ୍ୟାଳୟର ବିଭିନ୍ନ ବ୍ୟବସ୍ଥା, କୃତି ଓପ୍ରଗତିକୁ ବିଶ୍ଳେଷଣ କରିଥିଲେ। ଅଧ୍ୟାପକ ଏବଂ ଅଧ୍ୟାପିକା ଯଥା ପ୍ରବୀଣ କୁମାର ସାହୁ, ଗୀତାଞ୍ଜଳି ବେହେରା, ମାଳବିକା ବ୍ରହ୍ମା, ଗାର୍ଗୀ ବାନାର୍ଜୀ, ଡ଼ଃ ସ୍ୱାତୀ ପଟ୍ଟନାୟକ, ଅଭିସ୍ମା ପଣ୍ଡା ଓ ସୁନୀଲ ସେଠୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ସରକାରୀ ଉଚ୍ଚବିଦ୍ୟାଳୟରେ ଆଧ୍ୟାତ୍ମିକ ଆଲୋଚନାଚକ୍ର

ଭୁବନେଶ୍ୱର, ୧୬।୧୦(ସମିସ): ପ୍ରଶାନ୍ତି ବିହାରସ୍ଥିତ ବିଜୁପଟ୍ଟନାୟକ ସ୍ମାରକ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟତ୍ରୀ ଜ୍ୟୋସ୍ନାମୟୀ ସ୍ୱାଇଁଙ୍କ ସଭାପତିତ୍ୱରେ ଆଧ୍ୟାତ୍ମିକ ଜୀବନଯାପନ ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରବାଳ କାନ୍ତି ମହାପାତ୍ର, ସାରସ୍ୱତ ସଂଗଠକ ରମାକାନ୍ତ ମିଶ୍ର ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ କ୍ରୀଡ଼ା ଶିକ୍ଷକ ଘନଶ୍ୟାମ ହୋତା ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷୟତ୍ରୀ ଭାରତୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୃଷ୍ଟିବାଧିତ ବିଦ୍ୟାଳୟରେ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ



ଭୁବନେଶ୍ୱର୧୬।୧୦(ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମଦିନ ଅବସରରେ ଭୁବନେଶ୍ୱର ୟୁନିଟ ୩ସ୍ଥିତ ଭୀମ ଭୋଇ ଦୃଷ୍ଟିବାଧିତ ବିଦ୍ୟାଳୟରେ କୁନି କୁନି ପିଲାଙ୍କ ମଧ୍ୟରେ ଜନ୍ମଦିବସ ପାଳନ ସହ ଉପହାର ଓ ମ୍ରିନ ବଣ୍ଟନ କରାଯାଇଥିଲା। ଅନେକ ପ୍ରତିଭାର ଅଧିକାରୀ ଏହି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭଜନ ଓ ଦେଶାତ୍ମକ ବୋଧକ ସଙ୍ଗୀତ ପ୍ରତିଯୋଗିତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେଡ଼ି ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତି, ଦୂରଦର୍ଶୀ ସମ୍ପାଦକ ଦୁର୍ଗା ସାମନ୍ତରାୟ, ବିଜେଡ଼ି ପୂର୍ବତନ ସମ୍ପାଦକ ପୃଥ୍ୱୀରାଜ ସାହୁ, ଯୁବ ନେତା ଶୁଭ୍ରଜିତ ପାଢ଼ୀ, ଅଫତାବ ଆଲାମ, ଶୁଭ୍ରାଂଶୁ ମିଶ୍ର, ସୋଫିୟା ଆଲାମ, ଜ୍ୟୋସ୍ନା ପରିଡ଼ା, ସୋନାଲି ପ୍ରିୟଦର୍ଶିନୀ, ଦେବଜ୍ୟୋତି ପଟ୍ଟନାୟକ, ସୌମ୍ୟ ରଞ୍ଜନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## କଳା ପ୍ରଦର୍ଶନୀ 'ସୃଷ୍ଟି-୮' ଉଦ୍‌ଘାଟିତ

ଭୁବନେଶ୍ୱର, ୧୬।୧୦(ସମିସ): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଦୃଶ୍ୟକଳା ବିଭାଗ ଆନୁକୂଲ୍ୟରେ ବାର୍ଷିକ କଳା ପ୍ରଦର୍ଶନୀ 'ସୃଷ୍ଟି-୮' ଲଳିତ କଳା ଏକାଡେମୀରେ ଉଦ୍‌ଘାଟିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଏହି ପ୍ରଦର୍ଶନୀକୁ ଉଦ୍‌ଘାଟନ କରି



ପ୍ରଦର୍ଶନୀରେ ସ୍ଥାନିତ ଛାତ୍ରଛାତ୍ରୀମାନଙ୍କ କଳାକୃତିକୁ ପ୍ରଶଂସା କରିଛନ୍ତି। ବରିଷ୍ଠ କଳା ବିଶେଷଜ୍ଞ ତଥା ଗବେଷକ ଡ. ଅଲେଖ ଚରଣ ସାହୁ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଏହି ପ୍ରୟାସ ଫଳରେ ଯୁବ ଶିଳ୍ପୀ ପ୍ରତିଭାମାନେ ନିଜର ଦକ୍ଷତା ପ୍ରଦର୍ଶନ କରିବାର ସୁଯୋଗ ପାଇଛନ୍ତି ବୋଲି ମତବ୍ୟକ୍ତ କରିଥିବା ବେଳେ ଲଳିତକଳା ଏକାଡେମୀର ଆଞ୍ଚଳିକ ସଚିବ ରାମକୃଷ୍ଣ ବେଦଲା ଏହିଭଳି ପ୍ରଦର୍ଶନ ଯୁବଶିଳ୍ପୀମାନଙ୍କୁ ଅଧିକ ଉତ୍ସାହିତ କରିବ ବୋଲି ମତ ଦେଇଥିଲେ। ଏହି ପ୍ରଦର୍ଶନୀରେ ଚିତ୍ରକଳା, ଭାସ୍କର୍ଯ୍ୟ, ମୁଦ୍ରଣ କଳା ଓ ବ୍ୟାବହାରିକ କଳା ବିଭାଗ ପକ୍ଷରୁ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ କଳାକୃତିଗୁଡିକୁ ସ୍ଥାନିତ କରାଯାଇଛି। ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରାଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ଉତ୍ସବରେ ଡ. ପଞ୍ଚାନନ ସାମଲ, ପ୍ରଫେସର ସମ୍ବରୁ ଶୋଭରା, ସହଯୋଗୀ ପ୍ରଫେସର ଉମେଶ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ସଂଯୋଜନା କରିଥିଲେ। ଏହି ପ୍ରଦର୍ଶନୀ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଦର୍ଶକଙ୍କ ନିମନ୍ତେ ଖୋଲା ରହିବ।

**ଏଜୁକେସନାଲ୍ ୱାର୍ଲ୍ଡ-ଇଣ୍ଡିଆ ସ୍କୁଲ୍ ରାଙ୍କିଙ୍ଗ୍-୨୦୨୫-୨୬**

## ଓଡିଏମ୍ ପବ୍ଲିକ୍ ସ୍କୁଲ୍ ରାଜ୍ୟରେ ପ୍ରଥମ, ଦେଶରେ ଦଶମ ସ୍ଥାନରେ



ଭୁବନେଶ୍ୱର, ୧୬।୧୦(ସମିସ): 'ଏଜୁକେସନାଲ୍ ୱାର୍ଲ୍ଡ-ଇଣ୍ଡିଆ ସ୍କୁଲ୍ ରାଙ୍କିଙ୍ଗ୍-୨୦୨୫-୨୬' ରେ ଓଡିଏମ୍ ପବ୍ଲିକ୍ ସ୍କୁଲ୍ ରାଜ୍ୟ ତଥା ଭୁବନେଶ୍ୱରରେ ପ୍ରଥମ ସ୍ଥାନ ଏବଂ ରାଷ୍ଟ୍ରୀୟ ସ୍ତରରେ ୧୦ମ ସ୍ଥାନ ହାସଲ କରି ପୁଣି ଥରେ ଶିକ୍ଷାକ୍ଷେତ୍ରରେ ଏହାର ଉତ୍କର୍ଷତା ପ୍ରମାଣିତ କରିଛି। ନୂଆଦିଲ୍ଲୀରେ ଅନୁଷ୍ଠିତ ପୁରସ୍କାର ସମାରୋହରେ ଓଡିଏମ୍ ଶିକ୍ଷାସମୂହର ଅଧ୍ୟକ୍ଷ ଡ.ସତ୍ୟବ୍ରତ ମୀନକେତନ ଏବଂ ନିର୍ଦ୍ଦେଶିକା ଇନ୍ଦୁମତୀ ରାୟଅନୁଷ୍ଠାନ ପକ୍ଷରୁ ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଥିଲେ। ଏତଦ୍‌ବ୍ୟତୀତ, ଓଡିଏମ୍ ଶିକ୍ଷାସମୂହର ସିଇଓ ସ୍ୱୟନ୍ ସତ୍ୟେନ୍ଦୁ ମଧ ତାଙ୍କର ଉତ୍କୃଷ୍ଟ ନେତୃତ୍ୱ, ସୃଜନମୂଳକ ଶିକ୍ଷାକ୍ଷେତ୍ରରେ ଉତ୍କୃଷ୍ଟ ଅବଦାନ ପାଇଁ ୨୦୨୫-୨୬ ବର୍ଷର 'ଏମର୍ଜିଂ ଏଜୁକେସନ୍ ଲିଡର ଅଫ୍ ଦର ଇୟର ୨୦୨୫-୨୬' ରେ ସମ୍ମାନୀତ ହୋଇଛନ୍ତି। ଏହି ଅବସରରେ ଡ. ମୀନକେତନ ଅତ୍ୟନ୍ତ ଗର୍ବ ଏବଂ କୃତଜ୍ଞତା ପ୍ରକାଶ କରି କହିଛନ୍ତି ଯେ,ଏହି ମାନ୍ୟତା କେବଳ ଆମ ଅନୁଷ୍ଠାନର ଶିକ୍ଷାଗତ ଉତ୍କର୍ଷତା, ସାମଗ୍ରିକ ବିକାଶ, ସୃଜନମୂଳକ ଶିକ୍ଷା ଏବଂ ମୂଲ୍ୟବୋଧ ଆଧାରିତ ଶିକ୍ଷା ପ୍ରତି ଆମର ଅଟଳ ପ୍ରତିବଦ୍ଧତାର ପ୍ରତୀକ। ଆମେ ଏହି ସଫଳତାକୁ ଆମର ଛାତ୍ର, ପିତାମାତା, ଶିକ୍ଷକ ଏବଂ ସମଗ୍ର ଓଡିଏମ୍ ପରିବାରକୁ ଉତ୍ସର୍ଗ କରୁଛୁ। ସଫଳତା କାହାଣୀ ଏତିକିରେ ସୀମିତ ନୁହେଁ, ଓଡିଏମ୍ ଶିକ୍ଷାସମୂହ ଅଧୀନରେ ଥିବା ଆଉ ଏକ ପ୍ରମୁଖ ଅନୁଷ୍ଠାନ ଓଡିଏମ୍ ସାଫାୟାର୍ ଗ୍ଲୋବାଲ୍ ସ୍କୁଲ୍, ରାଞ୍ଚିରେ ପ୍ରଥମସ୍ଥାନ, ଝାରଖଣ୍ଡରେ ପ୍ରଥମସ୍ଥାନ ଏବଂ ସର୍ବଭାରତୀୟସ୍ତରରେ ୨୦ତମ ସ୍ଥାନ ହାସଲ କରି ଓଡିଏମ୍ ଶିକ୍ଷାସମୂହର ମର୍ଯ୍ୟାଦାବୃଦ୍ଧି କରିଛି।

## ବିଶ୍ୱଖାଦ୍ୟ ଦିବସରେ ଖାଦ୍ୟ ମହୋତ୍ସବ ପାଇଁ ପ୍ରସ୍ତୁତି

ଭୁବନେଶ୍ୱର, ୧୬।୧୦(ସମିସ): ବିଶ୍ୱ ଖାଦ୍ୟ ଦିବସ ଉପଲକ୍ଷେ ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ଓଡ଼ିଆ ଖାଦ୍ୟ ସଂସ୍କୃତି ଓ ପରମ୍ପରାର ପ୍ରସାର ପାଇଁ ଭୁବନେଶ୍ୱରଠାରେ ଓଡ଼ିଆ ଖାଦ୍ୟ ମହୋତ୍ସବର ଅୟୋଜନ କରାଯିବା ପାଇଁ ନିଷ୍ପତି ନିଆଯାଇଛି ବୋଲି ବିଶ୍ୱ ଓଡ଼ିଆ ପରିବାରର ଆଧ୍ୟକ୍ଷ ସଜ୍ଜନ ଶର୍ମା ପ୍ରକାଶ କରିଛନ୍ତି। ଏହି ମହୋତ୍ସବର ରୂପରେଖ ଦେବାକୁ ଯାଇ ବରିଷ୍ଠ ସାମ୍ବାଦିକ ତଥା ଖାଦ୍ୟ ସଂସ୍କୃତି ଗବେଷକ ଭକ୍ତ ତ୍ରିପାଠୀ ଆସନ୍ତା ଡିସେମ୍ବର ୨୦ରୁ ୨୬ ତାରିଖ ପର୍ଯ୍ୟନ୍ତ ୭ ଦିନ ଧରି ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ ବୋଲି କହିଥିଲେ। ମହୋତ୍ସବରେ ପ୍ରତି ଜିଲ୍ଲାର ପୃଥକ ପୃଥକ ଭାବେ ଖାଦ୍ୟ ପ୍ରକୋଷ୍ଠ କରାଯାଇ ଏଥିରେ ସମ୍ପୃକ୍ତ ଜିଲ୍ଲାର ପ୍ରସିଦ୍ଧ ଖାଦ୍ୟକୁ ପରିବେଷଣ କରାଯିବ। ମହୋତ୍ସବରେ ରାଜଧାନୀର ବିଭିନ୍ନ ଆପାଟମେଣ୍ଟ, ତଥା କଲୋନୀ ବାସିନ୍ଦା, ହୋଟେଲ ମ୍ୟାନେଜ ମେଣ୍ଟ୍ କଲେଜ ଓ ସ୍କୁଲ ପିଲା ଏବଂ ପ୍ରସିଦ୍ଧ ହୋଟେଲମାନଙ୍କ ମଧ୍ୟରେ ରୋଷେଇ ପ୍ରତିଯୋଗିତା ଓ ଓଡ଼ିଆ ଖାଦ୍ୟକୁ ନେଇ କୁଇଜ ତଥା ଅନ୍ୟାନ୍ୟ ପ୍ରତିଯୋଗିତାମାନ ଅନୁଷ୍ଠିତ ହେବ। ଏଥି ସହ ଓଡ଼ିଆ ଖାଦ୍ୟ ଓ ସଂସ୍କୃତିର ବାହାରେ ପ୍ରଚାର ପାଇଁ ଗୌରବ ଆଣିଦେଇଥିବା ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବ। ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଆଜିର କାର୍ଯ୍ୟକ୍ରମରେ କାଳନ୍ଦି ସାମଲ, କୁଳମଣି ରାଉତ, ପରିବେଶ୍‌ବିତ୍ ଡ଼. ହାଡିବନ୍ଧୁ ପାଣିଗ୍ରାହୀ, ଡଃ.ପ୍ରତାପ ପାଣି, ଭବାନୀ ପ୍ରସାଦ ମିଶ୍ର, ସୁବ୍ରତ କିଶୋର ନାୟକ, ଅକ୍ଷୟ କୁମାର ବଳିଆରସିଂହ, ତ୍ରିଗୁଣ ଦାସମହାପାତ୍ର, ମନୋଜ ସାହୁ, ଦେବାଶିଷ ନାୟକ, ବିଚିତ୍ର କୁମାର ସାହୁ, ସୁଧାକର ସାହୁ, ପ୍ରଦୀପ ସାହୁ, ରଞ୍ଜନ କୁମାର ଦାସ, ଲକ୍ଷ୍ମୀକାନ୍ତ ସାହୁ ଏବଂ ସୁରେଶ କୁମାର ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ୧୫ ଜଣ ଉଦ୍ୟୋଗୀଙ୍କୁ କାଞ୍ଚନ କର୍ପୋରେଟ ଆୱାର୍ଡ



ଭୁବନେଶ୍ୱର, ୧୬।୧୦(ସମିସ): ସମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ କାଞ୍ଚନ ଫାଉଣ୍ଡେସନ ପକ୍ଷରୁ ୟୁଥ କନକ୍ଲେଭ, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଷଷ୍ଠ କାଞ୍ଚନ କର୍ପୋରେଟ ଆୱାର୍ଡ ୨୦୨୫ ହୋଟେଲ ମେଫେୟାର ଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ତାପସ ରଞ୍ଜନ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ପୂର୍ବତନ ମନ୍ତ୍ରୀ ଡ. ଅରବିନ୍ଦ ଢ଼ାଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ କାଞ୍ଚନ ଫାଉଣ୍ଡେସନର ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ମାନବସମ୍ବଳ ଆଶୁତୋଷ ରଥ ଏବଂ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିନ ଅକ୍ଷୟ କୁମାର ସାହୁ, ପ୍ରବାସୀ ଓଡ଼ିଆ ବିଜେପି ରାଜ୍ୟ ମୁଖ୍ୟ ସଂଯୋଜକ ଜ୍ୟୋତିରଞ୍ଜନ ନାୟକ, ଓଡ଼ିଶା ସଂଗ୍ରାହଳୟର ପୂର୍ବତନ ନିର୍ଦ୍ଦେଶିକା ଭାଗ୍ୟଲିପି ମଲ୍ଲ, ରାଜଧାନୀ ପୁସ୍ତକ ମେଳାର ସଭାପତି ଡ. ଉପେନ୍ଦ୍ର ଜେନା, ସମାଜସେବୀ ସୁଚିସ୍ମିତା ପୃଷ୍ଟି ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ଓଡ଼ିଶାର ବିଭିନ୍ନ କର୍ପୋରେଟ ଜଗତର ୧୫ଜଣ ବିଶିଷ୍ଟ ଉଦ୍ୟୋଗପତିଙ୍କୁ କାଞ୍ଚନ କର୍ପୋରେଟ ଆୱାର୍ଡ୍‌୨୦୨୫ ପ୍ରଦାନ କରାଯାଇଥିଲା। ପରେ ପରେ ଓଡ଼ିଶୀ ନୃତ୍ୟଶିଳ୍ପୀ ଶୁଭଶ୍ରୀ କଳାଶ୍ରୀ ନିକେତନର ଶୁଭଶ୍ରୀ ମହାନ୍ତି ଏବଂ ସାଥୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲା ବେଳେ ଜୟଶ୍ରୀ ଧଳ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ରଞ୍ଜନ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଶୁଭୋଜିତ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଶ୍ରୀଲିପି କୁମାର ପ୍ରଧାନ, ଜ୍ୟୋତିମୟ ପାଣି, ତପନ ସ୍ୱାଇଁ, ଗୋପାଳ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୪୫ ● ପାଉଣ୍ଡ ୧୧୮.୭୫
- ୟୁରୋ ୧୦୨.୦୪ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୮,୬୫୦ (ଭୁବନେଶ୍ୱର)
- ରୁପା : ୨,୦୬,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୩,୪୬୭.୦୦
- ନିଫ୍ଟି ୨୫,୫୮୫.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



**ଟ୍ରମ୍ପ ଟାରିଫ୍ ମାଡ଼ର ପ୍ରଭାବ**

# ଭାରତକୁ ୨୮ ହଜାର କୋଟିର ରପ୍ତାନି ଝଟ୍‌କା

ନୂଆଦିଲ୍ଲୀ,୧୬।୧୦(ଏଜେନ୍ସି)




ଆମେରିକା ଭାରତୀୟ ସାମଗ୍ରୀ ଉପରେ ୫୦% ଶୁଳ୍କ ଲାଗୁ କରିବା ପରେ, ଭାରତରୁ ଆମେରିକାକୁ ସାମଗ୍ରୀ ରପ୍ତାନି ଏବେ ରପ୍ତାନିକାରୀଙ୍କ ପାଇଁ ମହଙ୍ଗା ହୋଇଯାଇଛି। ଫଳସ୍ୱରୂପ, ଗତ ୪ ମାସରେ ଆମେରିକାକୁ ରପ୍ତାନି ୩୭.୫% ହ୍ରାସ ପାଇଛି। ଗ୍ଲୋବାଲ୍ ଟ୍ରେଡ୍ ରିସର୍ଚ୍ଚ ଇନିସିଏଟିଭ୍ (ଜିଟିଆର୍‌ଆଇ)ର ଏକ ରିପୋର୍ଟ ଅନୁଯାୟୀ, ଏହା ଚଳିତ

## ଆମେରିକାକୁ ୪ ମାସରେ ରପ୍ତାନିରେ ୩୭% ହ୍ରାସ

## ମହଙ୍ଗା ଦରରେ କପଡା, ଆଭୂଷଣ ପଠାଉନାହାନ୍ତି ରପ୍ତାନିକାରୀ

## ଟ୍ରମ୍ପ୍ ଟାରିଫକୁ ନେଇ ଚିନ୍ତା ନାହିଁ: ଆର୍‌ବିଆଇ ଗଭର୍ଣ୍ଣର

ବର୍ଷର ସବୁଠାରୁ ବଡ଼ ହ୍ରାସ। ଆମେରିକାକୁ ଭାରତର ରପ୍ତାନି, ଯାହା ମେ ୨୦୨୫ ରେ ୮.୮ ବିଲିୟନ ଡଲାର ଥିଲା, ସେପ୍ଟେମ୍ବର ୨୦୨୫ ସୁଦ୍ଧା ଏହା ୫.୫ ବିଲିୟନ ଡଲାରକୁ ହ୍ରାସ ପାଇଛି। ଏହାର ଅର୍ଥ ହେଉଛି ଟ୍ରମ୍ପ୍ ପ୍ରଶାସନ ଟାରଇଫ୍ ଲାଗୁ କରିବା ପରେ ଭାରତର ରପ୍ତାନି ମାତ୍ର ଚାରି ମାସ ମଧ୍ୟରେ ୩.୩ ବିଲିୟନ ଡଲାର (ପ୍ରାୟ ୨୮,୦୦୦ କୋଟି) ରୁ ଅଧିକ ହ୍ରାସ ପାଇଛି।

ସେପ୍ଟେମ୍ବର ପ୍ରଥମ ମାସ ଥିଲା ଯେତେବେଳେ କି ଭାରତୀୟ ସାମଗ୍ରୀ ଉପରେ ସମ୍ପୂର୍ଣ୍ଣ ୫୦% ଶୁଳ୍କ ଲାଗୁ କରାଯାଇଥିଲା। କେବଳ ସେପ୍ଟେମ୍ବର ମାସରେ ରପ୍ତାନିରେ ସର୍ବାଧିକ ମାସିକ ୨୦.୩% ହ୍ରାସ ଘଟିଛି। ତଥାପି, ଏହି ହ୍ରାସ ଜୁନ୍ ମାସରୁ ଆରମ୍ଭ ହୋଇଥିଲା। ଜୁନ୍ ମାସରେ ୫.୭%, ଜୁଲାଇରେ ୩.୬% ଏବଂ ଅଗଷ୍ଟରେ ୧୩.୮% ହ୍ରାସ ଘଟିଥିଲା। ରିପୋର୍ଟ ଅନୁଯାୟୀ, ବୟନ (କପଡା), ମଣି ଏବଂ ଅଳଙ୍କାର, ଇଞ୍ଜିନିୟରିଂ ସାମଗ୍ରୀ ଏବଂ ରାସାୟନିକ ପଦାର୍ଥ ଭଳି ପ୍ରମୁଖ ଶିଳ୍ପଗୁଡ଼ିକ ସର୍ବାଧିକ ପ୍ରଭାବିତ ହୋଇଥିଲେ। ଏହି ଶିଳ୍ପଗୁଡ଼ିକରୁ ରପ୍ତାନିରେ ଯଥେଷ୍ଟ ହ୍ରାସ ଘଟିଛି, ଯାହା ରପ୍ତାନି ହ୍ରାସର ସବୁଠାରୁ ବଡ଼ କାରଣ ପାଲଟିଛି।

ଟ୍ରମ୍ପ୍‌ଙ୍କ ମତରେ ଭାରତ ଆମେରିକୀୟ ସାମଗ୍ରୀ ଉପରେ ବହୁତ ଅଧିକ ଶୁଳ୍କ ଲଗାଏ, ଯେତେବେଳେ କି ଆମେରିକା ଭାରତୀୟ ସାମଗ୍ରୀ ଉପରେ କମ୍ ଟିକସ ଲଗାଇଥାଏ। ଟ୍ରମ୍ପ୍ ଭାବନ୍ତି ଯେ ଏହା ଅନ୍ୟାୟ। ତେଣୁ, ତାଙ୍କର 'ପାରସ୍ପରିକ ଶୁଳ୍କ'ନୀତି ଅଧୀନରେ, ସେ ଭାରତ ଉପରେ ୨୫% ଶୁଳ୍କ ଘୋଷଣା କରିଛନ୍ତି। ଭାରତ ଦ୍ୱାରା ରୁଷଠାରୁ ତେଲ ଏବଂ ସାମରିକ ଉପକରଣ କ୍ରୟ କରିବା ଉପରେ ଟ୍ରମ୍ପ ମଧ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ। ଏହା ଫଳରେ ଭାରତ ଉପରେ ଅତିରିକ୍ତ ୨୫% ଶୁଳ୍କ ଲାଗୁ ହୋଇଥିଲା, ଯାହା ମୋଟ ଶୁଳ୍କକୁ ୫୦% କୁ ବୃଦ୍ଧି କରିଛି। ସୂଚନାଯୋଗ୍ୟ ଯେ, ଭାରତ ଏବଂ ଆମେରିକା ଦୀର୍ଘ ସମୟ ଧରି ଏକ ବାଣିଜ୍ୟ ଚୁକ୍ତି ଉପରେ କାମ କରୁଛନ୍ତି। ଅଗଷ୍ଟ ୨୫ରେ ଷଷ୍ଠ ପର୍ଯ୍ୟାୟ ଆଲୋଚନା ପାଇଁ ଆମେରିକା ପ୍ରତିନିଧି ମଣ୍ଡଳୀ ଆସିବାର କାର୍ଯ୍ୟକ୍ରମ ଥିଲା, କିନ୍ତୁ ପରେ ଏହାକୁ ସ୍ଥଗିତ ରଖାଯାଇଥିଲା। କୃଷି କ୍ଷେତ୍ର ଭଳି ପ୍ରସଙ୍ଗରେ ସହମତି ହୋଇପାରି ନ ଥିଲା। ସେପ୍ଟେମ୍ବରରେ ଆଲୋଚନା ପୁଣି ଆରମ୍ଭ ହୋଇଥିଲା। ଭାରତୀୟ ଅଧିକାରୀମାନେ ଚଳିତ ବର୍ଷ ଶେଷ ସୁଦ୍ଧା ଏକ ପ୍ରମୁଖ ଚୁକ୍ତିରେ ପହଞ୍ଚିବା ନେଇ ଆଶା କରୁଛନ୍ତି।

ଅପରପକ୍ଷେ ଟ୍ରମ୍ପ୍ ଟାରିଫକୁ ନେଇ ଭିନ୍ନ ମତ ଦେଇଛନ୍ତି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା କହିଛନ୍ତି। ଭାରତ ଉପରେ ଲାଗୁ ହୋଇଥିବା ଟାରଇଫ୍ ଯୋଗୁ ଭାରତ ସରକାର ଚିନ୍ତା ପ୍ରକଟ କରିବା ବିଷୟକୁ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ସ୍ପଷ୍ଟ ଭାବରେ ଖଣ୍ଡନ କରିଦେଇଛନ୍ତି । ଶ୍ରୀ ମାଲହୋତ୍ରା କହିଛନ୍ତି ଯେ, ଟ୍ରମ୍ପ୍ ପ୍ରଶାସନ ଲାଗୁ କରିଥିବା ଟାରିଫକୁ ନେଇ ଭାରତ ସରକାର ଚିନ୍ତିତ ନୁହଁନ୍ତି। ୱାଶିଂଟନ ଡିସିରେ ଆଇଏମଏଫ୍ ଓ ବିଶ୍ୱ ବ୍ୟାଙ୍କର ବାର୍ଷିକ ବୈଠକରେ ସେ କହିଛନ୍ତି, ଭାରତର ଆର୍ଥିକ ମୂଳଦୁଆ ବହୁତ ମଜଭୁତ ଓ ଆମେରିକାର ଦ୍ୱାରା ଲଗାଯାଇଥିବା ଟାରିଫ କୌଣସି ଚିନ୍ତାର ବିଷୟ ନୁହେଁ। ସେ କହିଛନ୍ତି ଯେ ଭାରତର ଘରୋଇ ଅର୍ଥନୀତି ବାଣିଜ୍ୟ ଚାପକୁ ନିଶ୍ଚିତ ଭାବରେ ସହ୍ୟ କରିପାରିବ। ସେ ସ୍ପଷ୍ଟ କରିଛନ୍ତି ଯେ ଭାରତ ମୁଖ୍ୟତଃ ଏକ ଘରୋଇ ଅର୍ଥନୀତି, ତେଣୁ ଏହା (ଟାରିଫ୍) ଆମକୁ ପ୍ରଭାବିତ କଲେ ମଧ୍ୟ ଏହା ଏକ ପ୍ରମୁଖ ଚିନ୍ତାର ବିଷୟ ନୁହେଁ। ଟାରିଫ ଯୋଗୁ ବିଶ୍ୱ ଅସ୍ଥିରତା ସତ୍ତ୍ୱେ ଭାରତର ସାମଗ୍ରିକ ଅର୍ଥନୈତିକ ମୂଳଦୁଆ ଦୃଢ଼ ରହିଛି । ସେ ଆହୁରି ମଧ୍ୟ କହିଛନ୍ତି ଯେ ଆମେ ନୀତିଗତ ଅନିଶ୍ଚିତତାର ଏକ ସମୟରେ ଅଛୁ, ଯାହା ଏପରି ଏକ ବିପଦ ଯାହା ଉପରେ ସମସ୍ତ ବିକାଶଶୀଳ ଅର୍ଥନୀତି ବିଚାର କରିବା ଦରକାର ।

**ମହଙ୍ଗା ପଡ଼ିଲା ରୁଷ୍‌ଠାରୁ ତେଲ କିଣା**

# ଭାରତୀୟ କମ୍ପାନୀ ଉପରେ ବ୍ରିଟେନ୍ ଲଗାଇଲା କଟକଣା

ନୂଆଦିଲ୍ଲୀ, ୧୬।୧୦ (ଏଜେନ୍ସି): ଗୁଜରାଟର ଜାମନଗରରେ ଥିବା ଭାଡିନାର ତୈଳ ବିଶୋଧନାଗାର ଉପରେ କଟକଣା ଲଗାଇଛି ବ୍ରିଟେନ। ଏହି ବିଶୋଧନାଗାର ନାୟାରା ଏନର୍ଜି ଲିମିଟେଡର ମାଲିକାନାରେ ରହିଛି। କିଛି ମାସ ପୂର୍ବରୁ ୟୁରୋପୀୟ ସଂଘ (ଇୟୁ) ମଧ୍ୟ ଏହା ଉପରେ କଟକଣା ଲଗାଇଥିଲା। ରୁଷୀୟ ତୈଳ କମ୍ପାନୀ ରୋସନେଫ୍ଟର ନାୟାରା ଏନର୍ଜି ଲିମିଟେଡରେ ୪୯.୧୩% ଅଂଶଧନ ରହିଛି, ତେଣୁ ନାୟାରା ଏନର୍ଜି ଉପରେ ଏହି କଟକଣା ଲାଗୁ କରାଯାଇଛି।

ସୂଚନାଯୋଗ୍ୟ ଯେ, ବ୍ରିଟେନ ରୁଷ ସହିତ ଜଡିତ ମୋଟ ୯୦ଟି ସଂସ୍ଥା ଉପରେ କଟକଣା ଲଗାଇଛି। ଏହି କାର୍ଯ୍ୟ ରୁଷର ରାଜସ୍ୱକୁ କ୍ଷତି ପହଞ୍ଚାଇବା ପାଇଁ ଉଦ୍ଦେଶ୍ୟ। ବ୍ରିଟିଶ ଅଧିକାରୀମାନେ କହିଛନ୍ତି ଯେ ଏହା ରୁଷର ତୈଳ ରାଜସ୍ୱ ହ୍ରାସ କରିବ ଏବଂ ବିଶ୍ୱ ଶକ୍ତି ବଜାରରେ ଏହାର ପ୍ରବେଶକୁ ସୀମିତ କରିବ। ନାୟାରା ଏନର୍ଜି ଲିମିଟେଡ ଉପରେ କଟକଣା ଘୋଷଣା କରି ଅଧିକାରୀମାନେ କହିଛନ୍ତି ଯେ ଏହା କେବଳ ୨୦୨୪ରେ ରୁଷରୁ ୧୦୦ ନିୟୁତ ବ୍ୟାରେଲ ତେଲ ଆମଦାନୀ କରିଛି। ମୂଲ୍ୟ ୫ ବିଲିୟନ ଡଲାରରୁ ଅଧିକ ହେବ ବୋଲି ଆକଳନ କରାଯାଉଛି। ବ୍ରିଟେନ ମଧ୍ୟ ଚାରୋଟି ଚୀନ୍ ଟର୍ମିନାଲ ଏବଂ ରୁଷିଆର ଛାୟା ନୌବାହିନୀର ୪୪ଟି ଟ୍ୟାଙ୍କର ବିରୁଦ୍ଧରେ ପ୍ରତିବନ୍ଧକ ଘୋଷଣା କରିଛି। ବ୍ରିଟିଶ ଅଧିକାରୀଙ୍କ ଅନୁଯାୟୀ, ନୂତନ ପ୍ରତିବନ୍ଧକ ସିଧାସଳଖ ରୁଷିଆର ତୈଳ କମ୍ପାନୀ ରୋସନେଫ୍ଟ ଏବଂ ଲୁକ୍‌ଅଏଲ୍ ଉପରେ ପ୍ରଭାବ ପକାଇବ। ସେମାନେ ବର୍ତ୍ତମାନ ବିଶ୍ୱର ସର୍ବବୃହତ ତୈଳ କମ୍ପାନୀ ମଧ୍ୟରେ ଅନ୍ତର୍ଭୁକ୍ତ। ସେମାନେ ମିଳିତ ଭାବରେ ଦୈନିକ ପ୍ରାୟ ୩.୧ ନିୟୁତ ବ୍ୟାରେଲ ଅଶୋଧିତ ତୈଳ ରପ୍ତାନି କରିଥାନ୍ତି। ୨୦୨୨ ଫେବୃଆରୀରେ ୟୁକ୍ରେନ ଆକ୍ରମଣ ପରଠାରୁ ବ୍ରିଟେନ ମୋଟ ୨୮.୭ ବିଲିୟନ ପାଉଣ୍ଡର ରୁଷିଆର ସମ୍ପତ୍ତିକୁ ଫ୍ରିଜ୍ କରିଛି। ପୂର୍ବରୁ, ବ୍ରିଟେନ ଜାନୁଆରୀ ୨୦୨୫ରେ ରୁଷିଆର ତୃତୀୟ ଏବଂ ଚତୁର୍ଥ ବୃହତ ତୈଳ କମ୍ପାନୀ, ଗାଜପ୍ରମ୍ ନେଫ୍ଟ ଏବଂ ସର୍ଗୁଟନେଫ୍ଟେଗାସ ଉପରେ ପ୍ରତିବନ୍ଧକ ଲଗାଇଥିଲା।

**ହୁ ହୁ ହୋଇ ବଢୁଛି ଫଳ ଦର**

# ୯ ମାସରେ ମୂଲ୍ୟ ୧୩%ରୁ ଅଧିକ ବଢ଼ିଛି

ନୂଆଦିଲ୍ଲୀ,୧୬।୧୦(ଏଜେନ୍ସି): ଚଳିତବର୍ଷ ଦେଶରେ ଫଳ ମୂଲ୍ୟରେ ଏକ ବଡ଼ ବୃଦ୍ଧି ଦେଖିବାକୁ ମିଳିଛି। ଜାନୁଆରୀରୁ ସେପ୍ଟେମ୍ବର ମାସ ମଧ୍ୟରେ ଫଳର ହାରାହାରି ମୁଦ୍ରାସ୍ଫୀତି ହାର ୧୩.୨% ରହିଥିଲା। ଏହା ଗତ ୫ ବର୍ଷ ମଧ୍ୟରେ ସର୍ବାଧିକ। ତଥାପି, ପନିପରିବା ଏବଂ ଡାଲି ଭଳି ସାମଗ୍ରୀର ମୂଲ୍ୟ ହ୍ରାସ



- ଭାଙ୍ଗିଲା ୫ ବର୍ଷର ରେକର୍ଡ
- ଭୀଷଣ ବର୍ଷାରେ ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ରରେ ଫଳ ବଗିଚା ନଷ୍ଟ

ପାଇଛି, ଯାହା ଖାଉଟିଙ୍କୁ କିଛି ଆଶ୍ୱସ୍ତି ପ୍ରଦାନ କରିଛି। ଏକ ରିପୋର୍ଟ ଅନୁଯାୟୀ, ୨୦୨୪ରେ ଫଳ ମୁଦ୍ରାସ୍ଫୀତି ୫.୯% ଏବଂ ୨୦୨୩ରେ ୩.୯% ରହିଥିଲା। ଏହା ଦର୍ଶାଉଛି ଯେ ଚଳିତ ବର୍ଷ ଫଳ ମୂଲ୍ୟ କେତେ ଦ୍ରୁତ ବେଗରେ ବୃଦ୍ଧି ପାଇଛି। ବିଶେଷ କରି ଆନ୍ଧ୍ରପ୍ରଦେଶ,ତେଲଙ୍ଗାନା ଓ ମହାରାଷ୍ଟ୍ର ଭଳି ରାଜ୍ୟରେ ଚଳିତବର୍ଷ ଭୀଷଣ ବର୍ଷା ଯୋଗୁ ଫଳ ବଗିଚାଗୁଡିକ ବ୍ୟାପକ ମାତ୍ରାରେ ନଷ୍ଟ ହୋଇଛି। ବଜାର ବିଶେଷଜ୍ଞ ମତରେ ଫଳ ମୂଲ୍ୟରେ କ୍ରମାଗତ ଭାବେ ବୃଦ୍ଧି ପଛରେ ନିର୍ଦ୍ଦିଷ୍ଟ କାରଣ ରହିଛି, ଯେପରିକି ବିଭିନ୍ନ ଅଞ୍ଚଳରେ ଫସଲ କ୍ଷତି, ଗୋଦାମ ଘରର ଅଭାବ ଏବଂ ଶୀତଳ ଭଣ୍ଡାର ସମସ୍ୟା। ଇଣ୍ଡିଆ ରେଟିଂସ୍ ଆଣ୍ଡ ରିସର୍ଚ୍ଚ (ଇଣ୍ଡ-ରା)ର ସହଯୋଗୀ ନିର୍ଦ୍ଦେଶକ ପାରସ ଜସରାଇ କହିଛନ୍ତି ଯେ ଫଳ ଆମଦାନୀ କରି ଏହି ସମସ୍ୟାଗୁଡ଼ିକୁ ସହଜରେ ସମାଧାନ କରାଯାଇପାରିବନାହିଁ। ୨୦୨୩-୨୪ ଆର୍ଥିକବର୍ଷରେ ଦେଶର ଗ୍ରାମାଞ୍ଚଳ କ୍ଷେତ୍ରରେ ମାସିକ ମୁଣ୍ଡପିଛା ଖାଦ୍ୟ ଖର୍ଚ୍ଚର ପ୍ରାୟ ୩.୮୫% ଲୋକେ ଫଳ ପାଇଁ ଖର୍ଚ୍ଚ କରିଥିବାବେଳେ ସହରାଞ୍ଚଳରେ ଏହି ସଂଖ୍ୟା ୩.୮୭% ରହିଥିଲା।

ଜାନୁଆରୀ ଏବଂ ସେପ୍ଟେମ୍ବର ମାସ ମଧ୍ୟରେ, କଦଳୀ ମୂଲ୍ୟରେ ହାରାହାରି ୮.୧% ବୃଦ୍ଧି ଘଟିଛି। ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା ଏବଂ ମହାରାଷ୍ଟ୍ରରେ ପ୍ରବଳ ବର୍ଷା ଏବଂ ବନ୍ୟା ଫସଲକୁ କ୍ଷତି ପହଞ୍ଚାଇଥିଲା, ଯାହା କଦଳୀର ଯୋଗାଣକୁ ହ୍ରାସ କରିଛି। ଅନ୍ୟାନ୍ୟ ଫଳ ମଧ୍ୟରେ ସେଓ ମୂଲ୍ୟ ଗତ ବର୍ଷ ୧୦% ତୁଳନାରେ ଚଳିତବର୍ଷ ହାରାହାରି ୧୨.୨% ବୃଦ୍ଧି ପାଇଛି। ଜମ୍ମୁ ଏବଂ କାଶ୍ମୀର ଏବଂ ହିମାଚଳ ପ୍ରଦେଶରେ ବନ୍ୟା ସେଓ ଉତ୍ପାଦନ ସହ ଯୋଗାଣ ବାଧାପ୍ରାପ୍ତ କରିଛି। ଲିଚୁ, ନାସ୍‌ପାତି ଏବଂ ବେରି ଭଳି ଅନ୍ୟାନ୍ୟ ତାଜା ଫଳ ମୂଲ୍ୟ ଚଳିତବର୍ଷ ହାରାହାରି ୧୩.୯% ବୃଦ୍ଧି ପାଇଛି।

# ବ୍ରିଜ୍‌ଷ୍ଟୋନ ଇଣ୍ଡିଆର ମୋବିଲିଟି ସୋସିଆଲ ଇମ୍ପାକ୍ଟ ଆୱାର୍ଡସ୍

ପୁଣେ,୧୬।୧୦: ଭୁବନେଶ୍ୱର ସ୍ଥିତ ସେଫ୍ ଇଣ୍ଡିଆ ଫାଉଣ୍ଡେସନ ବ୍ରିଜଷ୍ଟୋନ୍ ଇଣ୍ଡିଆର ମୋବିଲିଟି ସୋସିଆଲ ଇମ୍ପାକ୍ଟ ପୁରସ୍କାର (ଏମଏସଆଇଏ) ର ୫ମ ସଂସ୍କରଣରେ ସୁରକ୍ଷା ନବସୃଜନ ଏବଂ ଉତ୍କର୍ଷତା ବର୍ଗରେ ପ୍ରଥମ ରନସ ଅପ୍ ଭାବରେ ସ୍ୱୀକୃତି ପାଇଛି। ଏହି ପୁରସ୍କାର ନିରାପଦ ସ୍କୁଲ ଜୋନ୍ ଏବଂ ସଡକ ସୁରକ୍ଷା ଡ୍ରାଇଭର ସଚେତନତା ଏବଂ ଦକ୍ଷତା କାର୍ଯ୍ୟକ୍ରମ ଭଳି ପ୍ରଭାବଶାଳୀ ପଦକ୍ଷେପ ମାଧ୍ୟମରେ ସଡକ ସୁରକ୍ଷା ଆଡଭୋକେସି ଏବଂ ଡ୍ରାଇଭର ତାଲିମ କ୍ଷେତ୍ରରେ ସେଫ ଇଣ୍ଡିଆ ଫାଉଣ୍ଡେସନର ଅଗ୍ରଣୀ କାର୍ଯ୍ୟକୁ ସ୍ୱୀକୃତି ଦେଇଥାଏ। ଏହି ସଂଗଠନ ୨ ଲକ୍ଷରୁ ଅଧିକ ଡ୍ରାଇଭରଙ୍କୁ ତାଲିମ ଦେଇଛି ଏବଂ ୪୦,୦୦୦ରୁ ଅଧିକ ଛାତ୍ରଙ୍କୁ ସୁରକ୍ଷା ଦେଇଛି, ଯାହା ସାରା ଦେଶରେ ସଡକ ସୁରକ୍ଷା ଏବଂ ସଚେତନତାର ସଂସ୍କୃତି ନିର୍ମାଣରେ ଉଲ୍ଲେଖନୀୟ ଯୋଗଦାନ ଦେଇଛି। ବ୍ରିଜଷ୍ଟୋନ ଇଣ୍ଡିଆ ଦ୍ୱାରା ଆରମ୍ଭ କରାଯାଇଥିବା ମୋବିଲିଟି ସୋସିଆଲ ଇମ୍ପାକ୍ଟ ଆୱାର୍ଡସ୍ ସେହି ଅଣଲାଭକାରୀ ସଂସ୍ଥାଗୁଡ଼ିକୁ ସମ୍ମାନିତ କରିଥାଏ, ଯେଉଁମାନେ ସମଗ୍ର ଭାରତରେ ସମୁଦାୟମାନଙ୍କ ପାଇଁ ନିରାପଦ, ଅଧିକ ସମାବେଶୀ ଏବଂ ଦୀର୍ଘସ୍ଥାୟୀ ମୋବିଲିଟି ସମାଧାନ ସୃଷ୍ଟି କରିବାରେ ନବସୃଜନକୁ ପ୍ରୋତ୍ସାହିତ କରୁଛନ୍ତି।

**ରୁଷ୍ ତେଲ କିଣା ନେଇ ଆମେରିକାକୁ ଚୀନ୍‌ର ଚେତାବନୀ**

# ଦାଦାଗିରି ଚଳିବନି, ଜବାବ୍ ଦେବୁ

ବେଜିଂ,୧୬।୧୦(ଏଜେନ୍ସି)

ରୁଷୀୟ ତୈଳ କ୍ରୟକୁ ନେଇ ଆମେରିକା ସହ ଭାରତ ଓ ଚୀନ୍‌ର ବିବାଦ ଚରମସୀମାରେ ପହଞ୍ଚିଛି। ରୁଷଠାରୁ ତୈଳ କ୍ରୟ ଉପରେ ଭାରତକୁ ବାରମ୍ବାର ଧମକ ଦେଉଥିବା ଟ୍ରମ୍ପ୍ ପ୍ରଶାସନକୁ ଆଜି ଚୀନ୍ ଚେତାବନୀ ଦେଇଛି। ଚୀନ୍ ତା'ର ରୁଷୀୟ ତୈଳ କ୍ରୟକୁ ଯଥାର୍ଥ ବୋଲି କହିଛି। ଚୀନ୍ ଆମେରିକା ଉପରେ 'ଏକତରଫା ଦାଦାଗିରି' ଧମକ ଅଭିଯୋଗ କରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିବା ପରେ ଏହା ଆସିଛି ଯେ ଭାରତୀୟ ପ୍ରଧାନମନ୍ତ୍ରୀ ମୋଦି ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ସେ ରୁଷଠାରୁ ତେଲ କିଣିବା ବନ୍ଦ କରିବେ। ଟ୍ରମ୍ପ୍ ମଧ୍ୟ ଚୀନ୍ ଉପରେ ସମାନ ଚାପ ପ୍ରୟୋଗ କରିବା ବିଷୟରେ କହିଥିଲେ। ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଲିନ୍ ଜିଆନ୍ କହିଛନ୍ତି ଯେ ଆମେରିକାର କାର୍ଯ୍ୟ ଏକପାଖିଆ ଧମକ ଏବଂ ଆର୍ଥିକ ଚାପର ଏକ ସାଧାରଣ ଉଦାହରଣ। ସେ ଏହା ମଧ୍ୟ କହିଛନ୍ତି ଯେ ଚୀନ୍ ରୁଷ ସମେତ ବିଶ୍ୱର ସମସ୍ତ ଦେଶ ସହିତ ସାଧାରଣ, ବୈଧ ଅର୍ଥନୈତିକ, ବାଣିଜ୍ୟ ଏବଂ



ଶକ୍ତି ସହଯୋଗରେ ନିୟୋଜିତ। ଚୀନ୍ ଚେତାବନୀ ଦେଇଛି ଯେ ଯଦି ଏହାର ସ୍ୱାର୍ଥ କ୍ଷତିଗ୍ରସ୍ତ ହୁଏ ତେବେ ସେ ପ୍ରତିଶୋଧ ନେବ।

ଚୀନ୍ ଏକ ବିବୃତ୍ତିରେ କହିଛି ଯେ, ସେ ଚୀନ୍ ୟୁକ୍ରେନ ଯୁଦ୍ଧରେ ସାମିଲ ନୁହେଁ। ତଥାପି, ୟୁକ୍ରେନ ଏବଂ ପାଶ୍ଚାତ୍ୟ ଦେଶଗୁଡିକ ଅଭିଯୋଗ କରିଛନ୍ତି ଯେ ଚୀନ୍ ମସ୍କୋକୁ ରାଜନୈତିକ ଏବଂ ଆର୍ଥିକ ସମର୍ଥନ ଯୋଗାଉଛି। ଟ୍ରମ୍ପ୍ ବାରମ୍ବାର ଚୀନ୍ ଏବଂ ଭାରତକୁ ରୁଷଠାରୁ ଶସ୍ତା ତେଲ କିଣି ୟୁକ୍ରେନ ଯୁଦ୍ଧକୁ ପାଣ୍ଠି ଯୋଗାଉଥିବା ଅଭିଯୋଗ କରିଛନ୍ତି। ସେ ୟୁରୋପୀୟ ଦେଶଗୁଡ଼ିକୁ ରୁଷଠାରୁ ତୁରନ୍ତ ତେଲ କିଣିବା ବନ୍ଦ କରିବାକୁ ମଧ୍ୟ ଆହ୍ୱାନ କରିଛନ୍ତି। ଚୀନ୍ କହିଛି ଯେ ରୁଷରୁ ତେଲ କିଣିବା ଏହାର ନିଜସ୍ୱ ବିଷୟ ଏବଂ ଏହା କୌଣସି ପ୍ରକାରେ ଭୁଲ ନୁହେଁ। ଆମେରିକାର ଏହି ପ୍ରକାରର ଚାପରେ ଚୀନ୍ ଖୁସି ନୁହେଁ। ଚୀନ୍ ସ୍ପଷ୍ଟ କରିଛି ଯେ ସେ ନିଜର ନିଷ୍ପତ୍ତି ନେବ ଏବଂ କୌଣସି ଚାପରେ ବଶୀଭୂତ ହେବ ନାହିଁ। ଏହି ପ୍ରସଙ୍ଗ ଅନ୍ତର୍ଜାତୀୟ ସ୍ତରରେ ଏକ ବିସ୍ତୃତ ଆଲୋଚନାର ବିଷୟ ଏବଂ ଭବିଷ୍ୟତରେ ନୂତନ ବିକାଶ ଘଟିପାରେ।

# ଡ. ତିରୁପତି ପାଣିଗ୍ରାହୀଙ୍କୁ ଶିକ୍ଷା ଓ ସ୍ୱାସ୍ଥ୍ୟ ପାଇଁ ଜୀବନବ୍ୟାପୀ ସମ୍ମାନ

ଭୁବନେଶ୍ୱର, ୧୬।୧୦ (ସମିସ): ସିକିମ୍‌ର ଆଇସିଏଫ୍‌ଏଆଇ ବିଶ୍ୱବିଦ୍ୟାଳୟର ୧୮ତମ ସମାବର୍ତ୍ତନ ଉତ୍ସବ ଏବଂ ସିକିମ୍ ରାଜ୍ୟର ୫୦ ବର୍ଷ ପୂର୍ତ୍ତି ଉତ୍ସବ ସିକିମ୍ ଗ୍ୟାଙ୍ଗଟକ୍ ସ୍ଥିତ ଚିନ୍ତନ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସିକିମ୍ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ବିଶ୍ୱନାଥ ସୋମଦ୍ଦର ଏବଂ ସମ୍ମାନିତ ଅତିଥି ଭାବେ ଭାରତର ପୂର୍ବତନ ପ୍ରଧାନ ବିଚାରପତି ଡକ୍ଟର ଜଷ୍ଟିସ୍ ଡି.ୱାଇ ଚନ୍ଦ୍ରଚୂଡ ଯୋଗଦେଇ ଓଡିଶାରେ ଶିକ୍ଷା ଓ ସ୍ୱାସ୍ଥ୍ୟ



କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିବା ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରତିଷ୍ଠାତା ଅଧ୍ୟକ୍ଷ ଡଃ ତିରୁପତି ପାଣିଗ୍ରାହୀଙ୍କୁ ତାଙ୍କର ବଳିଷ୍ଠ ନେତୃତ୍ୱ, ଦୂରଦୃଷ୍ଟି ଏବଂ ଶିକ୍ଷା ପ୍ରତି ଆଜୀବନ ଉତ୍ସର୍ଗୀକୃତତାକୁ ନେଇ ଆଇସିଏଫ୍‌ଏଆଇ ବିଶ୍ୱବିଦ୍ୟାଳୟ ତରଫରୁ ଜୀବନବ୍ୟାପୀ ସଫଳତାର ସମ୍ମାନ ପ୍ରଦାନ କରିଛନ୍ତି। ଓଡିଶା ଏବଂ ଓଡିଶା ବାହାରେ ଶିକ୍ଷା ପ୍ରଦାନ କ୍ଷେତ୍ରରେ ଏବଂ ସମ୍ମିଳିତ ବିକାଶ ପ୍ରତି ତାଙ୍କର ଅବଦାନକୁ ଭୂୟସୀ ପ୍ରଶଂସା କରିଛନ୍ତି ଉପସ୍ଥିତ ଅତିଥିମାନେ।

# ରାକେଶ ପଣ୍ଡାଙ୍କୁ 'କାଞ୍ଚନ କର୍ପୋରେଟ ଆୱାର୍ଡ଼-୨୦୨୫'

ଭୁବନେଶ୍ୱର, ୧୬।୧୦ (ସମିସ): ଉଭୟ ଜନ ସମ୍ପର୍କ ଏବଂ ସାହିତ୍ୟ କ୍ଷେତ୍ରରେ ପାରଦର୍ଶିତା ଓ ଶ୍ରେଷ୍ଠ ଅବଦାନ ନିମନ୍ତେ ସ୍ତମ୍ଭକାର ରାକେଶ ପଣ୍ଡାଙ୍କୁ 'ଷଷ୍ଠତମ କାଞ୍ଚନ କର୍ପୋରେଟ ଆୱାର୍ଡ଼-୨୦୨୫' ରେ ସମ୍ମାନିତ କରାଯାଇଛି। କାଞ୍ଚନ ଫାଉଣ୍ଡେସନ ଦ୍ୱାରା ଆୟୋଜିତ ହୋଇଥିବା 'କାଞ୍ଚନ ୟୁଥ କନକ୍ଲେଭ ସାଂସ୍କୃତିକ କାର୍ଯ୍ୟକ୍ରମ'ରେ ବରିଷ୍ଠ ଭାଜପା ନେତା ତଥା ପୂର୍ବତନ ଶ୍ରୀ ଅରବିନ୍ଦ ଢାଲି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଶ୍ରୀ ପଣ୍ଡାଙ୍କୁ ଉକ୍ତ ସମ୍ମାନରେ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ନାଲକୋ, ଆଶୁତୋଷ ରଥ, କାଞ୍ଚନ ଫାଉଣ୍ଡେସନର ପ୍ରତିଷ୍ଠାତା ତାପସ ରଞ୍ଜନ ମଲ୍ଲିକଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।




# ଢେଙ୍କାନାଳ ଗଜଲକ୍ଷ୍ମୀ ପୂଜାରେ ଟିପିସିଓଡିଏଲ୍ ସମ୍ମାନିତ




ଭୁବନେଶ୍ୱର,୧୬।୧୦(ସମିସ): ପ୍ରସିଦ୍ଧ ଢେଙ୍କାନାଳ ଗଜଲକ୍ଷ୍ମୀ ପୂଜାରେ ଭରସାଯୋଗ୍ୟ ଓ ସୁରକ୍ଷିତ ବିଦ୍ୟୁତ୍ ଯୋଗାଣ କରି ଟିପିସିଓଡିଏଲ୍ ସମ୍ମାନିତ ହୋଇଛି। ଏହି ସମୟରେ ସମସ୍ତ ପୂଜା ମଣ୍ଡପକୁ ନିରନ୍ତର ଓ ସୁରକ୍ଷିତ ବିଦ୍ୟୁତ୍ ଯୋଗାଣ କରିବା ଏକ ଆହ୍ୱାନ। ଏହି ସମୟରେ କିନ୍ତୁ ସମସ୍ତ ପୂଜା ମଣ୍ଡପକୁ ବିଦ୍ୟୁତ୍ ସଂଯୋଗ କରିବା ସହ ସାରା ସହରକୁ ସୁସଜ୍ଜିତ ଓ ଆଲୋକିତ କରିଥିଲା ଟିପିସିଓଡିଏଲ୍। ଯାହାକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଟିପିସିଓଡିଏଲ୍‌କୁ ଭରସାଯୋଗ୍ୟ ବିଦ୍ୟୁତ୍ ଯୋଗାଣ ପାଇଁ ସମ୍ମାନିତ କରିବା ସହ ପୁରସ୍କାର ପ୍ରଦାନ କରାଯାଇଛି।

**ଟଙ୍କା ଉଠାଣ ନିୟମକୁ ନେଇ ତୀବ୍ର ସମାଲୋଚନା ପରେ ଇପିଏଫ୍‌ଓର ସ୍ୱଷ୍ଟୋକ୍ତି**

# ଚାକିରି ଛାଡ଼ିଥିଲେ ତୁରନ୍ତ ମିଳିବ ୭୫% ପିଏଫ୍ ଅର୍ଥ

ନୂଆଦିଲ୍ଲୀ,୧୬।୧୦(ଏଜେନ୍ସି)

କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ) ବୁଧବାର ସ୍ପଷ୍ଟ କରିଛି ଯେ ଜଣେ ଇପିଏଫ୍‌ଓ ସଦସ୍ୟ ଚାକିରି ଛାଡିବା ପରେ ତୁରନ୍ତ ତାଙ୍କର ପିଏଫ୍ ଆକାଉଣ୍ଟରେ ଥିବା ୭୫% ଉଠାଇପାରିବେ। ତଥାପି, ଯଦି କେହି ଗୋଟିଏ ବର୍ଷ ପାଇଁ ବେକାର ରୁହନ୍ତି, ତେବେ ସେମାନେ ଅକାଉଣ୍ଟରୁ ସମ୍ପୂର୍ଣ୍ଣ ବାଲାନ୍ସ ଅର୍ଥ ଉଠାଇପାରିବେ। କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତିରେ କୁହାଯାଇଛି ଯେ , ଚାକିରୀ ଛାଡିବା ପରେ ତୁରନ୍ତ ୭୫% ଟଙ୍କା ଏବଂ ଏକ ବର୍ଷ ବେକାର ରହିବା ପରେ ସମ୍ପୂର୍ଣ୍ଣ ଅର୍ଥ ରାଶି ଉଠାଇହେବ। ପୂର୍ବରୁ, ବାରମ୍ବାର ଟଙ୍କା ଉଠାଇବା ଯୋଗୁଁ ସେବା ବାଧା ସୃଷ୍ଟି ହୋଇଥିଲା, ଯାହା ଫଳରେ ଅନେକ ପେନସନ ମାମଲା ଖାରଜ ହୋଇଥିଲା। ପରେ ଅବସର ପରେ ଚୂଡ଼ାନ୍ତ ସମାଧାନ ସମୟରେ କର୍ମଚାରୀମାନଙ୍କ ପାଖରେ ବହୁତ କମ୍ ଟଙ୍କା ବାକି ଥିଲା।

ସୋମବାର ଇପିଏଫ୍‌ଓ ଦ୍ୱାରା ଘୋଷଣା କରାଯାଇଥିବା ନୂତନ ଟଙ୍କା ଉଠାଣ ନିୟମ ସୋସିଆଲ ମିଡିଆରେ ବହୁତ ସମାଲୋଚନାର ସମ୍ମୁଖୀନ ହୋଇଥିଲା। କିଛି ଲୋକ କହିଛନ୍ତି ଯେ ନୂତନ ନିୟମ ଅନୁଯାୟୀ, ଚାକିରି ଛାଡିଥିବା ଲୋକମାନଙ୍କୁ ସେମାନଙ୍କର ସମ୍ପୂର୍ଣ୍ଣ ପିଏଫ୍ ରାଶି ଉଠାଇବା ପାଇଁ ଏବେ ଦୁଇ ମାସ ପରିବର୍ତ୍ତେ ୧୨ ମାସ ଅପେକ୍ଷା କରିବାକୁ ପଡିବ। ଏହି




**ବର୍ଷେ ବେକାରି ରହିଲେ ସବୁ ଅର୍ଥ ଉଠାଇହେବ**

ଦ୍ୱନ୍ଦ୍ୱ ଦୂର କରିବା ପାଇଁ, ଇପିଏଫ୍‌ଓ ଏହି ସ୍ପଷ୍ଟୀକରଣ ଜାରି କରିଛି। ଶ୍ରମ ମନ୍ତ୍ରୀ ମନସୁଖ ମାଣ୍ଡଭିଆ କହିଛନ୍ତି ଯେ ନୂତନ ନିୟମଗୁଡ଼ିକ କର୍ମଚାରୀମାନଙ୍କୁ ପେନସନ ପାଇଁ ଯୋଗ୍ୟ ରହିବାକୁ ନିଶ୍ଚିତ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ସେ କହିଛନ୍ତି, ୨୫ ପ୍ରତିଶତ ପାଣ୍ଠିକୁ ଗୋଟିଏ ବର୍ଷ ପାଇଁ ସ୍ଥଗିତ ରଖିବାର ଉଦ୍ଦେଶ୍ୟ ହେଉଛି ପେନସନ ପାଇଁ ଆବଶ୍ୟକ ୧୦ ବର୍ଷର ସେବା ଅବଧି ବାଧାପ୍ରାପ୍ତ ନ ହେବା ନିଶ୍ଚିତ କରିବା। ସରକାରୀ ସୂତ୍ର ଅନୁଯାୟୀ, ଚୂଡ଼ାନ୍ତ ସମାଧାନ ସମୟରେ ୫୦ ପ୍ରତିଶତ ପିଏଫ ସଦସ୍ୟଙ୍କ ପାଖରେ ୨୦,୦୦୦ଟଙ୍କାରୁ ବି କମ୍ ଅର୍ଥ ଥିଲା। ଇପିଏଫ୍‌ଓ ତଥ୍ୟ ଦର୍ଶାଉଛି ଯେ ଦୁଇ ମାସ ବେକାର ରହିବା ପରେ ଅଧିକାଂଶ ଲୋକ ସେମାନଙ୍କର ସମ୍ପୂର୍ଣ୍ଣ ପିଏଫ୍ ବାଲାନ୍ସ ଉଠାଇ ନିଅନ୍ତି ଏବଂ ତା'ପରେ ଏକ ନୂତନ ଚାକିରି ଆରମ୍ଭ କରନ୍ତି। ଏହା ଫଳରେ ଚାକିରି ଶେଷ ବେଳକୁ ସେମାନଙ୍କ ପାଖରେ ବହୁତ କମ୍ ଟଙ୍କା ରୁହେ ଏବଂ ସେମାନେ ପେନସନ ପାଇଁ ଅଯୋଗ୍ୟ ହୋଇଥାନ୍ତି। ବର୍ତ୍ତମାନ, ଉଠାଣ ନିୟମକୁ ସମାନ ଏବଂ ସରଳ କରାଯାଇଛି, ଯାହା ଅତିରିକ୍ତ ଡକ୍ୟୁମେଣ୍ଟେସନ୍ ବିନା ଟଙ୍କା ଉଠାଇବା ସହଜ କରିଥାଏ। ଅଧିକାରୀମାନେ କହିଛନ୍ତି ଯେ ନୂତନ ଉଠାଣ ନିୟମ ଆସନ୍ତା ଏକରୁ ଦୁଇ ମାସ ମଧ୍ୟରେ କାର୍ଯ୍ୟକାରୀ ହେବ। ଯଦିବା ଏଥିରେ ଶିକ୍ଷା, ଅସୁସ୍ଥତା, ବାସସ୍ଥାନ ଏବଂ ବିଶେଷ ପରିସ୍ଥିତି ପାଇଁ ଉଠାଣ ପାଇଁ କିଛି ଛାଡ଼ ମଧ୍ୟ ପ୍ରଦାନ କରାଯିବ।

## ଲକ୍ଷେ ଟଙ୍କା ସୁପାରି ଦେଇ ସ୍ୱାମୀଙ୍କୁ ମାରିଲା ସ୍ତ୍ରୀ

### ମା'ର ମୁଖା ଖୋଲିଲା ପୁଅ

ବାରାବାଙ୍କୀ, ୧୬ ।୧୦(ଏଜେନ୍ସି): ଉତ୍ତରପ୍ରଦେଶ ବାରାବାଙ୍କୀରେ ଜଣେ ମହିଳା ସୁପାରି ଦେଇ ନିଜ ସ୍ୱାମୀଙ୍କୁ ହତ୍ୟା କରିବା ଘଟଣା ସାମ୍ନାକୁ ଆସିଛି। ମହିଳାଙ୍କ ୮ ବର୍ଷର ପୁଅ ଏହି ହତ୍ୟାକାଣ୍ଡର ଗୁମର ଖୋଲିବା ସହ ସହ ମା'ଙ୍କ ମୁଖା ଖୋଲିଦେଇଛି। ସ୍ୱାମୀଙ୍କୁ ହତ୍ୟା କରିବାକୁ ମହିଳା ଜଣେ ଇ- ଅଟୋ ରିକ୍ସା ଡ୍ରାଇଭରକୁ ଲକ୍ଷେ ଟଙ୍କା ଦେଇଥିଲେ। କିନ୍ତୁ ୮ ବର୍ଷର ଶିଶୁ ଏହି ଅପରାଧ ଘଟଣା ପୁଲିସକୁ କହିବା ପରେ ସତ ପଦାକୁ ଆସିଛି। ଏହି ମହିଳା ହେଉଛନ୍ତି ବାରାବାଙ୍କୀ ଘୁଙ୍ଗେଟ ଅଞ୍ଚଳର ପୂଜା ଗୌତମ। ସ୍ୱାମୀ ହନୁମନ୍ତଲାଲ୍ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି ବୋଲି ପୂଜା ପ୍ରଥମେ କହୁଥିଲେ। କିନ୍ତୁ ତାଙ୍କ ଉପରେ ପୁଲିସର ସନ୍ଦେହ ସୃଷ୍ଟି ହୋଇଥିଲା। ଫଳର ପୁଲିସ ତଦନ୍ତ ଆଗକୁ ବଢ଼ାଇବା ସହ ଅଧିକ ପଚରାଉଚରା କରିଥିଲା। ନିଜ ପୁତୁରାଙ୍କ ସହ ପୂଜାର ଅବୈଧ ସମ୍ପର୍କ ଥିଲା। ଏହା ଜଣାପଡ଼ିବା ପରେ ସ୍ୱାମୀଙ୍କ ସହ ପୂଜାଙ୍କର ଝଗଡ଼ା ହୋଇଥିଲା। ଶେଷରେ ସେ ସ୍ୱାମୀଙ୍କୁ ରାସ୍ତାରୁ ହଟାଇବାକୁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ସେ ଲକ୍ଷ୍ନୌର ଜଣେ ଇ- ରିକ୍ସା ଅଟୋ ଡ୍ରାଇଭର କମଲେଶଙ୍କୁ ଏକ ଲକ୍ଷ ଟଙ୍କା ଦେଇଥିଲେ। ସୋମବାର ସନ୍ଧ୍ୟାରେ ଏକ ମେଳା ବୁଲିବାକୁ ଯାଇ ଫେରିବା ବେଳେ ପୂଜା କମଲେଶର ଇ- ରିକ୍ସା ବୁକ୍ କରିଥିଲେ। ଫେରିବା ବେଳେ ହନୁମନ୍ତଲାଲ୍‌ଙ୍କୁ ଲୁହା ରଡ଼ରେ ପିଟି କମଲେଶ ହତ୍ୟା କରିଥିଲେ। ଏହାକୁ ଏକ ଦୁର୍ଘଟଣା ରୂପ ଦେବାକୁ ପୂଜା ଓ କମଲେଶ ପ୍ରୟାସ କରିଥିଲେ ମଧ୍ୟ ପୁଅ ପୁଲିସକୁ ସତକଥା କହି ଦେଇଥିଲା।

## ଜାତିଗତ ଜନଗଣନାରେ ସାମିଲ ହେଲେନି ସୁଧା ମୂର୍ତ୍ତି

ବେଙ୍ଗାଲୁରୁ, ୧୬।୧୦ (ଏଜେନ୍ସି): ଇନ୍‌ଫୋସିସ ପ୍ରତିଷ୍ଠାତା ଏନଆର ନାରାୟଣ ମୂର୍ତ୍ତି ଏବଂ ତାଙ୍କ ପତ୍ନୀ ତଥା ରାଜ୍ୟସଭା ସାଂସଦ ସୁଧା ମୂର୍ତ୍ତି କର୍ଣ୍ଣାଟକରେ ଚାଲିଥିବା ଜାତିଗତ ଜନଗଣନାରେ ସାମିଲ ହେବାକୁ ମନା କରିଦେଇଛନ୍ତି। କିଛି ଦିନ ତଳେ ସର୍ଭେ ଟିମ୍ ତାଙ୍କ ଘରକୁ ଯାଇଥିଲା। ସେତେବେଳେ ସେ ନିଜ ଘରର ସର୍ବେକ୍ଷଣ କରାଇବାକୁ ମନା କରିଦେଇଥିଲେ। ରିପୋର୍ଟ ଅନୁଯାୟୀ ସର୍ବେକ୍ଷଣ ଫର୍ମ ପୂରଣ କରିବା ପରିବର୍ତ୍ତେ ସୁଧା ମୂର୍ତ୍ତି ଏକ ଘୋଷଣାପତ୍ରରେ ସ୍ୱାକ୍ଷର କରିଥିଲେ। ଏଥିରେ ସୁଧା ଲେଖିଥିଲେ ଯେ ସେ କୌଣସି ପଛୁଆ ସମ୍ପ୍ରଦାୟର ନୁହଁନ୍ତି। ତେଣୁ ସେହି ସମ୍ପ୍ରଦାୟ ପାଇଁ ସରକାର କରୁଥିବା ସର୍ବେକ୍ଷଣରେ ସେ ଭାଗ ନେବେ ନାହିଁ। କିଛି ବ୍ୟକ୍ତିଗତ କାରଣ ପାଇଁ ରାଜ୍ୟର ପଛୁଆ ବର୍ଗ କମିଶନଙ୍କ ଦ୍ୱାରା ହେଉଥିବା ଏହି ସାମାଜିକ ଏବଂ ଶିକ୍ଷାଗତ ସର୍ବେକ୍ଷଣରେ ନିଜ ସୂଚନା ଦେବାକୁ ମନା କରିଦେଇଥିଲେ ବୋଲି ସୁଧା କହିଛନ୍ତି।

ଏହାକୁ ନେଇ କର୍ଣ୍ଣାଟକ ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର କହିଛନ୍ତି ଯେ ସର୍ବେକ୍ଷଣରେ ଭାଗ ନେବା ନ ନେବା ଇଚ୍ଛାଧୀନ ପ୍ରସଙ୍ଗ। ଯଦି କେହି ସୂଚନା ଦେବାକୁ ଚାହୁଁନାହାନ୍ତି ତେବେ ତାଙ୍କୁ ଏଥିରେ ଭାଗନେବାକୁ ବାଧ୍ୟ କରାଯାଇପାରିବ ନାହିଁ। ସୂଚନା ଅନୁଯାୟୀ କର୍ଣ୍ଣାଟକରେ ଗତ ୨୨ ତାରିଖରେ ଜାତିଗତ ଜନଗଣନା ଆରମ୍ଭ ହୋଇଥିଲା। ଏହାର ସମୟସୀମାକୁ ଅକ୍ଟୋବର ୧୮ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ଏହି ସର୍ବେକ୍ଷଣ ପାଇଁ ସରକାର ୪୨୦ କୋଟି ଟଙ୍କା ବ୍ୟୟ ଅଟକଳ କରିଛନ୍ତି। ଏଥିପାଇଁ ମାସେ ପର୍ଯ୍ୟନ୍ତ ସ୍କୁଲ ଛୁଟି କରିଦିଆଯାଇଛି। ସରକାରୀ ଶିକ୍ଷକଙ୍କୁ ଏହି କାର୍ଯ୍ୟରେ ଲଗାଯାଇଛି।

## ୫ ଲକ୍ଷ ଲାଞ୍ଚ ନେଇ ଗିରଫ ଡିଆଇଜିଙ୍କ ଘରୁ ୫ କୋଟି ଜବତ

ଅମୃତସର, ୧୬।୧୦ (ଏଜେନ୍ସି): ପାଞ୍ଚ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ସମୟରେ ପଞ୍ଜାବ ରୋପଡ ରେଞ୍ଜର ଡିଆଇଜି ହରଚରନ ସିଂହ ଭୁଲ୍ଲରଙ୍କୁ ସିବିଆଇ ଗିରଫ କରିଛି। ସେ ମଣ୍ଡି ଗୋବିନ୍ଦଗଡ଼ର ଜଣେ ସ୍କ୍ରାପ ବ୍ୟବସାୟୀଙ୍କଠୁ ଏହି ଲାଞ୍ଚ ମାଗିଥିଲେ। ବ୍ୟବସାୟୀ ଏ ନେଇ ସିବିଆଇ ନିକଟରେ ଅଭିଯୋଗ କରିଥିଲେ। ପରେ ଡିଆଇଜିଙ୍କୁ ଧରିବା ପାଇଁ ସିବିଆଇ ଜାଲ ବିଛାଇ ଥିଲା। ବ୍ୟବସାୟୀ ଗୁରୁବାର ଟଙ୍କା ନେଇ ମୋହାଲି ସ୍ଥିତ ଅଫିସରେ ପହଞ୍ଚି ଥିଲେ। ଏଠାରୁ ସିବିଆଇ ଭୁଲ୍ଲରଙ୍କୁ ଧରିଥିଲା। ଏହା ପରେ ଚଣ୍ଡିଗଡ଼ର ସେକ୍ଟର ୪୦ ସ୍ଥିତି ଡିଆଇଜିଙ୍କ ବାସଭବନ ଏବଂ ମୋହାଲି ଅଫିସରେ ସିବିଆଇର ୪୨ ଜଣିଆ ଟିମ୍ ଚଢ଼ଉ କରିଥିଲା। ତାଙ୍କ କୋଠାରୁ ୫ କୋଟି ଟଙ୍କା ମିଳିଛି। ୩ଟି ବ୍ୟାଗ ଏବଂ ଗୋଟିଏ ଆଟାଚରେ ଏହି ଟଙ୍କା ରଖାଯାଇଥିଲା। ଏହାକୁ ଗଣିବା ପାଇଁ ମେସିନ ମଗା ଯାଇଥିଲା। ଏହା ବ୍ୟତୀତ ବିପୁଳ ଗହଣା, ୧୫ଟି ସମ୍ପତ୍ତି ଏବଂ ବିଳାଶପୂର୍ଣ୍ଣ ଗାଡ଼ିର କାଗଜପତ୍ର ମିଳିଛି। ୨୦୦୭ ବ୍ୟାଚ୍‌ର ଏହି ଆଇପିଏସ ଅଧିକାରୀ ରୋପଡ ରେଞ୍ଜରେ କାର୍ଯ୍ୟରତ ଥିବା ସମୟରେ ଏକ ବେଆଇନ କାର୍ ବ୍ୟବସାୟ ସାମ୍ନାକୁ ଆସିଥିଲା। ଏଠାରେ ଚେଚିସ୍ ନମ୍ବର ବଦଳାଇ ସ୍କ୍ରାପ୍ ଗାଡ଼ି ବିକ୍ରି କରାଯାଉଥିଲା। ଏହି ମାମଲାକୁ ଚପାଇବା ପାଇଁ ସେ ବ୍ୟବସାୟୀଙ୍କୁ ମାସକୁ ୨ ଲକ୍ଷ ଏବଂ ପରେ ୫ ଲକ୍ଷ ଟଙ୍କା ଦେବାକୁ କହିଥିଲେ।

## ଚୀନ୍‌ଠାରୁ ଲଢୁଆ ଜେଟ୍ ନେବ ଇଣ୍ଡୋନେସିଆ

ଜାକର୍ତ୍ତା, ୧୬ ।୧୦(ଏଜେନ୍ସି): ଇଣ୍ଡୋନେସିଆ ନିଜର ସାମରିକ କ୍ଷମତା ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛି। ଚୀନ୍‌ଠାରୁ ଜେ-୧୦ସି ଲଢୁଆ ବିମାନ କ୍ରୟ କରିବ ଇଣ୍ଡୋନେସିଆ। ପ୍ରଥମଥର ପାଇଁ ଇଣ୍ଡୋନେସିଆ କୌଣସି ଅଣ-ପାଶ୍ଚାତ୍ୟ ଦେଶଠାରୁ ବିମାନ କିଣିବ ବୋଲି ଇଣ୍ଡୋନେସିଆର ପ୍ରତିରକ୍ଷା ମନ୍ତ୍ରୀ ସଜଫ୍ରି ସଜମସୁଦ୍ଦିନ କହିଛନ୍ତି। ପୂର୍ବରୁ ଚୀନ୍ କେବଳ ଏହି ବିମାନ ନିଜ ପାଇଁ ନିର୍ମାଣ କରୁଥିଲା। ଏବେ କିନ୍ତୁ ଚୀନ୍ ଏହା ବିମାନକୁ ଅନ୍ୟ ଦେଶକୁ ବିକିବ। ଏହିକ୍ରମରେ ଇଣ୍ଡୋନେସିଆ ୭୫ ହଜାର କୋଟି ଟଙ୍କା ବିନିମୟରେ ମୋଟ୍ ୪୨ଟି ବିମାନ କ୍ରୟ କରିବ। ତେବେ ଏହି ବିମାନ ଚୀନ୍‌ଠାରୁ କେବେ ମିଳିବ ସେ ନେଇ କିଛି ସ୍ପଷ୍ଟ କରାଯାଇନାହିଁ। ଏହି ବିମାନ ପାକିସ୍ତାନ ପାଖରେ ମଧ୍ୟ ରହିଛି। ଗତ ମେ'ରେ ହୋଇଥିବା ଅପରେସନ ସିନ୍ଦୂରରେ ପାକିସ୍ତାନ ଏହି ବିମାନ ଭାରତ ବିପକ୍ଷରେ ବ୍ୟବହାର କରିଥିଲା। ଇଣ୍ଡୋନେସିଆ ନିଜର ଲଢୁଆ ବିମାନଗୁଡିକୁ ଅପଗ୍ରେଡ କରାଉଛି। କେବଳ ଚୀନ୍‌ରୁ ନୁହେଁ, ଫ୍ରାନ୍ସ ଓ ତୁର୍କୀ ଭଳି ୟୁରୋପୀୟ ଦେଶଗୁଡିକ ଠାରୁ ଇଣ୍ଡୋନେସିଆ ଫାଇଟର ଜେଟ୍ କ୍ରୟ କରିବ।

## ଗୁଜରାଟର ସବୁ ମନ୍ତ୍ରୀଙ୍କ ଇସ୍ତଫା

ଅହମଦାବାଦ୍, ୧୬ ।୧୦(ଏଜେନ୍ସି): ଗୁଜରାଟ ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ପଟେଲଙ୍କ କ୍ୟାବିନେଟର ୧୬ ଜଣ ମନ୍ତ୍ରୀ ଗୁରୁବାର ଇସ୍ତଫା ଦେଇଛନ୍ତି। ଶୁକ୍ରବାର ପୂର୍ବାହ୍ନ ୧୧.୩୦ରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବ ଓ ନୂଆ କ୍ୟାବିନେଟ ଶପଥ ଗ୍ରହଣ କରିବେ। ୨୦୨୭ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଏହି ମନ୍ତ୍ରିମଣ୍ଡଳ ଅଦଳବଦଳ କରାଯାଉଛି ବୋଲି କୁହାଯାଉଛି। ମନ୍ତ୍ରିମଣ୍ଡଳରେ ନୂଆ ଚେହେରାଙ୍କୁ ସାମିଲ କରାଯାଇପାରେ ଓ ଦୁଇଜଣ ଉପ- ମୁଖ୍ୟମନ୍ତ୍ରୀଙ୍କୁ ନିଯୁକ୍ତି ଦିଆଯାଇପାରେ ବୋଲି କୁହାଯାଇଛି। ଗୁଜରାଟ କ୍ୟାବିନେଟ୍‌ରେ ମୁଖ୍ୟମନ୍ତ୍ରୀଙ୍କ ସମେତ ୧୭ଜଣ ମନ୍ତ୍ରୀଥିଲେ। ଏଥିରେ ୮ ଜଣ ଲେଖାଏ କ୍ୟାବିନେଟ ଓ ରାଜ୍ୟପାହ୍ୟା ମନ୍ତ୍ରୀ ରହିଥିଲେ। ଏବେ ଏହି ସଂଖ୍ୟ ବୃଦ୍ଧି ପାଇ ୨୨-୨୩ ହୋଇପାରେ ବୋଲି କୁହାଯାଉଛି। କଂଗ୍ରେସରୁ ବିଜେପିକୁ ଆସିଥିବା ବିଧାୟକଙ୍କୁ ଏହି ମନ୍ତ୍ରିମଣ୍ଡଳରେ ସାମିଲ କରାଯିବାର ସମ୍ଭାବନା ସୃଷ୍ଟି ହୋଇଛି।

### ଅହମଦାବାଦ ବିମାନ ଦୁର୍ଘଟଣା ମାମଲା

## ପାଇଲଟ ସଭରୱାଲଙ୍କ ବାପା ଓ ସଂଘ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ

ନୂଆଦିଲ୍ଲୀ, ୧୬।୧୦ (ଏଜେନ୍ସି): ଅହମଦାବାଦରେ ଏୟାର ଇଣ୍ଡିଆ ବିମାନ (ଏଆଇ-୧୭୧) ଦୁର୍ଘଟଣାକୁ ନେଇ ବିବାଦ ଥମିବାର ନା ଧରୁନି। ବିମାନ ନିର୍ମାତା କମ୍ପାନୀର ଦୋଷ ଘୋଡ଼ାଇବାପାଇଁ ପାଇଲଟ୍ ସୁମିତ ସଭରୱାଲଙ୍କ ଉପରେ ଦୋଷ ଲଦାଯାଉଛି। ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେସନ ବ୍ୟୁରୋ (ଏଏଆଇବି)ର ତଦନ୍ତ ମଧ୍ୟ ଏ ଦିଗରେ ସଙ୍କେତ ଦେଉଛି। ଏହି ରିପୋର୍ଟ ଜାରିହେବା ପରେ ବିଶ୍ୱସନୀୟତାକୁ ନେଇ ପ୍ରଶ୍ନ ଉଠିଥିଲା। ଏପରି ସମୟରେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ପାଇଲଟ ସୁମିତଙ୍କ ବାପା ପୁଷ୍କରାଜ ସଭରୱାଲ ଏବଂ ଭାରତୀୟ ପାଇଲଟ ସଂଘ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ଆବେଦନରେ ଏଏଆଇବିର ଯାଞ୍ଚ ଉପରେ ଭରସା ନାହିଁ ବୋଲି କୁହାଯାଇଛି। ତେଣୁ ସ୍ୱାଧୀନ ଯାଞ୍ଚ ଦାବି କରାଯାଇଛି। କୋର୍ଟଙ୍କ ଅନୁଧ୍ୟାନରେ କିମ୍ବା କୋର୍ଟ ଅଫ୍ ଇନକ୍ୱାରୀ ହେଉ ବୋଲି ନିବେଦନ କରାଯାଇଛି।

# ଆଉ କେତେ ମିଛ କହିବେ ଟ୍ରମ୍ପ

### ରୁଷରୁ ଆଉ ତେଲ କିଣିବ ନାହିଁ ଭାରତ: ଟ୍ରମ୍ପ

### ସ୍ପଷ୍ଟ କଲା ବୈଦେଶିକ ବିଭାଗ: ଭାରତ ଏଭଳି କୌଣସି ପ୍ରତିଶ୍ରୁତି ଦେଇନି

ନୂଆଦିଲ୍ଲୀ, ୧୬।୧୦: ରୁଷ-ୟୁକ୍ରେନ ଯୁଦ୍ଧ ରୋକିବାରେ ବିଫଳ ହେବା ପରେ ବିବ୍ରତ ହୋଇପଡ଼ିଛନ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଭାରତ ସମେତ ବିଭିନ୍ନ ଦେଶ ଉପରେ ଅତ୍ୟଧିକ ଶୁଳ୍କ ଧାର୍ଯ୍ୟ କରି ବିଶ୍ୱ ଅର୍ଥନୀତିକୁ ଅସ୍ଥିର କରିଥିବା ଟ୍ରମ୍ପ ଭାରତକୁ ଟାର୍ଗେଟ କରିବାରେ ଲାଗିଛନ୍ତି। ଗୋଟିଏ ପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ତାଙ୍କ ବନ୍ଧୁ ବୋଲି ବର୍ଣ୍ଣନା କରୁଛନ୍ତି ଏବଂ ଅନ୍ୟପଟେ ଭାରତକୁ ଅଡୁଆରେ ପକାଇବା ଲାଗି କୌଣସି ସୁଯୋଗ ହାତଛଡ଼ା କରୁ ନାହାନ୍ତି। ପହଲଗାମ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ଯୁଦ୍ଧକୁ ରୋକିବାରେ ସେ ମଧ୍ୟସ୍ଥତା କରିଥିଲେ। ତାଙ୍କର ଶୁଳ୍କ ଧମକ ଯୋଗୁଁ ଏହି ଯୁଦ୍ଧ ବନ୍ଦ ହୋଇଥିବା କହିଥିଲେ। କିନ୍ତୁ ଭାରତ ଏଭଳି ମନ୍ତବ୍ୟକୁ ଖଣ୍ଡନ କରିବା ପରେ ଟ୍ରମ୍ପ ଭାରତ ଉପରେ କ୍ଷୁବ୍ଧ ହୋଇ ଅତ୍ୟଧିକ ଶୁଳ୍କ ଲଗାଇଛନ୍ତି। ଏହାକୁ ନେଇ ଦୁଇ ଦେଶ ମଧ୍ୟରେ ଅଚଳାବସ୍ଥା ଲାଗି ରହିଥିବା ବେଳେ ଟ୍ରମ୍ପ ଆଜି ପୁଣି ଆଉ ଏକ ମିଛ କହିଛନ୍ତି। ରୁଷଠାରୁ ଭାରତ ଆଉ ତେଲ କିଣିବ ନାହିଁ, ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କୁ ଏହି ପ୍ରତିଶ୍ରୁତି ଦେଇଥିବା ଟ୍ରମ୍ପ କହିଛନ୍ତି। କିନ୍ତୁ ଭାରତ ତାଙ୍କର ଏହି ମନ୍ତବ୍ୟକୁ ଖଣ୍ଡନ କରିଛି। ପ୍ରଧାନମନ୍ତ୍ରୀ ଏଭଳି କୌଣସି ମନ୍ତବ୍ୟ ଦେଇ ନାହାନ୍ତି ବୋଲି ଭାରତ ସରକାର କହିବା ପରେ ଟ୍ରମ୍ପଙ୍କ ଆଉ ଏକ ମିଛ ଧରାପଡ଼ିଛି।



ରୁଷ ତେଲକୁ ନେଇ ଭାରତ ସଂପର୍କରେ ଟ୍ରମ୍ପଙ୍କ ବିବୃତି ଉପରେ ଭାରତୀୟ ରାଜନୀତି ଆଜି ଦିନସାରା ସରଗରମ ରହିଥିଲା। ଟ୍ରମ୍ପଙ୍କ ଧମକ ଆଗରେ ସରକାର ମୁଣ୍ଡ ନୁଆଁଇଛନ୍ତି ବୋଲି କହି ବିରୋଧୀ ଦଳ ପ୍ରଧାନମନ୍ତ୍ରୀଙ୍କର ସମାଲୋଚନା କରିଥିଲେ। ରୁଷରେ ମଧ୍ୟ ଏହାକୁ ନେଇ ବିଭ୍ରାନ୍ତି ସୃଷ୍ଟି ହୋଇଥିଲା। କିନ୍ତୁ ସନ୍ଧ୍ୟାରେ ଭାରତ ସରକାର ଏକ ସ୍ପଷ୍ଟୀକରଣ ଦେବାପରେ ଏହି ବିବାଦରେ ବିରାମ ଲାଗିଛି। ଭାରତୀୟ ବୈଦେଶିକ ବିଭାଗର ମୁଖପାତ୍ର ରଣଧୀର ଜୟସ୍ୱାଲ ସ୍ପଷ୍ଟ କରିଛନ୍ତି ଯେ ରୁଷ ତେଲ ନେଇ ଟ୍ରମ୍ପଙ୍କୁ କୌଣସି ପ୍ରତିଶ୍ରୁତି ଦିଆଯାଇନାହିଁ। ଆଜି ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମ ପ୍ରତିନିଧି ତାଙ୍କୁ ଏସଂପର୍କରେ ଅନେକ ପ୍ରଶ୍ନ ପଚାରିଥିଲେ। ଗୋଟିଏ ପ୍ରଶ୍ନର ଉତ୍ତର ଦେଇ ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ରାଷ୍ଟ୍ରପତି ଟ୍ରମ୍ପଙ୍କ ମଧ୍ୟରେ ଗତକାଲି କୌଣସି ଟେଲିଫୋନ୍ ଆଲୋଚନା ହୋଇନାହିଁ। ରୁଷ ଠାରୁ ଭାରତ ତେଲ କିଣିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ କେବେହେଲେ କହି ନାହାନ୍ତି। ସେ କହିଲେ ଯେ ତେଲ କିଣିବା ସମୟରେ ଭାରତୀୟ ନାଗରିକଙ୍କ ସ୍ୱାର୍ଥକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯିବ। ଯେଉଁ ବଜାରରେ ତେଲ ଶସ୍ତା ମିଳିବ, ଭାରତ ସେହିଠାରୁ ହିଁ କିଣିବ ବୋଲି ସେ ପରୋକ୍ଷରେ ବୁଝାଇ ଦେଇଥିଲେ। ଏହାପୂର୍ବରୁ ଆଜି ତାଙ୍କର ଓଭାଲ ଅଫିସରେ ଏକ ସାମ୍ବାଦିକ ସମ୍ମିଳନୀରେ ଟ୍ରମ୍ପ କହିଥିଲେ ଯେ ରୁଷ ଠାରୁ ଭାର ତ ତେଲ କିଣୁଥିବାରୁ ସେ କ୍ଷୁବ୍ଧ ଅଛନ୍ତି। ତେବେ ଭାରତ ଏହି ତେଲ କିଣିବା ବନ୍ଦ କରିଦେବ ବୋଲି ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। କିନ୍ତୁ ଟିକିଏ ସମୟ ଲାଗିବ। ମୋଦୀଙ୍କ ଏହି ପ୍ରତିଶ୍ରୁତିକୁ ମୁଁ ସ୍ୱାଗତ କରୁଛି ବୋଲି ଟ୍ରମ୍ପ କହିଥିଲେ।

# କଂଗ୍ରେସ-ଆର୍‌ଜେଡି ଅଡୁଆ ଛିଡୁନି

ପାଟନା, ୧୬।୧୦ (ଏଜେନ୍ସି): ବିହାରରେ ନିର୍ବାଚନୀ ପାରା ବଢ଼ିବାରେ ଲାଗିଛି। କ୍ଷମତାସୀନ ଏନ୍‌ଡିଏ ମେଣ୍ଟ ଏବଂ ବିରୋଧୀ ଇଣ୍ଡିଆ ମେଣ୍ଟରେ ଟିକଟ ବଣ୍ଟନକୁ କଳି ଛିଡ଼ିବାର ନା ଧରୁନି। ତେବେ ବିଦ୍ରୋହ କରୁଥିବା ଏନ୍‌ଡିଏର ସହଯୋଗୀ ଦଳ ନିଜ ଆଭିମୁଖ୍ୟକୁ ନରମ କରିଛନ୍ତି। କିନ୍ତୁ ଇଣ୍ଡିଆରେ ଅଙ୍କ ଛିଡ଼ିପାରୁ ନାହିଁ। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଶୁକ୍ରବାର ପ୍ରାର୍ଥୀପତ୍ର ଦାଖଲ ଶେଷ ହେଉଥିବାବେଳେ କଂଗ୍ରେସ ଏବଂ ଆର୍‌ଜେଡି ମଧ୍ୟରେ ଏ ପର୍ଯ୍ୟନ୍ତ ଟିକଟ ବଣ୍ଟନ ଚୂଡ଼ାନ୍ତ ହୋଇନାହିଁ। ବୁଧବାର ଆରଜେଡି ନେତା ତେଜସ୍ୱୀ ଯାଦବ ଦିଲ୍ଲୀରେ ଥିଲେ ବି କଂଗ୍ରେସର ପ୍ରମୁଖ ନେତୃତ୍ୱଙ୍କୁ ଭେଟିପାରି ନ ଥିଲେ। ପରେ ସେ ଦିଲ୍ଲୀରୁ ଫେରି ରାଘୋପୁର ଆସନରୁ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। କଂଗ୍ରେସ ମଧ୍ୟ ଆସନ ବୁଝାମଣା ନ କରି ପ୍ରାର୍ଥୀଙ୍କୁ ଟିକଟ ବାଣ୍ଟି ଥିଲା। ମାମଲା ଜଟିଳ ହେଉଥିବା ଦେଖି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ ଏହି ଅଡୁଆ ଛିଡ଼ାଇବାକୁ ଗୁରୁବାର ଆରଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବଙ୍କୁ ଫୋନ କରିଥିଲେ। କିନ୍ତୁ ଏହି ଚର୍ଚ୍ଚାରେ କ'ଣ ନିଷ୍ପତ୍ତି ନିଆଯାଇଥିଲା ତାହା ଏ ପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ। ପ୍ରାର୍ଥୀପତ୍ର ଦାଖଲ କରିବାକୁ ଗୋଟିଏ ଦିନ ବାକିଥିବାବେଳେ ଆରଜେଡି ଏବଂ କଂଗ୍ରେସ ମଧ୍ୟରେ ଆସନ ବୁଝାମଣା ହୋଇ ନ ପାରିବା ମହାମେଣ୍ଟର ଏକତା ଉପରେ ପ୍ରଶ୍ନ ଉଠାଉଛି। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ କଂଗ୍ରେସକୁ ଦିଆଯାଇଥିବା ସିଟ୍ ଏବଂ କିଛି ମଜବୁତ କ୍ଷେତ୍ରକୁ ନେଇ ଦୁଇ ଦଳ ଭିତରେ ଅଙ୍କ ଛିଡୁନି। ପ୍ରଥମେ ୫୨ଟି ଆସନରେ ଲଢିବା ପାଇଁ ଆରଜେଡି କହିବାରୁ କଂଗ୍ରେସ ଏହାକୁ ଖାରଜ କରି ଅତିକମରେ ୬୦ ସିଟ୍ ମାଗିଥିଲା। ଏହାକୁ ନେଇ ରାଜ୍ୟସ୍ତରରେ ଆରଜେଡି ଏବଂ କଂଗ୍ରେସ ନେତାଙ୍କ ବୈଠକକୁ ମଧ୍ୟ ବିଳମ୍ବିତ କରିଦିଆଯାଇଥିଲା। ପରେ ମାମଲା ଦିଲ୍ଲୀ ଦରବାରକୁ ଯାଇଥିଲା। କିନ୍ତୁ ଏଠାରେ ବି କିଛି ନିଷ୍କର୍ଷ ବାହାରି ପାରି ନ ଥିଲା।

ପରେ କଂଗ୍ରେସକୁ ୬୧ଟି ସିଟ୍ ଦେବା ପାଇଁ ଆରଜେଡି ରାଜି ହୋଇଥିଲେ । କିନ୍ତୁ କଂଗ୍ରେସ ଚାହୁଁଥିବା କିଛି ଆସନ ଛାଡ଼ିବା ପାଇଁ ଲାଲୁଙ୍କ ଦଳ ମନା କରିଦେଇଥିଲା। ପୂର୍ବରୁ ରାହୁଲଙ୍କ ଭୋଟ ଅଧିକାର ଯାତ୍ରାର ସଫଳତା ପାଇଁ କଂଗ୍ରେସ ନିଜ ଆଭିମୁଖ୍ୟକୁ ଜୋରଦାର କରିବ ବୋଲି କୁହାଯାଉଥିଲା। କିନ୍ତୁ ଏହା ସେତେ ପ୍ରଭାବି ନ ହେବାରୁ ଦଳ ନରମ ଆଭିମୁଖ୍ୟ ପୋଷଣ କରିଥିଲା। ଏବେ କଂଗ୍ରେସ ୬୧ ଆସନରେ, ଆରଜେଡି ପୂର୍ବାପେକ୍ଷା କମ୍ ଆସନରେ ଲଢ଼ିବ ବୋଲି କୁହାଯାଉଛି। କିନ୍ତୁ କାହାକୁ କେତେ ଆସନ ମିଳିବ ତାହା ଆସନ ଘୋଷଣା ପରେ ହିଁ ଜଣାପଡ଼ିବ।

# ତାଲିବାନ ଆକ୍ରମଣ ପଛରେ ଭାରତ: ପାକିସ୍ତାନ

### ଭାରତ ପାଇଁ ଛାମୁଆ ଯୁଦ୍ଧ ଲଢୁଛି ତାଲିବାନ

### ଉସୁକାଇଲେ ସାମରିକ କାର୍ଯ୍ୟାନୁଷ୍ଠାନ

ଇସଲାମାବାଦ, ୧୬।୧୦ (ଏଜେନ୍ସି): ଆଫଗାନିସ୍ତାନ ସହ ସଂଘର୍ଷରେ ଲିପ୍ତ ପାକିସ୍ତାନ ଭୋକ ବିକଳରେ ତାଟିଆ କାମୁଡିବାରେ ଲାଗିଛି। ପଡୋଶୀ ଦେଶକୁ ଆତଙ୍କବାଦୀ ପଠାଇ ଅସ୍ଥିରତା ସୃଷ୍ଟି କରୁଥିବା ପାକିସ୍ତାନର ପ୍ରତିରକ୍ଷାମନ୍ତ୍ରୀ ଖ୍ୱାଜା ଆସିଫ ତାଲିବାନ ସହ ସଂଘର୍ଷକୁ ନେଇ ଭାରତ ଉପରେ ଦୋଷ ଲଦିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ତାଲିବାନର ନିଷ୍ପତ୍ତି ଦିଲ୍ଲୀରେ ନିଆଯାଉଛି। ଭାରତ ପାଇଁ ଆଫଗାନିସ୍ତାନ ଛାମୁଆ ଯୁଦ୍ଧ ଲଢୁଛି। ତେଣୁ ତାଲିବାନ ସହ ହୋଇଥିବା ଅସ୍ତ୍ରବିରତି ବେଶୀ ଦିନ ତିଷ୍ଠିବା ଉପରେ ସନ୍ଦେହ ସୃଷ୍ଟି ହୋଇଛି। କାରଣ ଆଫଗାନ ତାଲିବାନକୁ ଦିଲ୍ଲୀରୁ ସହଯୋଗ ମିଳୁଛି। ଆସିଫ ଚେତାବନୀ ଦେଇ କହିଛନ୍ତି ଯେ ଯଦି ପାକିସ୍ତାନକୁ ଉସୁକାଇବେ ତେବେ ସାମରିକ କାର୍ଯ୍ୟାନୁଷ୍ଠାନ ନିଆଯିବ। ଜବାବ ଦେବା ପାଇଁ ପାକିସ୍ତାନ ପାଖରେ ସମ୍ପୂର୍ଣ୍ଣ କ୍ଷମତା ରହିଛି। ଯଦି ସେମାନେ ଯୁଦ୍ଧର ପରିସର ବୃଦ୍ଧି କରିବେ ତେବେ ଆମେ ଆକ୍ରମଣ କରିବୁ। ମାତ୍ର ଆଲୋଚନା ପାଇଁ ମଧ୍ୟ ପାକିସ୍ତାନ ପ୍ରସ୍ତୁତ ଅଛି।

ତାଲିବାନ ଟ୍ୟାଙ୍କ ଲୁଟିନେବା ଖବରକୁ ଆସିଫ ଅପପ୍ରଚାର ବୋଲି କହିଛନ୍ତି। ତାଲିବାନ ସଦସ୍ୟ ଯେଉଁ ମଡେଲ ଟ୍ୟାଙ୍କରେ ଯାଉଥିବା ଦେଖାଯାଉଛି ତାହା ପାକିସ୍ତାନର ନୁହେଁ। ଏହି ଟ୍ୟାଙ୍କ ସେମାନେ କେଉଁଠୁ ଆଣିଲେ ତାହା ଜଣାନାହିଁ। କେଉଁ କବାଡିବାଲାଠାରୁ ନେଇଥିବେ କିମ୍ବା ପୁରୁଣା କାଳର ଟ୍ୟାଙ୍କ ଚଲାଉ ଥିଲେ। ଜାଲ୍ ଫଟୋ କିମ୍ବା ଭିଡିଓ କରି ଜୋରସୋରରେ ପ୍ରଚାରପ୍ରସାର କରାଯାଉଛି। କାବୁଲ ପକ୍ଷରୁ କ୍ରମାଗତ ଭାବେ ମିଥ୍ୟା କୁହାଯାଉଛି। ସେମାନେ ଛାମୁଆ ଯୁଦ୍ଧ ଲଢୁଛନ୍ତି। ବିବାଦ ମଧ୍ୟରେ ଆଫଗାନିସ୍ତାନକୁ 'ଟ୍ରାଞ୍ଜିଟ ଟ୍ରେଡ' ସୁବିଧା ଉପରେ ପାକିସ୍ତାନ କଟକଣା ଲଗାଇ ଦିଆଯାଇଛି। ଏଥିଯୋଗୁଁ ବାଣିଜ୍ୟ କାରବାର ପାଇଁ ପାକିସ୍ତାନ ଜମିକୁ ଆଉ ତାଲିବାନ ବ୍ୟବହାର କରିପାରିବ ନାହିଁ। ଏହି ନିଷ୍ପତ୍ତି ପରେ କରାଚି ଏବଂ ପୋର୍ଟ କାସିମରେ ଆଫଗାନିସ୍ତାନ ଯାଉଥିବା ଅନେକ ଟ୍ରକ ଛିଡ଼ା ହୋଇ ରହିଛି। ଲୋଡ୍ ହୋଇସାରିଥିବା କଣ୍ଟେନରକୁ ମଧ୍ୟ ବନ୍ଦରରେ ଓହ୍ଲାଇ ଦିଆଯାଇଛି। ସୂଚନାଯୋଗ୍ୟ ଯେ ଆଫଗାନିସ୍ତାନରେ ସମୁଦ୍ର ନାହିଁ। ତେଣୁ ବାଣିଜ୍ୟ କାରବାର ପାଇଁ ଏହି ଦେଶ ପାକିସ୍ତାନ ଉପରେ ନିର୍ଭରଶୀଳ।

## ସିଜେଆଇଙ୍କୁ ଜୋତା ଫିଙ୍ଗିବା ଆଇନଜୀବୀଙ୍କୁ ମହଙ୍ଗା ପଡ଼ିଲା

ନୂଆଦିଲ୍ଲୀ, ୧୬ ।୧୦(ଏଜେନ୍ସି): ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତ ବିଆର ଗଭାଇଙ୍କ ଉପରକୁ ଜୋତା ଫୋପାଡିଥିବା ବରିଷ୍ଠ ଓକିଲ ରାକେଶ କିଶୋରଙ୍କ ସମସ୍ୟା ଏବେ ବଢ଼ିବାରେ ଲାଗିଛି। ଏବେ ତାଙ୍କ ବିରୋଧରେ ଅପରାଧିକ ଅବମାନନା ମାମଲା ଚାଲିବ। ଏ ନେଇ ଦେଶର ଆଟର୍ଣ୍ଣି ଜେନେରାଲ ତୁଷାର ମେହେଟା ରାକେଶଙ୍କ ବିରୋଧରେ ମାମଲା ଆରମ୍ଭ କରିବାକୁ ସହମିତ ପ୍ରଦାନ କରିଛନ୍ତି। ତୁଷାର ଓ ସୁପ୍ରିମକୋର୍ଟ ବାର ଆସୋସିଏସନ (ଏସ୍‌ସିବିଏ) ମୁଖ୍ୟ ତଥା ବରିଷ୍ଠ ଓକିଲ ବିକାଶ ସିଂ ଏ ନେଇ ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜୟମାଲ୍ୟ ବାଗ୍‌ଚିଙ୍କ ଖଣ୍ଡପୀଠକୁ ଅନୁରୋଧ କରିଛନ୍ତି। ରାକେଶ କିଶୋରଙ୍କ କାର୍ଯ୍ୟ ଓ କଥା ଅତ୍ୟନ୍ତ ନିନ୍ଦନୀୟ ବୋଲି ବିକାଶ ସିଂ କହିଛନ୍ତି। ତାଙ୍କ କାର୍ଯ୍ୟ ସମ୍ପୂର୍ଣ୍ଣ ନ୍ୟାୟ ବ୍ୟବସ୍ଥା ଉପରେ ଏକ ଆକ୍ରମଣ ବୋଲି ସେ କହିଛନ୍ତି। ଏହି ଘଟଣା ଅକ୍ଷମଣୀୟ ବୋଲି ତୁଷାର କହିଛନ୍ତି। ଗତ ଅକ୍ଟୋବର ୬ରେ ଏକ ଶୁଣାଣି ବେଳେ ରାକେଶ ସିଜେଆଇ ଗଭାଇଙ୍କ ଉପରେକୁ ଜୋତା ଫୋପାଡିବାକୁ ପ୍ରୟାସ କରିଥିଲେ। ଏହି ଘଟଣା ଘଟିଥିଲେ ମଧ୍ୟ ସିଜେଆଇ ଶାନ୍ତ ରହିବା ସହ ନିଜର କାର୍ଯ୍ୟ ଜାରି ରଖିଥିଲେ।

## ୨୪ କିନ୍ନରଙ୍କ ଆତ୍ମହତ୍ୟା ଉଦ୍ୟମ

ଇନ୍ଦୋର, ୧୬ ।୧୦(ଏଜେନ୍ସି): ମଧ୍ୟପ୍ରଦେଶ ଇନ୍ଦୋରର ନନ୍ଦଲାପୁର ଅଞ୍ଚଳରେ ୨୪ କିନ୍ନର ଫିନାଇଲ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଏମାନଙ୍କୁ ତୁରନ୍ତୁ ମହାରାଜ ଯଶୋବନ୍ତ ରାଓ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏବେ କିନ୍ନର ବିପଦମୁକ୍ତ ଅଛନ୍ତି। ମାତ୍ର ପରେ ହସ୍ପିଟାଲରେ ଆଉ ଜଣେ କିନ୍ନର ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। କିନ୍ତୁ ସେଠାରେ ଥିବା ପୁଲିସ ଅଧିକାରୀ ତାଙ୍କୁ ଏପରି କରିବାକୁ ଦେଇ ନ ଥିଲେ। ଗୁରୁବାର ପୁଲିସ ଏହି ମାମଲାରେ କିନ୍ନର ଗୋଷ୍ଠୀର ମୁଖ୍ୟ ସ୍ୱପ୍ନା ଗୁରୁ ଓରଫ ସ୍ୱପ୍ନା ହାଜିକୁ ଗିରଫ କରିଛି। ପୁଲିସ ସୂଚନା ଅନୁଯାୟୀ ଦୁଇ କିନ୍ନର ଗୋଷ୍ଠୀ ମଧ୍ୟରେ ଏକ ସମ୍ମିଳନୀ ପାଇଁ ଆଦାୟ କରାଯାଇଥିବା ସୁରକ୍ଷା ଟଙ୍କାକୁ ନେଇ ବିବାଦ ହୋଇଥିଲା। ଏହାକୁ ନେଇ ସ୍ୱପ୍ନା ଗୋଷ୍ଠୀର କିନ୍ନର ଉକ୍ତ ୨୪ କିନ୍ନରଙ୍କୁ ଉତ୍ପୀଡ଼ନ ଦେଇଥିଲେ। ଜୀବନରେ ମାରିଦେବେ ବୋଲି କହିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ୨୪ ଜଣ ଯାକ ଫିନାଇଲ ପି ଆତ୍ମହତ୍ୟା ଉଦ୍ୟମ କରିଥିଲେ।

## ଶିଶୁ ବିରୋଧୀ ଯୌନ ଅପରାଧ ୯୪% ବୃଦ୍ଧି

ନୂଆଦିଲ୍ଲୀ, ୧୬।୧୦ (ଏଜେନ୍ସି): ଦେଶରେ ଶିଶୁ ବିରୋଧୀ ଯୌନ ଅପରାଧ ମାମଲା ହୁ ହୁ ହୋଇ ବଢିବାରେ ଲାଗିଛି। ୨୦୧୭ରୁ ୨୦୨୨ ମଧ୍ୟରେ ଏଭଳି ମାମଲା ୯୪ ପ୍ରତିଶତ ବୃଦ୍ଧି ପାଇଛି। ପୋକ୍ସୋ ଆଇନ ଅଧୀନରେ ରୁଜୁ ଏଭଳି ମାମଲା ୩୩,୨୧୦ରୁ ବୃଦ୍ଧି ପାଇ ୬୪, ୪୬୯ରେ ପହଞ୍ଚି ଯାଇଛି। ଅପରାଧ ବୃଦ୍ଧି ପାଉଥିବା ସତ୍ତ୍ୱେ ଦଣ୍ଡ ଦେବା ହାର ୯୦ ପ୍ରତିଶତରୁ ଅଧିକ ରହିଛି। ଚାଇଲ୍ଡଲାଇଟ ଗ୍ଲୋବାଲ ଚାଇଲ୍ଡ ସେଫ୍ଟି ଇନଷ୍ଟିଚ୍ୟୁଟର ରିପୋର୍ଟରେ ଏହି ସୂଚନା ଦିଆଯାଇଛି। ଏହି ତଥ୍ୟ ଶିଶୁର ସୁରକ୍ଷା ପ୍ରତି ଥିବା ବିପଦକୁ ଦର୍ଶାଉଛି।

# ସିକ୍ୟୁରିଟି ଗାର୍ଡରୁ ୪୦୦ କୋଟିର ବ୍ୟବସାୟିକ ସାମ୍ରାଜ୍ୟ

ପାଟନା, ୧୬ ।୧୦(ଏଜେନ୍ସି): ବିହାରରେ ବିଧାନସଭା ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ସବୁ ଦଳଗୁଡିକ ଏଥିପାଇଁ ଜୋରଦାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ପ୍ରଶାନ୍ତ କିଶୋରଙ୍କ ଜନ ସୂରାଜ ପାର୍ଟି ମଧ୍ୟ ଏଥିରେ ପଛରେ ପଡ଼ିନାହିଁ। ଏହି ପାର୍ଟି ଟିକଟରୁ ଲଢ଼ିବାକୁ ଯାଉଥିବା ଜଣେ ପ୍ରାର୍ଥୀଙ୍କ ରୋଚକ ତଥା ପ୍ରେରଣାଦାୟୀ କାହାଣୀକୁ ନେଇ ବିହାରରେ ଚର୍ଚ୍ଚା ଚାଲିଛି। ଏହି ପ୍ରାର୍ଥୀଜଣକ ହେଲେ ୩୮ ବର୍ଷୀୟ ନୀରଜ ସିଂ। ଶେଓହର ନିର୍ବାଚନ ମଣ୍ଡଳୀରୁ ସେ ଅବତୀର୍ଣ୍ଣ ହେବେ। ଜଣେ ସିକ୍ୟୁରିଟି ଗାର୍ଡ ଭାବେ ଚାକିରି ଆରମ୍ଭ କରିଥିବା ନୀରଜ ଏବେ ଜଣେ ସଫଳ ବ୍ୟବସାୟୀ ହୋଇପାରିଛନ୍ତି। ଏବେ ସେ ୪୦୦ କୋଟି ଟଙ୍କା ବ୍ୟବସାୟର ମାଲିକ ହୋଇଛନ୍ତି ଓ ଜଣେ ସଫଳ ବ୍ୟବସାୟୀ ଭାବେ ପରିଗଣିତ ହେଉଛନ୍ତି।

ଶେଓହର ଜିଲ୍ଲାର ମଧୁରାପୁର ଗାଁରେ ନୀରଜ ଜନ୍ମ ନେଇଥିଲେ। ଏକ ସାଧାରଣ ପରିବାରରୁ ଆସିଥିବା ନୀରଜ ୧୩ ବର୍ଷରେ ମାଟ୍ରିକ ପାସ୍ କରିଥିଲେ। ପରିବାରର ଆର୍ଥିକସ୍ଥିତ ସୁଧାରିବା ପାଇଁ ସେ ଚାକିରି ଖୋଜିବା ଆରମ୍ଭ କରିଥିଲେ। କିନ୍ତୁ ନାବାଳକ ହୋଇଥିବାରୁ ତାଙ୍କୁ କେହି ଚାକିରି ଦେଇ ନ ଥିଲେ। ଫଳରେ ସେ ନିଜ ଗାଁରେ ପେଟ୍ରୋଲ- ଡିଜେଲ ବିକ୍ରି ଆରମ୍ଭ କରିଥିଲେ। ଏହାର ୩ ବର୍ଷ ପରେ ସେ ରୋଜଗାର ପାଇଁ ଦିଲ୍ଲୀ ପହଞ୍ଚି ସେଠାରେ ସିକ୍ୟୁରିଟି ଗାର୍ଡ ଭାବେ ଚାକିରି କରିଥିଲେ।



ଏହା ପରବର୍ଷ ସେ ପୁନେ ଯାଇଥିଲେ ଓ ସେଠାରେ କ ଅଫିସ ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟାରମ୍ଭ କରିଥିଲେ। ନିଜର ପରିଶ୍ରମ ଓ ଅଧବସାୟ ବଳରେ ସେ ଜଣେ ଏଚ୍‌ଆର ପ୍ରଫେସନାଲ ଭାବେ ନିଜର ପରିଚୟ ସୃଷ୍ଟି କରିବାକୁ ସକ୍ଷମ ହୋଇଥିଲେ। ୨୦୧୦ରେ ନୀରଜ ନିଜର ଶସ୍ୟ ବ୍ୟବସାୟ ଆରମ୍ଭ କରିଥିଲେ। କଠିନ ପରିଶ୍ରମ କରିବା ସହ ସେ ଏହି ବ୍ୟବସାୟକୁ ଆଗକୁ ବଢ଼ାଇଥିଲେ। ଏହା ପରେ ସେ ପଛକୁ ଚାହିଁ ନଥିଲେ। 'ଉଷା ଇଣ୍ଡଷ୍ଟ୍ରୀ' ନାମରେ ଏକ କମ୍ପାନୀ ସ୍ଥାପନ କରିଥିଲେ। ଏହି କମ୍ପାନୀରେ ସେ ଇଟା, ବିଲ୍ଡିଂ ବ୍ଲକ, ଟାଇଲ ଓ ଅନ୍ୟ ସେରାମିକ ଜିନିଷ ଉତ୍ପାଦନ କରୁଥିଲେ। ଧୀରେ ଧୀରେ ସେ ସଡ଼କ ନିର୍ମାଣ ଓ ପେଟ୍ରୋଲ ପମ୍ପ ବ୍ୟବସାୟରେ ପାଦ ଦେଇଥିଲେ। ମୋତିହାରୀସ୍ଥିତ ତାଙ୍କ କମ୍ପାନୀ ବର୍ଷକୁ ୪୦୦ କୋଟି ଟଙ୍କାର ଟର୍ଣ୍ଣ ଓଭର କରୁଛି ଓ ଏଥିରେ ୨, ୦୦୦ରୁ ଅଧିକ ଲୋକ କାର୍ଯ୍ୟ କରୁଛନ୍ତି। ଏକଦା ସାଇକେଲ ଚଢ଼ିବାକୁ ପଇସା ପାଉ ନଥିବା ନୀରଜ ଏବେ ରେଞ୍ଜ ରୋଭର କାର ଚଢୁଛନ୍ତି। ତାଙ୍କ ପାଖରେ ଅଧା ଡଜନ କାର ରହିଛି। ସେ ଏବେ ନିଜର ପିତାମାତା, ପତ୍ନୀ ଓ ଦୁଇ ପୁଅଙ୍କ ସହ ଏକାଠି ରହୁଛନ୍ତି ଓ ତାଙ୍କ ପାଖରେ ଆଇନ୍‌ର ଡିଗ୍ରୀ ରହିଛି। କେବଳ ବ୍ୟବସାୟ ନୁହଁ ସେ ସମାଜ ମଙ୍ଗଳ କାର୍ଯ୍ୟରେ ମଧ୍ୟ ନିଜକୁ ନିୟୋଜିତ କରିଛନ୍ତି। ସେ ଗରିବ ପରିବାରର ଝିଅମାନଙ୍କ ବିବାହ, ମାଗଣା ସ୍ୱାସ୍ଥ୍ୟ ଶିବିର, ବରିଷ୍ଠ ନାଗରିକଙ୍କ ପାଇଁ ତୀର୍ଥଯାତ୍ରାର ବ୍ୟବସ୍ଥା କରାଇବାରେ ନିଜକୁ ନିୟୋଜିତ କରିଛନ୍ତି। ତାଙ୍କ ଉପରେ ଲୋକଙ୍କ ଆଶୀର୍ବାଦ ରହିଛି। ସେ ଆଗାମୀ ନିର୍ବାଚନରେ ବିଜୟୀ ହେବେ ବୋଲି ଆଶା କରାଯାଉଛି।

## ଆଜିର ରାଶିଫଳ

**ମେଷ:** ମନ ପ୍ରସନ୍ନ ରହିବ। ବ୍ୟବହାରରେ ପରିବର୍ତ୍ତନ ଆଣିବେ। ସମାଜସେବାରେ ମନୋନିବେଶ କରିବେ। ଅଫିସ୍‌ରେ ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି। ସଫଳତା ପାଇଁ କଠିନ ପରିଶ୍ରମ କରିବେ।

**ବୃଷ:** ପରିଶ୍ରମ ଅନୁସାରେ ଫଳ ମିଳିବ ନାହିଁ। ରାଜନୀତିରେ ନୂଆ ଲୋକଙ୍କ ସହ ମିଳାମିଶା ବଢ଼ିବ। ବନ୍ଧୁଙ୍କଠାରୁ ଆର୍ଥିକ ସାହାଯ୍ୟ ପାଇବେ। ଆଜି ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେଇ ପାରନ୍ତି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ:** ଯାନବାହନ ଓ ଭୂମି କିଣିବା ଯୋଗ ଅଛି। ପରିବାରକୁ ସମୟ ଦେବେ। କମ୍ ନିବେଶ କରି ଅଧିକ ଲାଭ ପାଇବେ। ପାରିବାରିକ ଜୀବନ ସୁଖମୟ ହେବ। ମହିଳାଙ୍କ ସମୟ ଭଲରେ ଅତିବାହିତ ହେବ।

**କର୍କଟ:** ଦିନଟି ଶୁଭଫଳ ପ୍ରଦାନ କରିବ। ପୈତୃକ ସମ୍ପତ୍ତିକୁ ନେଇ ଭାଇ ଭାଇ ମଧ୍ୟରେ କଳହ ଲାଗିପାରେ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ ନାହିଁ। ଘରେ ପୂଜାପାଠ ଆୟୋଜନ କରିବେ।

**ସିଂହ:** ପାରିବାରିକ ବ୍ୟବସାୟକୁ ଆଗକୁ ନେବେ। ପରିବାରରେ ହସଖୁସିର ପରିବେଶ ରହିବ। ସମ୍ମାନ ହାନି ଯୋଗ ଅଛି। ଚାଷ କ୍ଷେତ୍ରରେ ଲାଭ ମିଳିବ। ଛୋଟଛୋଟ ଆଲୋଚନାକୁ ଅଣଦେଖା ନ କରିବା ଭଲ।

**କନ୍ୟା:** କୌଣସି କାମ ସମୟାନୁସାରେ ସମ୍ପନ୍ନ କରିବେ ନାହିଁ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ଦାମ୍ପତ୍ୟ ଜୀବନରେ ଭୁଲ ବୁଝାମଣା ଦେଖାଦେବ। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି।

**ତୁଳା:** ସମାଜସେବା ପ୍ରତି ଆଗ୍ରହ ବଢ଼ିବ। ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିପାରେ। ସମସ୍ତ କାର୍ଯ୍ୟକୁ ପୂରା କରିବାରେ ସଫଳ ହେବେ। ଅଚାନକ ଖୁସି ଖବର ପାଇପାରନ୍ତି।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବିବାହ ସମସ୍ୟାର ସମାଧାନ ହେବ। ଘରେ ପୂଜାପାଠ, ଭଜନକୀର୍ତ୍ତନ ଆୟୋଜନ କରିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖା ଦେବ।

**ଧନୁ:** ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। କୌଣସି ନୂଆ କାମ ଆରମ୍ଭ କରିବେ। ଉଚ୍ଚଶିକ୍ଷା ପାଇଁ ଭଲ ସମୟ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

**ମକର:** କର୍ମତତ୍ପର ରହିବେ। ଛାତ୍ରଛାତ୍ରୀମାନେ ନୂଆ ବିଷୟ ପାଇଁ ଆଗ୍ରହ ପ୍ରକାଶ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କରେ ମଧୁରତା ଦେଖାଦେବ। ଦୂରସ୍ଥାନ ଯାତ୍ରା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।

**କୁମ୍ଭ:** କର୍ମ ଅନୁସାରେ ଫଳ ମିଳିବ। ବ୍ୟବସାୟରୁ ଆଶାଜନକ ଲାଭ ମିଳିବ। ସକାରାତ୍ମକ ଚିନ୍ତାଧାରା ନେଇ ଆଗକୁ ବଢ଼ିବେ। ଭବିଷ୍ୟତ ପାଇଁ ଚିନ୍ତାରେ ରହିବେ ଓ ନୂଆ ଯୋଜନା କରିବେ।

**ମୀନ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପଢ଼ା ପାଇଁ ଅର୍ଥ ନିବେଶ କରିବେ। ଦୂରସ୍ଥାନକୁ ବୁଲିବା ଯୋଜନା କରିବେ। ଧାର କରଜରୁ ନିବୃତ୍ତ ରହିବେ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ଅତିଥି ସତ୍କାର କରିପାରନ୍ତି।

## ଆଜିର ଇତିହାସ

- ୧୯୩୩- ପ୍ରଖ୍ୟାତ ବୈଜ୍ଞାନିକ ଆଇନଷ୍ଟାଇନ୍ ଜର୍ମାନରୁ ଆମେରିକା ଚାଲିଗଲେ।
- ୧୯୭୯ - ମଦର ଟେରେସାଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଗଲା।
- ୧୯୯୮ - ନାଇଜେରିଆରେ ଏକ ପାଇପ୍ ଲାଇନ୍‌ରେ ବିସ୍ଫୋରଣ ଯୋଗୁଁ ୧୦୮୨ ଲୋକଙ୍କ ମୃତ୍ୟୁ।
- ୨୦୦୯ -ମାଳଦ୍ୱୀପ ପାଣି ଭିତରେ ପ୍ରଥମ କ୍ୟାବିନେଟ୍ ବୈଠକ ଡାକି ବିଶ୍ୱର ସବୁଦେଶକୁ ଜଳବାୟୁ ପରିବର୍ତ୍ତନର ବିପଦକୁ ଜଣାଇବା ପାଇଁ ଚେଷ୍ଟା କରିଥିଲା।

## ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଧୂପକାଠି ଧୂଆଁ




ହିନ୍ଦୁ ଧର୍ମରେ ପୂଜା, ହୋମଯଜ୍ଞ ଆଦି ସମୟରେ ଧୂପକାଠି ଜଳାଯାଇଥାଏ। ଏହା ଘରେ ସକାରାତ୍ମକ ଶକ୍ତି ଆଣିଥାଏ ବୋଲି ବିଶ୍ୱାସ ରହିଛି। ଧୂପକାଠିର ସୁଗନ୍ଧରେ ପରିବେଶ ମହକିବା ସହ ସକାରାତ୍ମକ ଓ ଆଧ୍ୟାତ୍ମିକ ବାତାବରଣ ଖେଳିଯାଏ। ହେଲେ ଏହାର ଧୂଆଁ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ। ଏପରିକି ଏହି ଧୂଆଁ ଧୀରେ ଧୀରେ ଗମ୍ଭୀର ରୋଗର କାରଣ ହୋଇପାରେ। ଏଥିରେ ବ୍ୟବହାର ହେଉଥିବା ରସାୟନ ଏବଂ ସୁଗନ୍ଧିତ ତତ୍ତ୍ୱ ଜଳିବା ଦ୍ୱାରା ହାନିକାରକ ଗ୍ୟାସ୍ ନିର୍ଗତ ହୁଏ। ଏଥିରୁ କାର୍ବନ ମନୋକସାଇଡ୍, ବେନଜେନ୍, ଫରମାଲଡିହାଇଡ୍ ତତ୍ତ୍ୱ ମିଳିଥାଏ। ତେଣୁ ଲଗାତାର ଧୂପକାଠି ଧୂଆଁ ସଂସ୍ପର୍ଶରେ ଆସିଲେ ଏହା ଫୁସ୍‌ଫୁସ୍ ପାଇଁ କ୍ଷତିକାରକ ହୋଇଥାଏ। ଏହାର ବାଷ୍ପ ଶ୍ୱାସକ୍ରିୟା ମାଧ୍ୟମରେ ଶରୀରକୁ ଗଲେ ଏହା ଅନେକ ଗମ୍ଭୀର ରୋଗର କାରଣ ମଧ୍ୟ ହୋଇପାରେ। ସେହିପରି ଧୂଆଁରେ ଥିବା ରସାୟନ ଚର୍ମ ଓ ଚକ୍ଷୁକୁ କ୍ଷତି ପହଞ୍ଚାଏ। ଏପରିକି ଏହା ହୃଦ୍‌ଯନ୍ତ୍ର ଉପରେ ମଧ୍ୟ ପ୍ରଭାବ ପକାଏ। ତେବେ ଲଗାତାର ଏହାର ସଂସ୍ପର୍ଶରେ ଆସିବା ଦ୍ୱାରା କର୍କଟ ଆଶଙ୍କା ବଢ଼ିଥାଏ। ତେଣୁ ଏହାକୁ ସାବଧାନତାର ସହ ବ୍ୟବହାର କରିବା ଦରକାର। ଏହାକୁ ବ୍ୟବହାର କରିବା ବେଳେ ଘରେ ବାୟୁଚଳାଚଳ ହେଉଥିବା ଆବଶ୍ୟକ। ନିତିଦିନ ଦୀର୍ଘ ସମୟ ପର୍ଯ୍ୟନ୍ତ ଧୂପକାଠି ଜାଳିବା ଅନୁଚିତ। ପିଲା ଓ ବୟସ୍କଙ୍କ ରୁମ୍‌ରେ ଧୂପକାଠି ବ୍ୟବହାର ନ କରିବା ଭଲ। ତେବେ ପରିବେଶକୁ ସୁଗନ୍ଧିତ ରଖିବାକୁ ଚାହୁଁଥିଲେ ଏସେନସିଆଲ ଅଏଲ ଡିଫ୍ୟୁଜର ବ୍ୟବହାର କରିବା ହେଉଛି ଏକ ଉତ୍ତମ ବିକଳ୍ପ। ଅନ୍ୟପଟେ ପ୍ରାକୃତିକ ଫୁଲକୁ ଘରେ ରଖିଲେ ପରିବେଶ ସୁଗନ୍ଧମୟ ହୋଇଥାଏ।

## ସବୁଠୁ ଅଧିକ ବିଜୁଳି ମାରେ ଏହି ସ୍ଥାନକୁ

ବିଶ୍ୱରେ ଏମିତି ଏକ ସ୍ଥାନ ଅଛି, ଯେଉଁଠାରେ ପ୍ରତ୍ୟେକ ରାତିରେ ଶହ ଶହ ଥର ବିଜୁଳି ମାରିଥାଏ। ଏହି ସ୍ଥାନଟି ହେଉଛି କେଟାଟୁମ୍ବୋ ଲାଇଟ୍‌ନିଂ। ଏହା ଭେନେଜୁଏଲାର ଜୁଲିଆ ରାଜ୍ୟରେ ଅବସ୍ଥିତ। ଏଠାରେ କେଟାଟୁମ୍ବୋ ନଦୀର ସଙ୍ଗମ ବା ମିଳନ ମିରାକାଇବୋ ହ୍ରଦ ସହ ହୋଇଛି। ଏହି ଅଞ୍ଚଳର ଭୌଗୋଳିକ ସଂରଚନା ଏବଂ ଜଳବାୟୁ ଏତେ ନିଆରା ଯେ, ଏହି ସ୍ଥାନ ବିଜୁଳି ଓ ବଜ୍ରପାତ ଲାଗି ପରିଚିତ। ସେହିପରି ଏଠାକାର ଦୃଶ୍ୟ କୌଣସି ଫିଲ୍ମ ସେଟ୍‌ଠାରୁ କମ୍ ନୁହେଁ। କୋଟାଟୁମ୍ବୋ ଲାଇଟନିଂ ଅଞ୍ଚଳରେ ବର୍ଷକୁ ପ୍ରାୟ ୨୮୦ ରାତି ବିଜୁଳି ମାରେ ବୋଲି ବିଶେଷଜ୍ଞମାନେ କହନ୍ତି। କେବଳ ସେତିକି ନୁହେଁ, ଗୋଟିଏ ରାତିରେ ପ୍ରାୟ ୧୦ ଘଣ୍ଟା ବିଜୁଳି ମାରିବାର ଦୃଶ୍ୟ ମଧ୍ୟ ଦେଖିବାକୁ ମିଳେ। ତେଣୁ ଏଥିରୁ ଏକପ୍ରକାର ଏହି କଥା ସ୍ପଷ୍ଟ ହେଉଛି ଯେ, ଏଠାକାର ଆକାଶ କେବେ ବି ସମ୍ପୂର୍ଣ୍ଣ ଅନ୍ଧକାରମୟ ହୋଇ ନ ଥାଏ। ଗୋଟିଏ ରାତିରେ ଏଠାରେ ୧୦୦ରୁ ୩୦୦ ଥର ବିଜୁଳି ମାରିବାର ନଜିର ରହିଛି। ଏହି କାରଣରୁ ଏହାକୁ ବିଶ୍ୱର ସର୍ବାଧିକ ବିଜୁଳି ମାରିବା ସ୍ଥାନ ଭାବେ ଗିନିଜ୍ ବିଶ୍ୱ ରେକର୍ଡ ସ୍ୱୀକୃତି ପ୍ରଦାନ କରିଛି। ସେହିପରି ଏଠାକାର ବିଜୁଳି ମାରିବା ଦୃଶ୍ୟ ଏତେ ବେଶୀ ଉଜ୍ଜ୍ୱଳ ଯେ, ଏହାକୁ ୫୦ କିଲୋମିଟର ଦୂରରୁ ଦେଖିବା ସମ୍ଭବ। ଏ ଦୃଶ୍ୟ କେବଳ ବୈଜ୍ଞାନିକଙ୍କ ଲାଗି କେବଳ ଗବେଷଣାର ବିଷୟ ନୁହେଁ, ବରଂ ସ୍ଥାନୀୟ ଲୋକ ଓ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ର। ରାତିର ଅନ୍ଧାରରେ ନିରନ୍ତର ବିଜୁଳି ମାରିବାର ଚମକ ଆକାଶକୁ ଏକ ବିଶାଳ ଆଲୋକ ପ୍ରଦର୍ଶନୀ ବା ଲାଇଟ୍ ଶୋ'ରେ ରୂପାନ୍ତରିତ କରିଥାଏ। ଏଠାରେ ପ୍ରତି ସମୟରେ ବିଜୁଳି କାହିଁକି ଗର୍ଜେ, ତାର ରହସ୍ୟ କାହାକୁ ଜଣା ନାହିଁ। ସାଧାରଣତଃ ଗୋଟିଏ ସ୍ଥାନରେ ଏକା ସାଙ୍ଗରେ ଏକରୁ ଅଧିକ ବିଜୁଳି ଗର୍ଜି ନ ଥାଏ। କିନ୍ତୁ ଏଠାରେ ଗୋଟିଏ ସ୍ଥାନରେ ହଜାର ହଜାର ବିଜୁଳି ଏକା ସମୟରେ ଗର୍ଜିଥାଏ। ୧୯୬୦ ମସିହାରେ ଏକ ରିପୋର୍ଟରେ କୁହାଯାଇଥିଲା ଯେ, ଏହି ସ୍ଥାନରେ ୟୁରାନିୟମର ମାତ୍ରା ଅଧିକ ରହିଛି, ତେଣୁ ଏଭଳି ଘଟଣା ଘଟୁଛି। ବୈଜ୍ଞାନିକମାନେ ଏହାକୁ ନେଇ ଅନେକ ଗବେଷଣା ମଧ୍ୟ କରିଛନ୍ତି। ଏଠାରେ ମିଥେନର ମାତ୍ରା ଅଧିକ କାରଣରୁ ଏମିତି ଘଟୁଛି ବୋଲି ବୈଜ୍ଞାନିକମାନେ କହିଛନ୍ତି। କିନ୍ତୁ ଏବେବି ଏହି ୨ଟି ତଥ୍ୟକୁ ନେଇ କୌଣସି ସଠିକ ପ୍ରମାଣ ମିଳିନାହିଁ। ତେଣୁ ଏବେ ବି ଏହା ରହସ୍ୟ ଘେରରେ ରହିଛି।



## 'ନୋ ଏଣ୍ଟ୍ରି ୨' ଛାଡ଼ିଲେ ବରୁଣ




'ନୋ ଏଣ୍ଟ୍ରି ୨'ରେ ବରୁଣ ଧୱନ୍, ଦିଲଜିତ୍ ଦୋସାଞ୍ଜ, ଅର୍ଜ୍ଜୁନ୍ କପୁର ଲିଡ୍ ରୋଲରେ ନଜର ଆସିଥାନ୍ତେ। କିନ୍ତୁ ଏବେ ଏହାର ଦୁଇ ଜଣ କଳାକାର ଫିଲ୍ମ ଛାଡ଼ି ଦେଇଛନ୍ତି। କିଛି ଦିନ ପୂର୍ବରୁ ଦିଲଜିତ୍ ଏଥିରୁ ବାହାରି ଯାଇଥିଲେ। ଏବେ ବରୁଣ ମଧ୍ୟ ଫିଲ୍ମ ଛାଡ଼ି ଦେଇଥିବା କିଛି ରିପୋର୍ଟରେ ପ୍ରକାଶ ପାଇଛି। 'ନୋ ଏଣ୍ଟ୍ରି ୨' ୨୦୦୫ରେ ଆସିଥିବା ଫିଲ୍ମ 'ନୋ ଏଣ୍ଟ୍ରି'ର ସିକ୍ୱେଲ। ମୂଳ ଫିଲ୍ମରେ ସଲମାନ୍ ଖାନ୍, ଫରଦିନ ଖାନ୍, ଅନୀଲ କପୁର ଦେଖାଯାଇଥିଲେ। ଏହାର ସିକ୍ୱେଲ ନିର୍ମାଣ ବିଷୟରେ ଫିଲ୍ମ ନିର୍ମାତା ଘୋଷଣା କରିବାରୁ ଏଥିରେ ପୁଣି ଥରେ ମୂଳ କଳାକାରମାନେ ନଜର ଆସିବେ ବୋଲି ଦର୍ଶକେ ଭାବୁଥିଲେ। କିନ୍ତୁ ଏଥିରେ ବରୁଣ, ଦିଲଜିତ୍ ଓ ଅର୍ଜ୍ଜୁନ୍‌ଙ୍କୁ ବ୍ରେକ୍ ମିଳିଥିଲା। ବରୁଣ ଏବେ 'ଭେଡିୟା ୨'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ୨୦୨୬ ଜୁନ୍ ମାସ ବେଳକୁ ସେ ଫ୍ରି ହେବେ। ବରୁଣଙ୍କ ଯୋଗୁଁ 'ନୋ ଏଣ୍ଟ୍ରି ୨'ର ସୁଟ୍ ଅଟକିଯିବ ଅନୁଭବ କରି ସେ ଫିଲ୍ମ ଛାଡ଼ି ଦେଇଛନ୍ତି। ଇତିମଧ୍ୟରେ ଦିଲଜିତ୍ ଓ ବରୁଣ ଫିଲ୍ମ ଛାଡ଼ି ଦେଇଥିବାରୁ ଏବେ ଫିଲ୍ମ ନିର୍ମାତା ଦୁଇଜଣ ନୂଆ କଳାକାରଙ୍କ ସନ୍ଧାନରେ ଅଛନ୍ତି। ଅନୀସ ବଜ୍‌ମୀ ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ସେହିପରି ବରୁଣ ଓ ଦିଲଜିତ୍ ଏକାସଙ୍ଗେ 'ବର୍ଡର ୨' ଫିଲ୍ମରେ ନଜର ଆସିବେ।



## ସଞ୍ଜୀବନୀ

## ବିଶ୍ୱ ଆଘାତ ଦିବସ

**ବର୍ତ୍ତମାନ ସମୟରେ ଟ୍ରମା ବା ମାନସିକ ଆଘାତ ଏକ ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା। ଏହା ଅକସ୍ମାତ୍ ହୃତ୍‌ପିଣ୍ଡ ଏବଂ ମସ୍ତିଷ୍କ ଉପରେ ଗଭୀର ପ୍ରଭାବ ପକାଇଥାଏ। ଏହି ରୋଗ ପ୍ରତି ସଚେତନତା ସୃଷ୍ଟି କରିବାକୁ ପ୍ରତିବର୍ଷ ଅକ୍ଟୋବର ୧୭ ତାରିଖକୁ ବିଶ୍ୱ ଟ୍ରମା ଦିବସ ଭାବେ ପାଳନ କରାଯାଇଆସୁଛି। ଟ୍ରମା ପୀଡ଼ିତଙ୍କୁ ସମର୍ଥନ କରିବା ତଥା ଉପଯୁକ୍ତ ଚିକିତ୍ସା ଯୋଗାଇବା ସମ୍ବନ୍ଧରେ ଶିକ୍ଷା ପ୍ରଦାନ କରିବା ଏହି ଦିବସର ମୂଳ ଲକ୍ଷ୍ୟ।**



ଟ୍ରମା ଯେକୌଣସି ବୟସରେ ହୋଇପାରେ। ଟ୍ରମାଟିକ୍ ଆଘାତ ପାଇ ଅଧିକାଂଶ ଦିବ୍ୟାଙ୍ଗ ହୋଇଯାଆନ୍ତି। ଏଥିରେ ମସ୍ତିଷ୍କ ଆଘାତ ମୁଖ୍ୟ ସମସ୍ୟା। ସଡ଼କ ଦୁର୍ଘଟଣା, ହିଂସା, ପ୍ରାକୃତିକ ବିପର୍ଯ୍ୟୟ, ଆଦି ଜଣଙ୍କୁ ଆଘାତ ଦେଇଥାଏ। ଆଘାତର ପ୍ରଭାବ ପ୍ରତ୍ୟେକଙ୍କଠାରେ ଭିନ୍ନ ଭିନ୍ନ ଲକ୍ଷଣ ଭାବେ ଦେଖାଯାଇଥାଏ। ଶରୀର ଯନ୍ତ୍ରଣା ହେବା, ଥକ୍କାପଣ, ଚିନ୍ତା, କ୍ରୋଧ, ଅନିଦ୍ରା ଆଦି ଏହି ରୋଗର ଲକ୍ଷଣ ହୋଇଥାଏ। ରୋଗର ଚିହ୍ନଟ ପାଇଁ ଡାକ୍ତରଙ୍କ ପରାମର୍ଶରେ ସିଟି ଏବଂ ଏମ୍‌ଆର୍‌ଆଇ ସ୍କାନ କରାଯାଏ। ଅଭିଜ୍ଞ ଟ୍ରମା ସ୍ପେଶାଲିଷ୍ଟ, ନ୍ୟୁରୋସର୍ଜନ, ହୃଦ୍‌ରୋଗ ବିଶେଷଜ୍ଞ, ଅର୍ଥୋପେଡିକ୍‌ଙ୍କ ତତ୍ତ୍ୱାବଧାନରେ ଚିକିତ୍ସା ଯୋଗାଇ ହୁଏ। ବିଶ୍ୱ ଆଘାତ ଦିବସରେ ସ୍କୁଲ, କଲେଜ ତଥା ବିଭିନ୍ନ ସଂଗଠନରେ ଟ୍ରମା ପୀଡ଼ିତଙ୍କୁ ମାନସିକସ୍ତରରେ କିପରି ସାହାଯ୍ୟ ଯୋଗାଇ ହେବ ସେନେଇ ଜାଗ୍ରତ କରାଯାଏ। ଏନେଇ ସରକାରୀସ୍ତରରେ ବିଭିନ୍ନ ଉନ୍ନୟନମୂଳକ ପଦକ୍ଷେପ ସହିତ ଅଧିକ ଟ୍ରମା କେୟାର ସେଣ୍ଟରମାନ ରହିଛି।

## ଶିଶୁ କର୍କଟ
### ପ୍ରାରମ୍ଭିକ ଅବସ୍ଥାରୁ ଚିହ୍ନଟ ଜରୁରି



**ଦୈନନ୍ଦିନ ଜୀବନଚର୍ଯ୍ୟା, ଖାଦ୍ୟପେୟ ଶୈଳୀ, ଶାରୀରିକ ନିଷ୍କ୍ରିୟତା, ବଂଶାନୁଗତ ଆଦି କାରଣରୁ କର୍କଟ ରୋଗ ହୋଇଥାଏ। ଏହି ରୋଗ ସାଧାରଣତଃ ବୟସ୍କଙ୍କ ସହିତ ଅଧିକ ଜଡିତ। ହେଲେ ଏବେ ଶିଶୁ କର୍କଟ ବୈଶ୍ୱିକସ୍ତରରେ ଚିନ୍ତା ସୃଷ୍ଟି କରୁଛି। ଛୋଟ ପୁଅ-ଝିଅଙ୍କ ମଧ୍ୟରେ ଭିନ୍ନ ଭିନ୍ନ ପ୍ରକାର କର୍କଟ ଦେଖାଯାଉଛି। ତେଣୁ ଏହି କର୍କଟର ପ୍ରାରମ୍ଭିକ ଅବସ୍ଥାକୁ ଚିହ୍ନଟ କରି ଚିକିତ୍ସା କରିବା ଜରୁରି।**

ଶିଶୁ କର୍କଟ ଏକ ବିରଳ ରୋଗ। ମୁଖ୍ୟତଃ ପ୍ରଦୂଷଣ, ପରିବେଶଗତ ସମସ୍ୟା, ବଂଶାନୁଗତ, ମା'ମାନେ ନିଶାସେବନ ବା ଧୂମପାନ କରିବା, ଗର୍ଭାବସ୍ଥାରେ ମାତୃସ୍ୱାସ୍ଥ୍ୟ ସଂକ୍ରମଣ ଏବଂ ନିର୍ଦ୍ଦିଷ୍ଟ ଜେନେଟିକ୍ ଅବସ୍ଥା ପରି କାରଣଗୁଡ଼ିକ ଶିଶୁ କର୍କଟର ରୋଗର ବିପଦକୁ ପ୍ରଭାବିତ କରିପାରେ।

**ପୁଅଙ୍କୁ ଲ୍ୟୁକେମିଆ ଓ ଝିଅଙ୍କୁ ୱିଲମ୍ସ ଟ୍ୟୁମରର ବିପଦ**

ପୁଅ ଓ ଝିଅଙ୍କ ମଧ୍ୟରେ କର୍କଟ ବିପଦର ସାମାନ୍ୟ ପାର୍ଥକ୍ୟ ଦେଖାଯାଏ। ସ୍ୱାସ୍ଥ୍ୟ ଗବେଷଣାରୁ ଜଣାପଡ଼ିଛି ଯେ, ପୁଅଙ୍କୁ ଲ୍ୟୁକେମିଆ, ଲିମ୍ଫୋମା, ମସ୍ତିଷ୍କ ଟ୍ୟୁମର ଏବଂ ନ୍ୟୁରୋବ୍ଲାଷ୍ଟୋମା ଭଳି କର୍କଟ ବିପଦ ଅଧିକ ଥିବାବେଳେ ଝିଅଙ୍କ କ୍ଷେତ୍ରରେ ୱିଲମ୍ସ ଟ୍ୟୁମର(ବୃକ୍କ ଟ୍ୟୁମର) ଅଧିକ ଦେଖାଯାଏ। ଏହି ଲିଙ୍ଗଗତ ପାର୍ଥକ୍ୟ ପଛରେ କାରଣକୁ ଏବେବି ବିଶେଷଜ୍ଞମାନେ ଅନୁସନ୍ଧାନ କରୁଛନ୍ତି।

**ଲକ୍ଷଣକୁ ବୁଝନ୍ତୁ:** ଶିଶୁଙ୍କଠାରେ ଲଗାତାର ଅସାଧାରଣ ଲକ୍ଷଣ ଯେପରିକି ବିନା କାରଣରେ ଓଜନ କମ୍ ହେବା, ଥକ୍କାପଣ, ଦୀର୍ଘ ସମୟ ଧରି ଜ୍ୱର ରହିବା, ଲସିକା ଗ୍ରନ୍ଥି ଫୁଲି ରହିବା, ତ୍ୱଚା ହଳଦିଆ ପଡ଼ିବା, ହାଡ଼ ଯନ୍ତ୍ରଣା ଆଦି ଲକ୍ଷଣ ଦେଖାଦେଲେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ତେବେ ଶିଶୁ କର୍କଟର ବିପଦ ବୟସ୍କ କର୍କଟ ରୋଗ ପରି ନୁହେଁ। ଡାଉନସିଣ୍ଡ୍ରୋମ, ଏଚ୍‌ଆଇଭି, ଏପଷ୍ଟିନ୍-ବାର ଭୂତାଣୁ, କିମ୍ବା ବଂଶାନୁଗତ ସମସ୍ୟା ଥିଲେ ଗର୍ଭାବସ୍ଥା ସମୟରେ ବି ମା' ମାନେ ସ୍କ୍ରିନିଂ କରାଇ ପାରିବେ।

**କର୍କଟ ଆଶଙ୍କାକୁ କମ୍ କରିବାର ଉପାୟ:** ତେଲ ଛଣା, ରାଗ ଓ ମସଲା ଖାଦ୍ୟ ବଦଳରେ ଶିଶୁଙ୍କୁ ବିଭିନ୍ନ ପ୍ରକାର ଫଳ, ପନିପରିବାଯୁକ୍ତ ସନ୍ତୁଳିତ ଖାଦ୍ୟ ଖାଇବାକୁ ଦିଅନ୍ତୁ। ମା'ମାନେ ଫୋଲିକ ଏସିଡ୍ ଯୁକ୍ତ ପ୍ରିନାଟାଲ ଭିଟାମିନ୍ ଗ୍ରହଣ କରିବା ଦ୍ୱାରା ଲ୍ୟୁକେମିଆ ଏବଂ ମସ୍ତିଷ୍କଟ୍ୟୁମର ବିପଦ ହ୍ରାସ ହୋଇଥାଏ। ପିଲାଙ୍କୁ ଖେଳକୁଦ ତଥା ଶାରୀରିକ ସକ୍ରିୟ ରହିବାକୁ ପ୍ରୋତ୍ସାହିତ କରନ୍ତୁ। ସ୍କ୍ରିନ୍ ସମୟ କମ୍ କରିବା ସହ ଧୂଆଁ, ବାୟୁ ପ୍ରଦୂଷଣ, ଏକ୍ସରେ କିମ୍ବା ସିଟିସ୍କାନ ଭଳି ଅନାବଶ୍ୟକ ପରୀକ୍ଷା ଆଦିରୁ ପିଲାଙ୍କୁ ଦୂରେଇ ରଖନ୍ତୁ। ଭିଟାମିନ୍ ଡି ସେବନ କର୍କଟ ଆଶଙ୍କାକୁ ହ୍ରାସ କରିବାରେ ମଧ୍ୟ ସହାୟକ ହୋଇଥାଏ।

ଶିଶୁଙ୍କୁ ହେପାଟାଇଟିସ୍ ବି (ଏଚ୍‌ବିଭି) ଏବଂ ହ୍ୟୁମାନ୍ ପାପିଲୋମା ଭୂତାଣୁ (ଏଚ୍‌ପିଭି) ପରି ଟିକାକରଣ କରିବାକୁ ଭୁଲନ୍ତୁନି। ଏହା ଯକୃତ କର୍କଟ ତଥା ଅନ୍ୟାନ୍ୟ କର୍କଟରୁ ସୁରକ୍ଷା ଦେବାରେ ସାହାଯ୍ୟ କରେ। ଅସ୍ୱାଭାବିକ ଲକ୍ଷଣ ଦୀର୍ଘ ସମୟ ଧରି ଦେଖାଗଲେ ଶିଶୁ ବିଶେଷଜ୍ଞଙ୍କୁ ପରାମର୍ଶ କରନ୍ତୁ। ନିୟମିତ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଦ୍ୱାରା ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ପ୍ରାଥମିକ ଅବସ୍ଥାରୁ ଜଣାପଡ଼ିଥାଏ।

## ସ୍ମାର୍ଟ ଡେଣ୍ଟାଲ ମେସିନ୍
## ଦୁଇ ମିନିଟ୍‌ରେ ମିଳିବ ଦାନ୍ତ ରିପୋର୍ଟ



ଦାନ୍ତବିନ୍ଧା ଏକ ସାଧାରଣ ସମସ୍ୟା। ଦାନ୍ତ ପୋକ ଖାଇଲେ, ଅଧା ଭାଙ୍ଗିଗଲେ, ମାଢ଼ି ସଂକ୍ରମଣ ଆଦି କାରଣରୁ ଦାନ୍ତ ବିନ୍ଧା ହୋଇଥାଏ। ଦାନ୍ତ ବିନ୍ଧା ଯୋଗୁଁ କାନ, ବେକରେ ଯନ୍ତ୍ରଣା ହୁଏ। ତେଣୁ ଦାନ୍ତର ସଠିକ୍ ଯତ୍ନ ନେବା ସହ ଡାକ୍ତରଙ୍କ ପରାମର୍ଶରେ ନିୟମିତ ଦାନ୍ତ ପରୀକ୍ଷା କରାଯାଏ। ହେଲେ ଏବେ ଦିଲ୍ଲୀ, ମୌଲାନା ଆଜାଦ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଡେଣ୍ଟାଲ ସାଇନ୍ସରେ ଏକ ସ୍ମାର୍ଟ ଡେଣ୍ଟାଲ ମେସିନ୍ ଲଗାଯାଇଛି। ଯାହାଦ୍ୱାରା ଜଣେ ବ୍ୟକ୍ତି ନିଜେ ନିଜର ଦାନ୍ତ ସ୍କାନ କରି ଏହାର ସୁସ୍ଥତା ବିଷୟରେ ଜାଣିପାରିବେ। ଏହି ମେସିନ୍‌ଟି ଏଆଇ ଆଧାରିତ ସ୍କାନ୍‌ଓ ଏୟାର ମେସିନ୍। ଏଆଇ ଆଧାରିତ ନାବୀ ରୋବଟ ଏହି ଯାଞ୍ଚରେ ସାହାଯ୍ୟ କରିବ। ଏଥିପାଇଁ ଜଣେ ମେସିନ୍ ପାଖେ ଛିଡା ହୋଇ ନିଜର ମୋବାଇଲ ନମ୍ବର, ନାଁ, ଲିଙ୍ଗ, ବୟସ ଆଦିର ସୂଚନା ଦିଅନ୍ତି। ମେସିନ୍‌ରେ ଲାଗିଥିବା କ୍ୟାମେରା ବ୍ୟକ୍ତିଙ୍କ ଦାନ୍ତକୁ ସ୍କାନ କରି ଫଟୋ ନେଇଥାଏ। ସ୍କାନ ହୋଇଥିବା ଫଟୋ ଆଧାରରେ ଏକ୍ସରେ ରିପୋର୍ଟର ମୂଲ୍ୟାଙ୍କନ ହୁଏ। ଦୁଇ ମିନିଟ୍‌ରେ ରିପୋର୍ଟ ଦିଏ। ରିପୋର୍ଟଟି ପୀଡ଼ିତଙ୍କ ହ୍ୱାଟସଅପ୍‌କୁ ପଠାଯାଏ। ରିପୋର୍ଟ ଆଧାରରେ ଜଣେ ଡାକ୍ତରଙ୍କ ପରାମର୍ଶ ନେଇ ଚିକିତ୍ସା ପାଆନ୍ତି। ଏହି ମେସିନ୍ ସାହାଯ୍ୟରେ ଦାନ୍ତଜନିତ ରୋଗ ତଥା ମୁଖ ଗହ୍ୱର କର୍କଟର ପ୍ରାରମ୍ଭିକ ଅବସ୍ଥାରେ ଜଣାପଡ଼ିବ।

## ଶରୀରକୁ ସୁସ୍ଥ ରଖେ ସଜନା ପତ୍ର ଚୂର୍ଣ୍ଣ

**ଆୟୁର୍ବେଦରେ ସଜନା ପତ୍ରକୁ ସବୁଠୁ ଶକ୍ତିଶାଳୀ ଔଷଧ ଭାବେ ବିବେଚନା କରାଯାଏ। ଏହି ପତ୍ରରେ ଭିଟାମିନ୍, ଆଣ୍ଟି ଅକ୍ସିଡାଣ୍ଟ, ପ୍ରୋଟିନ୍ ଆଦି ପ୍ରଚୁରମାତ୍ରାର ରହିଛି। ତେଣୁ ଏହାକୁ ସେବନ କରିବା ଦ୍ୱାରା ଶରୀରରେ ବିଭିନ୍ନ ରୋଗ ଦୂର ହୋଇଥାଏ।**

- ସଜନା ପତ୍ରକୁ ଛାୟା ଶୁଷ୍କ କରି ଚୂର୍ଣ୍ଣ କରି ସେବନ କଲେ, ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ। ଥକ୍କାପଣ ଦୂର ହୁଏ। ଏଥିରେ ଭିଟାମିନ୍-ଏ ଥିବାରୁ ଏହା ଦୃଷ୍ଟିଶକ୍ତି ବୃଦ୍ଧି କରାଏ। ଶରୀରକୁ ସୁସ୍ଥ ରଖେ।
- ସଜନା ପତ୍ରରେ ଆଣ୍ଟି ଇନ୍ଫ୍ଲାମେଟରୀ ଗୁଣ ରହିଛି। ଏହା ଶରୀରକୁ ବିଭିନ୍ନ ସଂକ୍ରମଣରୁ ସୁରକ୍ଷା ଦିଏ। ଜ୍ୱର, ଥଣ୍ଡା, ଅନ୍ୟାନ୍ୟ ରୋଗରୁ ମୁକ୍ତି ମିଳିଥାଏ।
- ସଜନାପତ୍ର ଚୂର୍ଣ୍ଣ ନିୟମିତ ଖାଇଲେ ମାଂସପେଶୀ ଶକ୍ତ ହୋଇଥାଏ। ଏହା ରକ୍ତରେ ଶର୍କରାକୁ ନିୟନ୍ତ୍ରଣ କରେ। ମଧୁମେହ ରୋଗୀଙ୍କ ପାଇଁ ଏହା ଭଲ। ଏହି ଚୂର୍ଣ୍ଣ ପାଚନକ୍ରିୟାକୁ ସକ୍ରିୟ କରି କୋଷ୍ଠକାଠିନ୍ୟ, ଗ୍ୟାସ୍ ଆଦି ଦୂର କରେ।
- ଆୟୁର୍ବେଦ ଚିକିତ୍ସକଙ୍କ ପରାମର୍ଶ ନେଇ ଏହି ଚୂର୍ଣ୍ଣକୁ ଅନୁମୋଦିତ ହାରରେ ଦୁଗ୍ଧ, ପାଣି କିମ୍ବା ଜୁସ୍‌ରେ ମିଶାଇ ସକାଳୁ ଖାଲି ପେଟରେ କିମ୍ବା ଖାଇବା ପରେ ସେବନ କରିପାରିବେ। କୌଣସି ସ୍ୱାସ୍ଥ୍ୟ ସମସ୍ୟା ଥିଲେ ଡାକ୍ତରଙ୍କ ପରାମର୍ଶରେ ଏହାକୁ ସେବନ କରିବା ଆବଶ୍ୟକ।



■ ମହିଳା ବିଶ୍ୱକପ୍ କ୍ରିକେଟ

## ଅଷ୍ଟ୍ରେଲିଆ ୧୦ ୱିକେଟରେ ବିଜୟୀ



ବିଶାଖାପାଟଣା,୧୬।୧୦(ଏଜେନ୍ସି): ବାଂଲାଦେଶକୁ ୧୦ ୱିକେଟରେ ପରାସ୍ତ କରି ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଏଠାରେ ଚାଲିଥିବା ମହିଳା ବିଶ୍ୱକପ୍ କ୍ରିକେଟ ପ୍ରତିଯୋଗିତା ପଏଣ୍ଟ ଟେବଲର ଶୀର୍ଷ ସ୍ଥାନରେ ପହଞ୍ଚିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ନିର୍ଦ୍ଧାରିତ ୫୦ ଓଭରରେ ୯ ୱିକେଟ ହରାଇ ୧୯୮ ରନ୍ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ଏହାର ଅଧା ବା ୨୪.୫ ଓଭରରେ କୌଣସି ୱିକେଟ ନ ହରାଇ ବିଜୟୀ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ଓପନର, ୱିକେଟ ରକ୍ଷକ ତଥା ଅଧିନାୟକ ଆଲିସା ହିଲି ୭୭ ବଲ୍‌ରେ ୨୦ ଚୌକା ସହ ୧୧୩ ଏବଂ ତାଙ୍କ ପାର୍ଟନର ଫୋଏବ୍ ଲିଚ୍‌ଫିଲ୍ଡ ୭୨ ବଲ୍‌ରୁ ୧୨ ଚୌକା ଓ ୧ ଛକା ସହ ୮୪ ରନ୍‌ରେ ଅପରାଜିତ ରହିଥିଲେ। ଏମାନେ ପ୍ରଥମ ୱିକେଟ ଭାଗୀଦାରିରୁ ୨୦୨ ରନ୍ ଉଠାଇଥିଲେ। ଏହି ବିଜୟ ଫଳରେ ଅଷ୍ଟ୍ରେଲିଆ ୫ମ ମ୍ୟାଚ୍‌ରୁ ଚତୁର୍ଥ ବିଜୟ ଓ ଗୋଟିଏ ବାତିଲ ମ୍ୟାଚ୍‌ରୁ ୯ ପଏଣ୍ଟ ସଂଗ୍ରହ କରି ଟେବଲର ଶୀର୍ଷସ୍ଥାନରେ ରହିଛି। ପ୍ରଥମ ଦଳ ଭାବେ ଅଷ୍ଟ୍ରେଲିଆ ମଧ୍ୟ ସେମିଫାଇନାଲରେ ପ୍ରବେଶ କରିଛି। ଅଷ୍ଟ୍ରେଲିଆ ୧୦ ୱିକେଟରେ ଜିତିଥିଲେ ମଧ୍ୟ ବାଂଲାଦେଶ ଇନିଂସରେ ୧୦ ଓଭର ବୋଲିଂ କରି ମାତ୍ର ୧୮ ରନ୍ ଦେଇ ୨ଟି ୱିକେଟ ନେଇଥିବା ଆଲାନ କିଙ୍ଗଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ପୂର୍ବରୁ ବାଂଲାଦେଶ ଇନିଂସରେ ଶୋଭନା ମୋସ୍ତାରି ଅପରାଜିତ ୬୬ ଓ ରୁବେୟା ହାଇଦର ୪୪ ରନ୍‌ର ଉପଯୋଗୀ ଇନିଂସ ଖେଳିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଆଶ୍‌ଲେ ଗାର୍ଡନର, ଆନାବେଲ ସଦରଲାଣ୍ଡ, କିଙ୍ଗ୍ ଓ ଜର୍ଜିଆ ୱେରହାମ୍ ୨ଟି ଲେଖାଏଁ ୱିକେଟ ନେଇ ବାଂଲା ବ୍ୟାଟିଂର ମେରୁଦଣ୍ଡ ଭାଙ୍ଗିଦେଇଥିଲେ।

| ଆଜିର ମ୍ୟାଚ୍ |
|---|
| ଦକ୍ଷିଣ ଆଫ୍ରିକା-ଶ୍ରୀଲଙ୍କା |
| ସ୍ଥାନ- କଲମ୍ବୋ |
| ଖେଳ ଆରମ୍ଭ- ଅପରାହ୍ଣ ୩ଟା |
| ପ୍ରସାରଣ- ଷ୍ଟାରସ୍ପୋର୍ଟ୍ସ |

## ସାଫ୍ ଆଥଲେଟିକ୍ସରେ ଭାଗନେବେ ପ୍ରତୀକ, ସରୁନ

ଭୁବନେଶ୍ୱର,୧୬।୧୦(ସମିସ): ଝାଡଖଣ୍ଡର ରାଞ୍ଚିରେ ଦକ୍ଷିଣ ଏସିଆ ବରିଷ୍ଠ ଆଥଲେଟିକ୍ସ ଚାମ୍ପିଅନସିପ୍ ଆସନ୍ତା ୨୪ରୁ ୨୬ ଯାଏ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ଲାଗି ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି ଓଡ଼ିଶାର ପ୍ରତୀକ ମହାରଣା ଓ ସରୁନ ପାୟସି। ଜାତୀୟ ଜୁନିଅର ଗୋଲ୍ଡ ମେଡାଲିଷ୍ଟ ପ୍ରତୀକ ୨୦୦ ମିଟର, ୪ଗୁଣା ୧୦୦ ମିଟର ରିଲେ ଦୌଡ଼ରେ ଭାଗନେବେ। ସରୁନ କେବଳ ଲଙ୍ଗ ଜମ୍ପରେ ଡେଇଁବେ। ଏମାନଙ୍କ ବ୍ୟତୀତ ଅନ୍ତର୍ଜାତୀୟ ଟେକ୍ନିକାଲ ଅଫିସିଆଲ ପ୍ରବୋଧ ମହାନ୍ତି ମଧ୍ୟ ଟେକ୍ନିକାଲ ଅଫିଆଲ ଭାବେ ମନୋନୀତ ହୋଇଛନ୍ତି।

■ ସିକେ ନାଇଡୁ ଟ୍ରଫି

## ଓଡ଼ିଶା ୧୫୯ ରନରେ ଅଲଆଉଟ୍

କଟକ,୧୬।୧୦(ସମିସ): ୨୩ ବର୍ଷରୁ କମ୍ ପୁରୁଷ ବର୍ଗର ଜାତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସିକେ ନାଇଡୁ ଟ୍ରଫି ଗୁରୁବାର ଠାରୁ ଆରମ୍ଭ ହୋଇଛି। ହାଇଦ୍ରାବାଦର ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଘରୋଇ ହାଇଦ୍ରାବାଦକୁ ଭେଟିଛି ଓଡ଼ିଶା ଦଳ। ପ୍ରଥମ ଦିବସରେ ଓଡ଼ିଶା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୫୯ରନରେ ଅଲଆଉଟ ହୋଇଛି। ଜବାବରେ ହାଇଦ୍ରାବାଦ ୪ ୱିକେଟ ହରାଇ ୧୦୯ରନ ସଂଗ୍ରହ କରିଛି। ଓଡ଼ିଶା ଅଧିନାୟକ ସାଇଦୀପ ମହାପାତ୍ର ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ୨୦ରନରେ ପ୍ରଥମ ୱିକେଟ ହରାଇଥିବା ଓଡ଼ିଶାର ମଧ୍ୟକ୍ରମ ବ୍ୟାଟିଂ ଲାଇନଅପ ଭୁଷୁଡ଼ି ପଡ଼ିଥିଲା। ଓପନର ପାନକଲ ଶଶାଙ୍କ ସର୍ବାଧିକ ୩୭ରନ କରିଥିଲେ। ହାଇଦ୍ରାବାଦର ଏମ ଶଶାଙ୍କ ଓ ପ୍ରଣବ ବର୍ମା ୪ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ନିଜସ୍ୱ ଗ୍ରାଉଣ୍ଡରେ ଓଡ଼ିଶାକୁ କଡା ଜବାବ ଦେବାରେ ହାଇଦ୍ରାବାଦ ସଫଳ ହୋଇଛି। ଅମନ ରାଓ ୫୫ରନ ଏବଂ ନାଇଟ ୱାଚମ୍ୟାନ ଶଶାଙ୍କ ଶୂନରେ ଅପରାଜିତ ଅଛନ୍ତି। ଓଡ଼ିଶାର ଆୟୁଷ ବାରିକ ୨ଟି ୱିକେଟ ଦଖଲ କରିଛନ୍ତି।

୩ ଦିନିକିଆ ଓ ୫ ଟି-୨୦ ଅନ୍ତର୍ଜାତୀୟ ମୁକାବିଲା

# ୧୯ରୁ ଭାରତର ଅଷ୍ଟ୍ରେଲିଆ ଅଭିଯାନ

ନୂଆଦିଲ୍ଲୀ,୧୬।୧୦(ଏଜେନ୍ସି):



ଅନ୍ତର୍ଜାତୀୟ କ୍ରିକେଟରେ ଅଷ୍ଟ୍ରେଲିଆ ଏବେ ଭାରତର ନୂଆ ପ୍ରତିଦ୍ୱନ୍ଦ୍ୱୀ। ଏକଦା ଅଷ୍ଟ୍ରେଲିଆକୁ ହରାଇବା ଭାରତ ଲାଗି କଷ୍ଟକର ହେଉଥିଲାବେଳେ ଏବେ ସ୍ଥିତି ଭିନ୍ନ ହୋଇଛି। ଅଷ୍ଟ୍ରେଲିଆ ମାଟିରେ ମଧ୍ୟ ଭାରତ ପ୍ରଭାବୀ ଖେଳ ପ୍ରଦର୍ଶନ କରିଛି। ଦୁଇଦେଶ ମଧ୍ୟରେ ଅନୁଷ୍ଠିତ ଦ୍ୱିପାକ୍ଷିକ ସିରିଜ୍‌ରେ ଅଷ୍ଟ୍ରେଲିଆର ବିଜୟ ପ୍ରତିଶତକୁ ପ୍ରତିହତ କରିବାରେ ଭାରତ ସମର୍ଥ ହୋଇ ନ ଥିଲେ ମଧ୍ୟ ଲଢୁଆ ଖେଳ ପ୍ରଦର୍ଶନ କରି ବେଶ ଲୋକପ୍ରିୟତା ହାସଲ କରିଛି। ଟେଷ୍ଟ ଓ ଟି-୨୦ ଫର୍ମାଟରେ ଉଭୟଙ୍କ ମଧ୍ୟରେ ଅଧିକ କଡ଼ା ମୁକାବିଲା ହୋଇଛି। ମୋଟାମୋଟି କହିବାକୁ ଗଲେ ଭାରତ ଓ ଅଷ୍ଟ୍ରେଲିଆ କ୍ରିକେଟ ଖେଳରେ ଏବେ ନୂଆ ପ୍ରତିଦ୍ୱନ୍ଦ୍ୱୀ ସାଜିଛନ୍ତି। ଦିନିକିଆ ବିଶ୍ୱକପ୍ ଫାଇନାଲ ପରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ପ୍ରଥମଥର ଆସନ୍ତା ୧୯ରୁ ଏକ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଆରମ୍ଭ ହେବ। ଏହା ପରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ମଧ୍ୟ ଖେଳାଯିବ। ଏଥିଲାଗି ଉଭୟ ଦଳ ପ୍ରସ୍ତୁତି ଶେଷ କରିଥିଲେ ମଧ୍ୟ ଆହତ ସମସ୍ୟା ଯୋଗୁଁ ଅଷ୍ଟ୍ରେଲିଆର ନିୟମିତ ଅଧିନାୟକ ପ୍ୟାଟ କମିନ୍ସ ଏହି ସିରିଜ୍‌ରେ ଖେଳିବେ ନାହିଁ। ମିଚେଲ ମାର୍ଶ ଦଳର ନେତୃତ୍ୱ ନେବେ। ଉଭୟ ଦେଶ ମଧ୍ୟରେ ନେତୃତ୍ୱ କିଏ ନେଉଛି, କିଏ ଉପସ୍ଥିତ ବା ଅନୁପସ୍ଥିତ ରହୁଛି ତାହା ବଡ଼ କଥା ନୁହେଁ, ପଡ଼ିଆରେ କିଏ କେତେ ସଫଳ ହେଉଛି ତାହା ହେଉଛି ଗୁରୁତ୍ୱପୂର୍ଣ୍ଣ। ଏଭଳି ସ୍ଥିତିରେ ବିଶ୍ୱର ସବୁଠାରୁ ଅଭିଜ୍ଞ ଦୁଇ ଖେଳାଳି ଭାରତର ପୂର୍ବତନ ଅଧିନାୟକ ରୋହିତ ଶର୍ମା ଓ ବିରାଟ କୋହଲି ସମ୍ଭବତଃ ଶେଷଥର ଲାଗି ଅଷ୍ଟ୍ରେଲିଆରେ ଖେଳିବେ। ଉଭୟ ଖେଳାଳି ଟେଷ୍ଟ ଓ ଟି-୨୦ ଫର୍ମାଟରୁ ଅବସର ନେଇସାରିଛନ୍ତି। ଏଣୁ ଏହି ସିରିଜ୍ ଉଭୟଙ୍କ ଲାଗି ଅଷ୍ଟ୍ରେଲିଆରେ ଶେଷ ସିରିଜ୍ ହେବ ଓ ଉଭୟ ଭାରତୀୟ ଦଳରେ ରହିବେ କି ନାହିଁ ତାହା ମଧ୍ୟ ସ୍ପଷ୍ଟ ହେବ। ସମସ୍ତ ଦୃଷ୍ଟି କୋଣରୁ ତର୍ଜମା କଲେ ଏହି ସିରିଜ୍ ଅଷ୍ଟ୍ରେଲିଆ ଅପେକ୍ଷା ଭାରତ ଲାଗି ବେଶ ମହତ୍ତ୍ୱ ରଖୁଛି। ରୋହିତ ଶର୍ମାଙ୍କ ସ୍ଥାନରେ ଶୁବମନ ଗିଲ୍ ଏବେ ଭାରତର ଉଭୟ ଟେଷ୍ଟ ଓ ଦିନିକିଆ ଅଧିନାୟକ ଦାୟିତ୍ୱରେ ରହିଛନ୍ତି।

ଚଳିତ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍ ଅଷ୍ଟ୍ରେଲିଆରେ ଖେଳାଯିବ। ଏହି ସିରିଜ୍‌ର ପ୍ରଥମ ମୁକାବିଲା ପର୍ଥର ଫାଷ୍ଟ ପିଚ୍‌ରେ ଅକ୍ଟୋବର ୧୯ ତାରିଖ ବା ଆସନ୍ତା ରବିବାର ଖେଳାଯିବ। ଗୁବମନ ଗିଲ୍‌ଙ୍କ ନେତୃତ୍ୱରେ ଭାରତୀୟ ଦଳ ଏବେ ଅଷ୍ଟ୍ରେଲିଆରେ ପହଞ୍ଚିସାରିଛି। ପିଚ୍ ଓ ପରିବେଶ ସହ ଖାପ୍ ଖୁଆଇବା ପରେ ଲଢ଼େଇ ଲାଗି ପ୍ରସ୍ତୁତ ହେବ। ଅଷ୍ଟ୍ରେଲିଆରେ ଭାରତ ଶେଷଥର ୨୦୧୮-୧୯ରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌କୁ ୨-୧ରେ ଜିତିଥିଲା। ଏହା ପରେ ଆଉ ଗୋଟିଏ ସିରିଜ୍ ଖେଳାଯାଇଛି ଓ ଏହାକୁ ଅଷ୍ଟ୍ରେଲିଆ ବିଜୟୀ ହୋଇଛି। ଏବେ ନୂଆ ଖେଳାଳିଙ୍କୁ ନେଇ ଭାରତୀୟ ଦଳ ଅଷ୍ଟ୍ରେଲିଆର ମୁକାବିଲା କରିବାକୁ ଯାଉଛି। ଅଷ୍ଟ୍ରେଲିଆ ଦଳରେ ସ୍ଥାନ ପାଇଥିବା ପ୍ରାୟ ସମସ୍ତ ଖେଳାଳି ଆଇପିଏଲ୍‌ରେ ଖେଳିଛନ୍ତି। ଏଣୁ ଉଭୟ ଦଳର ଖେଳାଳିମାନେ ପରସ୍ପର ଖେଳ ଓ ରଣନୀତି ସମ୍ପର୍କରେ ବେଶ ଅବଗତ ଅଛନ୍ତି। ଏଣୁ ପିଚ୍ ଓ ପରିବେଶକୁ ଭାରତୀୟ ଦଳ କିପରି ଖାପ୍ ଖୁଆଇବ ତାହା ଉପରେ ଖେଳର ସ୍ଥିତି ନିର୍ଭର କରୁଛି। ଶେଷଥର ଉଭୟଙ୍କ ମଧ୍ୟରେ ଏକ ସିରିଜ୍ ୨୦୨୩-୨୪ ସିଜନରେ ଭାରତରେ ଖେଳାଯାଇଥିଲା। ଘରୋଇ ମାଟିରେ ଭାରତ ଏହାକୁ ଜିତିବାରେ ସମର୍ଥ ହୋଇଥିଲା। ଏବେ ନୂଆ ଖେଳାଳି ଓ ନୂଆ ନେତୃତ୍ୱରେ ଏକ ଭିନ୍ନ ଲଢ଼େଇ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି।

**ରୋହିତ, କୋହଲି ଓ ଗିଲ୍‌ଙ୍କ ଉପରେ ନଜର:** ଚାମ୍ପିଅନ୍ସ ଟ୍ରଫି ପରେ ବିରାଟ କୋହଲି ଓ ରୋହିତ ଶର୍ମାଙ୍କର ଏହା ପ୍ରଥମ ପ୍ରତିଯୋଗିତାମୂଳକ କ୍ରିକେଟ ହେବ। ଏହି ଦୁଇ ଖେଳାଳି ଏବେ କେବଳ ଦିନିକିଆ ଫର୍ମାଟରେ ଅନ୍ତର୍ଜାତୀୟ କ୍ରିକେଟ ଖେଳୁଛନ୍ତି। ଦିନିକିଆ ବିଶ୍ୱକପ୍ ୨୦୨୭ରେ ଖେଳାଯିବ। ଏହା ମଧ୍ୟରେ ଟିମ୍ ସଜାଡିନେବାକୁ ସମସ୍ତ ଉଦ୍ୟମ କରିବ ଟିମ୍ ଇଣ୍ଡିଆ। ରୋହିତ ଓ କୋହଲିଙ୍କ ନେଇ ଭାରତ ବିଶ୍ୱକପ୍ ଖେଳିବ କିମ୍ବା ସେମାନଙ୍କୁ ବାଦ୍ ଦେବ ତାହାର ପୂର୍ବାନୁମାନ କରିବା କଷ୍ଟକର। କିନ୍ତୁ ଏହି ସିରିଜ୍‌ରୁ ସେମାନଙ୍କ ଭବିଷ୍ୟତ ସମ୍ପର୍କରେ ନିଶ୍ଚିତ କିଛି ସ୍ପଷ୍ଟ ସୂଚନା ମିଳିବ। ସେହିପରି ଶୁବମନ ଗିଲଙ୍କ ନେତୃତ୍ୱରେ ଭାରତ ଦିନିକିଆ ସିରିଜ୍ ଖେଳିବାକୁ ଯାଉଛି। ଇଂଲଣ୍ଡରେ ଟେଷ୍ଟ ଦଳର ନେତୃତ୍ୱ ନେଇ ଗିଲ ଉଭୟ ବ୍ୟାଟିଂ ଓ ନେତୃତ୍ୱରେ ବେଶ ସଫଳତା ଲାଭ କରିଥିଲେ। ଏବେ ଆଉ ଏକ ପରୀକ୍ଷାର ସମ୍ମୁଖୀନ ହୋଇଛନ୍ତି ଗିଲ୍। ଏଣୁ ଏହି ସିରିଜ୍‌ରେ ଭାରତର ୩ ତାରକା ଖେଳାଳିଙ୍କ ଉପରେ ନିଶ୍ଚିତ ନଜର ରହିବ।

| ଖେଳ ଆରମ୍ଭ (ଭାରତୀୟ ସମୟ) |
|---|
| ଦିନିକିଆ : ସକାଳ ୯ଟା |
| ଟି-୨୦ : ଅପରାହ୍ଣ ୧ଟା ୪୫ ମିନିଟ୍ |
| ପ୍ରସାରଣ |
| ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓ ହଟ୍‌ଷ୍ଟାର |

ଖେଳ ସୂଚୀ- ଦିନିକିଆ

| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ୧୯।୧୦ | ପ୍ରଥମ ଦିନିକିଆ | ପର୍ଥ |
| ୨୩।୧୦ | ଦ୍ୱିତୀୟ ଦିନିକିଆ | ଆଡିଲେଡ୍ |
| ୨୫।୧୦ | ତୃତୀୟ ଦିନିକିଆ | ସିଡନୀ |

ଖେଳ ସୂଚୀ- ଟି-୨୦ ଅନ୍ତର୍ଜାତୀୟ

| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ୨୯।୧୦ | ପ୍ରଥମ ଟି-୨୦ | କାନବେରା |
| ୩୧।୧୦ | ଦ୍ୱିତୀୟ ଟି-୨୦ | ମେଲବୋର୍ଣ୍ଣ |
| ୨।୧୧ | ତୃତୀୟ ଟି-୨୦ | ହୋବାର୍ଟ |
| ୬।୧୧ | ଚତୁର୍ଥ ଟି-୨୦ | ଗୋଲ୍ଡ କୋଷ୍ଟ |
| ୮।୧୧ | ପଞ୍ଚମ ଟି-୨୦ | ବ୍ରିସ୍‌ବେନ୍ |

### ଭାରତର ଖେଳାଳି ଦଳ

**ଦିନିକିଆ ଦଳ:** ଶୁବମନ ଗିଲ୍ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ ଆୟର (ଉପଅଧିନାୟକ), ଲୋକେଶ ରାହୁଲ, ଯଶସ୍ୱୀ ଜୟସ୍ୱାଲ, ନୀତୀଶ କୁମାର ରେଡ୍ଡୀ, ଧ୍ରୁବ ଜୁରେଲ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ମହମ୍ମଦ୍ ସିରାଜ, ଅର୍ଶଦୀପ ସିଂହ, ପ୍ରସିଦ୍ଧ କ୍ରିଷ୍ଣା, ହର୍ଷିତ ରାଣା।

**ଟି-୨୦ ଦଳ:** ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଶୁବମନ ଗିଲ୍ (ଉପଅଧିନାୟକ), ଅଭିଷେକ ଶର୍ମା, ତିଲକ ବର୍ମା, ସଞ୍ଜୁ ସାମସନ (ୱିକେଟରକ୍ଷକ), ନୀତୀଶ କୁମାର ରେଡ୍ଡୀ, ଶିବମ ଦୁବେ, ରିଙ୍କୁ ସିଂ, ଜିତେଶ ଶର୍ମା (ୱିକେଟରକ୍ଷକ), ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ, ଯଶପ୍ରୀତ ବୁମ୍ରା, ଅର୍ଶଦୀପ ସିଂହ, ହର୍ଷିତ ରାଣା।

## ଭାଇଙ୍କୁ ଗୁରୁଗ୍ରାମ ସମ୍ପତ୍ତି ହସ୍ତାନ୍ତର କଲେ କୋହଲି

ଗୁରୁଗ୍ରାମ୍, ୧୬।୧୦ (ଏଜେନ୍ସି): ଭାରତୀୟ ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି ଗୁରଗ୍ରାମରେ ଥିବା ତାଙ୍କ ସମ୍ପତ୍ତି ଭାଇ ବିକାଶଙ୍କୁ ହସ୍ତାନ୍ତର କରିଛନ୍ତି। ସେ ବିକାଶଙ୍କ ନାମରେ ସବୁ ସମ୍ପତ୍ତି ଲେଖିଛନ୍ତି



ଓ ପାୱାର ଅଫ୍ ଆଟର୍ଣ୍ଣି ଭାଇଙ୍କ ନାଁରେ କରିଛନ୍ତି। ଏଥିପାଇଁ ସେ ମଙ୍ଗଳବାର ଗୁରୁଗ୍ରାମ୍‌ର ୱଜିରାବାଦ୍ ତହସିଲ ଅଫିସ୍‌ରେ ପହଞ୍ଚିଥିଲେ। ସେ ତହସିଲ୍‌ରେ ଏକ ଘଣ୍ଟା ରହିଥିଲେ ଓ ଉପସ୍ଥିତ ସବୁ କର୍ମଚାରୀଙ୍କ ସହ ଫଟୋ ଉଠାଇଥିଲେ। ଏହାପରେ ସେ ଦିଲ୍ଲୀ ବିମାନବନ୍ଦରରୁ ଅଷ୍ଟ୍ରେଲିଆ ଗସ୍ତ କରିଥିଲେ। କୋହଲି ପତ୍ନୀ ତଥା ଅଭିନେତ୍ରୀ ଅନୁଷ୍କା ଶର୍ମା ଓ ପୁଅ-ଝିଅଙ୍କ ସହ ସହ ଲଣ୍ଡନରେ ଅବସ୍ଥାନ କରୁଛନ୍ତି। ସେ ଭାରତରେ କମ୍ ସମୟ ରହୁଛନ୍ତି। ସେଥିପାଇଁ ସେ ତାଙ୍କ ସମ୍ପତ୍ତିକୁ ଭାଇ ନାଁରେ କରିଛନ୍ତି। ଗୁରୁଗ୍ରାମ୍‌ରେ ଡିଏଲ୍‌ଏଫ୍ ସିଟିରେ କୋହଲିଙ୍କ ଏକ ଘର ଓ ଫ୍ଲାଟ ରହିଛି। ଉଲ୍ଲେଖଥାଉ କି, କୋହଲି ଟି-୨୦ ଓ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିସାରିଛନ୍ତି। ସେ ୧୯ରୁ ଆରମ୍ଭ ହେବାକୁ ଯାଉଥିବା ଦିନିକିଆ ସିରିଜ ଖେଳିବାକୁ ଅଷ୍ଟ୍ରେଲିଆ ଗସ୍ତ କରିଛନ୍ତି।

## ଅଭିଷେକ, ମନ୍ଧାନା ସେପ୍ଟେମ୍ବରର ଶ୍ରେଷ୍ଠ ଆଇସିସି କ୍ରିକେଟର

ଦୁବାଇ, ୧୬।୧୦ (ଏଜେନ୍ସି): ଭାରତୀୟ ବିସ୍ଫୋରକ ବ୍ୟାଟର ଅଭିଷେକ ଶର୍ମା ଓ ସ୍ମୃତି ମନ୍ଧାନା ଯଥାକ୍ରମେ ପୁରୁଷ ଓ ମହିଳା ବିଭାଗରେ ସେପ୍ଟେମ୍ବର ମାସର ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଗତମାସରେ ୟୁଏଇରେ ଅନୁଷ୍ଠିତ ଟି-୨୦ ଏସିଆକପ୍‌ରେ ସେ ଭାରତ ପାଇଁ ଇନିଂସ ଓପନ କରି ଧୂଆଁଧାର ବ୍ୟାଟିଂ କରିବା ସହ ୭ରୁ ୬ଟି ମ୍ୟାଚ୍‌ରେ ଜବରଦସ୍ତ ଆରମ୍ଭ ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ସେ ମୋଟ୍ ୩୧୪ ରନ ସଂଗ୍ରହ କରି ଏହି ପୁରସ୍କାର ହାସଲ କରିଛନ୍ତି। ଏହିକ୍ରମରେ ଅଭିଷେକ ନିଜର ଦେଶର ତାରକା ସ୍ପିନର କୁଲଦୀପ ଯାଦବ ଓ ଜିମ୍ବାୱେରେ ଓପନିଂ ବ୍ୟାଟର ବ୍ରାଏନ ବେନେଟଙ୍କୁ ପଛରେ ପକାଇଛନ୍ତି। କୁଲଦୀପ ଏସିଆକପ୍‌ରେ ୧୭ଟି ୱିକେଟ ଅକ୍ତିଆର କରି ଭାରତକୁ ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।





ଏସିଆକପ୍‌ରେ ଅଭିଷେକ ୭ଟି ମ୍ୟାଚ୍ ଖେଳିଥିଲେ। ସେ ୨୦୦ ଷ୍ଟ୍ରାଇକ୍‌ରେଟ୍ ୬ଟି ମ୍ୟାଚ୍‌ରେ ୩୦ରୁ ଊର୍ଦ୍ଧ୍ୱ ରନ୍ ସଂଗ୍ରହ କରିଥିଲେ। ସେ ୩ଟି ଅର୍ଦ୍ଧଶତକ ହାସଲ କରିଥିଲେ। ସୁପର-୪ ପର୍ଯ୍ୟାୟରେ ସେ ପାକିସ୍ତାନ ବିପକ୍ଷରେ ୭୪ ଓ ବାଂଲାଦେଶ ବିପକ୍ଷରେ ୭୫ ରନର ଇନିଂସ ଖେଳିଥିଲେ। ଅନ୍ୟପଟେ ମହିଳା କ୍ରିକେଟରେ ଭରତୀୟ ବାହହାତୀ ବ୍ୟାଟର ସ୍ମୃତି ମନ୍ଧାନା ମଧ୍ୟ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ ବିବେଚିତ ହୋଇଛନ୍ତି। ସେ ପାକିସ୍ତାନର ସିଦ୍ରା ଅମିନ ଓ ଦକ୍ଷିଣ ଆଫ୍ରିକାର ତାଜମିନ ବ୍ରିଟ୍‌ଜଙ୍କୁ ପଛରେ ପକାଇ ସେପ୍ଟେମ୍ବର ଶ୍ରେଷ୍ଠ ମହିଳା କ୍ରିକେଟର ବିବେଚିତ ହୋଇଛନ୍ତି। ମନ୍ଧାନା ଅଷ୍ଟ୍ରେଲିଆ ବିପକ୍ଷରେ ୩ଟି ଦିନିକିଆ ମ୍ୟାଚ୍ ଖେଳି ୨ଟି ଶତକ ଓ ଗୋଟିଏ ଅର୍ଦ୍ଧଶତକ ହାସଲ କରିଥିଲେ। ଗତମାସରେ ସେ ୪ଟି ଦିନିକିଆ ଖେଳି ୭୭ ହାରରେ ୩୦୮ ରନ ସଂଗ୍ରହ କରିଥିଲେ।

## ୨୫ରୁ ମହିଳା କାୟାକିଂ ଓ କାନୋଇଂ ଲିଗ୍

କଟକ, ୧୬।୧୦ (ସମିସ): ଜଗତପୁରସ୍ଥିତ ଜଳକ୍ରୀଡ଼ା କେନ୍ଦ୍ରରେ ଆସନ୍ତା ୨୫ରୁ ଖେଲୋ ଇଣ୍ଡିଆ ମହିଳା କାୟାକିଂ ଓ କାନୋଇଂ ଲିଗ୍ ଆରମ୍ଭ ହେବ। କେବଳ ମହିଳା ପ୍ରତିଯୋଗୀଙ୍କୁ ନେଇ ହେବାକୁ ଥିବା ଏହି ପ୍ରତିଯୋଗିତା ଦୁଇ ଦିନ ଧରି ଚାଲିବ। ସମସ୍ତ ବୟସ ବର୍ଗର ଖେଳାଳି ଏଥିରେ ଅଂଶ ଗ୍ରହଣ କରିବେ। ଏପରିକି ଓଡ଼ିଶାରେ ଚାକିରି କରିଥିବା ଅନ୍ୟ ରାଜ୍ୟର ଜଳକ୍ରୀଡ଼ାବିତ୍ ମାନେ ମଧ୍ୟ ଭାଗ ନେଇ ପାରିବେ। ରାଜ୍ୟ ସଂଘର ସମସ୍ତ ଅନୁବନ୍ଧିତ ୟୁନିଟ୍‌କୁ ଏ ବାବଦରେ ସୂଚନା ଦିଆଯାଇଛି। ଏଭଳି ଲିଗ୍ ଆୟୋଜନ ଦ୍ୱାରା ଓଡ଼ିଶାରୁ କାୟାକିଂ ଓ କାନୋଇଂ ପ୍ରତିଭା ଚିହ୍ନଟ ହେବେ ବୋଲି ରାଜ୍ୟ ସଂଘ ସମ୍ପାଦକ ବିପିନ ଦାଶ ପ୍ରେସବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି।

ବାରବାଟୀ ରଣଜୀ

## ରାଜେଶ ଧୂପର୍ ଶତକରୁ ବଞ୍ଚିତ

କଟକ,୧୬।୧୦(ସମିସ):

ବାରବାଟୀ ଷ୍ଟାଡିୟମର ଘରୋଇ ପରିବେଶରେ ବରୋଦାକୁ ଟକ୍କର ଦେବାରେ ଓଡ଼ିଶା ବିଫଳ ହୋଇଛି। ଓଡ଼ିଶାର ପାଳି ୨୭୧ରନରେ ସୀମିତ ରହିବା ପରେ ବରୋଦା ୨ ୱିକେଟ ହରାଇ ୧୨୭ରନ କରିଛି। ଓପନର ଶିବାଲିକ ଶର୍ମା ୭୫ରନରେ ଅପରାଜିତ ରହିଛନ୍ତି। ହାତରେ ୮ ୱିକେଟ ବାକି ରଖି ୧୪୪ରନରେ ପଛୁଆ ଥିବା ବରୋଦା ଏଠାରେ ଇନିଂସ ଅଗ୍ରଣୀ ଦିଗରେ ଅଗ୍ରସର ହେଉଛି। ଶୁକ୍ରବାର ଖେଳର ୩ୟ ଦିବସ। ବରୋଦାର ପ୍ରଥମ ଇନିଂସକୁ ଯଥାଶୀଘ୍ର ସମାପ୍ତ କରିବାକୁ ଓଡ଼ିଶା ଲକ୍ଷ୍ୟ ରଖିବ। ଓଡ଼ିଶାର ବୋଲିଂ ଆଗରେ ଅତ୍ୟନ୍ତ ଧୈର୍ଯ୍ୟର ସହ ଖେଳି ବରୋଦା ପ୍ରଥମ ଇନିଂସ ଅଗ୍ରଣୀ ଲକ୍ଷ୍ୟରେ ରହିଛି। ଓଡ଼ିଶା ଇନିଂସରେ ରାଜେଶ ଧୂପର ସର୍ବାଧିକ ୯୪ ରନ୍‌ରେ ଆଉଟ ହୋଇଥିଲାବେଳେ ମାତ୍ର ୬ ରନ୍ ଲାଗି ଶତକରୁ ବଞ୍ଚିତ ହୋଇଛନ୍ତି।

**ଓଡ଼ିଶା ୨୭୧/୧୦; ବରୋଦା ୧୨୭/୨**



ଓଡ଼ିଶାର ଅସମାପ୍ତ ପ୍ରଥମ ଇନିଂସ ୨୦୫/୫ରୁ ଗୁରୁବାର ଖେଳ ଆରମ୍ଭ ହୋଇଥିଲା। ୭୬ରନରେ ଅପରାଜିତ ଥିବା ରାଜେଶ ଧୂପରଙ୍କ ସହ କ୍ରିଜରେ ଯୋଗ ଦେଇଥିଲେ ୱିକେଟକିପର ଆଶୀର୍ବାଦ ସ୍ୱାଇଁ। ଉଭୟଙ୍କ ଭିତରେ ୪୫ରନର ଭାଗିଦାରୀ ସୃଷ୍ଟି ହୋଇଥିଲା। ତେବେ ୯୪ରନରେ ପହଞ୍ଚିଥିବା ରାଜେଶଙ୍କୁ ଏଲବିଡବ୍ଲ୍ୟୁ କରି ଅତୀତ ସେଠ୍ ଓଡ଼ିଶାକୁ ବଡ ଝଟ୍‌କା ଦେଇଥିଲେ। ୨୫୨ବଲ ସମ୍ମୁଖୀନ ହୋଇ ୭ଟି ଚୌକା ଓ ୨ଟି ଛକା ବଳରେ ରାଜେଶ ଏହି ଲଢୁଆ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଦଳୀୟ ସ୍କୋରରେ ଆଉ ୩ରନ୍ ଯୋଡ଼ି ହେବା ପରେ ଆଶୀର୍ବାଦ (୨୨ରନ) ପ୍ୟାଭିଲିୟନ ଫେରିଥିଲେ। ରାଜେଶ ମହାନ୍ତି ୮ରନ, ସୁନୀଲ ରାଉଳ ୯ରନ, ସୁମିତ ଶର୍ମା ଶୂନରେ ଆଉଟ ହେବା ସହ ଓଡ଼ିଶା ପାଳିର ପରିସମାପ୍ତି ଘଟିଥିଲା। ବରୋଦାର ଅତୀତ ୪ଟି ୱିକେଟ ହାସଲ କରିଥିବା ବେଳେ ରସିକ ସଲାମ ୩ଟି ଓ ଭାର୍ଗବ ଭଟ୍ଟ ୨ଟି ୱିକେଟ ଅକ୍ତିଆର କରିଛନ୍ତି। ରସିକ୍ ଓଡ଼ିଶାର ଶେଷ ୩ଟି ୱିକେଟ ନେବାରେ ସଫଳ ହୋଇଥିଲେ। ଜ୍ୟୋସ୍ନିଲ ସିଂହ ଓ ଶିବାଲିକ ଶର୍ମା ଓପନିଂ ଭାଗିଦାରୀରେ ୩୭ରନ ସଂଗ୍ରହ କରିଥିଲେ। ଅତ୍ୟନ୍ତ ଧିମା ଗତିରେ ଖେଳୁଥିବା ଜ୍ୟୋସ୍ନିଲ ୧୨ରନ କରିଥିବା ବେଳେ ରନଆଉଟ ହୋଇ କ୍ରିଜ ଛାଡ଼ିଥିଲେ। ପରେ କ୍ରିଜକୁ ଆସିଥିବା ଶାଶ୍ୱତ ରାଉତ ଗୋବିନ୍ଦ ପୋଦ୍ଦାରଙ୍କ ସ୍ପିନ ଜାଲରେ ଫସିଥିଲେ। ମାତ୍ର ୮ରନରେ ସେ ୱିକେଟକିପର ଆଶୀର୍ବାଦଙ୍କ ହାତରେ ଧରା ପଡ଼ିଥିଲେ। ୫୧ରନରେ ପ୍ରଥମ ଦୁଇ ୱିକେଟ ହରାଇଥିବା ବରୋଦା ଦଳ ଓଡ଼ିଶା ବୋଲରଙ୍କୁ ଆଉ ସୁଯୋଗ ନଦେଇ ଦଳୀୟ ସ୍କୋରକୁ ୧୨୭ରେ ପହଞ୍ଚାଇଛି। ଶିବାଲିକ ୭୫ରନ ଏବଂ ସୁକୀର୍ତ୍ତ ପାଣ୍ଡେ ୩୨ରନରେ ଅପରାଜିତ ଅଛନ୍ତି। ଶିବାଲିକ୍ ଏହି ସ୍କୋର କରିବାକୁ ୧୬୬ଟି ଓ ସୁକୀର୍ତ୍ତ ୧୧୪ଟି ବଲ୍‌ର ସମ୍ମୁଖୀନ ହୋଇଥିଲେ। ଉଭୟ ଗୋଟିଏ ଲେଖାଏଁ ଛକା ମାରିଥିଲାବେଳେ ଶିବାଲିକ ୬ଟି ଓ ସୁକୀର୍ତ୍ତ ତାଙ୍କ ଇନିଂସରେ ୩ଟି ଚୌକା ମାରିଥିଲେ। ଓଡ଼ିଶାର ପ୍ରମୁଖ ବୋଲର ରାଜେଶ ମହାନ୍ତି, ସୁନୀଲ ରାଉଳ, ସୁମିତ ଶର୍ମା ଏବଂ ବାଦଲ ବିଶ୍ୱାଳଙ୍କ ୱିକେଟ ଖାତା ଖାଲି ରହିଛି। କାମଚଳା ସ୍ପିନର ଗୋବିନ୍ଦ ପୋଦ୍ଦାରଙ୍କୁ ଗୋଟିଏ ୱିକେଟ ମିଳିଛି। ଜ୍ୟୋସ୍ନିଲ ରନ୍ ଆଉଟ୍ ହୋଇଥିଲେ।

ୟୁନିଲାଇଟ୍ କପ୍

## ସେମିରେ ଓଡିଏମ୍ ଗ୍ଲୋବାଲ୍ ସ୍କୁଲ୍

ଭୁବନେଶ୍ୱର, ୧୬।୧୦ (ସମିସ): ଭୁବନେଶ୍ୱର ଭେଟେରାନ ଫୁଟବଲ ଖେଳାଳି ସଂଘ ଆନୁକୂଲ୍ୟରେ ସ୍ଥାନୀୟ ୟୁନିଟ୍-୧ ଫୁଟବଲ ଏକାଡେମୀ ପଡିଆରେ ଚାଲିଥିବା ୟୁନିଲାଇଟ୍ ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଓଡିଏମ୍ ଗ୍ଲୋବାଲ ସ୍କୁଲ ସେମିଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ କ୍ୱାର୍ଟରଫାଇନାଲ ମୁକାବିଲାରେ ଓଡିଏମ୍ ୬-୫ ଟାଇବ୍ରେକର ଗୋଲରେ ଗଣ୍ଡରପୁରର ଅରବିନ୍ଦ ହାଇସ୍କୁଲକୁ ପରାସ୍ତକରି ସେମିକୁ ଉଠିଛି। ନିର୍ଦ୍ଧାରିତ ସମୟ ସୁଦ୍ଧା ମ୍ୟାଚ୍ ୧-୧ ଗୋଲ୍‌ରେ ଅମୀମାଂସିତ ରହିଥିଲା। ଗଣ୍ଡରପୁରର ଓମ୍ ସାଇ ସତ୍ୟଜିତ ଦଳାଇ ପେନାଲ୍ଟି ଜରିଆରେ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟାର୍ଦ୍ଧରେ ଗ୍ଲୋବାଲର ଆୟୁଷ ଖୋଗେ ଗୋଲ ଦେଇ ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲେ। ମ୍ୟାଚ୍ ଅମୀମାଂସିତ ରହିବା ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଅତିଥି ଭାବେ ରାଜକମଲ ମଣ୍ଡଳ ଓ ଅରୁଣ କୁମାର ବଳିୟାରସିଂ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗଣ୍ଡରପୁର ଗୋଲରକ୍ଷକ ସତ୍ୟଜିତ ପଢିହାରୀଙ୍କୁ ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ସଭାପତି ନବରଞ୍ଜନ ପଟ୍ଟନାୟକ, ଆଶୋକ କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ। ରାଜୁ ମହାନ୍ତି, ସରୋଜ ମହାରଣା, ଶେଖାୱତ ଖାନ୍, ଅମିତ ନାୟକ ଖେଳ ପରିଚାଳନା କରିଥିବା ବେଳେ ମ୍ୟାଚ୍ କମିଶନର ଭାବେ ଟି ମୋହନରାଓ ଦାୟିତ୍ୱ ସମ୍ପାଦନ କରିଥିଲେ। ଶୁକ୍ରବାର ଗ୍ଲୋବାଲ ହାଇସ୍କୁଲ ପଟିଆ ଓ ଜଟଣୀ ସରକାରୀ ସ୍କୁଲ ପରସ୍ପରକୁ ଭେଟିବେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS